

ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ

▸ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-167 ◆SATURDAY ◆13 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬୭ ◆ଶନିବାର ◆୧୩ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ୨୭ ଜଣ ପ୍ରସିଦ୍ଧ ଲେଖକଙ୍କ

# ୫୩୭ଟି ନିର୍ବାଚିତ କାହାଣୀ

## ପାଠକଙ୍କ ବିପୁଳ ଆଗ୍ରହ କ୍ରମେ ରିହାତି ଯୋଜନା ୨୦ ଡିସେମ୍ବର ୨୦୨୫ ଯାଏଁ ସଂପ୍ରସାରିତ କରୁଛୁ

20
ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ







ଥରେ କିଣିବେ, ବର୍ଷ ସାରା ପଢ଼ିବେ
୧୦,୦୦୦* ଟଙ୍କାର ୨୭ଟି ପୁସ୍ତକ ଏକତ୍ର ଅଧା ମୂଲ୍ୟରେ
**୪,୯୯୯ ଟଙ୍କାରେ**
ଡାକ ଖର୍ଚ୍ଚ ଆମର, ତା ସାଙ୍ଗକୁ ଗୋଟିଏ କପଡ଼ା ବ୍ୟାଗ୍ ଉପହାର

**୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**
୬ରୁ ୧୭ ଡିସେମ୍ବର, ୨୦୨୫
ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର
ପୁସ୍ତକମେଳାରେ ମଧ୍ୟ ଉପଲବ୍ଧ
**ପେନ୍ ଇନ୍ ବୁକ୍ସ**
ଷ୍ଟଲ ନଂ ୨୬-୨୭-୨୮
(ଆରମ୍ଭରୁ ବାମ ପଟେ ୧୦ ନମ୍ବର ଷ୍ଟଲ)

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ,
ଏମ୍-୬/୫୧, ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର - ୭୫୧୦୧୩

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ହାଶ୍‌ଟ୍ୟାଗ୍ ଦେଇ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।
#ପ୍ରତିଘରପାଠାଗାର #ପେନ୍‌ଇନ୍‌ବୁକ୍ସ
#PratiGharaPathagara #peninbooks

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

ଅର୍ଡର ପାଇଁ

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୪,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନା ୨୦ ଡିସେମ୍ବର ୨୦୨୫, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୪,୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182

Odia Media Private Limited
odiamedia@icici

OMPL/2512/SKL01

ପଇଠର ଦୁଇ ସପ୍ତାହ ମଧ୍ୟରେ ପୁସ୍ତକ ନ ପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୧ଟାରୁ ସନ୍ଧ୍ୟା ୫ଟା ଯାଏଁ ଖୋଲା ରହେ। ଡାକରେ ଯିବା ସମୟରେ ପୁସ୍ତକ ନଷ୍ଟ ହେଲେ ପ୍ରକାଶନ ସଂସ୍ଥା ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। *୯,୪୩୭ ଟଙ୍କାର ପୁସ୍ତକ ସହ ଡାକଖର୍ଚ୍ଚ, ପ୍ୟାକେଜିଂ ଓ ବ୍ୟାଗ୍‌ର ଆନୁମାନିକ ମୂଲ୍ୟ ୧୦,୦୦୦ ଟଙ୍କା ହେବ।

## ସାଇ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ବାଲେଶ୍ୱର,୧୨।୧୨(ସମିସ): ସହର ଉପକଣ୍ଠ ଗବଗାଁ ଛକସ୍ଥ ସାଇ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ



ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନଶିକ୍ଷକ ପଦ୍ମଲୋଚନ ଦାସ, ମୁଖ୍ୟବକ୍ତା ଭାବେ ଚାନ୍ଦିପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପାର୍ଥସାରଥୀ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ତର୍ଜୁମାନ ନ୍ୟୁଜ୍ ଟାଇମ୍ ସମ୍ପାଦକ ଅଜିମ ବାଲେଶ୍ୱରୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସର୍ବକନିଷ୍ଠ ବର୍ଗରେ ବୈଷ୍ଣବି ବେହେରା ପ୍ରଥମ, ରମ୍ୟାଶା ପରିଡା ଦ୍ୱିତୀୟ, ଜୟସ୍ମିତା ମାଝୀ ତୃତୀୟ, ଶିଶୁ ବର୍ଗରେ ଆଶିଷ ମାଇତି ପ୍ରଥମ, ସଗୁପ୍ତା ଫତେମା କାଦ୍ରୀ ଦ୍ୱିତୀୟ, ତେଜସ୍ ବେହେରା ତୃତୀୟ, ବାଲ ବର୍ଗରେ ଦିବ୍ୟାଶା ପରିଡା ପ୍ରଥମ, କୌଶିକ ବେହେରା ଦ୍ୱିତୀୟ, ବୀରେନ୍ଦ୍ର ବେହେରା ତୃତୀୟ, କିଶୋର ବର୍ଗରେ ସତ୍ୟବ୍ରତ ମାଝୀ, ହ୍ରିତିକ ରଞ୍ଜନ ଦାସ ପ୍ରଥମ, ମୌର୍ଯ୍ୟାଂଶୁ ଦାଶ ଦ୍ୱିତୀୟ, ରୋହିତ କୁମାର ହାଜରା, ସୌରଭ ମାଇତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ଓଝା, ବିଜୟଲକ୍ଷ୍ମୀ ପାଢ଼ୀ, ଆଭାମୟୀ ବାରିକ, ସୁଭଦ୍ରା ତରେଇ, ସୁପ୍ରଭା ଦଳାଇ, ଅର୍ପିତା ପ୍ରଧାନ, ଜହୁରା ଖାତୁନ, ନେହା ଫାରୁକି, ପୁଷ୍ପକାନ୍ତି ମିଶ୍ର, କମଳାରାଣୀ କର, ନିମାଇଁ ଚରଣ ମାଇତି, ଶିବଶଙ୍କର ବେହେରା, ନିହାର ମହାପାତ୍ର, ହେମନ୍ତ ଦାସ, ସହାୟକ କର୍ମଚାରୀ ଦେବସ୍ମିତା ଦାସ, ନଜାରା ବିବି, ବାସନ୍ତୀ ଗିରି ସହଯୋଗ କରିଥିଲେ।

### ବାଙ୍ଗରା ରେଳ ଷ୍ଟେସନ ଓ ଉଡ଼ନ୍ତା ପୋଲ ନିର୍ମାଣ ପ୍ରସଙ୍ଗ

# ସର୍ଭେ ସରିଥିଲେ ମଧ୍ୟ ନିର୍ମାଣ ହେଉନି

ବାଲେଶ୍ୱର,୧୨।୧୨(ସମିସ)

ସହର ଉପକଣ୍ଠସ୍ଥ କୁରୁଡ଼ା ନିକଟବର୍ତ୍ତୀ ବାଙ୍ଗରାଠାରେ ଏକ ପାସେଞ୍ଜର ଟ୍ରେନ୍ ହଲ୍ଟ ଷ୍ଟେସନ ଓ ଏକ ଉଡ଼ନ୍ତା ପୋଲ ନିର୍ମାଣ ଦାବି ଦୀର୍ଘବର୍ଷ ଧରି ହୋଇଆସୁଛି। ବାଙ୍ଗରା ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟି ଏଥିପାଇଁ ବହୁବାର ରେଳରୋକ ଓ ଧାରଣା ଆଦି ପ୍ରଦର୍ଶନ କରିଆସୁଛି। ଏହାପରେ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମଙ୍କ ନିର୍ଦ୍ଦେଶକ୍ରମେ ଗ୍ରାଉଣ୍ଡ ଜିରୋରେ ସର୍ଭେ କାମ ଆରମ୍ଭ ହୋଇଥିଲା। ଗତବର୍ଷ ସର୍ଭେ ସରିଥିଲେ ମଧ୍ୟ ନିର୍ମାଣ ହେଉନାହିଁ। ଫଳରେ ବାଙ୍ଗରା ରେଳଷ୍ଟେସନ ଓ ଉଡ଼ନ୍ତା ପୋଲନିର୍ମାଣଦାବିରେଆସନ୍ତା୧୮ ତାରିଖରେବାଲେଶ୍ୱର ରେଳ ଷ୍ଟେସନ ସମ୍ମୁଖରେ ଆମରଣ ଅନଶନ ଦେବାର ଚେତାବନୀ ଦେଇଛି ବାଙ୍ଗରା ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟି। ସୂଚନା ମୁତାବକ, ୨୦୧୮ରେ ବାଙ୍ଗରାରେ ପାସେଞ୍ଜର ହଲ୍ଟ ନିର୍ମାଣ ଓ ବାଙ୍ଗରା ଲେଭଲ୍ କ୍ରସିଂରେ ଏକ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରାଯାଇ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଛି। ସେହିପରି ଗତବର୍ଷ ମାର୍ଚ୍ଚ ମାସରେ ବାଙ୍ଗରା ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟି

**ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଛି**

**୧୮ରେ କମିଟି ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନ ସମ୍ମୁଖରେ ଆମରଣ ଅନଶନ ଚେତାବନୀ**

ପକ୍ଷରୁ ରେଳରୋକ କରିବାକୁ ଦକ୍ଷିଣ-ପୂର୍ବ ରେଳବାଇର ଡିଆରଏମଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପରେ ଆଲୋଚନା ହୋଇଥିଲା। ରେଳ ଷ୍ଟେସନ ନିର୍ମାଣ ଲାଗି ଡିଆରଏମଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ସର୍ଭେ ମଧ୍ୟ ଆରମ୍ଭ ହୋଇଥିଲା। ବାରମ୍ବାର ରେଳବାଇ କର୍ତ୍ତୃପକ୍ଷ ଏଠାକୁ ଆସି ସର୍ଭେ କାମ ସାରି ରେଳ ଷ୍ଟେସନ ଓ ଉଡ଼ନ୍ତା ପୋଲ ଯଥାଶୀଘ୍ର ନିର୍ମାଣ ହେବାର ମିଥ୍ୟା ପ୍ରତିଶ୍ରୁତି ଦେଇଚାଲିଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ ରେଳ ଷ୍ଟେସନ ହେବା ତ ଦୂରର କଥା, ଦୀର୍ଘ ୯ ବର୍ଷ ଧରି ଲଲିପପ ଧରାଇ ଉପେକ୍ଷା କରିଚାଲିଛନ୍ତି। ଅଦ୍ୟାବଧି ଏଥିରୁ ରେଳବାଇ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଅପାରଗତା ସ୍ପଷ୍ଟ ବାରି ହୋଇପଡୁଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ଫଳରେ ଟ୍ରେନ ପ୍ରତି ନିର୍ଭର କରୁଥିବା ନିକଟସ୍ଥ ଏବିଏ କଲେଜ, ବାଙ୍ଗରା କଲେଜ, ବାଙ୍ଗରା, କୁରକୁରା, ସାଉଁ, ପଳାସପୁର, ଯଜ୍ଞେଶ୍ୱରପୁର, ବସନ୍ତପୁର, ଗେଙ୍ଗୁଟି, ପବିତ୍ରପୁର, ପାଞ୍ଚୁଡିଆ, ଯୁଧିଷ୍ଠିରପୁର, ଶାସଙ୍ଗ, ପାଟଣା, ସାରଗାଁ, ପଦ୍ମପୁର, ନୂଆପୁର ଶାସନ, ଖାନନଗର, ଶାସନ, ରସାଲପୁର, ବର୍ଦ୍ଧନପୁର, ରଣସାହି ଆଦି ଗ୍ରାମର ୨୫ ହଜାରରୁ ଅଧିକ ଅଧିବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପ୍ରତ୍ୟେକ ଦିନ ଏବିଏ କଲେଜକୁ ବିଭିନ୍ନ ପରୀକ୍ଷା ଦେବାକୁ ଆସୁଥିବା ସମଗ୍ର ଓଡିଶାରୁ ଶତାଧିକ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀ କଟକ ବଡ ମେଡିକାଲକୁ ଯିବା ପାଇଁ ହଇରାଣ ହୋଇ ବାଲେଶ୍ୱର ଷ୍ଟେସନକୁ ଆସି ବହୁ ହଇରାଣ ହରକତ ହେଉଛନ୍ତି ବୋଲି କମିଟି ପକ୍ଷରୁ ଉଲ୍ଲେଖ କରାଯାଇଛି। ଏଣୁ କମିଟି ପକ୍ଷରୁ ନିରାଶ ହୋଇ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଆସନ୍ତା ୧୮ ତାରିଖ ସକାଳ ୧୦ ଘଟିକା ସମୟରେ ବାଲେଶ୍ୱର ରେଳ ଷ୍ଟେସନ ସମ୍ମୁଖରେ ଉପରୋକ୍ତ ସମସ୍ତ ଗ୍ରାମ ମୁଖିଆ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ କରିବା ପାଇଁ ବାଧ୍ୟ ହୋଇଛନ୍ତି ବୋଲି ପ୍ରକାଶ କରିବା ସହ ଏଥିପ୍ରତି କୌଣସି ଅପ୍ରୀତିକର ଘଟଣା ପାଇଁ ରେଳବାଇ ବିଭାଗ ଦାୟୀ ରହିବ ବୋଲି ଆବାହକ ବିଧାନ ଚନ୍ଦ୍ର ଜେନା କହିଛନ୍ତି।

## ଯୁବ ଉତ୍ସବ ଉଦ୍‌ଯାପିତ




ବାଲେଶ୍ୱର,୧୨।୧୨(ସମିସ): ଫକୀରମୋହନ ସ୍ୱୟଂଚାଳିତ ମହାବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬ 'ଯୁବ ଉତ୍ସବ' ଆଜି ଉଦଯାପିତ ହୋଇଯାଇଛି। ଏହି ଯୁବ ଉତ୍ସବ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ବାଲେଶ୍ୱର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୬୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ବୟସ ୧୫ରୁ ୨୯ ବର୍ଷ ମଧ୍ୟରେ ଥିଲା। ଏହି ଯୁବ ଉତ୍ସବରେ ସାତଟି ପ୍ରତିଯୋଗିତା ରଖାଯାଇଥିଲା। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଥିଲା। ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଯୁବକ/ଯୁବତୀଙ୍କୁ ନଗଦ ଅର୍ଥରାଶି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଲାଭ କରିଥିବା ଦଳ ଓ ଏକାକୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବେ। ଉଦଯାପନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହିର ଉପସ୍ଥିତ ଥିଲେ।

## ଟୁଙ୍କୁରୀହାଜିରାରେ ୨୪ ପ୍ରହର ନାମଯଜ୍ଞ ଓ ଶୀତବସ୍ତ୍ର ବଣ୍ଟନ



ଚନ୍ଦନେଶ୍ୱର, ୧୨।୧୨(ସମିସ): ଭୋଗରାଇର ଟୁଙ୍କୁରୀହାଜିରା ପଞ୍ଚାୟତ ଅଧୀନ ସେହି ଗ୍ରାମରେ ଗାଁ ଲୋକଙ୍କ ସହଯୋଗରେ ୨୪ ପ୍ରହର ବ୍ୟାପି ହରିନାମ ସଂକୀର୍ତ୍ତନ ଓ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ମଙ୍ଗଳବାର ଘଟ ଉତ୍ତୋଳନ ପରେ ହରିନାମ ସଂକୀର୍ତ୍ତନ ଶୁଭାରମ୍ଭ ହୋଇଥିଲା। ପ୍ରତିଦିନ ସନ୍ଧ୍ୟା ଆଳତି ଓ ମେଳି ଅନୁଷ୍ଠିତ ହେବା ସହିତ ଶୁକ୍ରବାର ସଂକୀର୍ତ୍ତନ ସମାପନ ହେବା ପରେ ୪ ହଜାର ଲୋକଙ୍କ ଅନ୍ନମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଯାତ୍ରାନୁଷ୍ଠାନ ମଧ୍ୟ ଆୟୋଜନ ହେବ। ବସ୍ତ୍ରଦାନ କାର୍ଯ୍ୟକ୍ରମକୁ ବାବୁରାମ ପରମାଣିକ ପରିଚାଳନା କରିଥିଲେ। ଭୋଗରାଇ ବିଜେପି ନେତା ଆଶିଷ ପାତ୍ର ଯୋଗଦେଇ ଗାଁରେ ଆଧ୍ୟାତ୍ମିକ ପରିବେଶକୁ ବଞ୍ଚାଇ ରଖିବା ସହିତ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନନ୍ତ ଦାସ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ଇଂ ଅଭିଜିତ ଦାସ ଯୋଗଦେଇ ଗାଁ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ଓ ଭାଇଚାରା ମଜବୁତ ଥିବାରୁ ଦୀର୍ଘ ୪୫ ବର୍ଷ ଧରି ଏଭଳି କାର୍ଯ୍ୟକ୍ରମ ଚାଲିଆସୁଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ସରପଂଚ ଉପେନ୍ଦ୍ର ନାଥ ସାହୁ, ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ପରମାଣିକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ନାଏବ ସରପଞ୍ଚଙ୍କ ଉଦ୍ୟମରେ ପଞ୍ଚାୟତର ୩ ଶହ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଅତିଥିମାନେ ଶୀତବସ୍ତ୍ର ଦାନ କରିଥିଲେ। ଗ୍ରାମର ବାବୁରାମ ପ୍ରମାଣିକ, ଗୋବିନ୍ଦ ଗିରି, ଜୟନ୍ତ ଗିରି, ଅଜୟ ପ୍ରଧାନ, ଭଗୀରଥ ମଣ୍ଡଳ, ଗୌରାଙ୍ଗ ମଣ୍ଡଳ, ହରେନ୍ଦ୍ର ପ୍ରମାଣିକ ପ୍ରମୁଖ ସହଯୋଗ କରିଥିଲେ।

## ଆମ୍ବଗଡ଼ିଆ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ବାଲେଶ୍ୱର/ଖଇରା,୧୨।୧୨(ସମିସ): ବାଲେଶ୍ୱର ଜିଲ୍ଲାର ଖଇରା ବ୍ଲକ୍‌ର ସାରଡାଙ୍ଗ ଆମ୍ବଗଡ଼ିଆଠାରେ ଆମ୍ବଗଡ଼ିଆ ପ୍ରିମିୟର ଲିଗ୍ ସିଜନ୍ ୫ ଆରମ୍ଭ ହୋଇଛି। ଏହି ଲିଗ୍‌ର ପ୍ରଥମ ଦିବସରେ ୪ଟି ଟିମ୍‌କୁ ନେଇ ଖେଳ ଅନୁଷ୍ଠିତ ହୋଇଥିଲା। ରାଇକୁଲା ଓ ଜନତ ଇଲେଭେନ୍ ଖଇରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଇକୁଲା ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୯୦ ରନ୍ କରିଥିଲା। ଜବାବରେ ଜନତ ଇଲେଭେନ୍ ୧ ୱିକେଟ ହରାଇ ୯୨ ରନ୍ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଜିସିଏନ ରାଣୀତାଲ ଟସ୍ ଜିତି ଅମ୍ବାରଗଡ଼ିଆକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଅମ୍ବାରଗଡ଼ିଆ ୧ ୱିକେଟ ହରାଇ ୧୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଣୀତାଲ ୫ ୱିକେଟ ହରାଇ ୮୯ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ପ୍ରଥମ ସେମିଫାଇନାଲରେ ଅମ୍ବାରଗଡ଼ିଆ ୮ ୱିକେଟ ହରାଇ ୧୦୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଜନତ ଇଲେଭେନ ୬ ୱିକେଟ ହରାଇ ୭୪ ରନ୍ କରି ପରାସ୍ତ ହୋଇଥିଲା। ଉଦଘାଟନୀ ଉତ୍ସବରେ ସାରଡାଙ୍ଗ ସରପଞ୍ଚ ଶ୍ରୀମତୀ ପ୍ରଣତୀବାଳା ମାଝୀ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

## ଲିଙ୍ଗଗତ ହିଂସା ଓ ମାନବ ଅଧିକାର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୧୨।୧୨(ସମିସ): ଭାରତ ସରକାର, ଓଡ଼ିଶା ସରକାର ଓ ରାଜ୍ୟ ସମାଜ କଲ୍ୟାଣ ବୋର୍ଡଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ସହଦେବଖୁଣ୍ଟାସ୍ଥ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ଦିନ ବ୍ୟାପୀ ଚାଲିଥିବା ଲିଙ୍ଗଗତ ହିଂସା ଓ ମାନବ ଅଧିକାର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ବିଜୟ କୁମାର ଆଚାର୍ଯ୍ୟ, ବରିଷ୍ଠ ଓକିଲ ଓମକାର ମୋହନ ଦାଶ, ସମାଜସେବୀ ସ୍ୱସ୍ତିକ ଦେ ଓ ପରମେଶ୍ୱର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଆଲୋଚନାରେ ଲିଙ୍ଗଗତ ହିଂସା ଓ ମାନବ ଅଧିକାର କ୍ଷୁର୍ଣ୍ଣ ନ ହେବା ଲାଗି ସ୍ଥାୟୀ ପ୍ରତିକାର ଲାଗି ଏକ ମଜବୁତ କମିଟିର ଆବଶ୍ୟକତା ଅଛି ବୋଲି ମତପ୍ରକାଶ ପାଇଥିଲା। ଏହି




କାର୍ଯ୍ୟକ୍ରମକୁ ରୁରାଲ ଡେଭେଲପମେଣ୍ଟ ଫାଉଣ୍ଡେସନ ସମ୍ପାଦକ ହରିଶ ଚନ୍ଦ୍ର ରାଜ ପରିଚାଳନା କରିଥିବାବେଳେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଓ ଆର୍‌ଡିଏଫ୍, ପରିବାର ପରାମର୍ଶ କେନ୍ଦ୍ର ପରାମର୍ଶଦାତା ଓ ନିମନ୍ତ୍ରିତ ଅତିଥି ଯୋଗଦାନ କରିଥିଲେ।

## ଭେଲୋରା କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ



ରାଜଘାଟ,୧୨।୧୨(ସମିସ): ବସ୍ତା ଶିକ୍ଷା ବିଭାଗ ଅଧୀନସ୍ଥ ୧୭ଟି କ୍ଲଷ୍ଟରରେ "ଆସ ସ୍କୁଲ ଯିବା" କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆଜି ଭେଲୋରା କ୍ଲଷ୍ଟରସ୍ତରୀୟ ବସ୍ତା ଶିକ୍ଷା ଅଧୀନସ୍ଥ ଏହି ପଞ୍ଚାୟତର ବିଞ୍ଝପୁରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଧିଷ୍ଠିର ଦଳାଇଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଅଚ୍ୟୁତ ମହାନ୍ତି, ମୁଖ୍ୟବକ୍ତା ଭାବେ ତେଘରି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉପେନ୍ଦ୍ର ଦଳାଇ, ସମ୍ମାନିତ ଅତିଥି ଏହି କ୍ଲଷ୍ଟରର ସିଆରସିସି ଗଣେଶ ଜେନା, ଅନ୍ୟତମ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ବେହେରା ଯୋଗଦେଇ ପିତାମାତାଙ୍କ ସ୍ୱତନ୍ତ୍ର ଅନୁଧ୍ୟାନ ରହିପାରିଲେ ଆଜିର ସମାଜରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ ହୋଇପାରିବ ବୋଲି ମତ ଦେଇଥିଲେ। ପରେ ସ୍କୁଲ ପରିସରରୁ ଶିକ୍ଷକ,ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଫ୍ଲାଗ କାର୍ଡ ଧରି ଶୋଭାଯାତ୍ରା କରିଥିଲେ। ଏ ଅବସରରେ ଏହି ଗ୍ରାମର ଆକାଶ ହେମ୍ବ୍ରମ ଓ ଲୁକ୍ଷି କିସ୍କୁ ଅଧାରୁ ପାଠ ଛାଡିଥିବା ଦୁଇ ପିଲାଙ୍କୁ ବୁଝାଇ ଉତ୍ତରୀୟ ଦେଇ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ରାମେଶ୍ୱର ମାରାଣ୍ଡି, ଗୀତିକା ଜେନା, ସ୍ନେହଲତା ମହାଲିକ, ହରେକୃଷ୍ଣ ଗୋଛାୟତ, ଗୋବିନ୍ଦ ସେଠୀ, ଅଭିମନ୍ୟୁ ସିଂ, ମନୋରମା ସାହୁ, ଜିତେନ୍ଦ୍ର ଟୁଡୁ, ସେକ ତାହାରିନ, ପ୍ରଦୀପ ଗିରି, କିଶୋର ଟୁଡୁ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ କବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା

ଜଳେଶ୍ୱର, ୧୨।୧୨(ସମିସ): କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଆଜି ଶିଖରପୁରସ୍ଥ ଶ୍ରୀଶ୍ରୀ ବରାଳବାଲୁକେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଶମ୍ଭୁନାଥ ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସରପଞ୍ଚ ବିଦ୍ୟାଧର ମଲ୍ଲିକ, ୱାର୍ଡସଭ୍ୟ ସବିତା ବେହେରା ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଜନୀ ହାଁସଦା ଯୋଗଦେଇ ଅଧାରୁ ପାଠପଢା ଛାଡୁଥିବା, ଆଦୌ ନାମ ଲେଖାଇ ନ ଥିବା କିମ୍ବା ବିଦ୍ୟାଳୟ ବାହାରେ ରହିଥିବା ପିଲାଙ୍କୁ ଚିହ୍ନଟ କରି ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା ପିଲା ଅନ୍ୱେଷଣ ପଦ୍ଧତିରେ ସର୍ଭେ କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଅଶ୍ୱିନୀ ଦାସ, ଦୁର୍ଗାଶଙ୍କର ଦାସ, ଅଞ୍ଜନ ଗିରି, ପାନ ମାର୍ଣ୍ଡି, ରାଧାକୃଷ୍ଣ ଗିରି, ଗୋପାଳକୃଷ୍ଣ ଜେନା, ବନମାଳୀ ବେହେରା, ବନ୍ଦନ ସିଂହ, ମମତାରାଣୀ ପାତ୍ର, ଦେବଶିଷ ଦାସ, ପ୍ରତୀମାରାଣୀ ଗିରି, ସରୋଜ ମଞ୍ଜରି ଗିରି, ଶୁଭଶ୍ରୀ ସାହୁ, ଚିନ୍ମୟ ଭୂୟାଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ପ୍ରଣବ ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଛ ମାର୍କେଟରେ ଚଢ଼ଉ; ଓଜନ ଠକେଇ ଅଭିଯୋଗରେ ଜରିମାନା

ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୧୨।୧୨(ସମିସ): ଆଜି ମଧ୍ୟାହ୍ନରେ ଜଳେଶ୍ୱର ସହର ମଧ୍ୟଭାଗରେ ଥିବା ମାଛ ମାର୍କେଟରେ ପୌରପାଳିକା ପକ୍ଷରୁ ଓଜନ ଓ ମାନ ବିଭାଗ, ଖାଦ୍ୟ ନିରାପତ୍ତା ଓ ଜଳେଶ୍ୱର ପୁଲିସ୍‌ର ମିଳିତ ଚଢ଼ଉ କରାଯାଇଥିଲା। ବିଭିନ୍ନ ସମୟରେ ଓଜନ ମେସିନ୍‌ରେ ଜାଲିଆତି, ମାଛରେ ବିଷାକ୍ତ କେମିକାଲ ବୋଳାଯିବା, ବିଷାକ୍ତ



ପଚାମାଛ ବିକ୍ରିହେବା ସମ୍ପର୍କରେ ବହୁ ଅଭିଯୋଗ ହେଉଥିବାରୁ ଆଜି ଏପରି ଚଢ଼ଉ କରାଯାଇଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ସୂଚନା ଦେଇଛନ୍ତି। ମାଛ ବ୍ୟବସାୟୀ ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ କରୁଥିଲେ ମଧ୍ୟ ଟ୍ରେଡ ଲାଇସେନ୍ସ କରୁ ନ ଥିବା ଜଣାଯାଇଛି। ଆଜି ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବା ସହିତ ଦୁଇଜଣ ବ୍ୟବସାୟୀଙ୍କ ଉପରେ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି । ଆଜି ଚଢ଼ଉରେ ଖାଦ୍ୟ ନିରାପତ୍ତ ଅଧିକାରୀ ଶଶୀକାନ୍ତ ବେହେରା, ଓଜନ ଓ ମାପ ବିଭାଗ ଇନ୍ସପେକ୍ଟର ଚିନ୍ମୟ ଦେ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ସହିତ ଆଇଆଇସି ଅଶୋକ ବାରିକ ପ୍ରମୁଖ ସାମିଲ ଥିଲେ।

**● ମହାବୀର କ୍ଲବ୍ କ୍ରିକେଟ୍**

## ପ୍ରଥମ ସେମିଫାଇନାଲରେ ୟୁ ଏଣ୍ଡ ମି ବିଜୟୀ

ନୀଳଗିରି,୧୨।୧୨(ସସିସ): ନୀଳଗିରି ମହାବୀର କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା କୌଶିକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବାଲେଶ୍ୱରର ୟୁ ଏଣ୍ଡ ମି ଓ କଟକ ନିମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିମପୁର ଟସ ଜିତି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୟୁ ଏଣ୍ଡ ମି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୫୩ ରନ୍ କରିଥିଲା। ୟୁ ଏଣ୍ଡ ମିର ଖଗେଶ ମିଶ୍ର ୨୦ ବଲ୍‌ରୁ ୩୧ରନ୍ ସଂଗ୍ରହ କରିଥିଲେ। ଜବାବରେ ନିମପୁର ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ବିନିମୟରେ ୧୪୬ ରନ୍ କରି ପରାସ୍ତ ହୋଇଥିଲା। ଖଗେଶ ମିଶ୍ର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

### ରାସ୍ତାରେ ଆଣ୍ଠୁଏ ପାଣି, ଯାତାୟାତରେ ଅସୁବିଧା

# ସମସ୍ୟାର ସମାଧାନ ପ୍ରତିଶ୍ରୁତି ଦେଲେ ସହକାରୀ ଯନ୍ତ୍ରୀ

ଚନ୍ଦନେଶ୍ୱର,୧୨।୧୨(ସମିସ)

ସରକାର ମେଗା ପାନୀୟ ପ୍ରକଳ୍ପ ଜରିଆରେ ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ଓ ନିର୍ମଳ ପାଣି ଯୋଗାଇ ଦେବା ନିମନ୍ତେ ଭୋଗରାଇ ଦହମୁଣ୍ଡାଠାରେ ସୁବର୍ଣ୍ଣରେଖା ନଦୀରୁ ପାଣିକୁ ଜଳେଶ୍ୱରପୁରଠାରେ ବିଶୋଧନ କରି ଲୋକଙ୍କୁ ପିଇବା ପାଣି ଯୋଗାଇ ଦେଉଛନ୍ତି। ଏହି ମେଗା ପାନୀୟ ଜଳ ପ୍ରକଳ୍ପ-୧ରେ ୫୩ କୋଟି ୮୬ ଲକ୍ଷ ବ୍ୟୟ ଅଟକଳରେ ୩୨ଟି ପଞ୍ଚାୟତରେ ଥିବା ୯୦ଟି ଗାଁକୁ ପିଇବା ପାଣି ଯୋଗାଇ ଦିଆଯାଇଛି। କିନ୍ତୁ ଭୋଗରାଇ ବ୍ଲକ୍ ମହେଶପୁର ପଞ୍ଚାୟତର ୧୧ନଂ ୱାର୍ଡ ରାସ୍ତାରେ ପାଣି ଆଣ୍ଠୁଏ।



ଫଳରେ ଯାତାୟାତରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ୱାର୍ଡବାସିନ୍ଦା ଅଭିଯୋଗ କରିବା ପରେ ସହକାରୀ ଯନ୍ତ୍ରୀ ଏହି ସମସ୍ୟାରେ ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଉକ୍ତ ପଞ୍ଚାୟତର ୧୧ନଂ ୱାର୍ଡରେ ମାଟି ତଳେ ପୋତାଯାଇଥିବା ପାଇପ ସଂଯୋଗ କରାଯାଇଥିବା ଜାଗାରୁ ପାଣି ଲିକେଜ ହୋଇ ରାସ୍ତା ବୁଡ଼ିଯାଇ ବନ୍ୟାର ସୁଅ ଦେଖିବାକୁ ମିଳିଛି। ଦୁଇ ମାସରୁ ଅଧିକ ହେବ ରାସ୍ତା ବୁଡ଼ିଯିବା ଫଳରେ ସ୍କୁଲ ପିଲା, ଅଙ୍ଗନବାଡିର କୁନି କୁନି ପିଲାଙ୍କ ସମେତ ହଜାର ହଜାର ଲୋକ ବିଭିନ୍ନ ପ୍ରକାର ହଇରାଣ ହେଉଛନ୍ତି। ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିବା ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ କେତେକ ସମୟରେ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ମୁଖ୍ୟ ରାସ୍ତାକୁ ଲାଗିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ, କଲେଜ, ଥାନା, କୋର୍ଟ ଆଦି ବିଭିନ୍ନ ସ୍ଥାନକୁ ଯିବାଆସିବାରେ ବିଶେଷ ଅସୁବିଧା ହେଉଛି। ବିଶେଷକରି ଶୀତଦିନରେ ଆଣ୍ଠୁଏ ପାଣିରେ ଯିବା ଆସିବାରେ ଲୋକମାନେ ଅଧିକ କଷ୍ଟ ପାଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଆଜି ସ୍ଥାନୀୟ ସରପଞ୍ଚ ବରେନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ମହାରଣା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ହରିପ୍ରିୟା ମହାନ୍ତ ଘଟଣା ସ୍ଥଳକୁ ଯାଇ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଆଣି ଏହାର ତୁରନ୍ତ ସମାଧାନ କରିଯିବା ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ବୈଠକ



ଭୋଗରାଇ,୧୨।୧୨(ସମିସ): ଭୋଗରାଇ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ଏକ ଜରୁରୀ ବୈଠକ ଜଳେଶ୍ୱରପୁର ପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଗୋପବନ୍ଧୁ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବର୍ତ୍ତନା ହାଇସ୍କୁଲର ଶିକ୍ଷକ ଗୋପାଳ ଜେନା ଓ ସାତଗୋହଳିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକ୍ରମାଦିତ୍ୟ ଗିରିଙ୍କ ଅକାଳ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବର୍ତ୍ତମାନର ସରକାର ପେନସନଭୋଗୀଙ୍କୁ ମହଙ୍ଗା ଭତ୍ତା ପ୍ରଦାନ ନ କରିବା, ଅଷ୍ଟମ ବେତନ କମିଶନରେ ପେନସନ ଫ୍ରିଜ ଆଣିବା ଅତ୍ୟନ୍ତ ପରିତାପ ଓ ଲଜ୍ଜାକର ବୋଲି ମତ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଦେବାରେ ଟାଳଟୁଳ ନୀତିକୁ ସମାଲୋଚନା କରି ଆଗାମୀ ଦିନରେ ଆନ୍ଦୋଳନାତ୍ମକ ଭଳି ଦୃଢ଼ ପଦକ୍ଷେପ ନେବାର ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ ରଘୁନାଥ ମହାନ୍ତି, ସୀତାନାଥ ପ୍ରଧାନ, ନଟରଞ୍ଜନ ଘଡାଇ, ପରିମଳ ମହାନ୍ତି, ଜୟକୃଷ୍ଣ ରଣା, ବୀରକିଶୋର ଜେନା, ଅତୁଲ ଜେନା, ସପନ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥା ଘେରରେ ଶିଶୁଙ୍କ 'ଏନ୍‌ବିଏସ୍' ପରୀକ୍ଷା

- ଲାବ୍‌ରେ ନାହାନ୍ତି ଟେକ୍ନିସିଆନ୍, ରକ୍ତନମୁନା ସଂଗ୍ରହରେ ସମସ୍ୟା
- ବିଧାନସଭାରେ ଦୃଷ୍ଟି ଆକର୍ଷଣ କଲେ ଚିକିଟି ବିଧାୟକ

ବ୍ରହ୍ମପୁର,୧୨।୧୨(ସମିସ): ଗତବର୍ଷ ଏମ୍‌କେସିଜି ମେଡ଼ିକାଲ ବାୟୋକେମେଷ୍ଟ୍ରି ବିଭାଗ ପକ୍ଷରୁ ନବଜାତ ଶିଶୁଙ୍କ ସକାଶେ ନ୍ୟୁବର୍ନ ସ୍କ୍ରିନିଂ(ଏନ୍‌ବିଏସ୍) ରକ୍ତ ପରୀକ୍ଷା ଆରମ୍ଭ କରାଯାଇଥିଲା। ଏହି ପରୀକ୍ଷା ଦ୍ୱାରା ନବଜାତ ଶିଶୁଙ୍କ ଥାଏରଏଡ଼ ରୋଗ ଚିହ୍ନଟ କରାଯାଇଥାଏ। ପ୍ରସବ ପରେ ନବଜାତ ଶିଶୁର 'ଏନବିଏସ' ରକ୍ତ ପରୀକ୍ଷା କରିବାକୁ ମେଡ଼ିକାଲ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଥିଲା। ଯଦି ନବଜାତକଙ୍କ କ୍ଷେତ୍ରରେ ଥାଏରଏଡ଼ ରୋଗ ଚିହ୍ନଟ ହୁଏ, ତେବେ ଶିଶୁଙ୍କ ଚିକିତ୍ସା ସଠିକ୍ ସମୟରେ କରିବା ସହ ବିଭିନ୍ନ ରୋଗରୁ ମୁକ୍ତ କରିବାକୁ ଏହି ପରୀକ୍ଷା ବେଶ ସହାୟକ ହୋଇଥାଏ। କିନ୍ତୁ ମେଡ଼ିକାଲରେ 'ଏନବିଏସ' ରକ୍ତ ପରୀକ୍ଷା ବ୍ୟବସ୍ଥା ଏକ ବର୍ଷରୁ ଅଧିକ କାଳଧରି ଆରମ୍ଭ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଲାବ୍‌ରେ ଜଣେ ମଧ୍ୟ ଟେକ୍ନିସିଆନଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ନବଜାତଙ୍କ ରକ୍ତ ନମୁନା ସଂଗ୍ରହ କରିବା ଅସମ୍ଭବ ହୋଇପଡିଛି। ସମସ୍ୟା ସମ୍ପର୍କରେ ବିଭାଗୀୟ ମୁଖ୍ୟ ବାରମ୍ବାର ଏମକେସିଜି




ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହେଉନାହିଁ। ଫଳରେ ମେଡ଼ିକାଲରେ ପ୍ରସବ କରିଥିବା ସମସ୍ତ ଥାଏରଏଡ଼ ରୋଗୀଙ୍କ ନବଜାତ ଶିଶୁଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରିବାରେ ସମସ୍ୟା ଉପୁଜିଛି। ଶିଶୁ ଜନ୍ମର ୪୮ରୁ ୭୨ଘଣ୍ଟା ମଧ୍ୟରେ ରକ୍ତନମୁନା ସଂଗ୍ରହ କରି ଏନ୍‌ବିଏସ୍ ପରୀକ୍ଷା କରିବା ଜରୁରୀ। ଲାବ୍ ଟେକ୍ନିସିଆନ ନଥିବାରୁ ବିଭିନ୍ନ ସମୟରେ ବିଭାଗୀୟ ଡ଼ାକ୍ତର ନବଜାତଙ୍କ ନମୁନା ସଂଗ୍ରହ କରୁଥିବା ବେଳେ ଆବଶ୍ୟକ ସଂଖ୍ୟକ ଏନବିଏସ ରକ୍ତ ପରୀକ୍ଷା ହେଉନଥିବା ଅଭିଯୋଗ ହୋଇଛି। ମେଡ଼ିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ଅଧିନରେ ଥିବା ଲେବର ରୁମରେ ପ୍ରତ୍ୟହ ଶତାଧିକ ଶିଶୁ ଜନ୍ମଗ୍ରହଣ କରିଥାନ୍ତି। ସେଥିମଧ୍ୟରୁ କିଛି ନବଜାତ ଶିଶୁଙ୍କ ଜନ୍ମବେଳେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ।

ଶିଶୁଟି ଜନ୍ମ ସମୟରେ ନକାନ୍ଦିବା, ସଠିକ୍ ଭାବେ ନଖାଇବା ଓ ଗୋଡ଼ହାତ ନହଲେଇବା ଆଦି ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ଗର୍ଭଧାରଣ ସମୟରେ ମା'ଙ୍କ ଶରୀରରେ ଯଦି ଥାଏରଏଡ଼ ରୋଗ ଥାଏ ତେବେ ସେଥିରୁ ଅଧିକାଂଶ ନବଜାତ ଶିଶୁଙ୍କ କ୍ଷେତ୍ରରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥାଏ। ଏହାକୁ ଯଦି ଅଣଦେଖା କରାଯାଏ ତେବେ ଶିଶୁଟିର ମସ୍ତିଷ୍କ ସମେତ ଶରୀରର ବିକାଶରେ ପ୍ରଭାବ ପଡ଼ିଥାଏ। ପରବର୍ତ୍ତୀ ସମୟରେ ଉକ୍ତ ଶିଶୁଟି ପରିବାର ଓ ସମାଜ ପାଇଁ ଏକ ପ୍ରକାର ବୋଝ ହୋଇଯାଏ। ଏଭଳି ଶିଶୁଙ୍କ ନ୍ୟୁବର୍ଣ୍ଣ ସ୍କ୍ରିନିଂ ପରୀକ୍ଷା ନିମନ୍ତେ ଗତବର୍ଷ ଅଗଷ୍ଟ ୮ତାରିଖ ଠାରୁ ମେଡ଼ିକାଲରେ ଆରମ୍ଭ ହୋଇଥିଲା ପରୀକ୍ଷା ବ୍ୟବସ୍ଥା। ରାଜ୍ୟର ମେଡ଼ିକାଲ କଲେଜ ଗୁଡିକ ମଧ୍ୟରେ କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରଥମେ ଏହି ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଦ୍ୱିତୀୟରେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ କରାଯାଇଥିଲା। ଏନ୍‌ବିଏସ ପରୀକ୍ଷାରେ ଶିଶୁଙ୍କ ରକ୍ତ ନମୁନାରେ ଯଦି ପଜିଟିଭ ଚିହ୍ନଟ ହୁଏ ତେବେ ଉକ୍ତ ଶିଶୁମାନେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଅତିକମରେ ୩ମାସ ଔଷଧ ସେବନ କରି ସୁସ୍ଥ ହୋଇଥାଆନ୍ତି। କିନ୍ତୁ ନବଜାତ ଶିଶୁଙ୍କ 'ଏନବିଏସ' ରକ୍ତ ପରୀକ୍ଷା କ୍ଷେତ୍ରରେ ମେଡ଼ିକାଲ ପକ୍ଷରୁ ହୋଇଥିବା ଅବ୍ୟବସ୍ଥା କାରଣରୁ ରୋଗୀଙ୍କ ରକ୍ତନମୁନା ସଂଗ୍ରହ ଧିମା ପଡ଼ିଯାଇଛି। ଫଳରେ ନବଜାତମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ନେଇ ନିକଟରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ବିଧାନସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବଶୀଘ୍ର ଏକ ଲାବ୍ ଟେକ୍ନିସିଆନଙ୍କୁ ନିଯୁକ୍ତି ଦେବା ସହ ଆବଶ୍ୟକ ମୁତାବକ 'ଏନବିଏସ' ରକ୍ତ ପରୀକ୍ଷା କରିବାକୁ ବିଧାୟକ ଦାବି କରିଥିଲେ।

## ୧୭ରେ ଗଞ୍ଜାମ ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର,୧୨।୧୨(ସମିସ): ଆସନ୍ତା ୧୭ତାରିଖରେ ଗଞ୍ଜାମ ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବିତ ଗସ୍ତକୁ ନେଇ ଆଜି ପୁଲିସ ଓ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୀଳକଣ୍ଠନଗର ସ୍କୁଲର ଏକ ଉତ୍ସବରେ ଯୋଗଦେବା ପରେ ସହରର ଏକ ଲୋକାଭିମୁଖୀ କାର୍ଯ୍ୟକୁ ଉଦଘାଟନ କରିବା ସହ ଦିଗପହଣ୍ଡି ସମେତ ବିଭିନ୍ନ ସ୍ଥାନକୁ ଯିବାର କାର୍ଯ୍ୟକ୍ରମ ଥିବା ଜଣାପଡିଛି। ସୁରକ୍ଷା ସହ ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥାର ତଦାରଖ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ପ୍ରସ୍ତୁତି ହୋଇଛି।

## ବୀମାଯୁକ୍ତ ଗ୍ରାମ ହେଲା ଇନ୍ଦ୍ରାକ୍ଷୀ



ବ୍ରହ୍ମପୁର,୧୨।୧୨(ସମିସ): ୨୦୨୪-୨୫ବର୍ଷରେ ସର୍ବାଧିକ ପଲିସି କରିଥିବା ହେତୁ ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକର ଇନ୍ଦ୍ରାଖୀକୁ ବୀମାଯୁକ୍ତ ଗ୍ରାମଭାବେ ଘୋଷଣା କରାଯାଇଛି। ଏନେଇ ଗ୍ରାମ ପରିସରରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ସିନିୟର ବ୍ରାଞ୍ଚ ମ୍ୟାନେଜର ଏଲଆଇସି ବ୍ରହ୍ମପୁର-୨ ପ୍ରତାପ ଚନ୍ଦ୍ର ସାହୁ, ବ୍ରାଞ୍ଚ ମ୍ୟାନେଜର ହିଞ୍ଜିଳିକାଟୁ ସନ୍ତୋଷ କୁମାର ମୋହିନୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମର ଉନ୍ନତି ସକାଶେ ଏକ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଥିଲେ। ଉକ୍ତ ଟଙ୍କା ଜନହିତରେ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି।

## ଏମ୍‌ଏଭି ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା

ବ୍ରହ୍ମପୁର,୧୨।୧୨(ସମିସ): ସ୍ଥାନୀୟ ହିଲପାଟଣା ସ୍ଥିତ ମାତୃଶ୍ରୀ ଆଙ୍ଗେଲାଭେଦିକ (ଏମଏଭି) ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ କେସି ହାଇସ୍କୁଲ ଖେଳପଡିଆରେ ପାଳିତ ହୋଇଯାଇଛି। କେସି ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ଏହି ଉତ୍ସବ ଅବସରରେ ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଦୌଡ, ଲମ୍ବା ଡିଆଁ, ସଟ୍‌ପୁଟ ଓ ଡିସକସ ଥ୍ରୋରେ ଅଂଶଗ୍ରହଣ କରିଥିଲେ। ସ୍କୁଲର କାର୍ଯ୍ୟକାରୀ ସିଭାପତି ତଥା ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଣ୍ଡା, ସମ୍ପାଦକ କୁମୁଦ ରଞ୍ଜନ ପାଢ଼ୀ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଶୁଭାରମ୍ଭ କରିଥଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଏମସି ଡେପୁଟି କମିସନର ଆଶିର୍ବାଦ ପରିଡା ଏବଂ ସମ୍ମାନିତ ଅତିଥି ଭାବେ ଜାତୀୟସ୍ତରୀୟ ପ୍ରଶିକ୍ଷକ ସଚିନ ରାଉତ ଯୋଗ ଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥଲେ। ଜୁନିଅର ବାଳକ ବିଭାଗରେ ଝୁଲେଲାଲ



ପରିଡା ଏବଂ ବାଳିକା ବିଭାଗରେ ଆର. ମିନାକ୍ଷୀ, ସିନିୟର୍ ବାଳକ ବିଭାଗରେ ସ୍ନେହାଶିଷ ପାତ୍ର ଏବଂ ବାଳିକା ବିଭାଗରେ ମଧୁସ୍ମିତା ମହାରଣା ଓ ଭିଦିଶା ରାଉତ ଯୁଗ୍ମ ଚମ୍ପିୟାନ ହୋଇଥିଲେ। ଏହି ପ୍ରତିଯୋଗିତାକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପାଢିଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପରିଚାଳନା କରିଥଲେ।

## ଏଫ୍‌ପିଓ କର୍ମକର୍ତ୍ତାଙ୍କ ଆନ୍ତଃରାଜ୍ୟ ଗସ୍ତ

ବ୍ରହ୍ମପୁର,୧୨।୧୨(ସମିସ): ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ୫୮ଟି କୃଷକ ଉତ୍ପାଦନ ସଂଘ (ଏଫପିଓ) କୃଷକମାନଙ୍କ ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟା ପାଇଁ ବିଭିନ୍ନ ସଂସ୍ଥା ଦ୍ୱାରା ଗଠନ କରାଯାଇଛି। ରାଜ୍ୟ ଉଦ୍ୟାନ ବିଭାଗ




ତତ୍ତ୍ୱାବଧାନରେ ଏଫପିଓ ମାନଙ୍କ କାର୍ଯ୍ୟକ୍ରମକୁ ତଦାରଖ କରାଯାଉଥିବା ବେଳେ ଓଡ଼ିଶା କୃଷି ଓ ବୈଷୟୀକ ବିଶ୍ୱବିଦ୍ୟାଳୟ ବୈଷୟିକ ଅଂଶୀଦାର ଭାବେ ସରକାରଙ୍କ ଦ୍ୱାରା ସ୍ୱୀକୃତ ହୋଇଛନ୍ତି। ତେଣୁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ, ବ୍ରହ୍ମପୁର ଦ୍ୱାରା "ଓଡ଼ିଶା କୃଷି ଓ ବୈଷୟୀକ ବିଶ୍ୱବିଦ୍ୟାଳୟ ଏଫପିଓ ଉତ୍କର୍ଷ କେନ୍ଦ୍ର' ଯୋଜନାରେ ଗତ ଦୁଇବର୍ଷ ହେଲା ସେମାନଙ୍କର କାର୍ଯ୍ୟଧାରାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହିକ୍ରମରେ ନିକଟରେ କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁର ଦ୍ୱାରା ଜିଲ୍ଲାର ୬ଟି ଏଫପିଓ ପରିଦର୍ଶନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ସେମାନେ ଆନ୍ଧ୍ର ପ୍ରଦେଶର ଡାଲି ବିପଣନରେ ପ୍ରସିଦ୍ଧି ଲାଭ କରିଥିବା ଗ୍ରୀନ୍ ବାର୍ଡ, ବାକ୍ସାନା, ଗ୍ରିନ୍ ବ୍ଲେଣ୍ଡ ଇତ୍ୟାଦି କୃଷକ ଉତ୍ପାଦନ ଗୋଷ୍ଠୀ ମାନଙ୍କୁ ଭ୍ରମଣ କରି ତାଙ୍କର ବିପଣନ ଶୈଳୀ ଅନୁଧ୍ୟାନ କରିଥିଲେ। ସେହି ଗୋଷ୍ଠୀ ମାନଙ୍କ କର୍ମକର୍ତ୍ତା ଓ ସଭ୍ୟ ମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଗଞ୍ଜାମ ଜିଲ୍ଲା ଡାଲି ଉତ୍ପାଦନରେ ରାଜ୍ୟରେ ଆଗୁଆ ଥିଲାବେଳେ ଡାଲି ପ୍ରକ୍ରିୟାକରଣ ଓ ବଜାର ପାଇଁ ଏହି ମାନଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତିର ପରିଚାଳନାକୁ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ର ଏଫପିଓ କାର୍ଯ୍ୟନିର୍ବାହୀ ବୈଜ୍ଞାନିକ ଡ.ଦେବାଶିଷ ଷଡ଼ଙ୍ଗୀ ନେତୃତ୍ୱ ନେଇଥିଲେ।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଏଆଇ ସମ୍ମିଳନୀ



ବ୍ରହ୍ମପୁର,୧୨।୧୨(ସମିସ): ଓଡ଼ିଶା ଆସୋସିଏସନ୍ ଅଫ୍ ଆମେରିକା ଓ ଆଇଇଇଇର ମିଳିତ ଉଦ୍ୟମରେ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ଏଆଇ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟସ୍ତରୀୟ ଏଆଇ ହ୍ୟାକାଥନର ଅଧ୍ୟକ୍ଷ ଡ଼. ସୁକାନ୍ତ କୁମାର ମହାପାତ୍ର, ନିଷ୍ଟ ବିଶ୍ୱବିଦ୍ୟାଳୟ ଭାଇସ ଚାନ୍ସେଲର ଡ. ପ୍ରିୟଦର୍ଶନ ପାତ୍ର, ଅରୁଣ କୁମାର ରଥ ଓ ନିଷ୍ଟ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ବିଷ୍ଣୁକର ନାୟକ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରମାନଙ୍କ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଉପରେ ସଚେତନତା ସୃଷ୍ଟି କରିବା, ଏଆଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ଥାନୀୟ ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ୍‌କୁ ସାମିଲ କରିବା, ଏଆଇ ବ୍ୟବହାର କରି କ୍ଷେତ୍ରୀୟ ଚ୍ୟାଲେଞ୍ଜ ଏବଂ ସେଗୁଡିକୁ ସମାଧାନ କରିବା ପାଇଁ ସମ୍ଭାବ୍ୟ ଚିନ୍ତାଧାରା ଚିହ୍ନଟ କରିବା ଓ ସମାଧାନ ପାଇଁ ଅନୁବାଦିତ ହୋଇପାରିବା ଭଳି ଚିନ୍ତାଧାରା ଥିବା ଲୋକଙ୍କୁ ଚିହ୍ନଟ କରିବା ଭଳି ବିଭିନ୍ନ ବିଷୟକୁ ନେଇ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଡ଼ିନ ଡ. ପି ରାଜେଶ କୁମାର ଅଧ୍ୟକ୍ଷତା ଆନୁଷ୍ଠିତ ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସଟିପିଆର ଜୁନିଟ ଡାଇରେକ୍ଟର ସୁସିଲ ସେଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଡ. ବ୍ରଜ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା

ବ୍ରହ୍ମପୁର,୧୨।୧୨(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଯୁବ ରେଡ୍-କ୍ରସର ମିଳିତ ଆନୁକୂଲ୍ୟରେ ପିସିଆର୍ ସ୍ୱାସ୍ଥ୍ୟ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ଓ ରାଜ୍ୟସ୍ତରରେ ବହୁ ସମ୍ମାନ ଓ ପୁରସ୍କାର ଲାଭ କରିଥିବା ତଥା ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ଯୋଜନାର ପ୍ରାକ୍ତନ ଗଞ୍ଜାମ ଜିଲ୍ଲା ସଂଯୋଜକ ପ୍ରଫେସର୍ ଜି. ଗୋବିନ୍ଦ ରାଓ ପ୍ରଶିକ୍ଷକ ଭାବେ ଯୋଗଦେଇ ଦୁର୍ଘଟଣାଜନିତ ପ୍ରାଥମିକ ସହାୟତା, ହୃଦ୍‌ଘାତ ଓ ମସ୍ତିଷ୍କାଘାତର ପ୍ରାଥମିକ ଉପଚାର ତଥା କୌଶଳ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ବିଶେଷକରି ସି ପି ଆର୍ ( କା ର୍ଡି ଓ - ପ ଲ୍ମୋ ନା ରୀ - ରେସୁସ୍କିଟେସନ୍) ସ୍ୱାସ୍ଥ୍ୟ ସମସ୍ୟାର ଆଶୁ




ଉପଚାର ଓ ଆସନ୍ନ ବିପଦରୁ ମୁକୁଳିବାର କୌଶଳ, ପ୍ରାକ୍-ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା, ଯୁବ ରେଡ୍-କ୍ରସ୍ ଅଧିକାରୀ ଡ. ଚିତ୍ତରଞ୍ଜନ ମହାନ୍ତି, ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା, ଜାତୀୟ ସେବା ଯୋଜନାର ଅନ୍ୟତମ ଅଧିକାରୀ ଡ. ଶୁଭଶ୍ରୀ ଅପରାଜିତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନା ଛାତ୍ରୀ ଶାଖାର ଅଧିକାରୀ ଅଧ୍ୟାପିକା ସ୍ନେହାସିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




## କୁସୁମି ଓଏଭିରେ ଏନ୍‌ସିସିର ଶୁଭାରମ୍ଭ

ବ୍ରହ୍ମପୁର,୧୨।୧୨(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ କୁସୁମୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରଥମ ଥର ଲାଗି ଏନସିସି(ଆର୍ମି ୱିଙ୍ଗ୍) ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ପ୍ରଗତି, ଶୃଙ୍ଖଳା, ନୀତି, ନିଷ୍ଠା ଓ ଦେଶସେବାର ମୂଲ୍ୟବୋଧ ଗଢ଼ିବା ପାଇଁ ଏନସିସି ଏକ ଉତ୍କୃଷ୍ଟ ମାଧ୍ୟମ। ୧୦(ଓଡ଼ିଶା) ବାଟାଲିୟନର କମାଣ୍ଡିଙ୍ଗ୍ ଅଫିସର ଲେଫ୍ଟନେଣ୍ଟ କର୍ଣ୍ଣଲ ନିତିନ ସହାୟିଙ୍କ ତତ୍ତ୍ୱାବଧାନରେ ଏହି ସ୍କୁଲରେ ଏନସିସି ଆରମ୍ଭ ହୋଇଛି। ଏହି ଅବସରରେ କ୍ୟାପଟେନ ସାଇ ପ୍ରସାଦ ପାତ୍ର ଏବଂ କ୍ୟାପେଟନ ଶରତ ଗୌଡ଼ ଛାତ୍ରଛାତ୍ରୀଙ୍କୁ କ୍ୟାଡେଟ ଭାବେ ଯୋଗଦେବା, ଶିକ୍ଷଣ ପ୍ରଣାଳୀ ବିଷୟରେ ସୂଚନା ଦେଇଥିଲେ। ପ୍ରଥମ ବର୍ଷ ପାଇର୍ ୧୩ ଜଣ ବାଳକ ଓ ୧୨ ଜଣ ବାଳିକାଙ୍କୁ ଏନସିସି କ୍ୟାଡେଟ ଭାବେ ଚୟନ କରାଯାଇଛି।

## ଗାଈ କଟାକୁ ନେଇ ଉତ୍ତେଜନା; ଥାନାରେ ମାମଲା

ରଙ୍ଗେଇଲୁଣ୍ଡା/କୁକୁଡ଼ାଖଣ୍ଡି, ୧୨।୧୨ (ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ପୁରୁଣାପାଟଣା ନିକଟସ୍ଥ ସୋରାବାଡ଼ି ଜଙ୍ଗଲରେ ଗାଇ କଟା ନେଇ ଉତ୍ତେଜନା ଦେଖାଦେଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଜା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଖବର ଅନୁସାରେ ଏହି ଥାନା ଅଧିନସ୍ଥ ପୁରୁଣାପାଟଣା ନିକଟସ୍ଥ ସୋରାବାଡ଼ି ଜଙ୍ଗଲରେ ଶୁକ୍ରବାର ଭୋର୍‌ରୁ ୫ଜଣ ବ୍ୟକ୍ତି ଦୁଇଟି ଗାଈକୁ ମାରି ମାଂସ କାଟୁଥିଲେ। ଖବର ପାଇ ପଞ୍ଚମା ଗ୍ରାମର ବିଜେପି କର୍ମୀ ଓ ଆଖପାଖ ଅଞ୍ଚଳର କିଛି ଯୁବକ ପହଞ୍ଚିଥିଲେ। ଯୁବକମାନଙ୍କୁ ଦେଖି ୪ଜଣ କଟାଳି ଖସି ପଳାଇଥିଲେ। ଅନ୍ୟଜଣକୁ ଯୁବକମାନେ କାବୁ କରି ପଚରା ଉଚରା କରିଥିଲେ। ଖବର ପ୍ରସାରଣ ପରେ ଆରଏସ୍‌ଏସ୍, ବଜରଙ୍ଗଦଳ ଓ ଗୋ-ରକ୍ଷକ ମାନେ ପହଞ୍ଚିଥିଲେ। ପରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ଗୋଳନ୍ଥରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଜଣେ ବ୍ୟକ୍ତିକୁ ସେଠାରୁ ପୁଲିସ ଉଦ୍ଧାର କରିଥିଲା। ଥାନାକୁ ଆଣି ଅଟକ ରଖି ପଚାର ଉଚରା କରୁଥିବା ସୂଚନା ମିଳିଛି। ଏହି ମାଂସକୁ ଖାଇବା ସହ ବିକ୍ରି କରିବା ପାଇଁ କଟା ଯାଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। କଟା ମାଂସକୁ ନିକଟସ୍ଥ ଜଙ୍ଗଲରେ ପୁଲିସ ପୋତି ଦେଇଛି। ଏନେଇ ଥାନାରେ ୫ଜଣଙ୍କ ନାମରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ସମ୍ପୃକ୍ତ ଅଭିଯୁକ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଘଟଣାରେ ଜନୈକ ସରପଞ୍ଚଙ୍କ ବାପାଙ୍କ ସମ୍ପୃକ୍ତ ଥିବା ନେଇ ଉତ୍ତେଜନା ପ୍ରକାଶ ପାଇଛି।



## ପୂର୍ବ ଶତ୍ରୁତାରୁ ଗୋଷ୍ଠୀସଂଘର୍ଷ; ଛୁରାମାଡ଼ରେ ୪ ଆହତ

କୋଦଳା,୧୨।୧୨(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ସନ୍ଧ୍ୟା ୫ଟାବେଳେ କୋଦଳା ଥାନା ଅନ୍ତର୍ଗତ ଫାଶୀ ଗ୍ରାମର ମୁଖ୍ୟ ଛକରେ ଗୋଷ୍ଠୀ ସଂଘର୍ଷ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କିଛି ବ୍ୟକ୍ତି ଅଚାନକ ଗାଁରେ ପହଞ୍ଚି ଗୋଟିଏ ପରିବାରର ବାପା ଓ ଦୁଇ ପୁଅଙ୍କୁ ଛୁରାମାଡ଼ କରିଥିଲେ। ପରେ ଉଭୟଙ୍କ ପକ୍ଷରୁ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଘଟଣାରେ ଫାଶୀ ଗ୍ରାମର ରାଜେଶ କୁମାର ପଲେଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବଡ଼ ଭାଇ ରାକେଶ କୁମାର ପଲେଇ ଓ ବାପା ଭାବଗ୍ରାହୀ ପଲେଇ ମଧ୍ୟ ଆକ୍ରମଣରେ ଆହତ ହୋଇଥିବା ବେଳେ ବାହାର ଗାଁରୁ ୮ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆସି ଗଣ୍ଡଗୋଳ ଘଟାଇଥିଲେ। ସେମାନଙ୍କ ମଧ୍ୟରୁ ବାଦପଲ୍ଲୀ ଗ୍ରାମର ଭଗବାନ ସ୍ୱାଇଁ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ମଧ୍ୟ ଏମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି।

## ଶିଶୁ ସାହିତ୍ୟ ବିକାଶ ପରିଷଦର ଶୀତ ସାହିତ୍ୟ ଆସର

ବ୍ରହ୍ମପୁର, ୧୨।୧୨ (ସମିସ): ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅଗ୍ରଣୀ ଶିଶୁ ସାହିତ୍ୟ ଅନୁଷ୍ଠାନ ଶିଶୁ ସାହିତ୍ୟ ବିକାଶ ପରିଷଦର ଶୀତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହାଡ଼ିବନ୍ଧୁ ମାଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରରେ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, କାର୍ଯ୍ୟକାରୀ ସଭାପତି ବିଜୟଚନ୍ଦ୍ର ନନ୍ଦ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ସଂଯୋଜିକା ଭାବରେ କବୟିତ୍ରୀ ପଦ୍ମିନୀ ମିଶ୍ର ମଞ୍ଚାସିନ ଥିଲେ। ସାଧାରଣ ସମ୍ପାଦକ ଶ୍ରୀପଲ୍ଲବ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସଭାପତି ଶ୍ରୀମାଳି ଶିଶୁ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟର ସ୍ୱନକ୍ଷତ୍ର ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କବୟିତ୍ରୀ ଜ୍ୟୋସ୍ନାମୟୀ ପ୍ରଧାନ, ପ୍ରେମଶିଳା ନନ୍ଦ ଏବଂ ଶଙ୍କର୍ଷଣ ତ୍ରିପାଠୀ ଭଜନ ପରିବେଷଣ କରିଥିଲେ। ବରିଷ୍ଠ ସଂଯୋଜିକା କବୟିତ୍ରୀ ପଦ୍ମିନୀ




ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଶିଶୁ ସାହିତ୍ୟ ଆସରରେ ଅନୁଷ୍ଠାନର ଉପଦେଷ୍ଟା ଡ. ବିଜୟ ଚନ୍ଦ୍ର ମହାରଣାଙ୍କ ସମେତ ବରିଷ୍ଠ କବି ବିରୁପାକ୍ଷ ଦାଶ, ବଂଶିଧର ସେଠୀ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଶଙ୍କର୍ଷଣ ତ୍ରିପାଠୀ, ଡ଼. ସୁବ୍ରତ କୁମାର ସାହୁ, ପ୍ରେମଶିଳା ନନ୍ଦ, ଜ୍ୟୋସ୍ନାମୟୀ ପ୍ରଧାନ ଓ ଅଧ୍ୟାପକ କୁରେଷ୍ଣୁ ମହାରଣା ପ୍ରମୁଖ କବି ଓ କବୟିତ୍ରୀ ଶୀତ ସମ୍ପର୍କିତ କବିତା ପାଠ କରିଥିଲେ। ଶେଷରେ ବିଜୟ ଚନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

୧୨/୧୨/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୩,୮୯୨/- ସୁନା: ୦୬.୩୦୦ ଗ୍ରାମ୍ ରୁପା: ୩୭.୦୦୦ ଗ୍ରାମ୍





# ଗୁଣ୍ଡିଚା ମନ୍ଦିର ଗର୍ଭଗୃହକୁ ଯିବେନି ଭକ୍ତ

**ପରିଚାଳନା କମିଟିରେ ଆଲୋଚନା ହେବ ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ**

ପୁରୀ,୧୨।୧୨(ସମିସ)

ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ନୀତି ସବ୍ କମିଟି ଏବଂ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଆଲୋଚନା କରାଯାଇଛି। ତେବେ ଏ ସଂକ୍ରାନ୍ତରେ ମୁଖ୍ୟ ପ୍ରଶାସକ ଡ. ପାଢୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବୈଠକରେର ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ନିମନ୍ତେ ଆଲୋଚନା କରାଯାଇଥିଲା। ଏଥିପାଇଁ ଏକ ଚିଠା ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଏ ବିଷୟରେ ପ୍ରମୁଖ ସେବାୟତ ନିଯୋଗର ପରାମର୍ଶ ନିଆଯିବ। ସେମାନଙ୍କ ପରାମର୍ଶ ଆଧାରରେ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ସେହିପରି ବୈଠକରେ ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ଉପରେ ଆଲୋଚନା ହୋଇଥିଲା। ଏଥିପାଇଁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ମାଧ୍ୟମରେ ପ୍ରସ୍ତାବ ମଗାଯାଇଛି। କିନ୍ତୁ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମ ପାଇଁ ଉଭୟେ ବୈଠକରେ ଅନୁପସ୍ଥିତ ଥିଲେ। ସେମାନେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ଯେଉଁ ପ୍ରସ୍ତାବ ଆଣିବେ ତାହା ପରିଚାଳନା କମିଟିରେ ଉପସ୍ଥାପନ କରାଯିବ।

ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ଯେଉଁ ପ୍ରକ୍ରିୟା ଚାଲିଛି ତା' ଉପରେ ସମସ୍ତେ ଖୁସିବ୍ୟକ୍ତ କରିଛନ୍ତି। କିନ୍ତୁ ଗର୍ଭଗୃହକୁ କେହି ପ୍ରବେଶ କରିବେ ନାହିଁ ବୋଲି ସେବାୟତମାନେ ପରାମର୍ଶ ଦେଇଛନ୍ତି। ସଂରକ୍ଷଣ କାର୍ଯ୍ୟ ସରିଲେ ସୁରକ୍ଷିତ ଢଙ୍ଗରେ ଭକ୍ତ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିପାରିବେ। ଏଥିପାଇଁ ଯେଉଁ ଟିକେଟ୍ ମୂଲ୍ୟ ରଖାଯାଇଛି ତାହାକୁ ସମସ୍ତେ ସ୍ୱାଗତ କରିଥିଲେ।

ରତ୍ନଭଣ୍ଡାର ଗଣତି ମଣତି ନେଇ ଏକ ଚିଠା ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି। ରତ୍ନଭଣ୍ଡାର ସବ୍ କମିଟି, ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟି ଏବଂ ସରକାରଙ୍କ ଅନୁମୋଦନ ପରେ ଗଣତି ମଣତି କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ।

● ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

## ଓପିଡି ଟିକଟ ପାଇଁ 'ତୁରନ୍ତ'ର ଶୁଭାରମ୍ଭ

ପୁରୀ,୧୨।୧୨(ସମିସ): ସ୍ଥାନୀୟ ଡିଆର୍‌ଡିଏ ସଭା ଗୃହରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବାକୁ ଉନ୍ନତ କରିବା ପାଇଁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ବାହ୍ୟ ରୋଗୀଙ୍କ ପଞ୍ଜୀକରଣ ନିମନ୍ତେ ଶୁକ୍ରବାର ଏକ ମୋବାଇଲ୍ ଭିତ୍ତିକ ଆପ୍ 'ତୁରନ୍ତ'କୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁଭାରମ୍ଭ କରିଛନ୍ତି। ଏଥିରେ ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଡିଏସ୍‌ଡବ୍ଲ୍ୟୁଓ ତନୁପ୍ରଭା ବେଉରା, ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ଗୋଟିଏ ଡିଜିଟାଲ ସମାଧାନ, ଯାହା ରୋଗୀଙ୍କ ପଞ୍ଜୀକରଣକୁ ସହଜ କରିବା ସହିତ ସୁଚିନ୍ତିତ ଓ ଶୃଙ୍ଖଳାବଦ୍ଧ କ୍ୟୁ ପରିଚାଳନାକୁ ସୁନିଶ୍ଚିତ କରିବାରେ ସହଯୋଗ କରିବ। ଏହା ଆପ୍ ମାଧ୍ୟମରେ ଜନସାଧାରଣ ଘରେ ବସି ବିନା ବାଧାରେ ଓପିଡି ଟିକେଟ କରିପାରିବେ ଓ ଏହା ଗୁଗୁଲ ପ୍ଲେ ଷ୍ଟୋରରେ ଉପଲବ୍ଧ। ଆଗଭଳି ଲମ୍ବା ଲାଇନ୍‌ରେ ଛିଡ଼ା ହେବାକୁ ପଡିବ ନାହିଁ। ଆପ୍‌ର ଶୁଭାରମ୍ଭ ବେଳେ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଏଥିସହିତ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରି ଥିଲେ।

## ବେଦପାଠ ଓ ଗୀତା ପ୍ରତିଯୋଗିତା

ପୁରୀ,୧୨।୧୨(ସମିସ): ପୁରୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାମାଜିକ ଅନୁଷ୍ଠାନ ମିତ୍ରସଂଘର ରୌପ୍ୟ ଜୟନ୍ତୀ ଉପଲେକ୍ଷ ଶୁକ୍ରବାର ନବକଳେବର ରୋଡସ୍ଥିତ ଆଖଣ୍ଡଳମଣି ମିତ୍ରସଂଘ କାର୍ଯ୍ୟାଳୟ ପରିସରରେ ବେଦପାଠ ଓ ଗୀତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଅରୁଣ କୁମାର ମିଶ୍ର ବେଦପାଠ ଓ ଗୀତାରେ ବିଚାରକ ଭାବେ ଉପସ୍ଥିତ ଥିଲେ। ସୋଲାଖିଆ ନିକଟସ୍ଥ ବେଦଭବନ ପାଠଶାଳା, ପାପୁଡ଼ିଆ ମଠ, ନିଗମାନନ୍ଦ ବେଦ ଶିକ୍ଷାକେନ୍ଦ୍ର ଓ ବିଭିନ୍ନ ବେଦ ବିଦ୍ୟାଳୟର ବେଦ ବିଦ୍ୟାର୍ଥୀମାନେ ବେଦପାଠ ଓ ଗୀତା ପାଠ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବେଦପାଠର ଜୁନିୟର ବର୍ଗରେ ରୁଦ୍ରପ୍ରସାଦ ରଥ ପ୍ରଥମ, ନାରାୟଣ ପାଢ଼ୀ ଦ୍ୱିତୀୟ, ଶୁଭମ ପାଢୀ ତୃତୀୟ ଓ ସିନିୟର ବର୍ଗରେ ଶୁଭ୍ରାଂଶୁ ଶେଖର ଦାଶ ପ୍ରଥମ, ସତ୍ୟଜିତ ପାଢୀ ଦ୍ୱିତୀୟ ଓ ସତ୍ୟରଞ୍ଜନ ତାଳଧି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗୀତାରେ ଶୁଭ୍ରାଂଶୁ ଶେଖର ଦାଶ ପ୍ରଥମ, ସ୍ନେହାଶିଷ ଶୁକ୍ଳା ଦ୍ୱିତୀୟ ଓ ଗୁରୁପ୍ରସାଦ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଆବାହକ ଅନନ୍ତ ଶତପଥୀ, ସଭାପତି ସୁବାସିନୀ ଶତପଥୀ, ସମ୍ପାଦକ ରାଜୀବ କୁମାର ମହାପାତ୍ର, ସହ ସମ୍ପାଦକ ସସ୍ମିତା ଶତପଥୀ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ପଣ୍ଡିତ ମୃତ୍ୟୁଞ୍ଜୟ ପାଣି ସଂଯୋଜନା କରିଥିଲେ। ଜଗଜିତ୍ ବିଶୋଇ, ସ୍ମୃତିରଞ୍ଜନ ପାଲ, ଏସ୍. ପିଣ୍ଟୁ ପ୍ରମୁଖ ସହଯୋଗ କରିଥିଲେ।

## 'ଅର୍ଥ ଓ ସ୍ୱାର୍ଥ ବିଯୁକ୍ତ ସେବା ହିଁ ସମର୍ପଣ'

ପୁରୀ,୧୨।୧୨(ସମିସ): ଅର୍ଥ ଓ ସ୍ୱାର୍ଥ ବିହୀନ ସେବା କରି ଓଡ଼ିଶାରେ ଉତ୍କଳମଣି ଗୋପବନ୍ଧୁ ସୃଷ୍ଟି ହୁଅନ୍ତୁ। ସେବାରେ ସମର୍ପଣ ଭାବ ରଖି ସମାଜର ସୁଖଦୁଃଖରେ ଭାଗିଦାର ହୁଅନ୍ତୁ ଓ ରକ୍ତଦାନ, ବୃକ୍ଷରୋପଣ, ସ୍ୱଚ୍ଛତା ଏବଂ ଗରିବର ସେବା ସମର୍ପଣ ଅନୁଷ୍ଠାନର ଧ୍ୟେ ହେଉ ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ଅନୁଷ୍ଠାନର ସଭାପତି ପ୍ରଫେସର ଅଭିମନ୍ୟୁ ଭୂୟାଁଙ୍କ ଅଧ୍ୟକ୍ଷତା ଓ ସମ୍ପାଦିକା ଜୟନ୍ତୀ ମହାପାତ୍ରଙ୍କ ପରିଚାଳନାରେ ସମର୍ପଣ ଅନୁଷ୍ଠାନ ପକ୍ଷରୁ "ସେବା ଓ ସମର୍ପଣ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସେଠୀ ସେବା ସମ୍ପର୍କରେ ଅନେକ ଉଦାହରଣ ଦେଇ ସମବେତ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହୋଟେଲ ଆସୋସିଏଶନର ପ୍ରମୁଖ ରାଜକିଶୋର ପାତ୍ର ଓ ବିଭୂଦତ୍ତ ସୁବୁଦ୍ଧି, ବଦ୍ରି ମିଶ୍ର, ସାମ୍ବାଦିକ ମଧୁସୂଦନ ମିଶ୍ର, ଶିଳ୍ପପତି ଶିବ ନାରାୟଣ ସେନାପତି ଓ ଗୋବିନ୍ଦ ପାତ୍ର, ହାଇକୋର୍ଟର ବରିଷ୍ଠ ଅଧିବକ୍ତା ରଶ୍ମୀରଞ୍ଜନ ଦାଶ ଯୋଗଦେଇ ଆଗାମୀ ଦିନ ପାଇଁ ଅନୁଷ୍ଠାନର କାର୍ଯ୍ୟପନ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କେଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ସାଗରିକା ରଥ, ଅଜୟ ପ୍ରଧାନ, ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ। ଆଗାମୀ ଫେବୃଆରୀରେ ସମର୍ପଣ ଏକ ଜିଲ୍ଲାସ୍ତରୀୟ ସମାବେଶ ଅନୁଷ୍ଠିତ ହେବ ବୋଲି ସମ୍ପାଦିକା ଶ୍ରୀମତୀ ମହାପାତ୍ର ପ୍ରକାଶ କରିଛନ୍ତି।

## ବେଦ ସଂଗୋଷ୍ଠୀ ଉଦ୍‌ଘାଟିତ



ପୁରୀ,୧୨।୧୨(ସମିସ)

ଅରୋଜ୍ୟୋତି ଟ୍ରଷ୍ଟ ପୁରୀ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ମିଳିତ ଆନୁକୂଲ୍ୟରେ ବେଦ ରହସ୍ୟ ଶୀର୍ଷକ ଦ୍ୱିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ସଦାଶିବ ପରିସରର ନିର୍ଦ୍ଦେଶକ ଜ୍ୟୋତିର୍ବିଦ୍ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅରୋଜ୍ୟୋତି ଟ୍ରଷ୍ଟ ପୁରୀର ମୁଖ୍ୟ ଡ. ବିପିନାନନ୍ଦ ମିଶ୍ର ସଂଗୋଷ୍ଠୀର ପ୍ରସ୍ତାବନା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ଆବାହକ ତଥା ମହର୍ଷି ସାନ୍ଦିପନୀ ବେଦବିଦ୍ୟା ପ୍ରତିଷ୍ଠାନ ଉଜ୍‌ଜୈନର ପୂର୍ବ ଉପାଧ୍ୟକ୍ଷ ପ୍ର. ପ୍ରଫୁଲ୍ଲ କୁମାର ମିଶ୍ର ସଂଗୋଷ୍ଠୀର ଆଭିମୁଖ୍ୟ ତଥା ବୈଦିକ ସାହିତ୍ୟର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ସେହିପରି ମୁଖ୍ୟବକ୍ତା ରୂପେ ଆନ୍ତଃରାଷ୍ଟ୍ରୀୟ ଶିକ୍ଷଣ ସଂସ୍ଥାନ ପଣ୍ଡିଚେରୀର ପ୍ରଫେସର ମଧୁସୂଦନ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ଦ୍ୱାରା ବିରଚିତ ପୁସ୍ତକ ଦ ସିକ୍ରେଟ ଅଫ୍ ଦ ବେଦର ସାରତତ୍ତ୍ୱ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ରୂପେ ସତ୍ୟବାଦୀସ୍ଥିତ ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ବେଦର ଅନ୍ତର୍ନିହୀତ ତତ୍ତ୍ୱ ଏବଂ ବେଦର ସାମାଜିକ ଉପଯୋଗିତା ବିଷୟରେ ଆଲୋଚନା କରିଥିଲେ।

ଏହି ଦ୍ୱିଦିବସୀୟ ସଂଗୋଷ୍ଠୀରେ ଦେଶର ବିବିଧ ପ୍ରାନ୍ତରୁ ବହୁ ଆଲୋଚକ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଅରୋଜ୍ୟୋତି ଟ୍ରଷ୍ଟର ସକ୍ରୀୟ କାର୍ଯ୍ୟକର୍ତ୍ତା ନବକେତନ ମହାନ୍ତି ଧନ୍ୟବାଦ ଦେଇଥିବା ବେଳେ କାର୍ଯ୍ୟକ୍ରମର ସହ ସଂଯୋଜକ ଡ. ବେଣୁଧର ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ପ୍ରିୟରଞ୍ଜନ ରଥଙ୍କ ସଂଯୋଜନାରେ ସଂଗୋଷ୍ଠୀର ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

● ବାୟୋମେଟ୍ରିକ୍ ବ୍ୟବସ୍ଥା ନାହିଁ

## ବିଇଓ ଅଫିସ୍‌କୁ ମନଇଛା ଆସୁଛନ୍ତି ବାବୁ

ପୁରୀ, ୧୨।୧୨ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରହିଛି ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ। ହେଲେ ଦୀପ ତଳ ଅନ୍ଧାର ଭଳି ବିଇଓ ଅଫିସରେ ନାହିଁ ବାୟୋମେଟ୍ରିକ ବ୍ୟବସ୍ଥା। ଫଳରେ କିଏ କେତେବେଳେ ଆସୁଛନ୍ତି ଏବଂ ଯାଉଛନ୍ତି ତାହାର କିଛି ଠିକ୍ ଠିକଣା ନାହିଁ। ଏହା ନିଶ୍ଚିତ ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ସରକାରୀ ଅଧିକାରୀ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବା ଲାଗି ତାଗିଦ୍ କରିଛନ୍ତି। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି ସଦର ବିଇଓ ଅଫିସରରେ। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟା ସୁଦ୍ଧା ମାତ୍ର ୨ ଜଣ କର୍ମଚାରୀ ଆସିଥିଲେ। ଶ୍ରୀ ମହାନ୍ତି ଅନ୍ୟ ଅଫିସରମାନେ କୁଆଡ଼େ ଗଲେ, ଏ ପର୍ଯ୍ୟନ୍ତ ଆସିନାହାନ୍ତି କାହିଁକି ବୋଲି ପଚାରିବାରୁ ତାଙ୍କୁ କୌଣସି ଉତ୍ତର ମିଳି ନ ଥିଲା। ତେଣୁ ସେ ବାୟୋମେଟ୍ରିକ ମେସିନ କେଉଁଠି ଲଗାଯାଇଛି ବୋଲି ଖୋଜିଥିଲେ। କିନ୍ତୁ ପ୍ରବେଶ ପଥରେ ପାଇ ନ ଥିଲେ। ସବୁଠୁ ଉଦ୍‌ବେଗ ବିଷୟ ହେଉଛି ସଦର ବିଇଓଙ୍କର ଗତ ୩୦ ତାରିଖରେ ଅବସର ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ନୂଆ ବିଇଓଙ୍କ ନିଯୁକ୍ତି ହୋଇନାହିଁ। ସରକାର ଓ ପୁରୀ ଜିଲ୍ଲା ଶିକ୍ଷାଧିକାରୀ କ'ଣ କରୁଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ଯଦି ୧୦ ଦିନ ହେଲା ବିଇଓ ପଦବୀ ଖାଲି ରହିବ ତେବେ ପିଲାଙ୍କ ପାଠପଢ଼ା ପ୍ରତି ସରକାର କେତେ ସଚେତନ ତାହା ଏଥିରୁ ସହଜେ ଅନୁମେୟ। ସେହିପରି ପୁରୀ ଜିଲ୍ଲା ଶିକ୍ଷକମାନଙ୍କ ବଦଳିରେ ବ୍ୟାପକ ଅନିୟମିତତା ହୋଇଥିବା ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ତେଣୁ ଏ ସବୁ ପ୍ରସଙ୍ଗକୁ ଗୁରୁତର ସହ ନେଇ ଜିଲ୍ଲାପାଳ ତୁରନ୍ତ ବିଇଓ ପଦବୀ ପୂରଣ ସହ ବାୟୋମେଟ୍ରିକ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଯଦି ଏହା ପୂରଣ ନ କରାଯାଏ ତେବେ ଆପ୍ କର୍ମୀ ବିଇଓଙ୍କ ଅଫିସ ସାମ୍ନାରେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି।



## ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ ଉତ୍ସବ



ପୁରୀ,୧୨।୧୨(ସମିସ): ସ୍ଥାନୀୟ ହେରା ଗୋହିରୀ ସାହିସ୍ଥିତ ଚନ୍ଦ୍ରଶେଖର ପାଠାଗାର ପରିସରରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ୧୯୧ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପୁଷ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ପ୍ରସନ୍ନ କୁମାର ନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଥିଲେ, ବରପୁତ୍ର ମୁକ୍ତେଆର ରାମଚନ୍ଦ୍ର ଦାଶଙ୍କ ଦ୍ୱାରା ୧୮୯୯ ଉତ୍କଳ ବ୍ରାହ୍ମଣ ସମିତି ଆରମ୍ଭ କରି ଗରିବ ବ୍ରାହ୍ମଣ ଛାତ୍ରଙ୍କୁ ଏଠାରେ ରଖି ଉଚ୍ଚଶିକ୍ଷା ପ୍ରାପ୍ତିର ସୁଯୋଗ ପ୍ରଦାନ କରିଥିଲେ। ସାମନ୍ତ ଚନ୍ଦ୍ରଶେଖରଙ୍କ ଦେହାନ୍ତ ପରେ ୧୯୧୧ରେ ଚନ୍ଦ୍ରଶେଖର ପାଠାଗାର ଆରମ୍ଭ ହୋଇଥିଲା। ପୁରୀ ସହରର ବହୁ ବରେଣ୍ୟ ମହାମନୀଷୀ ଗୋପାଳଚନ୍ଦ୍ର ପ୍ରହରାଜ, ହରିହର ଦାଶ ଶାସ୍ତ୍ରୀ, ପଣ୍ଡିତ ସଦାଶିବ ମିଶ୍ର, ଡା. ମହାଦେବ ମିଶ୍ର, ଆର୍ତ୍ତବନ୍ଧୁ ଦାଶଙ୍କ ନିରବଚ୍ଛିନ୍ନ ଉଦ୍ୟମରେ ଏହି ପାଠାଗାର ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ପାଠାଗାରରେ ପରିଣତ ହୋଇପାରିଥିଲା। ଏହି ଉତ୍ସବରେ ଜ୍ୟୋତିର୍ବିଦ୍ ବୈକୁଣ୍ଠନାଥ ନାୟକ ଓ ଜ୍ୟୋର୍ତିବିଦ୍ ଦୟାନିଧି ପଣ୍ଡା ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରଣୀତ ଜ୍ୟୋତିଷ ଶାସ୍ତ୍ର "ସିଦ୍ଧାନ୍ତ ଦର୍ପଣ' ସମ୍ବର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ପୁରୀ ପୌରାଞ୍ଚଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମୁହ ମଧ୍ୟରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ୱଙ୍ଗ ପ୍ରକାଶ ସାହୁ, ସ୍ମୃତିରଞ୍ଜନ ସାହୁ, ଅକ୍ଷିତା ସୁନୟନୀ ବଳ ଓ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପୁରସ୍କାର ଓ ଭୁବନେଶ୍ୱର ମିଶ୍ର ସ୍ମୃତି ପୁରସ୍କାର ଓ ରମାମଣି ସ୍ମୃତି ପୁରସ୍କାର ବାବଦରେ ମାନପତ୍ର ଓ ନଗଦ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା।

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀ ଓ ପାଠାଗାରକୁ ସର୍ବାଧିକ ଦିନ ଆସିଥିବା ୩ ଜଣ ପାଠକ ପାଠିକାଙ୍କୁ ପୁରସ୍କୃତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ଦେବାନନ୍ଦ ମିଶ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାପତିଙ୍କ ଭାଷଣ ପରେ କାର୍ଯ୍ୟକାରୀ ସଦସ୍ୟ ସ୍ୱାଧୀନ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ

ପୁରୀ,୧୨।୧୨(ସମିସ): ପୁରୀ ଜିଲ୍ଲା ସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ପୁରୀ ଜିଲ୍ଲା ସଦର ବ୍ଲକ୍‌ର ରାମହରି ନୋଡାଲ ବିଦ୍ୟାପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୭୭ ଟି ପ୍ରକଳ୍ପ ସାମିଲ୍ ହୋଇଥିଲା। ଏଥିମଧ୍ୟରୁ ୭ ଟି ବିଭାଗରୁ ୭ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲା। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପିପିଲିର ମାନ୍ୟବର ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦାନ କରି ଛାତ୍ରଛାତ୍ରୀ ପ୍ରକଳ୍ପ ଗଠନ କରିବା ଦ୍ୱାରା ସେମାନଙ୍କ ଜିଜ୍ଞାସା ବୃଦ୍ଧି ପାଇବା ସହିତ ସେମାନେ ନୂଆ ନୂଆ ସୃଷ୍ଟି କରି ଦେଶ ଓ ଜାତିକୁ ଆଗେଇ ନେଇଥାନ୍ତି ବୋଲି ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ବିଇଓ, ଡେଲାଙ୍ଗ ଶତ୍ରୁଘ୍ନ ପରିଡ଼ା, ବିଇଓ, ପିପିଲି, ପୀତବାସ ସେଠୀ, ପ୍ରଧାନ ଶିକ୍ଷକ ସୁଶୀଲ କୁମାର ମହାପାତ୍ର,




ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ଦ୍ୱାରା ପିଲାମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଏହାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଠାଣି ସାମନ୍ତ ପ୍ଲାନେଟରିୟମ୍‌ର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡଃ ଶୁଭେନ୍ଦୁ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଅନୁଗୁଳ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ଉପସ୍ଥିତ ଥିଲେ। ବିଜ୍ଞାନ ପ୍ରଦର୍ଶନୀକୁ ପୁରୀ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀକୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ସାମଗ୍ରିକ ଭାବେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ନିର୍ଦ୍ଦେଶନା ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ହରିହର ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବନ୍ଦିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାମଚଣ୍ଡୀରେ ୱସ୍‌ୱାଲୀ ଉଦ୍‌ଘାଟିତ

● ସ୍କୁବା କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ
● ୧୨ କୋଟି ଟଙ୍କାରେ 'ସନ୍ତରଣ ଶିକ୍ଷା ଓ ଲାଇଫ୍‌ଗାର୍ଡ' ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠିତ
● ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କ୍ଷେତ୍ରରେ ନୂଆ ପରିଚୟ ସୃଷ୍ଟି କରିବ

ପୁରୀ,୧୨।୧୨(ସମିସ): ଓଡ଼ିଶାର ଉପକୂଳ ସୁରକ୍ଷା, ଜଳ ଦକ୍ଷତା (ୱାଟର ମ୍ୟାନସିପ୍) ଏବଂ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତାକୁ ସୁଦୃଢ଼ କରିବା ଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କୋଣାର୍କ ନିକଟସ୍ଥ ରାମଚଣ୍ଡୀଠାରେ ଓଡ଼ିଶା ୱାଟରମ୍ୟାନସିପ୍ ଏବଂ ଲାଇଫ୍‌ଗାର୍ଡ ପ୍ରତିଷ୍ଠାନ (ୱସ୍‌ୱାଲୀ) ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ରାଜ୍ୟରେ ଉନ୍ନତ ଅଣ୍ଡରୱାଟର ଉଦ୍ଧାର ତାଲିମକୁ ବ୍ୟାପକ କରିବା ପାଇଁ ପରିକଳ୍ପିତ ଅତ୍ୟାଧୁନିକ ସ୍କୁବା କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରାଯାଇଛି। ସେହିପରି ଓଡ଼ିଶା ପର୍ଯ୍ୟଟନ, ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ଏନ୍‌ଆଇଡବ୍ଲ୍ୟୁଏସ୍ ଗୋଆ ମଧ୍ୟରେ ଜଳ କ୍ରୀଡ଼ା ସୁରକ୍ଷା ମାନକ ବିକଶିତ କରିବା, ବୃତ୍ତିଗତ ଲାଇଫ୍‌ଗାର୍ଡ ତାଲିମ ପରିଚାଳନା କରିବା, କ୍ଷମତା ବୃଦ୍ଧି କରିବା ଏବଂ ରାଜ୍ୟରେ ଦୁଃସାହସିକ ଓ ଉପକୂଳ ପର୍ଯ୍ୟଟନର ପରିସରକୁ ବୃଦ୍ଧି କରିବା ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ଓ ଜୀବନ ରକ୍ଷା କୌଶଳ ଏବଂ ଉପକୂଳବର୍ତ୍ତୀ ଜରୁରୀକାଳୀନ ପ୍ରସ୍ତୁତି ଉପରେ ଆଧାରିତ ଚମତ୍କାର ୱାଟରମ୍ୟାନସିପ୍ ଶୋ ପ୍ରଦର୍ଶନ କରାଯାଇଥିଲା। ଏହି ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଳ ସୁରକ୍ଷା, ଲାଇଫ୍‌ଗାର୍ଡ ତାଲିମ ଏବଂ ଉପକୂଳବର୍ତ୍ତୀ ସହନଶୀଳତା ପାଇଁ ୱସ୍‌ୱାଲୀ ପ୍ରତିଷ୍ଠାନ ଏକ ଉତ୍ସର୍ଗୀକୃତ ଜାତୀୟ ତଥା ଅନ୍ତର୍ଜାତୀୟ କେନ୍ଦ୍ର ଭାବେ ଉଭା ହେବ। ପ୍ରାକୃତିକ ବିପର୍ଯ୍ୟୟ ତଥା ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହେଉଥିବା ବର୍ଦ୍ଧିତ ବିପଦକୁ ମୁକାବିଲା କରିବା ପାଇଁ ଓଡ଼ିଶାର କ୍ଷମତାକୁ ବୃଦ୍ଧି କରିବ। ଓଡିଶାର ଅଗ୍ନିଶମ ବିଭାଗ ନେତୃତ୍ୱାଧୀନ ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥା ଗତ କିଛିବର୍ଷ ମଧ୍ୟରେ ସାରା ଦେଶରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛି। ଆଜି ଏଠାରେ ଯେଉଁ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ହୋଇଛି ତାହା ଦେଶର ଅଗ୍ନିଶମ ବାହିନୀ, କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ, ଏନ୍‌ଡିଆରଏଫ୍ ଓ ବିଭିନ୍ନ ରାଜ୍ୟରେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାମରେ ନିଯୁକ୍ତ ପୁଲିସ, ଗୃହରକ୍ଷୀ ଓ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦେବ। ନୌସେନା ବାହାରେ, ଏ କ୍ଷେତ୍ରରେ ଏହା ଦେଶର ପ୍ରଥମ ପ୍ରତିଷ୍ଠାନ। ତେଣୁ ଏହାକୁ ଆମେ ଏକ ଜାତୀୟସ୍ତରର ପ୍ରଶିକ୍ଷଣ କେନ୍ଦ୍ର ଭାବେ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ପ୍ରତିଷ୍ଠାନର ମୂଳ ଉଦ୍ଦେଶ୍ୟ ହେଉଛି ବିପର୍ଯ୍ୟୟରେ ଧନ ଜୀବନ ବଞ୍ଚାଇବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୧୨ କୋଟି ଟଙ୍କା ଖର୍ଚ୍ଚରେ ଏହି 'ସନ୍ତରଣ ଶିକ୍ଷା ଓ ଲାଇଫ୍ ଗାର୍ଡ' ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଚଳିତ ବଜେଟରେ ବୁଡାଳୀ ପ୍ରଶିକ୍ଷଣ



ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଆଉ ଅଧିକ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମାଧ୍ୟମରେ ଏହି ବୁଡାଳୀ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ଭିତ୍ତି ପ୍ରସ୍ତର ଦିଆଗଲା। ଏହି ନୂଆ ପ୍ରକଳ୍ପର କାମ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନକୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରଶିକ୍ଷଣ କେନ୍ଦ୍ର ଆମ ରାଜ୍ୟର ସମ୍ମାନ ବୃଦ୍ଧି କରିବ। ଆମ ରାଜ୍ୟକୁ ଦେଶରେ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କ୍ଷେତ୍ରରେ ଏକ ଉଦାହରଣ ଭାବେ ନୂଆ ପରିଚୟ ଦେବ। ଅନ୍ୟ ରାଜ୍ୟର କର୍ମଚାରୀମାନେ ଏଠାକୁ ଆସିବେ ଓ ଓଡିଶାର ବିପର୍ଯ୍ୟୟ ପରିଚାଳନା ମଡେଲରୁ ଶିଖିବେ। ବର୍ତ୍ତମାନ ଆମ ଗହଣରେ ନାଗାଲାଣ୍ଡ, ଉତ୍ତରାଖଣ୍ଡ, ବିହାର, ଉତ୍ତରପ୍ରଦେଶରୁ ଆସିଥିବା ପ୍ରଶିକ୍ଷାର୍ଥୀ ଅଛନ୍ତି। ନିକଟରେ ଆମ ପ୍ରତିଷ୍ଠାନ ଏନ୍‌ଡିଆରଏଫ୍ କର୍ମଚାରୀଙ୍କୁ ବୁଡାଳୀ ପ୍ରଶିକ୍ଷଣ ଓ ନୌସେନା କର୍ମଚାରୀଙ୍କୁ ନିଆଁ ଲିଭାଇବା ପ୍ରଶିକ୍ଷଣ ଦେଇଛନ୍ତି। ଓଡ଼ିଶାରେ ଅନ୍ୟ ରାଜ୍ୟର ଓ ରାଷ୍ଟ୍ରୀୟ ସଂସ୍ଥାର କର୍ମଚାରୀ ପ୍ରଶିକ୍ଷଣ ନେବା ନିଶ୍ଚିତ ରୂପେ ଏକ ଗର୍ବର ବିଷୟ। ଯେହେତୁ ଏହି ପ୍ରତିଷ୍ଠାନ ଗୁଡିକ ଜାତୀୟ ମାନ୍ୟତା ପାଇଛନ୍ତି, ସେଗୁଡିକୁ ଯତ୍ନର ସହ ଆଗକୁ ବଢେଇବା ଆମ ସମସ୍ତଙ୍କର ଦାୟିତ୍ୱ। ଆଜିର ଦିନଟି ଆଉ ଗୋଟିଏ ଦିଗରୁ ମଧ୍ୟ ଐତିହାସିକ। ସମଗ୍ର ଦେଶରେ ପ୍ରଥମଥର ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଅଗ୍ନିଶମ ବିଭାଗ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି।

ପର୍ଯ୍ୟଟନ ବିଭାଗ ଏହି କେନ୍ଦ୍ରକୁ ଦୁଇଟି ଉପାୟରେ ବ୍ୟବହାର କରିବ। ପ୍ରଥମ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ହୋଟେଲ ଇତ୍ୟାଦିରେ ନିଯୁକ୍ତ ଲାଇଫ୍‌ଗାର୍ଡମାନଙ୍କର ପ୍ରଶିକ୍ଷଣ କରାଇବେ। ଦ୍ୱିତୀୟରେ ଏଠାରେ ଦୁଃସାହସିକ ଜଳକ୍ରୀଡାର ସୁବିଧା ଯୋଗାଇବା। ଏଠି ଥିବା ସ୍କୁବା ପ୍ରଶିକ୍ଷଣ ବ୍ୟବସ୍ଥାକୁ ବ୍ୟବହାର କରି ପର୍ଯ୍ୟଟକଙ୍କୁ ସ୍କୁବା ଅନୁଭୂତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତ୍‌ସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପର୍ଯ୍ୟଟନ ସଚିବ ଡ. ବଲବନ୍ତ ସିଂହ, ପୁଲିସ ଡିଆଇଜି ଡ. ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁଲିସ୍ ହାଉସିଙ୍ଗ୍ କର୍ପୋରେଶନର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଧନ୍ୟବାଦ ଦେଇଥିଲେ।







# ଏସ୍‌ୟୁସିଆଇ ପକ୍ଷରୁ ଦାବି ସପ୍ତାହ ଓ ବିକ୍ଷୋଭ




**କଟକ, ୧୨।୧୨(ସମିସ):** ରାଜ୍ୟ ବ୍ୟାପୀ ଦାବି ସପ୍ତାହ ପାଳନ ଉପଲକ୍ଷେ କଟକ ଜିଲ୍ଲାପାଳଙ୍କ ଅଫିସ ନିକଟରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିକ୍ଷାନୁଷ୍ଠାନ ଓ କର୍ମକ୍ଷେତ୍ର ସମେତ ସର୍ବତ୍ର ନାରୀ ନିର୍ଯାତନା ବନ୍ଦ କରିବା, ଔଷଧ, ଖାଦ୍ୟ ସାମଗ୍ରୀ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ ହ୍ରାସ କରିବା, ବିଦ୍ୟୁତ ସେବାକୁ ଘରୋଇକରଣ ବନ୍ଦ ଆଦି ୧୩ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏସ୍‌ୟୁସିଆଇ(ସି) କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ସଂଗଠକ ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର, ପ୍ରିୟଦର୍ଶନ ପାଭେଲ, ଅକ୍ଷୟ ରାଉଳ, ସିପ୍ରା ମହାନ୍ତି, ସ୍ୱାଧିନୀ ବେହେରା, ଜ୍ୟୋତ୍ସ୍ନାରାଣୀ ଦାସ, ଝରଣା ଦାସ ଆନ୍ଦୋଳନରେ ଉପସ୍ଥିତ ଥିଲେ।

# ଶୈଳବାଳା ମହିଳା ମହାବିଦ୍ୟାଳୟକୁ 'ବିଶ୍ୱବିଦ୍ୟାଳୟ' ମାନ୍ୟତା ଦାବି

**କଟକ, ୧୨।୧୨(ସମିସ):** କଟକସ୍ଥିତ ପ୍ରସିଦ୍ଧ ଶୈଳବାଳା ମହିଳା ମହାବିଦ୍ୟାଳୟକୁ 'ବିଶ୍ୱବିଦ୍ୟାଳୟ' ମାନ୍ୟତା ଦେବାକୁ ବିଭିନ୍ନ ମହଲରେ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥି ପ୍ରତି ଧ୍ୟାନ ଦେଉନଥିବାରୁ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଏଥିନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ମହାବିଦ୍ୟାଳୟର ପରିସୀମାକୁ ସଙ୍କୁଚିତ କରିଦିଆଯାଇଛି। ଏକ ପ୍ରେସ୍ ବିବୃତ୍ତିରେ ଡା. ରବିରଞ୍ଜନ ସାହୁ ପ୍ରକାଶ କରିଛନ୍ତି ଯେ ୧୯୧୩ରେ ପ୍ରତିଷ୍ଠିତ ଏହି ମହିଳା ମହାବିଦ୍ୟାଳୟ ପରିସରରେ ଥିବା ମଧୁ ସ୍ମୃତି କୋଠା ସହ ଏହାର ସମ୍ମୁଖରେ ଥିବା ଖୋଲା ସ୍ଥାନକୁ ମଧ୍ୟ ହସ୍ତାନ୍ତର ନିମନ୍ତେ ମସୁଧା ଚାଲିଛି। ମହାବିଦ୍ୟାଳୟର ଖେଳ ପଡ଼ିଆ ଓ ନୂତନ ଭାବେ ନିର୍ମିତ ଜି-ପ୍ଲସ ୪ କୋଠାକୁ ଅନ୍ୟ ସଂସ୍ଥା ହାତକୁ ଟେକି ଦେବା ପାଇଁ ଯୋଜନା ଚାଲିଛି। ଏହାଦ୍ୱାରା ଏହି ଐତିହାସିକ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ପରିସୀମା ସଙ୍କୁଚିତ ହୋଇଯିବା ସହ ମହାବିଦ୍ୟାଳୟର ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ହୋଇଯିବ। କାଳ ବିଳମ୍ବ ନ କରି ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା ନିମନ୍ତେ ଡା. ସାହୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଗୁଡ଼ି ଉଡ଼ା ଓ ମାଞ୍ଜା ସୂତା ଉପରେ କଟକଣା ଜାରି

# ନ ମାନିଲେ ଗିରଫ କରିବ ପୁଲିସ



**କଟକ, ୧୨।୧୨(ସମିସ)**

ଆଗାମୀ ମକରସଂକ୍ରାନ୍ତୀ ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ହେବ ଗୁଡ଼ି ଉଡ଼ା ପ୍ରତିଯୋଗିତା। ସହରର ବିଭିନ୍ନ ଅଞ୍ଚଳରେ ଏବେଠାରୁ ଗୁଡ଼ି ଉଡ଼ାଇବା ଜୋରଦାର ଆରମ୍ଭ ହୋଇଗଲାଣି। ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଗୁଡ଼ି ଉଡ଼ାନ୍ତି। ପୂର୍ବବର୍ଷ ବର୍ଷଗୁଡ଼ିକରେ ଏହି ଗୁଡ଼ି ଉଡ଼ା ଯୋଗୁଁ ଅନେକ ଅଘଟଣ ଘଟିଛି। କେତେବେଳେ କାହାର ବେକ କଟିଛି ତ କିଏ ଗାଡିରୁ ପଡ଼ି ଗୁରୁତର ହୋଇଛି। ଏଭଳି ପରିସ୍ଥିତିରେ ନିଷିଦ୍ଧ ମାଞ୍ଜା ସୂତାକୁ କମିଶନରେଟ୍ ପୁଲିସ ସମ୍ପୂର୍ଣ୍ଣ ବାରଣ କରିଥିବା ବେଳେ ବିପଦସଙ୍କୁଳ ସ୍ଥାନରେ ଗୁଡ଼ି ଉଡ଼ାଇବାକୁ ବାରଣ କରାଯାଇଛି। ଶନିବାରଠାରୁ ସହରର ଗୁଡି ଦୋକାନଗୁଡ଼ିକରେ ଚଢଉ କରାଯିବ ବୋଲି ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ପୁଲିସ ପକ୍ଷରୁ ଥାନାୱାରୀ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ବିଭିନ୍ନ ଦୋକାନ ଏବଂ ସ୍ଥାନୀୟ ଅଞ୍ଚଳରେ ମାଞ୍ଜାସୂତା ବ୍ୟବହାର କରି ଗୁଡି ଉଡାଉଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟି ଦେବ ବୋଲି ଏଡିସିପି ଶ୍ରୀ ପଣ୍ଡା କହିଛନ୍ତି। ଯେଉଁମାନେ ନିଷିଦ୍ଧ ମାଞ୍ଜା ସୂତା ବ୍ୟବହାର କରି ବିପଦସଙ୍କୁଳ ସ୍ଥାନରେ ଗୁଡି ଉଡାଇବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ, ଆଗକୁ ସହରରେ ମକରସଂକ୍ରାନ୍ତି ପାଳନ ହେବାକୁ ଥିବା ବେଳେ ଏବେଠାରୁ ସହରରେ ମାଳ ମାଳ ଗୁଡି ଉଡା ଆରମ୍ଭ ହେଲାଣି। ଏପରିକି ଗୁଡି ଉଡା ଲାଗି ମାଞ୍ଜା ସୂତା ଉପରେ ସମ୍ପୂର୍ଣ୍ଣ ଭାବେ କଟକଣା ରହିଛି। ତଥାପି ଏହି ବିପଦଜନକ ମାଞ୍ଜା ସୂତାର ବ୍ୟବହାର ଯୋଗୁଁ ଅନେକ ଲୋକଙ୍କ ପାଇଁ ଏହା କାଳ ସାଜୁଛି। ବହୁ ଲୋକେ ଛାତ ଉପରେ କିମ୍ବା ଜନଗହଳିପୂର୍ଣ୍ଣ ସ୍ଥାନରେ ଛିଡା ହୋଇ ଗୁଡି ଉଡାଇଥାନ୍ତି। ଏପରିକି ଗୁଡି ଉଡାଇବା ଲାଗି ପ୍ରତିଯୋଗିତା ମଧ୍ୟ ବିଭିନ୍ନ ସ୍ଥାନରେ ହୋଇଥାଏ। ଗୁଡି ଉଡାଇବା ବେଳେ ପ୍ରତିପକ୍ଷର ଗୁଡି ସୂତାକୁ କିପରି କଟାଯିବ ଏହା ଉପରେ

> **ନିଷିଦ୍ଧ ପ୍ଲାଷ୍ଟିକ ମାଞ୍ଜା ସୂତାରେ ଗୁଡ଼ି ଉଡ଼ାଇବା ମନା**
>
> **ଆଜିଠୁ ଥାନାୱାରୀ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ଉ କରିବ**

ଗୁରୁତ୍ୱ ଦେଇଥାନ୍ତି। ତେଣୁ ମାଞ୍ଜା ସୂତା ଅଧିକ ଶକ୍ତ ହୋଇଥିବାରୁ ଏହାକୁ ବ୍ୟବହାର କରାଯାଇଥାଏ। ଏହି ସୂତାରେ କ୍ଷତିକାରକ କାଚଗୁଣ୍ଡ ଓ ପ୍ଲାଷ୍ଟିକ୍‌ର ଆବରଣ ରହିଥାଏ। ଯାହା ଅନ୍ୟ ଗୁଡି ସୂତାକୁ କାଟିବାରେ ସହାୟକ ହୋଇଥାଏ। ତେବେ ପ୍ରତିଯୋଗିତା ବେଳେ ଗୁଡି ସୂତା କଟିଯାଉଥିବା ବେଳେ ଏହି ସୂତା ଘର, ଗଛ କିମ୍ବା ରାସ୍ତାର ବିଭନ୍ନ ସ୍ଥାନରେ ଖେଳେଇ ହୋଇ ପଡ଼ିଥାଏ। ଫଳରେ ଯାତ୍ରୀଙ୍କ ଦେହରେ ଏହି ସୁତା ଗୁଡାଇ ହୋଇ କ୍ଷତି ପହଞ୍ଚାଇ ଥାଏ। ଏଥିପ୍ରତି ଏବେଠାରୁ ସିଏମ୍‌ସି, ପୁଲିସ ଓ ପ୍ରଶାସନ ମାଞ୍ଜା ସୂତାକୁ ନିଷିଦ୍ଧ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ପୂର୍ବବର୍ଷ ଗୁଡ଼ିକରେ ପଶ୍ଚିମବଙ୍ଗ ଅଞ୍ଚଳରୁ ମାଞ୍ଜା ସୂତା ଅଣାଯାଇ କଟକର ଚୌଧୁରୀବଜାର ସମେତ କେତେକ ସ୍ଥାନରେ ଏହା ବିକ୍ରି କରାଯାଉଥିବା ଦେଖିବାକୁ ମିଳେ। ଏପରିକି ଅନ୍‌ଲାଇନ୍‌ରେ ମଧ୍ୟ ଏହି ସୂତା ବିକ୍ରି କରାଯାଉଛି। ହେଲେ ଚଳିତ ବର୍ଷ ଏହି କଟକଣାକୁ କଡାକଡି କରାଯାଉଛି। ପ୍ରତ୍ୟେକ ଥାନାକୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ମାଞ୍ଜା ସୂତା, ଗୁଡି ଏବଂ ନଟେଇ ଜବତ କରିବା ନିମନ୍ତେ କୁହାଯାଇଛି।

ଅନ୍ୟପକ୍ଷରେ ୨୦୧୬ ମସିହାରେ ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମାଞ୍ଜା ସୂତାର ବ୍ୟବହାର ଓ ଗୁଡି ଉଡା ଉପରେ କଟକଣା ଲଗାଯାଇଥିଲା। ମାଞ୍ଜା ସୂତାକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରାଯାଇଥିଲା। ଏହି ସୂତା ବିକ୍ରି କଲେ କିମ୍ବା ଗୁଡିରେ ବ୍ୟବହାର କଲେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ନିୟମ ହୋଇଥିଲା। ଏପରିକି ଜନଗହଳି ପୂର୍ଣ୍ଣ ସ୍ଥାନ କିମ୍ବା ଘରର ଛାତ ଉପରେ ଗୁଡି ଉଡା ଉପରେ କଟକଣା ଜାରି କରାଯାଇଥିଲା। ଛାତ ଉପରେ କିମ୍ବା ରାସ୍ତାରେ ଛିଡା ହୋଇ ଗୁଡି ଉଡାଇଲେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଖେଳପଡ଼ିଆ, ନଦୀବାଲି କିମ୍ବା ଫାଙ୍କା ସ୍ଥାନରେ କଟନ ସୂତା ବ୍ୟବହାର କରି ଗୁଡି ଉଡାଇବାକୁ ନିୟମ ହୋଇଥିଲା। ମାତ୍ର ଏହି ନିର୍ଦ୍ଦେଶନାମା ଠିକ୍ ଭାବେ ପାଳନ କରାଯାଉ ନାହିଁ। ବହୁ ବ୍ୟବସାୟୀ ମାଞ୍ଜା ସୂତା ଅବାଧରେ ବିକ୍ରି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୁଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି।

# ଜୀବନ ବୀମା ଅଭିକର୍ତ୍ତା ସଂଘର ସାଧାରଣ ଅଧିବେଶନ

**କଟକ, ୧୨।୧୨(ସମିସ):** ଜୀବନ ବୀମା ଅଭିକର୍ତ୍ତା ସଂଘ, ସିଡିଏ ସେକ୍ଟର-୬, କଟକ ଶାଖା-୧ର ବାର୍ଷିକ ସାଧାରଣ ଅଧିବେଶନ-୨୦୨୫ ଟାଉନ୍ ହଲ୍ ଠାରେ ଶତାଧିକ ଅଭିକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଶାଖାର ସଭାପତି ଗୌତମ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଭାରତୀୟ ଜୀବନ ବୀମାର କଟକ ମଣ୍ଡଳ ପରିଷଦର କାର୍ଯ୍ୟନିର୍ବାହୀ ସଭାପତି ଅରବିନ୍ଦ ଚନ୍ଦ୍ର ଦାସ ଏବଂ ମଣ୍ଡଳର ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିସହ ଜୀବନ ବୀମା ପୂର୍ବତଟ କେନ୍ଦ୍ରୀୟ ପରିଷଦର ଫେଡେରେସନ୍‌ର କାର୍ଯ୍ୟକାରୀ ସଭ୍ୟ ଶରତଚନ୍ଦ୍ର ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶାଖାର ବରିଷ୍ଠ ପ୍ରବନ୍ଧକ ନାରାୟଣ ଚନ୍ଦ୍ର ବେହେରା ବୀମା ଉପରେ ଜିଏସ୍‌ଟି ଉଚ୍ଛେଦ ହେବା ପରେ ତାର ଉଦାରତା ବୀମାଧାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅଭିକର୍ତ୍ତାମାନଙ୍କୁ ନିବେଦନ କରିଥିଲେ। ଉପ-ଶାଖା ପ୍ରବନ୍ଧକ ଜଗନ୍ନାଥ ସିଂହ ବୀମାଧାରୀଙ୍କ ସେବା ପ୍ରଦାନରେ ଉନ୍ନତି ଓ ନୂତନ ବୀମା ଯୋଜନା ବିଷୟରେ ଆଲୋଚନା କରି ମାର୍ଗଦର୍ଶନ କରିଥିଲେ। ଶାଖା-୧ର ସମ୍ପାଦକ ମୌସମ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଅଭିନ୍ନ ଚରଣ ବାରିକ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ଶରତ ଚନ୍ଦ୍ର ପରିଡ଼ାଙ୍କ ତତ୍ତ୍ୱାବଧାନରେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସଞ୍ଚାଳିତ ହୋଇଥିଲା। ଏହି ବୈଠକରେ ଗୌତମ କୁମାର ପଣ୍ଡା ପୁଣି ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ମୌସମ କୁମାର ସାହୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ନେଇଛନ୍ତି। ଅନ୍ୟ ନୂତନ କର୍ମକର୍ତ୍ତାମାନେ ହେଲେ ସମ୍ପାଦକ ଅକ୍ଷୟ କୁମାର ବେହେରା, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ଉପସଭାପତି ଚକ୍ରଧର ମହାନ୍ତି, ବିଷ୍ଣୁଚରଣ ଓଝା ଓ ଅଭିନ୍ନ ଚରଣ ବାରିକ,



ସହକୋଷାଧ୍ୟକ୍ଷ ଚନ୍ଦନ ମହାନ୍ତି, ସହ ସମ୍ପାଦକ ମହମ୍ମଦ ଇର୍ଷାଦ ଓ ସୁଦର୍ଶନ ବେହେରା। ସାଂଗଠନିକ ସମ୍ପାଦିକା ଭାବେ ଶାନ୍ତିଲତା ଶୁକ୍ଲ ଏବଂ ସାଙ୍ଗଠନିକ ସମ୍ପାଦକ ଭାବେ ନୃସିଂହ ଚରଣ ଦାସ, ସଚ୍ଚିଦାନନ୍ଦ ପାତ୍ର ଓ ହର କିଶୋର ପରିଡ଼ା ଦାୟିତ୍ୱ ନେଇଛନ୍ତି। ସତ୍ୟାନନ୍ଦ ପଣ୍ଡା, ଚିତ୍ତରଞ୍ଜନ ମିଶ୍ର, ଡକ୍ଟର ଆଇ. ସୁବ୍ରମଣ୍ୟମ୍, ପଞ୍ଚାନନ ପଳାଇ ଓ ଅଜୟ ମହାପାତ୍ର ଉପଦେଷ୍ଟାମଣ୍ଡଳୀରେ ରହିଥିବା ବେଳେ ମଧୁସ୍ମିତା ଦାଶ, ଅର୍ପିତା ଦାସ, ସୁବ୍ରତ କୁମାର ମହାନ୍ତି, ଅମରେଶ ଚାଟାର୍ଜୀ ଓ ବିଧୁଭୂଷଣ ଦାସ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ ହୋଇଛନ୍ତି। ଅର୍ପିତା ଦାସ, ଅକ୍ଷୟ କୁମାର ବେହେରା ଏବଂ ଡକ୍ଟର ଆଇ. ସୁବ୍ରମଣ୍ୟମ ମଞ୍ଚ ପରିଚାଳନା କରିଥିଲେ। ବିଷ୍ଣୁଚରଣ ଓଝା ଧନ୍ୟବାଦ ଦେଇଥିଲେ।

# ୧୫ରୁ କଟକ ଜିଲ୍ଲା ସ୍କୁଲ କ୍ୟାରମ୍

**କଟକ, ୧୨।୧୨(ସମିସ):** କଟକ ଜିଲ୍ଲା କ୍ୟାରମ ସଂଘ ଏବଂ କ୍ୟାରମ ଆସୋସିଏସନ ଅଫ ଓଡ଼ିଶା ମିଳିତ ଆନୁକୂଲ୍ୟରେ ଆସନ୍ତା ୧୫ରୁ ସ୍କୁଲ କ୍ୟାରମ ପ୍ରତିଯୋଗିତା ଆୟୋଜନ ହେବ। ରାଣୀହାଟ ହାଇସ୍କୁଲରେ ଦୁଇଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଛାତ୍ରଛାତ୍ରୀ ଭାଗ ନେବେ। ଉଭୟ ବାଳକ ଏବଂ ବାଳିକା ବର୍ଗରେ ସିଙ୍ଗିଲ୍ସ ଇଭେଣ୍ଟ ହେବ। ପ୍ରତିଯୋଗିତାର ପ୍ରବେଶିକା ଦେୟ ନିଃଶୁଳ୍କ ଥିବା ବେଳେ କଟକ ଜିଲ୍ଲା କ୍ୟାରମ ସଂଘର ପଞ୍ଜୀକରଣ ଦେୟ ୫୦ଟଙ୍କା ପୈଠ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଆଗ୍ରହୀ ପ୍ରତିଯୋଗୀ ନିଜ ସ୍କୁଲ ଜରିଆରେ ପରିଚୟପତ୍ର ପ୍ରଦାନ ପୂର୍ବକ ପ୍ରତିଯୋଗିତାରେ ଭାଗ ନେବେ।

# ସିଡିଏରେ ଫ୍ରୋଜିଟ୍‌ର ୧୫ତମ ଆଉଟ୍‌ଲେଟ୍ ଉଦ୍‌ଘାଟିତ





**କଟକ, ୧୨।୧୨(ସମିସ):** ସିଡିଏ ସେକ୍ଟର ୯ରେ ଓଡ଼ିଶାର ଅଗ୍ରଣୀ ଖାଦ୍ୟ ଉଦ୍ୟୋଗ ଫ୍ରୋଜିଟ୍‌ର ୧୫ତମ ଆଉଟ୍‌ଲେଟ୍ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ଆଉଟ୍‌ଲେଟ୍‌କୁ ଉଦ୍‌ଘାଟନ କରିଥିଲେ ଫ୍ରୋଜିଟ୍‌ର ପ୍ରତିଷ୍ଠାତା, ନିର୍ଦ୍ଦେଶିକା ତଥା ଓଡ଼ିଶାର ବିଶିଷ୍ଟ ଯୁବ ମହିଳା ଉଦ୍ୟୋଗୀ ରଶ୍ମି ସାହୁ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନିର୍ଦ୍ଦେଶକ ଡ. ଅଭିନାଶ ନନ୍ଦ, ପ୍ରଯୋଜକ ଓ ଚଳଚ୍ଚିତ୍ର ସଂରକ୍ଷକ ବାପୁ ଲେଙ୍କା, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ, ବିଶିଷ୍ଟ ଗୀତିକାର ଅରୁଣ ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ପ୍ରଥମ ଫ୍ରୋଜେନ୍ ଫୁଡ୍ ଉଦ୍ୟୋଗ ଫ୍ରୋଜିଟ ଦୀର୍ଘ ୧୩ ବର୍ଷ ଧରି ସବୁବେଳେ ସମୟ ଉପଯୋଗୀ ଓ ସୁସ୍ୱାଦୁ ଖାଦ୍ୟ ଯୋଗାଇ ଆସିଛି। ବିଭିନ୍ନ ବର୍ଗର ଲୋକମାନେ ସେମାନଙ୍କ ମନପସନ୍ଦର ଖାଦ୍ୟ ଏହି ଫ୍ରୋଜିଟ୍ ଆଉଟ୍‌ଲେଟ୍‌ରେ ପାଇପାରିବେ। ପିଜା, ବର୍ଗର, ସ୍ୟାଣ୍ଡୱିଚ୍, ପଫ୍, କେକ୍, ପେଟିସ୍, ପ୍ୟାଷ୍ଟ୍ରି, କଫି, ପାଉଁରୁଟି, କୁକିଜ୍, କୋଲଡ୍ କଫି ଆଦି ସୁଲଭ ଓ ସୁବିଧା ଦରରେ ଏଠାରେ ଉପଲବ୍ଧ ଥିବାବେଳେ ବିଭିନ୍ନ ପ୍ରକାର ମୃଦୁ ପାନୀୟ ଯଥା ରସିଲେ, ଲିଚି ଆଦି ମଧ୍ୟ ଏହି ଫ୍ରୋଜିଟ୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ। ସମସ୍ତ ଖାଦ୍ୟପ୍ରେମୀଙ୍କ ପାଇଁ ଉଦ୍‌ଘାଟନର ପ୍ରଥମ ସପ୍ତାହରେ ୧୫% ବିଶେଷ ରିଆତି ରହିବ ବୋଲି ପ୍ରକାଶ କରିଥିଲେ ଆଉଟ୍‌ଲେଟ ମୁଖ୍ୟ ଦ୍ୟାନିସ୍ ସ୍ୱାଇଁ। ଲୋକଙ୍କ ରୁଚିକୁ ପ୍ରାଥମିକତା ଦେଇ ଆମେ ସର୍ବଦା ସୁସ୍ୱାଦୁ ଖାଦ୍ୟ ଯୋଗାଇଦେବା ପାଇଁ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ ଆଉଟ୍‌ଲେଟ୍‌ର ସେଲସ୍ ବିଭାଗର ମୁଖ୍ୟ ଅଂଶୁମାନ ମିଶ୍ର। ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଓ ସଲିନା ସାହୁ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିବାବେଳେ ରୁଚି ଓ ଫ୍ରୋଜିଟ୍‌ର ଅନେକ ଶୁଭେଚ୍ଛୁ ଯୋଗ ଦେଇଥିଲେ। ଆଗାମୀ ଦିନରେ ଆହୁରି ଅଧିକ ଫ୍ରୋଜିଟ୍ ଆଉଟ୍‌ଲେଟ୍ ଖୋଲିବା ଲକ୍ଷ୍ୟ ରହିଛି ବୋଲି ନିର୍ଦ୍ଦେଶିକା ଶ୍ରୀମତୀ ସାହୁ କହିଛନ୍ତି। ହି ଫ୍ରୋଜିଟ୍ ଆଉଟ୍‌ଲେଟ୍ ବିଜନେସ୍ ମାଧ୍ୟମରେ ଅନେକ ଯୁବଖାଦ୍ୟ ବ୍ୟବସାୟୀ ତିଆରି କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ମଧ୍ୟ ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଫ୍ରୋଜିଟ୍ ପରିବାର ପକ୍ଷରୁ ଶିଳ୍ପା ଦାସ, ଶ୍ରୀକାନ୍ତ ମହାପାତ୍ର, ଆଦ୍ୟାଶା ପଟ୍ଟନାୟକ, ରାଜା ନିର୍ମାଲ୍ୟ, ଲୋକସମ୍ପର୍କ ଅଧିକାରୀ ଶୁଭାଶିଷ ରାଉତ ସହଯୋଗ କରିଥିବାବେଳେ ହ୍ୱାଇଟ୍ କାନଭାସ ଇଭେଣ୍ଟର ସହଯୋଗୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସୁରକ୍ଷା ବଳରେ ନିଯୁକ୍ତି ପାଇଁ ମାଗଣା ପ୍ରଶିକ୍ଷଣ

**କଟକ, ୧୨।୧୨(ସମିସ):** କଟକ ଜିଲ୍ଲାର ଚାକିରି ଆଶାୟୀ ଯୁବକମାନଙ୍କୁ ସୁରକ୍ଷା ବାହିନୀରେ ନିଯୁକ୍ତି ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟର ମିଳିତ ସହଯୋଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଗଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସ୍ଥଳସେନା, ନୌସେନା, ଏୟାର ଫୋର୍ସ, କୋଷ୍ଟଗାର୍ଡ, ଅର୍ଦ୍ଧସାମରିକ ବାହିନୀ (ବିଏସ୍‌ଏଫ୍, ଆସାମ ରାଇଫଲ, ଆଇଟିବିପି, ଏସ୍‌ଡିଆର୍‌ଏଫ୍, ସିଆର୍‌ପିଏଫ୍), ଓଡ଼ିଶା ପୁଲିସ ବାହିନୀ, ଅଗ୍ନିଶମ ବାହିନୀ, ବନବିଭାଗ ଏବଂ ଅଗ୍ନିବୀର ଭଳି ସମସ୍ତ ସୁରକ୍ଷା ବଳରେ ନିଯୁକ୍ତି ପାଇବା ପାଇଁ ଓଡ଼ିଶାର ସର୍ବପ୍ରଥମ ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡେମୀରେ ଏହି ସୁବିଧା ପ୍ରଦାନ କରାଯିବ। ଦକ୍ଷ ଆର୍ମୀ ଅଫିସରଙ୍କ ତତ୍ତ୍ୱବଧାନରେ ଏବଂ ଅଭିଜ୍ଞ ଶିକ୍ଷକ ତଥା ଟ୍ରେନରମାନଙ୍କ ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ମାଗଣାରେ ରହିବା, ଖାଇବା, ଶିକ୍ଷାଦାନ ଓ ଶାରୀରିକ ଟ୍ରେନିଂ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି ସୁଯୋଗ ପାଇଁ ପ୍ରାର୍ଥୀମାନଙ୍କୁ +୨ ବା +୩ ପାସ୍ କରିଥିବା ଆବଶ୍ୟକ। ସର୍ବନିମ୍ନ ଉଚ୍ଚତା ୧୬୮ ସେମି ଏବଂ ବୟସ ୨୪ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। ପ୍ରଥମ ପର୍ଯ୍ୟାୟରେ କଟକ ଜିଲ୍ଲାର ଅନୁସୂଚିତ ଜାତି, ଜନଜାତି ଓ ସାଧାରଣ ବର୍ଗର ୫୦ ଜଣ ଯୁବକଙ୍କୁ ଏହି ସୁବିଧା ମିଳିବ। ଲିଖିତ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରାର୍ଥୀମାନଙ୍କୁ ପ୍ରଥମେ ସୁଯୋଗ ଦିଆଯିବ। ଦରଖାସ୍ତ କରିବାର ଶେଷ ତାରିଖ ହେଉଛି ୧୯ - ୧୨ - ୨୦୨୫ ରିଖ (ଶୁକ୍ରବାର) ଏବଂ ଲିଖିତ ପରୀକ୍ଷା ୨୧ - ୧୨ - ୨୦୨୫ ରିଖ (ରବିବାର) ଦିନ ୧୧ ଘଟିକା ସମୟରେ ଅନୁଷ୍ଠିତ ହେବ। ଆଗ୍ରହୀ ପ୍ରାର୍ଥୀମାନେ ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ ବା ଏକାଡେମୀର ୱେବସାଇଟ୍, ଟେଲିଫୋନ୍/ହ୍ୱାଟ୍ସଆପ୍ ମାଧ୍ୟମରେ କିମ୍ବା ତ୍ରିଶୁଳିଆର ନରଣପୁର ଠାରେ ଥିବା ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡେମୀରୁ ଫର୍ମ ସଂଗ୍ରହ କରି ଦରଖାସ୍ତ ପାଇଁ ଅବେଦନ କରିପାରିବେ।

# ଯୁବକ ନିଖୋଜ; ଥାନାରେ ଏତଲା

**କଟକ, ୧୨।୧୨(ସମିସ):** କଟକ ଚାନ୍ଦିନୀଚୌକ ଅଞ୍ଚଳର ଜଣେ ୪୫ ବର୍ଷୀୟ ଯୁବ ବ୍ୟବସାୟୀ ଯୋଗେନ୍ଦ୍ର ଦଳେଇ ଓରଫ ଯୋଗିଆ ନିଖୋଜ ହୋଇଯାଇଛନ୍ତି। ଗତ ଡିସେମ୍ବର ୮ ତାରିଖ ସକାଳୁ ଯୋଗେନ୍ଦ୍ର ହଠାତ୍ ଘରୁ କେଉଁଆଡ଼େ ଚାଲିଯାଇଛନ୍ତି। ପରିବାର ଲୋକେ ଏନେଇ ଲାଲବାଗ ଥାନାରେ ଏତଲା ଦେଇଛନ୍ତି। ନିଖୋଜ ଯୁବକଙ୍କ ସମ୍ପର୍କରେ କୌଣସି ସୂଚନା ପାଇଲେ ନିକଟସ୍ଥ ପୁଲିସ ଥାନା କିମ୍ବା ତାଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ନମ୍ବର ୮୨୮୦୩୩୮୩୪୪ରେ ଯୋଗାଯୋଗ କରିବା ପାଇଁ ପରିବାର ଲୋକେ ଅନୁରୋଧ କରିଛନ୍ତି।



## କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା ହ୍ରାସ ପାଇଁ କଡ଼ା ନିର୍ଦ୍ଦେଶ

**କଟକ, ୧୨।୧୨(ସମିସ)**

କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତ ନିଷ୍ପତ୍ତିଗୁଡ଼ିକର ଅଗ୍ରଗତି ସହିତ ସଡ଼କ ସୁରକ୍ଷା ପାଇଁ ଆବଶ୍ୟକ ନୂତନ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଶିନ୍ଦେ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଦିଗରେ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗୁଳି ଠାରେ ରାସ୍ତା ଉପର ଦେଇ ପାର ହେବା ପାଇଁ ନିର୍ମିତ ହେଉଥିବା ଦୁଇଟି ପାଦଚଲା ପୋଲ ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନ୍ୟଟି ଶୀଘ୍ର ଶେଷ ହେବ ବୋଲି ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ପ୍ରକାଶ କରିଥିଲେ। ଏଥିସହ, ହୋଟେଲ ପ୍ରମୋଦ ନିକଟରେ ହେଉଥିବା




ପାର୍କିଂର ସ୍ଥାନାନ୍ତରିକରଣ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କ ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ, ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଜାତୀୟ ରାଜପଥ ଦିଗକୁ ପ୍ରବେଶ ଦ୍ୱାର ଥିବା ରାସ୍ତାକଡ଼ ବିଦ୍ୟାଳୟଗୁଡ଼ିକର ତାଲିକା ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ଦୁର୍ଘଟଣାରୁ ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ଟାଙ୍ଗୀ-ଜଗତପୁର ରାସ୍ତାରେ ଆବଶ୍ୟକ ସ୍ଥଳେ ଅଧିକ ହମ୍ପ ନିର୍ମାଣ ଏବଂ ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣା ହ୍ରାସ କରିବା ଉପରେ ମତାମତ ପ୍ରକାଶ ପାଇଥିଲା। ଅମାନିଆ ଗାଡ଼ି ଚାଳକ ଏବଂ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ, କଟକରୁ ବାଲେଶ୍ୱର ରାସ୍ତାରେ ବଡ଼ ଆକାରରେ ଫଳକ ଲଗାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ବାଉଁଶ ବ୍ୟବସାୟୀଙ୍କ ସହ ବୈଠକ କରି ସୁରକ୍ଷିତ ଭାବରେ ବାଉଁଶ ସ୍ଥାନାନ୍ତରଣ ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ତଥ୍ୟ ଅନୁଯାୟୀ, ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ସଡ଼କ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଥିବା ବେଳେ ନିୟମ ଭଙ୍ଗକାରୀ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ସଂଖ୍ୟା ବୃଦ୍ଧି ପାଇଛି। ଏହି ବୈଠକରେ କଟକ ଜିଲ୍ଲା ବସ୍ ମାଲିକ ସଂଘ ଏବଂ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ଶିନ୍ଦେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରକ୍ଷା କରି ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପ-ଆୟୁକ୍ତ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ଉପ-ଆରକ୍ଷୀ ଅଧୀକ୍ଷକ ପ୍ରଦୀପ ସାହୁଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଦେବେନ୍ଦ୍ର କୁମାର ମହାପାତ୍ର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ- ୨୩/୦୫/୧୯୪୦
ତିରୋଧାନ- ୦୩/୧୨/୨୦୨୫
ବାପା ଆପଣଙ୍କ ପରାମର୍ଶ ଓ ନିର୍ଦ୍ଦେଶରେ ଆମେ ପଥ ଅନୁସରଣ କରୁଥିଲୁ କିନ୍ତୁ ଆପଣ ଆମକୁ ଛାଡି ଅନେକ ଦୂରକୁ ଚାଲି ଗଲେ ଆପଣ ଯେଉଁଠି ଥାଆନ୍ତୁ ଇଶ୍ୱର ଆପଣଙ୍କୁ ଭଲରେ ରଖନ୍ତୁ ରଖନ୍ତୁ।
ଆପଣଙ୍କ ର ହତଭାଗ୍ୟ (ପୁତ୍ର ଓ ପୁତ୍ରବଧୂ) : ଅଜୟ କୁମାର ମହାପାତ୍ର ଓ ବଧୂପମା ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର ଓ ରଶ୍ମି ରଞ୍ଜିତା ମଲିକ, (ଝିଅ ଓ ଜ୍ୱାଇଁ) - ଯୋତ୍ସ୍ନା ରାଣୀ ମହାପାତ୍ର ଓ ବାବୁଲା ରାଉତ, ସନ୍ଧ୍ୟାରାଣି ମହାପାତ୍ର ଓ ବିଶ୍ୱନାଥ ଜେନା, ମମତା ମହାପାତ୍ର ଓ ନରେନ୍ଦ୍ର ଭୂୟାଁ, ରଞ୍ଜିତା ମହାପାତ୍ର ଓ ସୁଶାନ୍ତ ବେହେରା, ସୁଶ୍ରୀ ସଂଗୀତା ମହାପାତ୍ର ଓ ଅସ୍ୱସ କାନ୍ତ ବେହେରା, ନାତି ନାତୁଣୀ, ବଂଧୁ ବାନ୍ଧବ।

## ବୁଢ଼ାବଳଙ୍ଗ ଆଁରେ ଦୁଇ ଗାଁ

# ଆଡ଼ିବନ୍ଧ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




**ବାରିପଦା, ୧୨।୧୨(ସମିସ)**

ଶାମାଖୁଣ୍ଟା ବ୍ଲକର ଦୁଇ ଗ୍ରାମ ବୁଢ଼ାବଳଙ୍ଗ ନଦୀ ଗର୍ଭରେ ଲୀନ ହେବା ଆଶଙ୍କାକୁ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ। ହେଲେ ସମସ୍ୟାର ସମାଧାନ ହେଉ ନ ଥିବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଚଣାବାଡ଼ିଆ ଓ ଅଖରଶିଳା ୨ଟି ଗ୍ରାମର ଲୋକେ। ଶତାଧିକ ଲୋକଙ୍କ ଘର ବିପଦ ମୁହାଁ ହେଉଥିବା ଆଶଙ୍କା ଥିବାରୁ ନଦୀରେ ଆଡ଼ିବନ୍ଧ ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ। ମାତ୍ର ପ୍ରଶାସନର ସ୍ଥାଣୁତା ପାଇଁ ଶୁକ୍ରବାର ଶତାଧିକ ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେବା ପର୍ଯ୍ୟନ୍ତ ଘରକୁ ଫେରିବେ ନାହିଁ ବୋଲି ନିଜ ଜିଦରେ ଅଡି ବସିଥିଲେ। ଖବରପାଇ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା, ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ ଇଂ ପରମେଶ୍ୱର ପାତ୍ର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାପରେ ସେମାନେ ଗ୍ରାମକୁ ଫେରିଛନ୍ତି। ପ୍ରକାଶ ଯେ, ଶାମାଖୁଣ୍ଟା ବ୍ଲକର କଳାପଥର ପଞ୍ଚାୟତ ଦେଇ ପ୍ରବାହିତ ବୁଢାବଳଙ୍ଗ ନଦୀ ପ୍ରତିବର୍ଷ ଗତିପଥ ବଦଳାଇବାରେ ଲାଗିଛି। ଯାହାକୁ ନେଇ ଉପରୋକ୍ତ ୨ଟି ଗ୍ରାମର ୩ଶହରୁ ଊର୍ଦ୍ଧ୍ୱ ପରିବାରର ୧୫ଶହ ପାଖାପାଖି ଲୋକ ପ୍ରଭାବିତ ହେଉଛନ୍ତି। ୨୦୧୩ ପ୍ରଳୟଙ୍କାରୀ ବନ୍ୟାବାତ୍ୟାରେ ବୁଢାବଳଙ୍ଗ ନଦୀର ଗତିପଥ ବଦଳି ଦୁଇ ଗାଁ ମୁହାଁ ହୋଇଥିଲା। ପାଖାପାଖି ୨ଶହ ମିଟର ଦୂରରେ ଥିବା ନଦୀ କୂଳ ଖାଇବାରୁ ଗ୍ରାମବାସୀଙ୍କ ନିଦ ହଜିଯାଇଛି। ଏପରିକି ପ୍ରତିବର୍ଷ କୂଳ ଖାଇ ଏବେ ତାହା ଶହେ ମିଟର ଦୂରରେ ରହିଛି। ୧୫ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇ ବାଲିଚର ହୋଇପଡ଼ିଛି। ଗ୍ରାମରୁ ନଦୀକୁ ଯିବା ରାସ୍ତାଟି ମାଟି ଅତଡା ଖସିଯିବା ସହିତ ନଦୀ ପଠାରେ ଥିବା ବଡ଼ବଡ଼ ଗଛ ସବୁ ଧସିଯାଇ ପାଣି ସୁଅରେ ଭାସିଯାଇଛି। ଗ୍ରାମରେ ଥିବା ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁଣ୍ଟ ମଧ୍ୟ କିଛି ଦିନ ମଧ୍ୟରେ ଧୋଇଯିବାର ସମ୍ଭାବନା ରହିଛି।। ଏହାକୁ ନେଇ ୨୦୨୩ ଜାନୁଆରୀ ୨ତାରିଖରେ ଗ୍ରାମବାସୀଙ୍କ ତରଫରୁ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବେ ଅବଗତ କରିଥିଲେ। ଜିଲ୍ଲାପାଳ ତଦନ୍ତ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜିଲା ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ଦିନ ପରେ ଗ୍ରାମକୁ ଏକ ସରକାରୀ ଦଳ ଯାଇ ତଦନ୍ତ କରି ଫେରିବା ପରେ ଚୁପ ହୋଇ ବସିଛନ୍ତି। ଧାନକଟା ସରିଥିବାରୁ ବର୍ତ୍ତମାନ ବନ୍ଧ ନିର୍ମାଣ ପାଇଁ ପ୍ରକୃଷ୍ଟ ସମୟ। ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ ହେଲେ, ସେମାନେ ରବିଚାଷ କରିବେ ବା ନକରିବେ ଦ୍ୱିଧା ମଧ୍ୟରେ ରହିଛନ୍ତି। ତେବେ ଦୀର୍ଘ ଦିନ ଅପେକ୍ଷା କରିବା ପରେ ଦୁଇ ଗ୍ରାମକୁ ସୁରକ୍ଷା ଯୋଗାଇବା ପାଇଁ ଆଡ଼ିବନ୍ଧ ନିର୍ମାଣ କରିବାକୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୟୂରଭଞ୍ଜ ଏମପି, ରାଜ୍ୟସଭା ସଦସ୍ୟା, ବାଙ୍ଗରିପୋଷି ବିଧାୟିକା, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ପାଇଁ ଜାଗ ମୟୂରଭଞ୍ଜ ଜାଗ ସଙ୍ଗଠନର ଅଧ୍ୟକ୍ଷ ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ପୁନର୍ବାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରୁ ବସିଥିଲେ। ରବୀନ୍ଦ୍ର ନାଏକ, ମନୋରଞ୍ଜନ ନାଏକ, ଶକୁନ୍ତଳା ନାଏକ, ଶମ୍ଭୁନାଥ ନାଏକ, ବ୍ରହ୍ମାନନ୍ଦ ନାଏକ, ନିରଞ୍ଜନ ନାଏକ, ରାଜେନ୍ଦ୍ର ନାଏକ ପ୍ରତ୍ୟୁଷ ଧଳ, ଗୁରା ନାଏକ ଓ କାଳିଆ ନାଏକଙ୍କ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଗୀତିକବିତାଆସରଓଆଲୋଚନାଚକ୍ର



**ବାରିପଦା, ୧୨।୧୨(ସମିସ):** ଭୁବନେଶ୍ୱରରୁ ପ୍ରକାଶିତ ରାଜ୍ୟସ୍ତରୀୟ ସାହିତ୍ୟ ପତ୍ରିକା ଗୀତି ଗଙ୍ଗୋତ୍ରୀ ଆନୁକୂଲ୍ୟରେ ବାରିପଦାରେ ଏକ ଗୀତି କବିତା ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବାରିପଦା କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଓ ଗୀତିକବି ଡକ୍ଟର ପୁଷ୍ପା ପାତ୍ର ଅଧ୍ୟକ୍ଷତା କରିଥିଲେ। ଗୀତି ଗଙ୍ଗୋତ୍ରୀ ପତ୍ରିକାର ମୁଖ୍ୟ ସମ୍ପାଦକ ଅଜୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଗୀତିକବି ସୁନୀଲ କୁମାର ଜେନା ମୁଖ୍ୟବକ୍ତା ଓ ହିମାଂଶୁ ଶେଖର ଦାସ ସମ୍ମାନିତ ବକ୍ତା ଭାବେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଗୀତି କବିତା ଆସରରେ ବରିଷ୍ଠ ଗୀତିକବି ଅନିକେତ ବୃନ୍ଦାବନ ଦାଶ, ଡ.ପୁଷ୍ପା ପାତ୍ର, ହିମାଂଶୁ ଦାସ, ନରସିଂହ ବାରିକ, ବାସନ୍ତିଲତା ମହାପାତ୍ର, କାବେରୀ ମିଶ୍ର, ଶଙ୍କର ଜେନା, ଜୟରାମ ସିଂ, ଗୋପାଳ ଚନ୍ଦ୍ର ସାଓ, ବନମାଳୀ ପାତ୍ର, ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ସ୍ୱରଚିତ ଗୀତି କବିତା ପାଠ କରିଥିଲେ। ଗୋପାଳ ଚନ୍ଦ୍ର ସାଓ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆଲୋଚନାଚକ୍ରରେ ଶଙ୍କର ଜେନା, ଆଶିଶ ବସା, ନରସିଂହ ବାରିକ, ବାସନ୍ତିଲତା ମହାପାତ୍ର, ବନମାଳୀ ପାତ୍ର ପ୍ରମୁଖ ଭାଗନେଇ ସ୍ୱକୀୟ ମତାମତ ଓ ବିଚାର ଉପସ୍ଥାପିତ କରିଥିଲେ। ଶେଷରେ ସଞ୍ଜିବ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ସିଏମ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



**ବାରିପଦା, ୧୨।୧୨(ସମିସ):** ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ ଦ୍ୱାରା ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ବାରିପଦା ସହର ମଧ୍ୟରେ ଥିବା ବେସାହାରା ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏଥିରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରମୋଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କମ୍ବଳ ଆଦି ଶୀତବସ୍ତ୍ର ବଣ୍ଟନ କରିଥିଲେ। କୁଳପତି ପ୍ରଫେସର ଶତପଥି ଜାତୀୟ ସେବା ଯୋଜନାରେ ସାମିଲ ଛାତ୍ରଛାତ୍ରୀଙ୍କ ସେବା ମନୋଭାବକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ତରଫରୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ବାରିପଦା ସହରର ଅମ୍ବିକା ମନ୍ଦିର ସମ୍ମୁଖ, ଜଗନ୍ନାଥ ମନ୍ଦିର ସମ୍ମୁଖ ଓ ଅନ୍ୟାନ୍ୟ ସ୍ଥାନରେ ୨୦୦ରୁ ଅଧିକ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ପୁଷ୍ପାରାଣୀ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସିର ଏଭଳି ଜନହିତକର କାର୍ଯ୍ୟକୁ ପ୍ରଶସା କରିଥିଲେ। ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ, ରେଡକ୍ରସ ଅଧିକାରିଣୀ ପୂଜା ଶତପଥୀ, ବିଏ ଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା, ଅଧ୍ୟାପକ ସମ୍ବିତ କୁମାର ମିଶ୍ର, ଡ. ଜିତେନ୍ଦ୍ର କୁମାର ଦାସ, ଅଧ୍ୟାପିକା ପ୍ରତିଭା ଦାସ ପ୍ରଭୃତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ କବୟିତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ବାରିପଦା, ୧୨।୧୨(ସମିସ):** ଭଞ୍ଜମାଟିର ସୁକନ୍ୟା ମୟୂରଭଞ୍ଜ ସାହିତ୍ୟ ସମ୍ମାନରେ ସମ୍ମାନିତା ବରିଷ୍ଠ କବୟିତ୍ରୀ ସ୍ୱର୍ଗତା ସଲିଳା ମହାନ୍ତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ବାରିପଦାର ରୋଟାରୀ କ୍ଲବ ସଭାଗୃହରେ ଭାବ ଗମ୍ଭୀର ପରିବେଶ ମଧ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ଉପସ୍ଥିତ ବରେଣ୍ୟ ଅତିଥି ସ୍ୱର୍ଗତା କବୟିତ୍ରୀଙ୍କ ସାରସ୍ୱତ ସାଧନା ତଥା ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ସମ୍ପାଦକ ଇଂ ମନୋଜ ଦଳବେହେରାଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତି ସଭାରେ କାବେରୀ ମିଶ୍ର, ବାସନ୍ତୀଲତା ମହାପାତ୍ର, କୈବଲ୍ୟ ପ୍ରସାଦ ମହାପାତ୍ର, ଶଙ୍କର ଜେନା, ସତ୍ୟାନନ୍ଦ ଶେଜପଡ଼ା, ମଧୁସ୍ମିତା ତ୍ରିପାଠୀ, ଡ. ଅବନୀ କୁମାର କୁଣ୍ଡୁ, ନରସିଂହ ବାରିକ, ହିମାଂଶୁ ଶେଖର ଦାସ, ଡ. କବିତା ନନ୍ଦ, ମଧୁମିତା ନନ୍ଦ, ଡ. ଅସୀମା ସାହୁ, ଡ. ସଞ୍ଜୀବ ପାଣିଗ୍ରାହୀ, ପାର୍ବତୀ ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋପାଳ ଚନ୍ଦ୍ର ସାହୁ ଓ ଅଧ୍ୟାପକ ଦୋଳଗୋବିନ୍ଦ ମହାନ୍ତ ଗୀତ ଗାଇ ଦିବଂଗତା କବୟିତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶରତ ମହାନ୍ତି, ପ୍ରଶାନ୍ତ ମହାନ୍ତି, ଶର୍ମିଷ୍ଠା ମହାନ୍ତି, ଅଳକା ମହାନ୍ତି ପ୍ରମୁଖ ପରିବାରର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ସମରେନ୍ଦ୍ର ବସା ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ସିଏମ୍‌ରେ ଯକ୍ଷ୍ମା ରୋଗ ନିରାକରଣ ସଚେତନତା

**ବାରିପଦା, ୧୨।୧୨(ସମିସ):** ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ ଓ ଜିଲ୍ଲା ଯକ୍ଷ୍ମା ନିରାକାରଣ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ 'ନିକ୍ଷୟ ମିତ୍ର' ଯୋଜନାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅତିଥି ଭାବେ ଯୋଗଦେଇ ନିକ୍ଷୟ ମିତ୍ର ପୋଟାଲରେ କିପରି ପଞ୍ଜୀକରଣ କରାଯାଇ ରୋଗୀ ଚିହ୍ନଟ ସହ ତାଙ୍କର ଚିକିତ୍ସା କରାଯାଇପାରିବ, ସେ ସମ୍ପର୍କରେ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ତାଲିମ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଯକ୍ଷ୍ମା ନିରାକାରଣ କେନ୍ଦ୍ର ଅଧିକାରୀ ସତ୍ୟବ୍ରତ ମିଶ୍ର ଯୋଗଦେଇ ଯକ୍ଷ୍ମା ରୋଗୀଙ୍କ ଚିକିତ୍ସା ପ୍ରଣାଳୀ ଓ ସରକାରୀ ସୁବିଧା ସୁଯୋଗରେ ସୂଚନା ଦେଇଥିଲେ।




ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି ଯୋଜନାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୨ ସେପ୍ଟେମ୍ବର ୯ ତାରିଖରେ ଶୁଭାରମ୍ଭ କରିଥିଲେ। ଏହାପରଠାରୁ ଏହି ଯୋଜନାକୁ ବିପୁଳ ଜନସମର୍ଥନ ମିଳୁଛି। ରାଜ୍ୟ ଯକ୍ଷ୍ମା ରୋଗ ନିରାକାରଣ ସେଲର ଅଧିକାରୀ ଶିବପ୍ରସାଦ ଓଝା ମୁଖ୍ୟଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ରୋଗର ଲକ୍ଷଣ ଓ ଏହାର ନିରାକାରଣ ପାଇଁ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ଯକ୍ଷ୍ମା ନିରାକରଣ କେନ୍ଦ୍ରର ଅଧିକାରୀ ଚିନ୍ମୟ କୁମାର ଦାସ ସମ୍ମାନିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ରୋଗରେ ମୂଳୋତ୍ପାଟନ ପାଇଁ ସମସ୍ତେ ସହଯୋଗ କରିବାକୁ ନିବେଦନ କରିଥିଲେ। ପ୍ରାରମ୍ଭରେ ଇତିହାସ ବିଭାଗ ମୁଖ୍ୟ ପ୍ରତିଭା ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ବିଏଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ଡାଏବେଟିସ୍ ଥ୍ରୁ ସ୍କ୍ରିନିଂ କାର୍ଯ୍ୟକ୍ରମ



**ବାରିପଦା, ୧୨।୧୨(ସମିସ):** ପିଆରଏମ କଲେଜ୍ ଓ ହସ୍ପିଟାଲର ମଲ୍ଟି-ଡିସିପ୍ଲିନାରୀ ରିସର୍ଚ୍ଚ ୟୁନିଟ୍ (ଏମଆରୟୁ) ଦ୍ୱାରା ଏକ ସୁସଂଗଠିତ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ 'ଇପିଡିମିଓଲଜିକାଲ୍ ଆସେସମେଣ୍ଟ ଅଫ୍ ପ୍ରିଡାୟାବେଟିସ୍ ଡାୟାବେଟିସ୍ ଥ୍ରୁ ସ୍କ୍ରିନିଙ୍ଗ୍ ପ୍ରୋଗ୍ରାମ୍ସ ଇନ୍ କଲେଜ୍ ଆଣ୍ଡ ୟୁନିଭର୍ସିଟି ଷ୍ଟୁଡେଣ୍ଟସ୍ ଅଫ୍ ମୟୂରଭଞ୍ଜ ଡିଷ୍ଟ୍ରିକ୍ଟ' ବିଷୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କନଭେନସନ୍ ହଲ୍‌ରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସସିବି ମେଡିକାଲ୍ କଲେଜର ମେଡିସିନ ବିଭାଗର ପ୍ରଫେସର ଡା. ଜୟନ୍ତ ପଣ୍ଡା ଅନଲାଇନ୍ ମାଧ୍ୟମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରି-ଡାୟାବେଟିସ ଓ ଡାୟାବେଟିସ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସଚେତନତା ବିଷୟରେ ଅବଗତ କରିଥିଲେ। ଅନୁଷ୍ଠାନରେ ପିଆରଏମ ଏମସିଏଚର ଡିନ୍ ଆଣ୍ଡ ପ୍ରିନ୍ସିପାଲ୍ ପ୍ରଫେସର ଡା ପ୍ରତିଭା ପଣ୍ଡା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ ଶତପଥୀ, ଏମଆରୟୁର ନୋଡାଲ୍ ଅଫିସର ଶିଶୁରୋଗ ପ୍ରଫେସର ଡା ବୁଧିଆ ମାଝି କୋ-ନୋଡାଲ୍ ଅଫିସର ମେଡିସିନ ବିଭାଗର ଡା ଭାଗ୍ୟଶ୍ରୀ ପଣ୍ଡା, ପ୍ରକଳ୍ପର ପ୍ରିନ୍ସିପାଲ୍ ଇନଭେଷ୍ଟିଗେଟର୍ ମେଡିସିନ ବିଭାଗର ଡା ଭବେଶ ଚନ୍ଦ୍ର ଖଟୁଆ ଓ କୋ-ପ୍ରିନ୍ସିପାଲ୍ ଇନଭେଷ୍ଟିଗେଟର୍ ବାୟୋକେମିଷ୍ଟ୍ରି ଡା ପରମିତା ଦେ ଉପସ୍ଥିତ ଥିଲେ। ଡା ଭବେଶ ଚନ୍ଦ୍ର ଖଟୁଆ ପ୍ରି-ଡାୟାବେଟିସ୍ ଓ ଡାୟାବେଟିସର ପରିସ୍ଥିତି, ସ୍କ୍ରିନିଙ୍ଗ୍ ପ୍ରୋଗ୍ରାମ୍ ମାଧ୍ୟମରେ ମୂଲ୍ୟାଙ୍କନ, ରୋଗ ସଚେତନତା, ପ୍ରତିଷ୍ଠାନୀୟ ଓ ସମ୍ପ୍ରଦାୟ ଲାଭ ଏବଂ ଭବିଷ୍ୟତ ଗବେଷଣା ଓ ପ୍ରୟୋଗ ସମ୍ପର୍କରେ ସଂକ୍ଷିପ୍ତ ଭାବରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମଟିକୁ ସଫଳ କରିବା ପାଇଁ ଏମଆରୟୁର ବୈଜ୍ଞାନିକ ଡା ଶଶୀଭୂଷଣ ଦାଶ, ଡା ହିମାଦ୍ରି ଗୌରବ ବେହୁରିଆ ଓ ମିସ୍ ମିତାଲି ମହାପାତ୍ର, ମିସ୍ ଅଲିଶା ପ୍ରିୟଦର୍ଶିନୀ ପଣ୍ଡା ସମ୍ପୂର୍ଣ୍ଣ ଭାବେ ପ୍ରବନ୍ଧନ କରିଥିଲେ। ୩୦୦ରୁ ଅଧିକ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାକୁ ସଫଳ କରିଥିଲେ।

## ଜିଲ୍ଲାସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ

**ବାରିପଦା, ୧୨।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରରେ ଥିବା ସମ୍ମିଳନୀ କକ୍ଷରେ ଜିଲ୍ଲା ଅଣସଂକ୍ରମକ ରୋଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ଞାନରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ-୨୦୨୫ ପାଳିତ ହୋଇଯାଇଛି। ବୈଠକରେ ବାରିପଦା ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଭାରପ୍ରାପ୍ତ ଅଧ୍ୟକ୍ଷା ଭାରତୀ ଆରୁଖ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ତାଲିମ କେନ୍ଦ୍ରର ପ୍ରଶିକ୍ଷୀକା ଏବଂ ଏଏନଏମ ଛାତ୍ରୀମାନେ ଉପସ୍ଥିତ ଥିଲେ। ଜ୍ଞାନରଞ୍ଜନ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସେ କହିଥିଲେ ଯେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କହିଲେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ଯେପରି ଜାତି, ବୟସ ଅବା ଲିଙ୍ଗଗତ ନିର୍ବିଶେଷରେ ସମସ୍ତଙ୍କ ପାଖରେ ସହଜ ଏବଂ ସୁଲଭରେ ଉପଲବ୍ଧ କରାଇବା। ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ କିପରି ବ୍ୟାପକ ଭାବେ ଲୋକାଭିମୁଖୀ କରିହେବ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବର୍ତ୍ତମାନ ସମୟରେ ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ପ୍ରାଥମିକ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ବିସ୍ତୃତ ଭାବରେ ପାଞ୍ଚ ପ୍ରକାର ସେବା ଗୁଡିକ ବିଷୟରେ ଅତିଥି ମାନେ ବକ୍ତବ୍ୟ ରଖିଥିଲେ।ଏବର୍ଷ ଦିବସ ପାଳନର ବାର୍ତ୍ତା 'ସ୍ୱାସ୍ଥ୍ୟସେବା ସୁଲଭ କରାଇବା, ଆମେ ଚାହୁଁଥିବା ଆଗାମୀ କାଲିର ସୁସ୍ଥ ସମାଜ ଗଢ଼ିବା'। କାର୍ଯ୍ୟକ୍ରମକୁ ଜିଲ୍ଲା ସହକାରୀ ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଳ ଓ ପନିପରିବା କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ରକ୍ତଦାନ ଶିବିର

**ବାରିପଦା, ୧୨।୧୨(ସମିସ):** ଶୁକ୍ରବାର ମୁର୍ଗାବାଡିସ୍ଥ ପ୍ରୟାସ ହଲ ପରିସରରେ ଓରମାସ ପରିଚାଳିତ ମୟୂରଭଞ୍ଜ ଫଳ ଓ ପନିପରିବା କୃଷକ ଉତ୍ପାଦକ କମ୍ପାନୀ ତରଫରୁ ଦ୍ୱିତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ରକ୍ତଦାନ ଶିବିରକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ବର୍ତ୍ତମାନର ପରିବର୍ତ୍ତିତ ସମୟରେ ଥାଲସେମିଆ, ସିକିଲସେଲ ଭଳି ଦୂରାରୋଗ୍ୟ ତଥା ଆକସ୍ମିକ ଦୁର୍ଘଟଣା ପାଇଁ ଓ ଅନ୍ୟାନ୍ୟ ଅସାଧ ରୋଗର ଜରୁରୀ ଅସ୍ତ୍ରୋପଚାର ପାଇଁ ରୋଗୀର ଅମୂଲ୍ୟ ଜୀବନକୁ ବଞ୍ଚାଇବା ପାଇଁ ବହୁ ସମୟରେ ରକ୍ତର ହଠାତ ଆବଶ୍ୟକତା ଦେଖାଦେଉଛି। ଏହାର ଦୂରୀକରଣ ପାଇଁ ରକ୍ତଦାନର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ ଅଭିଯାନ ଅନ୍ତର୍ଗତ ସମାଜର କଲ୍ୟାଣ ପାଇଁ ଏହି ଶିବିର ଆୟୋଜନ କରିଥିବାରୁ କୃଷକ ଉତ୍ପାଦକ କମ୍ପାନୀର ଏହି ମହତ ଉଦ୍ୟମ ନିଶ୍ଚିତ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ ରକ୍ତ ଦାତା ମାନଙ୍କୁ ଏହି ମହତ ଦାନ ପାଇଁ କୃତଜ୍ଞତା ଜଣାଇବା ସହିତ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସଚେତନତାକୁ ବ୍ୟାପକରୁ ବ୍ୟାପକତର କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବାରିପଦା ରକ୍ତ ଭଣ୍ଡାରର ଅଧିକାରୀ ଡା. ସୌମ୍ୟ ରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ସହକର୍ମୀ ଡଃ ନିଲେଶ ଦାସ, ଲ୍ୟାବ ଟେକ୍ନେସିଆନ୍ ପ୍ରଫୁଲ୍ଲ ମାଝୀ, ଷ୍ଟାଫ୍ ନର୍ସ ରୂଚିକା ଖୁରାନା, ଶକୁନ୍ତଳା ମହାନ୍ତ, କରୁଣାକର ଜେନା ପ୍ରମୁଖଙ୍କ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଉକ୍ତ ଶିବିରରୁ ସମୁଦାୟ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶାନ୍ତନୁ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଲି, ଜିଲ୍ଲା ରେଡ଼କ୍ରସ ଶାଖାର ଆଜୀବନ ସଦସ୍ୟ ତଥା ରକ୍ତଦାତା ଅମର କୁମାର ସେଠୀ, ଶୁଭକାନ୍ତ ଜେନା, ପ୍ରକାଶ ମାଝୀ, ଜ୍ଞାନରଞ୍ଜନ ଦାସ, ସନ୍ଦୀପ ସବ୍ଜ, ସୁପ୍ରିୟା ଜେନା, ମୋନାଲିସା ପଡ଼ିହାରୀ, ରଞ୍ଜନ କୁମାର ବେହେରା ଓ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।



## ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କୋଲକାତା ଓ ସମ୍ବଲପୁର ସେମିକୁ ଉନ୍ନୀତ

**ବାରିପଦା, ୧୨।୧୨(ସମିସ)**

ସ୍ଥାନୀୟ ପ୍ରଫୁଲ୍ଲନଗରସ୍ଥ ଲେଟ କଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଟି -୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସର ୧ମ ମ୍ୟାଚରେ କୋଲକାତାର ଏଲଆରଏସଟିମ ୮ ୱିକେଟରେ ବିଶାଖାପାଟନମର ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଇଷ୍ଟକୋଷ୍ଟ ରେଲୱେ ୧୮ ଓଭରରେ ୮ ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୧. ୪ ଓଭରରେ ୨ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜସେବୀ ଦେବାଶିଷ ଦାସ ଏହି ମ୍ୟାଚକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ କୁମାର ଦାଶ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ସହସମ୍ପାଦକ ଲକ୍ଷ୍ମୀଧର ନାୟକ ଉପସ୍ଥିତ ଥିଲେ।

ଦ୍ୱିତୀୟ ମ୍ୟାଚରେ ଏମଏମସିସି, ସମ୍ବଲପୁର ୬ ୱିକେଟରେ ଖଡ଼ଗପୁର ସେରସାକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଖଡ଼ଗପୁରର ସେରସା ଟିମ ୨୦ ଓଭରରେ ୮ ୱିକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲା। ଜବାବରେ




ସମ୍ବଲପୁର ୧୮. ୫ ଓଭରରେ ୪ ୱିକେଟ ହରାଇ ୧୭୦ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବିବେକ କୁମାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ଭାବେ ଯୁବ ସମାଜସେବୀ ସୌମ୍ୟରଞ୍ଜନ ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବାବେଳେ ସୌରଜିତ ସାହୁ ସ୍କୋରର ଥିଲେ। ସୁରେଶ ସାଣ୍ଡିଲ, ବୁବୁ ସିହ୍ନା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ।

## ଭିଜିଲାନ୍ସ ଓ ସାମ୍ବାଦିକ ପରିଚୟ ଦେଇ ଠକେଇ

# ଶଳା, ଭିଣୋଇ ଗିରଫ

**ରାଉରକେଲା, ୧୨।୧୨(ସମିସ)**



ନିଜକୁ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଓ ସାମ୍ବାଦିକ ବୋଲି ପରିଚୟ ଦେଇ ଜଣେ ଓଏଏସ ଅଧିକାରୀଙ୍କ ଠାରୁ ୪ ଲକ୍ଷ ଠକି ନେବା ଘଟଣାରେ ପୁଲିସ ସୁବର୍ଣ୍ଣପୁର ଅଞ୍ଚଳର ଶଳା ଓ ଭିଣୋଇଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ, ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ମେଣ୍ଡାମାଲ ଗ୍ରାମର ଶଳା ଗଣେଶ ପ୍ରସାଦ ନନ୍ଦ ଓ ଉଲୁଣ୍ଡା ଥାନା ନକଡେହି ଗ୍ରାମର ଭିଣୋଇ ପ୍ରଦୀପ କୁମାର ପଣ୍ଡା। ସେମାନଙ୍କ ଠାରୁ ବିଭିନ୍ନ ବ୍ୟାଙ୍କର ୪୩ଟି ପାସବୁକ୍, ୩୮ଟି ଏଟିଏମ୍ କାର୍ଡ, ୩୭ଟି ଚେକବୁକ୍, ୧୦ଟି ମୋବାଇଲ ଫୋନ, ୨ଟି ନ୍ୟୁଜ ଚ୍ୟାନେଲ ବୁମ୍, ଲାପଟପ୍, ୨୫୧୮୦ ଟଙ୍କା ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ଶୁକ୍ରବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନୀତେଶ ୱାଧୱାନୀ ଅଧିକ ସୂଚନା ଦେଇ କହିଥିଲେ, ଜଣେ ଓଏଏସ ଅଧିକାରୀଙ୍କୁ ଆୟ ବହିର୍ଭୂତ ସମ୍ପତି ଠୁଳ କରିବା ଅଭିଯୋଗରେ ଭୟଭୀତ କରି ଭିଜିଲାନ୍ସ ମାମଲାକୁ ରଫାଦଫା କରି ଦେବା ପାଇଁ ତାଙ୍କୁ ଅଭିଯୁକ୍ତ ଦ୍ୱୟ ୮ ଲକ୍ଷ ଟଙ୍କା ଦାବି କରିଥିଲେ। ପରେ ୪ ଲକ୍ଷ ଟଙ୍କାରେ ଛିଣ୍ଡିବା ସହ ଅଭିଯୁକ୍ତ ଦ୍ୱୟ ତାଙ୍କ ଠାରୁ ୪ ଲକ୍ଷ ଟଙ୍କା ଠକି ନେଇଥିଲେ। ପରେ ଏନେଇ ଡିସେମ୍ବର ମାସ ୧୧ ତାରିଖରେ ବଣାଇଁ ଥାନାରେ ସମ୍ପୃକ୍ତ ଓଏଏସ ଅଧିକାରୀ ଏହି ବିଷୟରେ ଅଭିଯୋଗ କରିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଘଟଣାରେ ପୁଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ସୂଚନା ମୁତାବକ, ଗିରଫ ଗଣେଶ ହେଉଛି ଜଣେ ଅଭ୍ୟାସଗତ ଠକ। ୨୦୨୧ରେ ଭଉଣୀଙ୍କ ସ୍ୱାମୀ ତଥା ସହଯୋଗୀ ପ୍ରଦୀପଙ୍କ ସହେଯାଗରେ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଭାବେ ପରିଚୟ ଦେଇ ବିଭିନ୍ନ ସରକାରୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ପରି ଅଧିକାରୀକୁ ଭିଜିଲାନ୍ସ ରେଡ୍ କରାଇ ଦେବେ ବୋଲି କହି ଧମକଚମକ ଦେଉଥିଲେ ଏବଂ ମୂଳଚାଲ କରି ଟଙ୍କା ଉପାର୍ଜନ କରୁଥିଲେ। ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଭାବେ ପରିଚୟ ଦେଇ ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼ ଏବଂ ଅନ୍ୟାନ୍ୟ ଜିଲ୍ଲାର ଅନେକ ସରକାରୀ ଅଧିକାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ତଦନ୍ତରୁ ଜଣାପଡ଼ିଛି। ଦୁଇ ଅଭିଯୁକ୍ତ ଭିଜିଲାନ୍ସ ଚଢ଼ଉ କରିବା ସହିତ ଗଣମାଧ୍ୟମରେ ଖବର ପ୍ରସାରଣ କରି ଦେବେ ବୋଲି ଭୟ ଦେଖାଉ ଥିଲେ। ତେବେ ସମାଜରେ କଳଙ୍କ, ଭୟକୁ ନେଇ କିଛି ସରକାରୀ ଅଧିକାରୀ ସେମାନଙ୍କ

> **ମୋବାଇଲ, ଲାପଟପ୍, ଟଙ୍କା ସମେତ ଅନ୍ୟ ସାମଗ୍ରୀ ଜବତ**
>
> **ଓଏଏସ୍ ଅଧିକାରୀଙ୍କ ଠାରୁ ୪ ଲକ୍ଷ ଠକି ନେଇଥିଲେ**

ଜାଲରେ ଫସି ଟଙ୍କା ଦେଇଥିଲେ। ସବୁ ଟଙ୍କା ଗଣେଶଙ୍କ ଭଉଣୀ ବ୍ୟାଙ୍କ୍ ଆକାଉଣ୍ଟକୁ ଯାଉଥିଲା। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ମାଝୀ, ବଣାଇଁ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ, ଗୁରୁଣ୍ଡିଆ ଥାନା ଅଧିକାରୀ ରାମେଶ୍ୱର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ପ୍ରଶିକ୍ଷଣ




**ରାଉରକେଲା, ୧୨।୧୨(ସମିସ):** ଚଳିତ ମାସ ୧୫ ତାରିଖରୁ ବଣାଇଁ ଉପଖଣ୍ଡ ଏବଂ ୨୦ ତାରିଖରୁ ସୁନ୍ଦରଗଡ଼ ଏବଂ ପାନପୋଷ ଉପଖଣ୍ଡରେ ଚଳିତ ଖରିଫ ଋତୁ ଧାନ ସଂଗ୍ରହ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଆଜି ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ପ୍ରଶିକ୍ଷଣ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା କିଭଳି ଭାବେ ସୁରୁଖୁରୁରେ ସମ୍ପାଦନ କରାଯିବ ତାହା ଉପରେ ଆଲୋଚନା କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଫ୍‌ଏକ୍ୟୁ ଧାନ ସଂଗ୍ରହ ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ଧାନର ମାନ କିଭଳି ନିର୍ଦ୍ଧାରଣ କରାଯିବ ତାହା ଉପରେ ବିଶେଷଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଧାନକୁ ଭଲ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା ଆଦିକୁ ଭଲ ଭାବରେ ସଫା କରି ଧାନ ସଂଗ୍ରହ କେନ୍ଦ୍ରକୁ ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପ୍ରଶିକ୍ଷଣରେ ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ଡିଆରସିଏସ ରଶ୍ମିଲତା ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ, ସମସ୍ତ ଅତିରିକ୍ତ ଯୋଗାଣ ଅଧିକାରୀ, ସମସ୍ତ ଏଆରସିଏସ, ସମସ୍ତ ଯୋଗାଣ ନିରୀକ୍ଷକ, ସମସ୍ତ ଆର୍‌ଏମ୍‌ସି ସମ୍ପାଦକ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ହୁଇଲଚେୟାର, ଶ୍ରବଣ ଯନ୍ତ୍ର ବଣ୍ଟନ




**ରାଉରକେଲା, ୧୨।୧୨(ସମିସ):** ଭାରତର ସର୍ବବୃହତ୍ତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କୁ ହୁଇଲଚେୟାର ଓ ଶ୍ରବଣ ଯନ୍ତ୍ର ପ୍ରଦାନ କରି ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ ବେଦାନ୍ତ କମ୍ପାନୀ ଛତାବର, କୁଡାଲୋଇ, ପିପିଲିମାଲ ଏବଂ ବଞ୍ଜାରୀ ଗ୍ରାମ ପଞ୍ଚାୟତଗୁଡ଼ିକର ୨୦ ଜଣ ବ୍ୟକ୍ତିଙ୍କୁ ହୁଇଲଚେୟାର ଏବଂ ଶ୍ରବଣ ଯନ୍ତ୍ର ସହାୟତା ପ୍ରଦାନ କରିଥିଲା। ଏହି ପ୍ରୟାସକୁ ଆଗକୁ ବଢ଼ାଇ କମ୍ପାନୀ ୩୦ ଜଣ ଗୋଷ୍ଠୀ ସଦସ୍ୟଙ୍କୁ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ସେମାନେ ସ୍ୱାଧୀନ ଜୀବନଯାପନ କରିପାରିବେ। ଏହି ସହାୟକ ଉପକରଣଗୁଡ଼ିକ ବିଲିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡକ୍ଟର ଅଭିଳାଷ, ପିପଲିମାଲ୍ ସରପଞ୍ଚ ରଙ୍ଗାଧର ଡିଲା, ଆଶା କର୍ମୀ ଏବଂ ସମ୍ପ୍ରଦାୟର ସଦସ୍ୟମାନେ, କମ୍ପାନୀ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗର ଭାବନାକୁ ସୁଦୃଢ଼ କରୁଛନ୍ତି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତରେ ସାମାଜିକ କାର୍ଯ୍ୟକ୍ରମ ସମ୍ପ୍ରଦାୟ ପାଇଁ ନ୍ୟାୟସଙ୍ଗତ ସୁଯୋଗ ସୃଷ୍ଟି କରିବାରେ ନିହିତ। ହୁଇଲଚେୟାର ଏବଂ ଶ୍ରବଣ ଯନ୍ତ୍ର ସହିତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସହାୟତା କରିବା ସହିତ ସେମାନଙ୍କୁ ସ୍ୱାଧୀନ ଭାବରେ ବଞ୍ଚିବାକୁ ସଶକ୍ତ କରିଥାଏ ଏବଂ ଗୋଷ୍ଠୀ ଅନ୍ତର୍ଭୁକ୍ତିକରଣ ଏବଂ ସଶକ୍ତିକରଣକୁ ମଜବୁତ କରିଥାଏ। ଏହି ଅବସରରେ ହେମଗିର ସ୍ଥିତ ବିଲିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଡକ୍ଟର ଅଭିଳାଷ କହିଛନ୍ତି, ବେଦାନ୍ତର ଏହି ପଦକ୍ଷେପ ସମୁଦାୟ ମଧ୍ୟରେ ସୁସ୍ଥ, ଅଧିକ ସ୍ୱାଧୀନ ଜୀବନକୁ ସକ୍ଷମ କରିବା ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ।

# କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ




**ରାଉରକେଲା, ୧୨।୧୨(ସମିସ):** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ), ଭୁବନେଶ୍ୱର ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା ସଂସ୍କୃତି ଭବନଠାରେ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ (ଏଫ୍‌ଏଲ୍‌ଏଫ୍‌ଏଲ୍‌ଇ) ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆରବିଆଇ ଉପ ପ୍ରବନ୍ଧକ ମଧୁକର ଆନନ୍ଦ ସହାୟକ, ମହାପ୍ରବନ୍ଧକ ରାହୁଲ କାନ୍ତା, ୟୁକୋ ବ୍ୟାଙ୍କ ସମ୍ବଲପୁରର ଆଞ୍ଚଳିକ ପ୍ରବନ୍ଧକ ଗୌରବ ଚାଟାର୍ଜୀ ଏବଂ ସୁନ୍ଦରଗଡ଼ ଏଲଡିଏମ ଗଗନ ବିହାରୀ ଭାଲ ଦୀପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆରବିଆଇ ଉପ ମହାପ୍ରବନ୍ଧକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ଉପରେ ଗୁରୁତ୍ୱାରୋପ କରିବା ସହ ଏ ଦିଗରେ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏଥିରେ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କୃଷକ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକଙ୍କ ଭଳି ବିଭିନ୍ନ ଟାର୍ଗେଟ୍ ଗ୍ରୁପରୁ ପ୍ରାୟ ୨୦୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ରିଜର୍ଭ ବ୍ୟାଙ୍କର ବିଭିନ୍ନ ବିଭାଗ ଯଥା ଏଫ୍‌ଆଇଡିଡି, ଡିଓଏସ୍, ଆଇବିଡି ଓ ନିର୍ଗମ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ଆର୍ଥିକ ଯୋଜନା, ସଞ୍ଚୟ ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ନେବା, ନିବେଶ, ବୀମା ସମେତ ସାମାଜିକ ସୁରକ୍ଷା ଯୋଜନା ଏବଂ ପେନସନ, ଶିକ୍ଷା ଋଣ ଆଦି ଉପରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଅଂଶଗ୍ରହଣକାରୀଙ୍କୁ ନକଲି ନୋଟ୍ ଚିହ୍ନଟ, ବ୍ୟାଙ୍କ ଦ୍ୱାରା ନୋଟ୍ ବିନିମୟ ସୁବିଧା ଏବଂ ମୁଦ୍ରା ଗୁଡିକର ଲିଗାଲ ଟେଣ୍ଡର ସମ୍ପର୍କରେ ଅବଗତ କରାଯାଇଥିଲା। ଏହାବ୍ୟତୀତ ବିଭିନ୍ନ ପ୍ରକାର ଠକେଇ ସମେତ ବାସ୍ତବ ଜୀବନର ଉଦାହରଣ ଦେଇ ସାଇବର ଠକେଇ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଫୋନ୍ ମାଧ୍ୟମରେ କୌଣସି ବି ବ୍ୟକ୍ତି ସହିତ ସମ୍ବେଦନଶୀଳ ଆର୍ଥିକ ତଥ୍ୟ ସେୟାର ନ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରାଯାଇଥିଲା। ଶେଷରେ ଆରବିଆଇର ଅଭିଯୋଗ ସମାଧାନ ବ୍ୟବସ୍ଥା ଏବଂ ଅଭିଯୋଗ ଦାଖଲ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଶେଷରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଇଏଣ୍ଡପିଆର୍ ଉତ୍ତରାଞ୍ଚଳ ଉପନିର୍ଦ୍ଦେଶିକାଙ୍କ ସୁନ୍ଦରଗଡ଼ ଗସ୍ତ



**ରାଉରକେଲା, ୧୨।୧୨(ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗ(ଆଇଏଣ୍ଡପିଆର୍) ଉତ୍ତରାଞ୍ଚଳ (ସମ୍ବଲପୁର)ର ଉପ ନିର୍ଦ୍ଦେଶିକା କଲ୍ୟାଣୀ ଦାଶ ଆଜି ସୁନ୍ଦରଗଡ଼ ଜିଲ୍ଲା ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ସେ ସୁନ୍ଦରଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ଉପ ନିର୍ଦ୍ଦେଶିକା ଶ୍ରୀମତୀ ଦାଶଙ୍କୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀଙ୍କ ସମେତ ସମସ୍ତ କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉପ ନିର୍ଦ୍ଦେଶିକା ଶ୍ରୀମତୀ ଦାଶ କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର, ରେଜିଷ୍ଟର ଆଦି ତନଖିବା ସହିତ ପ୍ରତ୍ୟେକ କାର୍ଯ୍ୟଗୁଡ଼ିକୁ ସମୟ ସୀମା ମଧ୍ୟରେ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କାର୍ଯ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେ ସବୁର ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ସୁନ୍ଦରଗଡ଼ ସୂଚନା କେନ୍ଦ୍ର ତଥା ପାଠାଗାର ଗସ୍ତ କରି ବିଭିନ୍ନ ନଥିପତ୍ର ଦେଖିବା ସହ ପାଠକମାନଙ୍କ ସହିତ ଆଲୋଚନା କରିଥିଲେ।

## ମହିଳାଙ୍କୁ କଚାଡ଼ି ମାରିଲା ହାତୀ

**ରାଉରକେଲା, ୧୨।୧୨(ସମିସ):** ସହରରେ ହାତୀ ଆତଙ୍କ ଥମିବାର ନାଁ ଧରୁନି। କେତେ ବେଳେ ଶିଶୁକୁ କଚାଡି ମାରି ଦେଉଛି ତ ଆଉ କେତେ ବେଳେ ପୁରୁଷ, ମହିଳାଙ୍କୁ। କିଛି ଦିନ ପୂର୍ବେ ବନ୍ଧମୁଣ୍ଡା, ଫର୍ଟିଲାଇଜର ଓ ଲାଠିକଟା ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଥିବା ବେଳେ ପୁଣି ଶୁକ୍ରବାର ଲାଠିକଟା ବ୍ଲକ କର୍ଲାଖମନ ଗ୍ରାମରେ ଦେଖିବାକୁ ମିଳିଛି ହାତୀଙ୍କ ଆତଙ୍କ। ଉକ୍ତ ଗ୍ରାମର ଜନ୍ମିତା ଗୁଡ଼ିଆ (୫୦)ଙ୍କୁ ହାତୀ କଚାଡି ମାରି ଦେଇଥିବା ଅଭିଯୋଗ ହୋଇଛି। ସେ କୌଣସି କାମରେ ସକାଳେ ଯାଉଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲା। ଜୀବନ ବଞ୍ଚାଇବାକୁ ଯାଇ ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ହାତୀ ତାଙ୍କୁ କଚାଡି ମାରି ଦେଇଥିଲା। ଘଟଣାକୁ ନେଇ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ବନ ବିଭାଗ ପକ୍ଷରୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବିଭାଗ ପଦକ୍ଷେପ ନେଉ ନଥିବାରୁ ଦିନକୁ ଦିନ ହାତୀ ଆତଙ୍କ ବୃଦ୍ଧି ପାଇ ଲୋକଙ୍କ ଜୀବନ ଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ହାତୀ ଉପଦ୍ରପ ରୋକିବା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

## ସ୍କୁଟିକୁ ଧକ୍କା ଦେଲା ବାଇକ୍

**ରାଉରକେଲା, ୧୨।୧୨(ସମିସ):** ଟ୍ରାଫିକ ଟାୱାର ଛକଠାରେ ଶୁକ୍ରବାର ଏକ ସ୍କୁଟିକୁ ବାଇକ୍ ଧକ୍କା ଦେବା ଫଳରେ ଉଭୟ ଗାଡ଼ି ଚାଳକ ଆହତ ହୋଇଛନ୍ତି। ଦୁଇ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଟ୍ରାଫିକ ଲାଲ୍ ସିଗନାଲ ଚାଲୁ ରହିଥିବା ବେଳେ ହଠାତ୍ ବିଶ୍ରା ଛକ ଆଡୁ ସେକ୍ଟର ପଟକୁ ଯାଉଥିବା ବାଇକ୍ ଚାଳକ ଦ୍ରୁତ ଗତିରେ ଆସି ସ୍କୁଟିକୁ ଧକ୍କା ଦେଇଥିଲା। ସ୍ଥାନୀୟ ପୁଲିସ ବାଇକ୍ ଚାଳକକୁ କାବୁ କରିବାରେ ସକ୍ଷମ ହୋଇଥିଲା। ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ରାଉରକେଲା, ୧୨।୧୨(ସମିସ):** ରାଉରକେଲା ସହର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରାଉଳଙ୍କ ଅଧ୍ୟକ୍ଷତାରେ ତିନିଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୧ଟି କ୍ରୀଡ଼ା ପ୍ରତିଯୋଗିତାରେ ୫୦୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଇଣ୍ଡିଆନ ବ୍ୟାଙ୍କ ମ୍ୟାନେଜର ମୋତିରାଣୀ ବେଶ୍ରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଭା ଅନ୍ୱେଷର ସଭାପତି ଆର୍ତ୍ତତ୍ରାଣ ଜେନା ଯୋଗଦେଇଥିଲେ। ଏସଏମସିର ସଭାପତି ସରୋଜ ଜେନା ଉପସ୍ଥିତ ଥିଲେ। ଆଲୁମିନି କମିଟିର ସଭାପତି ଓ ସମ୍ପାଦକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜିତା ପୁଷ୍ପା ଭେଙ୍ଗରା କ୍ରୀଡ଼ା ପରିଚାଳନା କରିଥିଲା ବେଳେ ଯଶୋବନ୍ତୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷକ ସୁଜିତ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏମ୍‌ସିର ସମନ୍ୱୟ ବୈଠକ

# ମାର୍ଚ୍ଚ ସୁଦ୍ଧା ଗର୍ତ୍ତ ମୁକ୍ତ ହେବ ସ୍ମାର୍ଟ ସିଟି ରାସ୍ତା

**ରାଉରକେଲା, ୧୨।୧୨(ସମିସ)**



ଆଗାମୀ ମାର୍ଚ୍ଚ ସୁଦ୍ଧା ରାଉରକେଲା ସ୍ମାର୍ଟ ସିଟି ରାସ୍ତା ଗର୍ତ୍ତ ମୁକ୍ତ ହେବ ବୋଲି ଆରଏମସି କମିଶନରଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ସମନ୍ୱୟ ବୈଠକରେ ମତ ପ୍ରକାଶ ପାଇଛି। ତେବେ ସହରର ମଧ୍ୟରେ କୌଣସି ସ୍ଥାନରେ ରାସ୍ତା ଖୋଳିବା ପୂର୍ବରୁ ଆରଏମସି ଠାରୁ ଅନୁମତି ନେବାକୁ ପଡ଼ିବ ବୋଲି କହିଛନ୍ତି ଆରଏମସି କମିଶନର ଦୀନାଃ ଦସ୍ତଗୀର। ରାଉରକେଲାର ବିକାଶ ଯେପରି ଶୀର୍ଷରେ ପହଞ୍ଚିବ ଏବଂ ଜନସାଧାରଣଙ୍କୁ ଉତ୍ତମ ମାନର ସହରୀ ସେବା ମିଳିବ ସେଥିପାଇଁ ସମସ୍ତ ବିଭାଗର ସହଯୋଗରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମନ୍ୱୟ ବୈଠକରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ତଥା କମିଶନର ଦୀନା ଦସ୍ତଗୀର ଅଧକ୍ଷତା କରିଥିଲେ। ଏଥିରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସହରର ରାସ୍ତାକୁ ଖାଲଖମା ତଥା ଗର୍ତ୍ତମୁକ୍ତ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ସହରର ରାସ୍ତା ଗୁଡିକୁ ଗର୍ତ୍ତ ମୁକ୍ତ କରିବା, ରାସ୍ତା ମରାମତି କାର୍ଯ୍ୟକୁ ତ୍ୱରିତ କରିବା ଏବଂ ରାସ୍ତା ଖୋଳିବା ପୂର୍ବରୁ ଆରଏମସି ଠାରୁ ଅନୁମତି ନେବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଭିନ୍ନ ବିଭାଗରେ ରହିଥିବା ସମସ୍ୟା ଓ ତାହାର ଦୂରୀକରଣ ଉପରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଥିବା ଅଞ୍ଚଳର ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ଷ୍ଟ୍ରିଟ ଲାଇଟ୍ ତଥା ଅନ୍ୟାନ୍ୟ ମୌଳିକ ସମସ୍ୟାର ସମୀକ୍ଷା କରିବା ସହ ସେଗୁଡିକର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଆରଏମ୍‌ସି କମିଶନର ପରାମର୍ଶ ଦେଇଥିଲେ। ରାଉରକେଲା ଏକ ଶିଳ୍ପାଞ୍ଚଳ ହୋଇଥିବାରୁ ପ୍ରଦୂଷଣକୁ ଗୁରୁତର ସହ ନେଇ ତାହାକୁ ନିୟନ୍ତ୍ରଣ କରିବା ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରିବାକୁ କମିଶନର ପରାମର୍ଶ ଦେଇଥିଲେ। ବୁଲା ଗାଇଗୋରୁଙ୍କ ଲାଗି ଏକ ଗୋଶାଳା ନିର୍ମାଣ ଲାଗି ଆର୍‌ଏମ୍‌ସି ଯୋଜନା କରୁଥିବା ବେଳେ ଏଥିଲାଗି ଆବଶ୍ୟକ ଜାଗା ଯୋଗାଇ ଦେବାରେ ସହଯୋଗ କରିବାକୁ ଆୟୁକ୍ତ ଉପସ୍ଥିତ ଆରଏସ୍‌ପି ଅଧିକାରୀଙ୍କୁ କହିଥିଲେ। ଆରଏସପି ଅଞ୍ଚଳରେ ନିୟମିତ ଟୀକାକରଣକୁ ସକ୍ରିୟ କରିବା ପାଇଁ ସାର୍ବଜନୀନ ସ୍ଥାନ ଗୁଡିକରେ କ୍ୟାମ୍ପ ଆୟୋଜନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ୱାଟକୋ, ଟିପିଡବ୍ଲୁଓଡିଏଲ, ଗେଲ୍‌ର ଅଧିକାରୀ ଉପସ୍ଥିତ ରହିଥିବା ବେଳେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ଖୋଳିବା ପୂର୍ବରୁ ଆଗୁଆ ଅନୁମତି ନେବାକୁ ଆରଏମସି କମିଶନର ନିର୍ଦ୍ଦେଶ ଦେଇଥିଲେ। ଏଥିସହ କାର୍ଯ୍ୟ ପରେ ଖୋଳା ରାସ୍ତାକୁ ପୂର୍ବାବସ୍ଥାକୁ ଫେରାଇ ଆଣିବା ପାଇଁ ମରାମତି କାର୍ଯ୍ୟକୁ ତ୍ୱରିତ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଜନସୁରକ୍ଷାକୁ ଦୃଷ୍ଟିରେ ରଖି ଅକୁପେନ୍ସି ସାର୍ଟିଫିକେଟ ହାସଲ କରିବା ସମସ୍ତଙ୍କ ପାଇଁ ଅନିବାର୍ଯ୍ୟ, ତେଣୁ ଏହି ସାର୍ଟିଫିକେଟ ପାଇବା ପରେ ହିଁ ପାନୀୟ ଜଳ, ବିଦ୍ୟୁତ୍ ସରବରାହ ଯୋଗାଇ ଦେବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହରର ଯେଉଁ ସବୁ ସ୍ଥାନରେ ପାଇପ୍ ଫାଟି ପାଣି ନଷ୍ଟ ହେଉଛି ସେଗୁଡିକର ମରାମତି ପାଇଁ ୱାଟକୋର ଅଧିକାରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଷ୍ଟ୍ରିଟ୍ ଲାଇଟ୍ ଗୁଡିକର ମରାମତି କାର୍ଯ୍ୟ ଜୋରଦାର୍ କରିବାକୁ ଟିପିଡବ୍ଲୁଓଡିଏଲ୍‌ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ପାୱାର କଟ୍ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଉପସ୍ଥିତ ଥିବା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସେମାନଙ୍କ ବିଭାଗ ତରଫରୁ ବର୍ତ୍ତମାନ ସମୟରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ତଥ୍ୟ ମାଗିବା ସହ ଭବିଷ୍ୟତର କାର୍ଯ୍ୟପନ୍ଥା ବିଷୟରେ ସବିଶେଷ ସୂଚନା ଦେବାକୁ କମିଶନର ପରାମର୍ଶ ଦେଇଥିଲେ। ବୈଠକରେ ରାଉରକେଲା ମହାନଗର ନିଗମ ଯୁଗ୍ମ ପୌରାୟୁକ୍ତ ପଲ୍ଲବୀ ନାୟକ, ଆରଡିଏ ସଚିବ ଲଙ୍କେଶ୍ୱର ଅମାତ, ଉପ ପୌରାୟୁକ୍ତ ଅନୀତା ନାଏକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ, ଆରଏସପି, ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

> **ରାସ୍ତା ଖୋଳିବା ପୂର୍ବରୁ ଆର୍‌ଏମ୍‌ସି ଠାରୁ ନେବାକୁ ପଡ଼ିବ ଅନୁମତି**

### ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା

# ଦାବି ପୂରଣ ନ ହେଲେ ୧୭ରେ ଦେବଗଡ଼ ବନ୍ଦ

ଦେବଗଡ଼, ୧୨।୧୨(ସମିସ)



ଦେବଗଡ଼ ସହରର କେନ୍ଦ୍ର ସ୍ଥଳରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାକୁ ନୂଆଁ ବାଲିରୋଇ ସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତରିତ ହୋଇଛି। କିନ୍ତୁ ପୁରୁଣା କୋଠାରେ ଅବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ପୂର୍ବକ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ଦାବି ହୋଇ ଆସୁଛି। ଜିଲ୍ଲା ଯୁବ ଏକତା ମଞ୍ଚ ନେତୃତ୍ୱରେ ଶୋଭାଯାତ୍ରା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଓ ଦେବଗଡ଼ ବନ୍ଦ ପାଳନ ଆଦି ଆନ୍ଦୋଳନ ସତ୍ତ୍ୱେ ଦାବି ପୂରଣ ହୋଇ ନାହିଁ। ଏଣୁ ମଞ୍ଚ ପକ୍ଷରୁ ଜିଲ୍ଲା ପୁରୁଣା ମୁଖ୍ୟ ଚିକିତ୍ସାଳୟ କୋଠା ପରିସରରେ ଶାନ୍ତିପୂର୍ଣ୍ଣ ରିଲେ ଧାରଣା ଜାରି ରହିଛି। ତେବେ ଧାରଣାସ୍ଥଳୀକୁ କୌଣସି ଜିଲ୍ଲା ସ୍ତରୀୟ ଅଧିକାରୀ ଆଲୋଚନା ପାଇଁ ଆସୁ ନଥିବା କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ କୌଣସି ପଦକ୍ଷେପ ନେଉ ନଥିବା ଯୁବ ଏକତା ମଞ୍ଚ ଅଭିଯୋଗ କରିଛି। ଅନ୍ୟ ପକ୍ଷରେ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଚିକିତ୍ସାଳୟ ପୁରୁଣା କୋଠାରେ ୧୦ ଶଯ୍ୟା ବିଶିଷ୍ଟ ଏବଂ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା ନେଇ ମିଥ୍ୟା ତଥ୍ୟ ଦେଇଥିବା ମଞ୍ଚ ଅଭିଯୋଗ କରିଛି। ତେବେ ୧୫ ତାରିଖ ସୁଦ୍ଧା ମନ୍ତ୍ରୀଙ୍କ ଉକ୍ତି ଅନୁସାରେ ସେବା ସୁବିଧା ଯୋଗାଇ ଦେବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛଇ। ଏପରି ନ ହେଲେ ୧୭ ତାରିଖ ପୁଣିଥରେ ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଡାକରା ଯିବା ନେଇ ମଞ୍ଚ ପକ୍ଷରୁ ରାଜଶ୍ରୀ ପାତ୍ରଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ମହିଳା ଓ ଏକତା ମଞ୍ଚର ସଦସ୍ୟ ଉପ ଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଜଣାଇ ଦେଇଛନ୍ତି।

# ହାଇୱା ଧକ୍କାରେ ଆର୍‌ଏଫ୍ ଗେଟ ଭାଙ୍ଗିଲା

**ଯାତାୟାତରେ ନାହିଁ ନ ଥିବା ଅସୁବିଧା**

ଝାରସୁଗୁଡ଼ା/କିର୍ମିରା, ୧୨।୧୨(ସମିସ): ଦକ୍ଷିଣ ପୂର୍ବ ହାୱଡା ବମ୍ବେ ମୁଖ୍ୟ ରେଳପଥ ଚକ୍ରଧରପୁର ଡିଭିଜନ ଅଧୀନ ଝାରସୁଗୁଡ଼ା ରେଳ ଜଙ୍କସନ ନିକଟବର୍ତ୍ତୀ ଧୁତରା ରେଳ ଷ୍ଟେସନ ପୂର୍ବପଟ ୨୫୫ ନଂ.ରେଳଫାଟକକୁ ଗତକାଲି ଦ୍ୱିପ୍ରହର ୨ଟାରେ ଏକ ହାଇୱା ଧକ୍କା ଦେବାରୁ ଗେଟଟି ଖଣ୍ଡ ବିଖଣ୍ଡ ହୋଇଯାଇଛି। ଫଳରେ ଲୋକଙ୍କ ଯାତାୟାତ ବିପଦ ସଂକୁଳ ହୋଇ ପଡ଼ିଥିଲା। ଖବର ପାଇ ଷ୍ଟେସନ ମ୍ୟାନେଜର ଅରୁଣ କାଙ୍ଗାରୀ, ମୁରଲୀ ଭଂଏସା ତଥା ଆରପିଏଫ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅସ୍ଥାୟୀ ଗେଟ ଦେଇ ରେଳରାସ୍ତାରେ ଲୋକ ତଥା ଯାନବାହାନ ଚଳାଚଳ ବନ୍ଦ କରିଥିଲେ। ଗେଟ ବନ୍ଦ ହେବାରୁ ଶହ ଶହ ଯାନବାହାନ ଅଟକ ରହି ଯାତାୟତରେ ଠପ ହୋଇଥିଲା। ଏହି ଫାଟକଟି ଉପରେ ମୁଖ୍ୟତଃ କିର୍ମିରା, ଲଇକେରା, ବାଗଡ଼ିହି, ନକ୍ସାପାଳି, ବନ୍ଧପାଳି ଆଦି ଅନେକ ଗାଁ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ପାଖରେ ଥିବା ୪ର୍ଥ ରେଳ ଲାଇନ କାର୍ଯ୍ୟ ପାଇଁ ଯାନବାହାନ ଚଳାଚଳ, ସିମେଣ୍ଟ କାରଖାନା, ସ୍ପଞ୍ଜ ଆଇରନ, କେମିକାଲ ପ୍ଲାଣ୍ଟ ଗୁଡିକ ପାଇଁ ଗମନାଗମନ ଓ ପରିବହନ ଅତ୍ୟାବଶ୍ୟକ ହେଇପଡୁଛି। ଏଣୁ ଆସନ୍ତା ଦିନରେ ସୁରକ୍ଷା ପାଇଁ ଫ୍ଲାଏଓଭର କିମ୍ବା ଏଲଏଚଏସ ନିର୍ମାଣ ଜରୁରୀ ହୋଇପଡ଼ିଛି। ଏପରି ନହେଲେ ଦୁର୍ଘଟଣା ଘଟିବା ସୁନିଶ୍ଚିତ। ଏଥିପ୍ରତି ରେଳ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଅତିଶୀଘ୍ର ସମାଧାନ ଦାବି କରିଛନ୍ତି। ଅବହେଳା ଯୋଗୁଁ ଦୁର୍ଘଟଣା ହେଲେ ସେଥିପାଇଁ ରେଳ କର୍ତ୍ତୃପକ୍ଷ ଦାୟୀ ହେବେ ବୋଲି ଅଞ୍ଚଳରେ ମତ ପ୍ରକାଶ ପାଇଛି।

## ବୁଢ଼ାପାଳରେ ଶିକ୍ଷା ସଭା

ରିଆମାଳ, ୧୨।୧୨(ସମିସ): ରିଆମାଳ ବ୍ଲକ ବୁଢ଼ାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରରେ ବୁଢ଼ାପାଳ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଉତ୍ତମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବୁଢ଼ାପାଳ ସରପଞ୍ଚ ଦିଲ୍ଲୀପ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବୁଢ଼ାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟରୁ ପାଠ ଛାଡି ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ପ୍ରତି ମନୋବଳାଇବାକୁ ଉପଦେଶ ଦେଇଥିଲେ। ପାଠ ଛାଡିଥିବା ୮ ଜଣ ଛାତ୍ରଛାତ୍ରୀଙ୍କୁ ପୁଣି ପାଠପଢ଼ା ମୁଖ୍ୟସ୍ରୋତରେ ସାମିଲ ହେବାକୁ କୁହାଯାଇଛି। ସଭାରେ ବହୁ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ଆଲୁମିନା କମିଟି ସଦସ୍ୟ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ଧରଣୀଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ଲୋକଅଦାଲତ ସମ୍ପର୍କରେ ସଚେତନତା

ଝାରସୁଗୁଡ଼ା, ୧୨।୧୨(ସମିସ): ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆସନ୍ତା ୧୩ ତାରିଖ ଜିଲ୍ଲା କୋର୍ଟ ପରିସରରେ ଓ ଲଖନପୁରରେ ଥିବା ଗାଁ ନ୍ୟାୟାଳୟ ପରିସରରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ଭ୍ରାମ୍ୟମାଣ ଗାଡି ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବୁଲୁଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକ ଅଦାଲତ ସମ୍ପର୍କରେ ସଚେତନ କରାଯାଉଛି। ଅଦାଲତରେ ବିଚାରାଧିନ ମାମଲା, ଆପୋଷ ବୁଝାମଣା ମାଧ୍ୟମରେ ବିବାଦର ସହଜ ସମାଧାନ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦ୍‌ଉପଯୋଗ କରିବା ପାଇଁ ଜନସାଧାରଣ ମାନଙ୍କୁ ସଚେତନ କରାଯାଉଛି। ଏନେଇ ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ସୂଚନା ଦେଇଛନ୍ତି। ଲୋକ ଅଦାଲତରେ ବିଚାରାଧୀନ ସମସ୍ତ ପ୍ରକାରର ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଦେୱାନି ମକଦ୍ଦମା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ଆଦି ମାମଲା ମାନଙ୍କର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇପାରିବ। ବିଚାରାଧୀନ ମାମଲା ବ୍ୟତୀତ ପ୍ରାକ୍ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମାର ମଧ୍ୟ ସମାଧାନ ଆପୋଷ ବୁଝାମଣା ମାଧ୍ୟମରେ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା ବିବାଦର ସମାଧନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ। କୌଣସି ବିଚାରାଧୀନ ମକଦ୍ଦମା ଲୋକ ଅଦାଲତ ମାଧ୍ୟମରେ ସମାଧାନ ହେଲେ, ଆଗରୁ ପୈଠ କୋର୍ଟ ଫି ମଧ୍ୟ ଫେରସ୍ତ ହୋଇପାରିବ। ଅଧିକ ସୂଚନା ନିମନ୍ତେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ କିମ୍ବା ହେଲ୍ପଲାଇନ ନମ୍ବର ୧୫୧୦୦ରେ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଛି।

## ପ୍ରାଚୀର ପତ୍ରିକା 'ପଣତକାନି'ର ଚତୁର୍ଥ ସଂସ୍କରଣ ଉନ୍ମୋଚିତ

ଝାରସୁଗୁଡ଼ା, ୧୨।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ପିପିଲିକାନୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରାଚୀର ପତ୍ରିକା 'ପଣତକାନି'ର ଚତୁର୍ଥ ସଂସ୍କରଣ ଉନ୍ମୋଚିତ ହୋଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଯାଇଛି। ଅନୁଷ୍ଠିତ ସଭାରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ପୂର୍ବତନ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଓ ଜମେରା ଉଚ୍ଚ ବିଦ୍ୟାୟର ବିଜ୍ଞାନ ଶିକ୍ଷକ ତଥା ନାଟ୍ୟକାର କିଶୋର ମହାନ୍ତି ଅତିଥି ଭାବେ ପତ୍ରିକା ଉନ୍ମୋଚନ କରିଥିଲେ। ତାପରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀ ସାହୁ ତାଙ୍କର ସ୍ୱରଚିତ କବିତା 'ସ୍କ୍ରିନ ଓ ଶୂନ୍ୟତା' ଓ 'ଜୀବନ ଦର୍ଶନ' ଆବୃତ୍ତି କରିଥିଲେ। ଅତିଥି ଶ୍ରୀ ମହାନ୍ତି ତାଙ୍କର ସ୍ୱରଚିତ କବିତା 'ଧରା' ଓ 'ନିଃସଙ୍ଗ ପଥିକ' ଆବୃତ୍ତି କରିଥିଲେ। ସମସ୍ତଙ୍କର ଅନୁରୋଧ କ୍ରମେ 'ଝରା ଫୁଲର କାହାଣୀ' ନାଟକର 'ବଡ ପୁଅ' ଚରିତ୍ର ଅଭିନୟ କରି ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲେ। ଏହାପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଗୋଟିକ ପରେ ଗୋଟିଏ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମର ପରିକଳ୍ପନା ଓ ସଂଯୋଜନ ପ୍ରଜ୍ଞାଦୀପ୍ତି ଦାଶ କରିଥିଲେ। ଶ୍ରଦ୍ଧାଞ୍ଜଳି ମହାନନ୍ଦ ଓ କ୍ଷେତ୍ରବାସୀ ବିଶ୍ୱାଳ ସହଯୋଗ କରିଥିଲେ। କବିତା, ସାହିତ୍ୟ ସୃଜନୀର ଭାଷା, ବର୍ତ୍ତମାନ ପରିସ୍ଥିତିରେ ଏଆଇର ମହତ୍ତ୍ୱ, ଅନ୍ତରର ଭାବ ବ୍ୟକ୍ତ, ମା' ଓ ବାପାଙ୍କ ଗୁରୁତ୍ୱ, ସମୟର ମହତ୍ତ୍ୱ, ଭାଷାର ଜାତୀୟତା ବୋଧକୁ ସର୍ବସମ୍ମୁଖରେ ଉପସ୍ଥାପନ କରିବାର ଶୈଳୀରେ ସମସ୍ତେ ବିଭୋର ହୋଇଥିଲେ।

## ପତଞ୍ଜଳି ଯୋଗ ସମିତି ପକ୍ଷରୁ ହବନ ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା, ୧୨।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପତଞ୍ଜଳି ଯୋଗ ସମିତି ପରିବାର ପକ୍ଷରୁ ବ୍ରଜରାଜନଗର ଜଗନ୍ନାଥ ପରିସରରେ ଝାରସୁଗୁଡ଼ା ଜିଲ୍ଲାରେ ଥିବା ପତଞ୍ଜଳି ଯୋଗ ସମିତିର ସହକାରୀ ଯୋଗ ଶିକ୍ଷକ ମାନଙ୍କୁ ହବନ ପ୍ରଶିକ୍ଷଣ ଶିବିର ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଛି। ପତଞ୍ଜଳି ଯୋଗ ସମିତି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସସ୍ମିତା ଦାସ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସ ମାଧ୍ୟମରେ ୫୦ରୁ ଊର୍ଦ୍ଧ୍ୱ ସହକାରୀ ଯୋଗ ଶିକ୍ଷକ ମାନଙ୍କୁ ଯୋଗ ସମ୍ପର୍କୀୟ ଓ ହବନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ପ୍ରଶାନ୍ତ ପ୍ରଧାନ, କୋଷାଧ୍ୟକ୍ଷ ଓମ ପ୍ରକାଶ ସିଂ, ଜିଲ୍ଲା ମିଡିଆ ପ୍ରଭାରୀ ରଞ୍ଜନ ସିଂ, ସହ ପ୍ରଭାରୀ ଅଭୟ ଜାଜୁ, ମୁଖ୍ୟ ଯୋଗ ଶିକ୍ଷକ ପ୍ରଶାନ୍ତ ପାଲଟାସିଂହ, ମୁସକାନ ଗୁପ୍ତା, ମିନା ସା ପ୍ରମୁଖ ସହଯୋଗ କରିଥିଲେ।

## ସରଣ୍ଡାମାଲ ଆଦର୍ଶ ପାକ୍ସର ବାର୍ଷିକ ବୈଠକ

ଇବଥର୍ମାଲ, ୧୨।୧୨(ସମିସ): ଲଖନପୁର ବ୍ଲକ ଅଧୀନ ସରଣ୍ଡାମାଲ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାକ୍ସ ପରିଚାଳନା ପରିଷଦର ସଭାପତି ବସନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତିଲିଆ ପାକ୍ସ ସଭାପତି ଭୋନାଥ ବଢ଼େଇ, ରେମେଣ୍ଡା ପାକ୍ସ ସଭାପତି ରଞ୍ଜନ ହୋଇ, ଏସଏଆରସିଏସ ବନମାଳୀ ନାଏକ, ବେଲପାହାଡ ବ୍ୟାଙ୍କର ସୁମନ୍ତ ପଟେଲେ ଯୋଗ ଦେଇଥିଲେ। ପ୍ୟାକ୍ସ ସମ୍ପାଦକ ଗଜାନନ ପଧାନ ବାର୍ଷିକ ବିବରଣୀ, ଆୟବ୍ୟୟ ପଠନ କରିଥିଲେ। ଉପସ୍ଥିତ ଚାଷୀଙ୍କ ପକ୍ଷରୁ ଚଳିତ ବର୍ଷର ଖରିଫ ଧାନ ଫସଲ ବିକ୍ରି ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଚାଷୀଙ୍କୁ ଅଖାବସ୍ତା ଯୋଗାଇ ଦେବାକୁ ଦାବି କରିଥିଲେ। ଏସଏଆରସିଏସ ଶ୍ରୀ ନାଏକ ଜୈବିକ ସାର ବ୍ୟବହାର କରିବାକୁ ଚାଷୀଙ୍କୁ ବୁଝାଇଥିଲେ। ଶେଷରେ ପାକ୍ସ ପରିଚାଳନା ସଦସ୍ୟ ପ୍ରସନ୍ନ ସିଂହ ଧନ୍ୟବାଦ ଦେଇଥିଲେ। ବୈଠକରେ ଅନ୍ନପୂର୍ଣ୍ଣା ସାହୁ, ପ୍ରଶନ୍ନ ପାଢ଼ୀ, ଦୁବରାଜ ବିଶ୍ୱାଳ, ବୁଦ୍ଧଦେବ ପାଣ୍ଡେଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଏମ୍‌ସିଏଲ୍ ଇଣ୍ଟର୍ ଏରିଆ ଭଲିବଲ ଟୁର୍ଣ୍ଣାମେଣ୍ଟ: ଭୁବନେଶ୍ୱରୀ ଏରିଆ ଚାମ୍ପିଅନ



ଇବଥର୍ମାଲ, ୧୨।୧୨(ସମିସ): ଏମସିଏଲ୍ ଇଣ୍ଟର୍ ଏରିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ୨୦୨୫-୨୬ ଆୟୋଜକ ଲଖନପୁର କୋଇଲା କ୍ଷେତ୍ର ପକ୍ଷରୁ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟର ଶେଷ ଦିନରେ ଆୟୋଜକ ଲଖନପୁର ଏରିଆ ଓ ଭୁବନେଶ୍ୱରୀ ଏରିଆ ମଧ୍ୟରେ ପ୍ରଥମ ସେମିଫାଇନାଲ ହୋଇଥିଲା। ଏଥିରେ ଭୁବନେଶ୍ୱରୀ ବିଜୟୀ ହୋଇ ଫାଇନାଲକୁ ଯାଇଥିଲା। ଦ୍ୱିତୀୟ ସେମିଫାଇନାଲ ଜଗନ୍ନାଥ ଏରିଆ ଓ କଣିହାଁ ଏରିଆ ମଧ୍ୟରେ ହୋଇଥିବା ବେଳେ କଣିହାଁ ଏରିଆ ଫାଇନାଲକୁ ଉନ୍ନୀତ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଫାଇନାଲରେ ଏମସିଏଲ୍ ହେଡକ୍ୱାର୍ଟର ମହାପ୍ରବନ୍ଧକ ୱେଲଫେୟାର ଜଗବନ୍ଧୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲ ଖେଳରେ ଚମତ୍କାର ଖେଳ ଦେଖାଇ ଭୁବନେଶ୍ୱରୀ ଏରିଆ ୨୫-୨୦, ୨୫-୧୬, ୨୫-୧୭ରେ କଣିହାଁକୁ ହରାଇ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଜିଏମ ୱେଲଫେୟାର ଶ୍ରୀ ବେହେରା, ସମ୍ମାନିତ ଅତିଥି ଲଖନପୁର ଜିଏମ୍ ଶ୍ରୀ ପାଣ୍ଡେ, ଶ୍ରମିକ ସଂଗଠନ ଗୁଡିକର କର୍ପୋରେଟ ମୁଖ୍ୟ ସୌଭାଗ୍ୟ ପ୍ରଧାନ, ମହେଶ୍ୱର ମହନ୍ତ, ଶଙ୍କର ବେହେରା, ଅକାଲୁରାମ, ପ୍ରଦୀପ ନାଏକ, ପ୍ରମୋଦ ସ୍ୱର୍ଣ୍ଣକର ପି ଓ ଆଇଏଲବିଏଲ ଜେଭି ଶ୍ରୀନିବାସ, ଜିଏମ୍ ଅପରେସନ ତରୁଣ ଦେବରା ପ୍ରମୁଖ ଯୋଗ ଦେଇଥିଲେ। ବନ୍ଧବାହାଲ ଓଡ଼ିଆ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଗତ ୧୦ ତାରିଖରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ ଖେଳର ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଏମସିଏଲ୍ ଅଧିନସ୍ଥ ମୋଟ ୧୪ ଟି କୋଇଲା କ୍ଷେତ୍ର ଯୋଗ ଦେଇଥିବା ବେଳେ ୨୫୦ଜଣ ଖେଳାଳି ଯୋଗ ଦେଇଛନ୍ତି। ୧୪ ଟି ଦଳକୁ ମୋଟ ୪ ଟି ଗ୍ରୁପ୍ କରାଯାଇ ଖେଳ ହୋଇଥିଲା। ମୁଖ୍ୟ ଅତିଥି ସମେତ ଅତିଥି ମାନେ ବିଜୟୀ ଦଳ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏପିଏମ୍ ପ୍ରଦୀପ ଶୁଣ୍ଠି, ଏରିଆ ସୁରକ୍ଷା ଅଧିକାରୀ ନିରଞ୍ଜନ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଆନ୍ତର୍ଜାତିକ ରେଫରୀ ନିରଞ୍ଜନ ନାଏକ, ସଞ୍ଜିବ ମହାନ୍ତି, ହିମାଂଶୁ ଦାଶ, ସୁଶାନ୍ତ ପଟେଲ, ସୁଶାନ୍ତ ଶେଖର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଫାଇନାଲ ଅଫ ଦି ମ୍ୟାଚ୍ ଦିଲ୍ଲିପ ସାହୁଙ୍କୁ ସମ୍ମାନିତ କରା ଯାଇଥିଲା।

# ଆଦିବାସୀ ଚାଷୀଙ୍କୁ ପମ୍ପସେଟ୍ ବଣ୍ଟନ



ଦେବଗଡ଼, ୧୨।୧୨(ସମିସ): ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ପାଣି ପମ୍ପସେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ବରେଣ୍ୟ ଅତିଥି ଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଦେବଗଡ଼ ବିଧାୟକଙ୍କ ପ୍ରତିନିଧି ନଗେନ ପଣ୍ଡା, ତିଳେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ତିଳେଇବଣି ବ୍ଲକ ଉପାଧ୍ୟକ୍ଷ ଆରତି ପ୍ରଧାନ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଓଡ଼ିଶା କୃଷି ଶିଳ୍ପ ନିଗମର ଦିବ୍ୟାଲୋଚନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉଦ୍ଧବ ଚରଣ ବେହେରା ଓ ପ୍ରକଳ୍ପ ପରିଚାଳକ ପ୍ରତାପ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ଅଧୀନ ବଡଛାପଲ, କଲଣ୍ଡା, ଦୁଧିଆନାଲି, ଢ଼ୋଲପଡ଼ା ଏବଂ ଝରାଗୋଗୁଆ ମୋଟ ୫ଟି ପଞ୍ଚାୟତର ୨୮ ଟି ଗାଁରୁ ଆସିଥିବା ୫୦ ଜଣ ଆଦିବାସୀ ଚାଷୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପମ୍ପ ସେଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ତିଳେଇବଣି ବ୍ଲକର ବହୁ ଆଦିବାସୀ ଚାଷୀ ଉପସ୍ଥିତ ଥିଲେ। ଶରତ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଲପାହାଡ଼ ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ



ଝାରସୁଗୁଡ଼ା, ୧୨।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଆଜି ଅପରାହ୍ନ ୫.୩୦ରୁ ସନ୍ଧ୍ୟା ୭ ଯାଏଁ ବେଲପାହାଡ ଓ ଗୁମାଡେରାରେ ପୁଲିସ ପକ୍ଷରୁ କରାଯାଇଥିବା ଏହି ଫ୍ଲାଗ ମାର୍ଚ୍ଚରେ ଝାରସୁଗୁଡ଼ା ଏସପି ଜି.ରାଘବେନ୍ଦ୍ର ରେଡ୍ଡୀଙ୍କ ସହ ବ୍ରଜରାଜନଗର ଏସଡିପିଓ, ବେଲପାହାଡ ଥାନା ଅଧିକାରୀ ଏବଂ ବେଲପାହାଡ ପୁଲିସ ଉପସ୍ଥିତ ଥିଲେ। ସେମାନେ ବେଲପାହାଡ ସହର ପରିକ୍ରମା କରିଥିଲେ। ଆପରାଧିକ କାର୍ଯ୍ୟକଳାପକୁ ରୋକିବା ଏବଂ ପୁଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ଏକ ସୁସମ୍ପର୍କର ବାର୍ତ୍ତା ଦେଇ ଏହି ଫୁଟ୍ ମାର୍ଚ୍ଚ କରାଯାଇଥିଲା। କ୍ରାଇମ ହଟସ୍ପଟ, ବେଆଇନ ପାର୍କିଂକୁ ଚିହ୍ନଟ କରାଯିବା ସହ ଲୋକଙ୍କ ସହ କଥାବାର୍ତ୍ତା କରି ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଏସପି ବାର୍ତ୍ତା ଦେଇଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ





ଦେବଗଡ଼, ୧୨।୧୨(ସମିସ)

ତିଳେଇବଣୀ ବ୍ଲକ ଗାଙ୍ଗନଣ କ୍ଲଷ୍ଟର ଅଧୀନସ୍ଥ ବାବୁରିକାନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପ୍ରଧାନଶିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥ ଭାବେ ବିପୀନ ବିହାରୀ ଗଡ଼ନାୟକ ଯୋଗ ଦେଇଥିଲେ। ସିଆରସିସି କ୍ଷୀତିଶ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଉଭୟ ଛାତ୍ର ଓ ଛାତ୍ରୀ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଗୁଡ଼ିକ ଦୀକ୍ଷିତ ପାତ୍ର, ସନ୍ଧ୍ୟାରାଣୀ ସ୍ୱାଇଁ, ତରୁଣ ମହାନନ୍ଦ ଓ ପରିଚାଳନା କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ। ପରିଚାଳନା କମିଟି ସଭାପତି ସାଗର କିଷାନ, ସଦସ୍ୟ ରଞ୍ଜନ ନାଏକ, ବୀଣା ନାଏକ, ସାବିତ୍ରି କିଷାନ, ରେବତୀ ନାଏକ, ବୀଣା ନାଏକ, ଝସକେତନ ନାଏକ ଓ ୱାର୍ଡମେମ୍ବର ସୁମିତ୍ରା ଏକ୍କା ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ବିତରଣ କରିଥିଲେ। ଦୀକ୍ଷିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଝାରସୁଗୁଡ଼ା:** ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟର ୩୮ ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ କ୍ରୀଡ଼ାରେ ଶୁକ୍ରବାର ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାନଦୀ କୋଇଲା କମ୍ପାନୀ ଇବ ଭେଲି ଏରିଆର ଲଜକୁରା ଖୋଲା ମୁହଁ କୋଇଲା ଖଣିର ସୁରକ୍ଷା ଅଧିକାରୀ ମନ୍ତକ ଲାଲ ପ୍ରଜାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସଭା ପରିଚାଳନା କମିଟି ସଭାପତି ଗୋବିନ୍ଦ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ସମ୍ମାନୀୟ ଅତିଥି ଭାବେ ସମ୍ପାଦକ ସୁଧୀର ନାୟକ, ଯୁଗ୍ମ ସମ୍ପାଦକ ବିଜୟ ସାହୁ, କୋଷାଧ୍ୟକ୍ଷ ଭବାନୀ ଶଙ୍କର କୁଅଁର ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ବରିଷ୍ଠ ଗୁରୁମା ପୁଷ୍ପା ଜସ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ପ୍ରାୟ ୭୦୦ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ କ୍ରୀଡା ଉତ୍ସବରେ ଭାଗ ନେଇଛନ୍ତି। ବିଦ୍ୟାଳୟ କ୍ରୀଡା ଶିକ୍ଷକ ସୁଧାକର ବେହେରା କ୍ରୀଡା ପରିଚାଳକ କ୍ଷିରୋଦ ଜେନା ଅରୁଣ କରସାଲ, କିଶୋର ଚନ୍ଦ୍ର ଭୈଷାଲ, ରଜନୀ କାନ୍ତ ମୁଖ୍ୟ ଖେଳ ପରିଚାଳକ ଭାବେ ରହି କ୍ରୀଡା ପରିଚାଳନା କରିଥିଲେ। ଗୁରୁଜୀ ଦିନେଶ ଯାଦବ, ଅଭିନାସ ସିଂହ, ପଙ୍କଜ ପଟେଲ, ବସନ୍ତ ମହାପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକା ମାନେ ସହଯୋଗ କରିଥିଲେ। ଶେଷରେ ପରିଚାଳନା କମିଟିର ସମ୍ପାଦକ ସୁଧୀର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଝାରସୁଗୁଡ଼ା:** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଭଇଁଖୋଲ ସ୍ଥିତ ଭଗବାନ ପ୍ରଧାନ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫୦ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତା ଆରମ୍ଭରେ ଏକ ମଶାଲ ଶୋଭାଯାତ୍ରା କରାଯାଇ ଶାନ୍ତି, ମୈତ୍ରୀ ଏବଂ ଏକତାର ବାର୍ତ୍ତା ଦିଆଯାଇଥିଲା। ବାର୍ଷିକ କ୍ରୀଡାରେ ଉଭୟ ବାଳକ ଏବଂ ବାଳିକା ବର୍ଗରେ କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ଦୌଡକୁଦ, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟପୁଟ, ଡିସକସ, କବାଡି ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ଟ୍ରଫି ଦେଇ ପୁରସ୍କୃତ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଘାସିରାମ ସା, ରିବୁ ପ୍ରଧାନ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆରତି ଡିଗୀ ଛାତ୍ର ଜୀବନରେ କ୍ରୀଡାର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ଆୟୋଜିତ ସଭାକୁ ଶିକ୍ଷକ ପର୍ଶୁରାମ ସା ପରିଚାଳନା କରିଥିବାବେଳେ ଶିକ୍ଷକ ସରୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଗୁଡ଼ିକୁ ଶାରୀରିକ ଶିକ୍ଷୟିତ୍ରୀ ସୁମିତା ସେଟ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

**ଦେବଗଡ଼:** ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମ ଠାରେ ଦେବଗଡ଼ ଜିଲା କ୍ରୀଡା ସଂସଦ ପକ୍ଷରୁ ଆଜି ଜିଲ୍ଲା ସ୍ତରୀୟ ବାର୍ଷୀକ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ସତ୍ୟ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ସଂସଦର ସଭାପତି କବିନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ କ୍ରୀଡା ସଂସଦର ଉପ ସଭାପତି ଇଂ.ଚିତରଞ୍ଜନ ପ୍ରଧାନ ଓ ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ତିନିଦିନ ଧରି ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ଜିଲ୍ଲାର ୩ଟି ଯାକ ବ୍ଲକରୁ ୧୪, ୧୬, ୧୮ ଓ ୨୦ ବର୍ଷ ବର୍ଗର ୨୨୦ ଜଣ ପୁରୁଷ ଓ ୮୦ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ୫୦ ଜଣ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ଏହି ପ୍ରତିଯୋଗିତାରୁ ମନୋନୀତ କୃତୀ ପ୍ରତିଯୋଗୀ ମାନେ ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ଦେବଗଡ଼ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତା ଆୟୋଜନରେ ଜିଲା କ୍ରୀଡା ସଂସଦର ମହମ୍ମଦ ନାସିର ଖାନ, ଇଂ. ଭୂବନେଶ୍ୱର ପ୍ରଧାନ, ପ୍ରଭାତ ପ୍ରଧାନ, ମନୋଜ ଆଚାର୍ଯ୍ୟ, ସୁଧିର ଦାସ, ପ୍ରଦୀପ ଅମାନ୍ତ, କିଶୋର ରାୟ, ପ୍ରଫୁଲ୍ଲ କମାର ନାୟକ, ଅବନୀ କାନ୍ତ ମିଶ୍ର, ଦେବଗଡ଼ ମହାବିଦ୍ୟାଳୟର ରଞ୍ଜିତ ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରମୋଦ ଡୁଙ୍ଗଡୁଙ୍ଗ ଓ ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚିତରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ନାବାଳିକା ଅସଦାଚାରଣକାରୀକୁ ୩ ବର୍ଷ ଜେଲ୍

**ଯାଜପୁର, ୧୨।୧୨(ସମିସ):** ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଅଭିଜିତ ପଲାଇ ମାମଲାର ବିଚାର କରି ୧୧ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଦୋଷୀ ସରୋଜ ଓରଫ ଗୁଲୁ ଜେନାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ୫୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଗତ ୨୭-୭-୨୦୨୨ରିଖରେ ଜନୈକା ୧୬ ବର୍ଷୀୟା ନାବାଳିକା ସାଇକଲ ଯୋଗେ ସିନ୍ଦୁରାଇମୁହଁ ଛକକୁ ସଉଦା କିଣିବାକୁ ଆସୁଥିବା ବେଳେ ନିଛାଟିଆ ସ୍ଥାନରେ ପୂର୍ବରୁ ଛକି ରହିଥିବା ସିଦ୍ଧେଶ୍ୱର ଗ୍ରାମର ସରୋଜ ଓରଫ ଗୁଲୁ ଜେନା(୨୫) ନାବାଳିକାର ସାଇକଲଟିକୁ ପଛପଟୁ ଧକ୍କା ମାରିବା ଫଳରେ ନାବାଳିକା ଜଣକ ତଳେ ପଡ଼ିଯିବାରୁ ଅଭିଯୁକ୍ତ ଜଣକ ପାଖ ଏକ ଭଙ୍ଗା ଗୃହ ଭିତରକୁ ନେଇ ତାସହିତ ଜୋର ଜବରଦସ୍ତ ଅସଦାଚାରଣ କରିବା ସହିତ ନାବାଳିକା ଠାରୁ ମୋବାଇଲ ଫୋନ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏହାପରେ ନାବାଳିକା ଜଣକ ଘରେ ପହଞ୍ଚ ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇବା ପରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଟାଉନ ପୁଲିସ କେଶ ନଂ.୨୬୭/୨୨ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବମହାନ୍ତି ପରିଚାଳନା କରୁଥିଲେ।

## ବରୀ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା

# ସଂକୀର୍ଣ୍ଣତାଠାରୁ ଊର୍ଦ୍ଧ୍ୱରେ କଳାସଂସ୍କୃତି



**ବରୀ, ୧୨।୧୨(ସମିସ)**

କଳା ସାହିତ୍ୟ ସଂସ୍କୃତି ପରିଷଦ ବରୀ ପକ୍ଷରୁ ଅନୁଷ୍ଠିତ ତୃତୀୟ ବରୀ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା ବାଲିଆପାଳସ୍ଥିତ ବିଧାନଚନ୍ଦ୍ର ଏକାଡେମୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ପଦ୍ମାକର ଗୁରୁ ଯୋଗଦେଇ କହିଥିଲେ ଯେ ମାଟିର ସ୍ୱାଭିମାନ ଓ ସମ୍ମାନ ପାଇଁ ସମସ୍ତେ ଏକତ୍ରିତ ହେବାର ଆବଶ୍ୟକତା ରହିଛି। ଏହା ହୋଇପାରିଲେ ବରୀକୁ କେହି ପଛକୁ ଘୁଞ୍ଚାଇ ପାରିବେ ନାହିଁ। ତେଣୁ ସଂକୀର୍ଣ୍ଣତା ଠାରୁ ଊର୍ଦ୍ଧ୍ୱରେ ରହି ବରୀର କଳା ସାହିତ୍ୟ ସଂସ୍କୃତିକୁ ଆଗକୁ ନେବା ପାଇଁ ସମସ୍ତେ ସଂକଳ୍ପ ନେବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ୟାସନଗର ପୁସ୍ତକ ମେଳା କମିଟିର ସଭାପତି ବିଦ୍ୟାଧର ମହାନ୍ତି ଯୋଗଦେଇ କହିଲେ ଯେ ପୁସ୍ତକଠାରୁ ବିଶ୍ୱସ୍ତ ବନ୍ଧୁ କେହିନାହାନ୍ତି। ପୁସ୍ତକ ମେଳାକୁ ଆସି ପୁସ୍ତକ କିଣିଲେ ହେବନାହିଁ ସେଥିରୁ ଲାଭ କରିଥିବା ଜ୍ଞାନକୁ ନିଜ ଜୀବନରେ ଲଗାଇ ସମାଜକୁ ଆଲୋକିତ କରିବା ଉଚିତ ବୋଲି ନିଜର ମତବ୍ୟକ୍ତ କରିଥିଲେ। ସହିଦ ସାଉଣ୍ଟି, ସାନନ୍ଦ, ହାଡ଼ିବନ୍ଧୁ, ମାୟାଧର ମଞ୍ଚରେ ଆୟୋଜିତ ତୃତୀୟ ଦିନର କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଗିରିଶ ବିହାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବ କମିଟିର ଉପସଭାପତି ଡ. ସୁବାସ ଚନ୍ଦ୍ର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ସତ୍ୟରଞ୍ଜନ କର ମଞ୍ଚ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ମହୋତ୍ସବ କମିଟିର କୋଷାଧ୍ୟକ୍ଷ ସନ୍ଥନ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଦାଶ, ଶିକ୍ଷାବିତ ସୀତାକାନ୍ତ ପଣ୍ଡା, ବରିଷ୍ଠ ସଦସ୍ୟ ଗଗନ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ସମାଜସେବୀ ନାରାୟଣ ଚନ୍ଦ୍ର ଦାସ ଓ ବିଶିଷ୍ଟ ଚିକିତ୍ସକ ଶରତ ଚନ୍ଦ୍ର ପତିଙ୍କୁ ବରୀ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟିର କୋଷାଧ୍ୟକ୍ଷ ବିଜୟ କୁମାର ଦାଶ ମାନପତ୍ର ପାଠ କରିଥିବା ବେଳେ ବରିଷ୍ଠ ସଦସ୍ୟ ଡ. ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଗତିକ୍ଲବ ବରୀ ପକ୍ଷରୁ ମଞ୍ଚ ନାଟକ ବିଶିକେଶନ ପରିବେଷଣ କରାଯାଇଥିଲା।

# ପୂର୍ବତନ ସାଂସଦଙ୍କ ସ୍ମୃତିସଭା



**ବଡ଼ଚଣା, ୧୨।୧୨(ସମିସ):** ସାମାଜିକ ନ୍ୟାୟ ଆନ୍ଦୋଳନର ପ୍ରତିଷ୍ଠାତା ଯାଜପୁରର ପୂର୍ବତନ ସାଂସଦ ମୋହନ ଜେନାଙ୍କ ତୃତୀୟ ପୁଣ୍ୟତିଥି ମୋହନ ଜେନା ସ୍ମୃତି ସଂସଦ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରେସ୍‌କ୍ଲବ ଚଣ୍ଡିଖୋଲ ସମ୍ମିଳନୀ କକ୍ଷରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅନନ୍ତ ଚରଣ ଷେଣ୍ଡଙ୍କ ଅଧ୍ୟକ୍ଷତା ଓ ସ୍ମୃତି ସଂସଦ ଆବାହକ ପ୍ରଦୀପକୁମାର ଧଳଙ୍କ ସଂଯୋଜନାରେ ଏହି ସଭା ଆୟୋଜିତ ହୋଇଥିଲା। ମୋହନ ଜେନା ସମାଜର ତଳ ସ୍ତରରେ ରହୁଥିବା ଦୁଃଖୀ, ଦରିଦ୍ର ଓ ବଞ୍ଚିତଙ୍କ ସ୍ୱର ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାଙ୍କ ସ୍ମୃତି ରକ୍ଷା ପାଇଁ ଚଣ୍ଡିଖୋଲରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମତପ୍ରକାଶ ପାଇଥିଲା। ଏହି ସ୍ମୃତି ସଭାରେ ବରିଷ୍ଠ ବିଜେପି ନେତା ପବିତ୍ର ଦାଶ, କାହ୍ନୁଚରଣ ଦାଶ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଡ. ପ୍ରିୟନାଥ ମହାପାତ୍ର, କାମିନୀ ନାୟକ, ସାମ୍ବାଦିକ ମହେଶ୍ୱର ବଳ, ପ୍ରେସ୍ କ୍ଲବ ଚଣ୍ଡିଖୋଲର ସଭାପତି ବେଣୁଧର ପଣ୍ଡା, ସାମ୍ବାଦିକ ମୋହନ ଖିଲାର, ଶିବରାମ ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ରମେଶଚନ୍ଦ୍ର ଧଳ, ବରିଷ୍ଠ ଆଇନଜୀବୀ ଦେବରାଜ ବେହେରା, ବାର୍ ଆସୋସିଏସନ ସମ୍ପାଦକ ପ୍ରକାଶ ଦାଶ, ପ୍ରଦୀପ୍ତ ଜେନା, ଯାଦବ ସଂଘ ସଂଯୋଜକ ଧୂଳେଶ୍ୱର ଦାସ, ଅଧ୍ୟାପକ ସଲିଳ ମହାନ୍ତି, ବିଜୟକେତନ ସାମଲ, ଦେବବ୍ରତ ରାଉତ, କଂଗ୍ରେସ ନେତା ଶୁରେଶଚନ୍ଦ୍ର ସାହାଣୀ, କମ୍ୟୁନିଷ୍ଟ ନେତା ଈଶ୍ୱର ପରିଡ଼ା, ମାନଗୋବିନ୍ଦ ସେଠୀ, ପ୍ରେସ୍ କ୍ଲବ ସମ୍ପାଦକ ହେମଶ ଜେନା, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ କାଞ୍ଚନବାଳା ଦାସଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ହରପ୍ରିୟା ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ



**ଯାଜପୁର, ୧୨।୧୨(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ ଗୃହରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ୨୦୨୫ ପାଳିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷେଧକ ଓ ପ୍ରତିକାରାତ୍ମକ ସ୍ୱାସ୍ଥ୍ୟସେବା ସହଜରେ ଉପଲବ୍ଧ କରାଇବା ବିଷୟକୁ ନେଇ ଆଲୋଚନା ହୋଇଥିଲା। ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ପାଖରେ ମଧ୍ୟ କିଭଳି ଉତ୍ତମ ମାନର ତଥା ସୁଲଭ ସ୍ୱାସ୍ଥ୍ୟ ସେବା ପହଞ୍ଚିବ, ସେହି ଦିଗରେ ଚେଷ୍ଟିତ ହେବା ଦରକାର ବୋଲି ଡାକ୍ତର ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ଏହାସହ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଲୋକଙ୍କ ପାଖରେ କେତେ ମାତ୍ରାରେ ପହଞ୍ଚିପାରିଛି, ସେ ସମ୍ପର୍କରେ ସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଡିଏମ୍‌ଓ ଡାକ୍ତର ମନୋଜ କୁମାର ସେନାପତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ, ଡାକ୍ତର ରମେଶ ଚନ୍ଦ୍ର ମଲ୍ଲିକ, ଡାକ୍ତର ଜଗତଜ୍ୟୋତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ଡିପିଏଚସିଓ, ଡିପିଏମ, ବିପିଏମ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟଙ୍କ ପରଲୋକ



**ଦଶରଥପୁର, ୧୨।୧୨(ସମିସ):** ଯାଜପୁର ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ପ୍ରଧାନ ଆଚାର୍ଯ୍ୟ ତଥା ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ବଡ଼ ଦୋଗଡ଼ା ଗ୍ରାମର ବରିଷ୍ଠ ଶିକ୍ଷାବିତ ଶରତ ଚନ୍ଦ୍ର ରାଉତ (୬୬)ଙ୍କର ହୃଦ୍‌ଘାତ ଯୋଗୁଁ ପରଲୋକ ହୋଇଛି। ଶ୍ରୀ ରାଉତ ନିଜ ପୁଅ ରହୁଥିବା ଭୁବନେଶ୍ୱର ସ୍ଥିତ ବାସଭବନରେ ଗତକାଲି ରାତ୍ରଭୋଜନ କରୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ନିକଟସ୍ଥ ବେସରକାରୀ ସ୍ୱାସ୍ଥକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା।ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ପତ୍ନୀଏବଂ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ରାଉତ ଛାତ୍ର ଜୀବନରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ସହ ଜଡ଼ିତ ରହିବା ସହିତ ଯାଜପୁର ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ପ୍ରଧାନ ଆଚାର୍ଯ୍ୟ ଭାବେ ବହୁ ବର୍ଷ ଧରି ଦକ୍ଷତାର ସହିତ କାର୍ଯ୍ୟ କରିଥିଲେ। ୭ବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହେବା ପରେ ସେ ଘରେ ରହି ଶିକ୍ଷା ବିକାଶ ସମିତି ଓଡ଼ିଶା ପାଇଁ କାର୍ଯ୍ୟ କରୁଥିଲେ। ମୃତଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ଅଧିକାରୀ ନବକିଶୋର ଦାସ, ଶିକ୍ଷାବିତ ପ୍ରୀତିକାନ୍ତ ଦାସ, ଶ୍ରୀକାନ୍ତ ଦାସ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଯାଜପୁର ନଗର ଶିଶୁମନ୍ଦିରର ଏକାଧିକ କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇ ଅମର ଆତ୍ମାର ସଦଗତି କାମନା କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ନାବାଳିକା ଦୁଷ୍କର୍ମ ମାମଲା

# ମୁଖ୍ୟ ଅଭିଯୁକ୍ତ ଗିରଫ; ଜଣେ ଫେରାର

**କୁଆଖିଆ, ୧୨।୧୨(ସମିସ):** କୁଆଖିଆ ଥାନା ଅଞ୍ଚଳର ଜନୈକା ଆଦିବାସୀ ନାବାଳିକା ଦୁଷ୍କର୍ମ ଘଟଣାର ମୁଖ୍ୟଅଭିଯୁକ୍ତକୁ ପୁଲିସ ଗିରଫ କରିଥିବା ବେଳେ ଜଣେ ଫେରାର ଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଅଭିଯୁକ୍ତ ଭୋଟକା ଗ୍ରାମର ଅସିତ ଅମିତାଭ ଦାସ (୪୫)। ପୁଲିସ୍ କେସ ନଂ ୫୨୨/୨୫ ରେ ମାମଲା ରଜୁ କରି ପୀଡ଼ିତାକୁ ଡାକ୍ତରୀ ମାଇନା କରାଇବା ସହ ଘଟଣାର ତଦନ୍ତ କରୁଛି।

ଉଲ୍ଲେଖ ଯୋଗ୍ୟ ଯେ ବୁଧବାର ୧୬ ନମ୍ବର ଜାତୀୟ ରାଜପଥର ବାହାଦଲାପୁର ଛକ ନିକଟରେ ଜନୈକା ଆଦିବାସୀ ପରିବାର ରହୁଥିବା ବେଳେ ସ୍ୱାମୀ, ସ୍ତ୍ରୀ କାମ ଅନ୍ୱେଷଣରେ ବାହାରକୁ ଚାଲି ଯାଇଥିଲେ। ଅପରାହ୍ନରେ ଉପରୋକ୍ତ ଅଭିଯୁକ୍ତ ସହ ଅନ୍ୟଜଣେ ସେଠାକୁ ମଦ ପିଇବାକୁ ଯାଇ ସେଠାରେ ଖେଳୁଥିବା ନାବାଳିକାକୁ ପ୍ରଲୋଭିତ କରି ଉଠାଇ ନେଇ ଚାଲି ଯାଇଥିଲେ। ସନ୍ଧ୍ୟାରେ ଆଦିବାସୀ ଦମ୍ପତି ଘରକୁ ଫେରି ଝିଅକୁ ଖୋଜି ନପାଇ ସ୍ଥାନୀୟ ଏକ ମାଛ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରୁ ଦୁଇଜଣ ଯୁବକ ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଦମ୍ପତି ଝିଅକୁ ଉଦ୍ଧାର ପାଇଁ କୁଆଖିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ସହ ପୀଡ଼ିତାକୁ ଭୋଟକା ଗ୍ରାମର ଏକ ମନ୍ଦିର ନିକଟରୁ ଉଦ୍ଧାର କରିଥିଲେ। ମୁଖ୍ୟ ଅଭିଯୁକ୍ତକୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଥିଲା ପୁଲିସ୍ ଆଜି ଜଣେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି।

## ବ୍ରାହ୍ମଣୀ ନଦୀରେ ଶିଶୁ ବୁଡ଼ି ଘଟଣା

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସମାଜସେବୀ

**ବ୍ରହ୍ମବରଦା, ୧୨।୧୨(ସମିସ):** ରସୁଲପୁର ତହସିଲ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ସୁନୀଲ ଦାସଙ୍କ ପୁଅ ମାନସ ଦାସ (୩)ର ବେଆଇନ ବାଲିଘାଟ ଯୋଗୁଁ ଗତ ମଙ୍ଗଳବାର ବ୍ରାହ୍ମଣୀ ନଦୀରେ ବୁଡ଼ିଯିବାରୁ ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ନେଇ ଲୋକେ ଉତ୍ତେଜିତ ହୋଇ ବାଲିଘାଟକୁ ବନ୍ଦ କରିବା ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ନେଇ ବ୍ରହ୍ମବରଦା ବଜାରଘାଟ ସେତୁ ଉପରେ ରାସ୍ତା ଅବରୋଧ କରିଥିଲେ। ତେବେ ବାଲିଘାଟ ବନ୍ଦ ହେବା ବଦଳରେ ଆନ୍ଦୋଳନକାରୀଙ୍କ ବିରୋଧରେ ଓଲଟା କେସ୍ କରିଛି ପୁଲିସ୍। ଏନେଇ ସମାଜସେବୀ ପ୍ରତାପ ପୃଷ୍ଟି ମୃତ ଶିଶୁର ପରିବାରକୁ ନ୍ୟାୟ ପ୍ରଦାନ କରିବା ସହିତ ଏହି ବେଆଇନ ବାଲିଘାଟ ବନ୍ଦ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ନିବେଦନ କରିଛନ୍ତି। ବାଲି ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ, ବାଲିଘାଟରେ ବ୍ୟବହୃତ ହେଉଥିବା ମେସିନ୍ ଓ ଭାରୀଯାନ ଗୁଡିକୁ ଜବତ କରିବା, ବେଆଇନ ବାଲିଘାଟରେ ସମ୍ପୃକ୍ତ ଥିବା ବ୍ରହ୍ମବରଦା ଥାନା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବା ସହିତ ବ୍ରହ୍ମବରଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନେଇ ଚିଠିରେ ଉଲ୍ଲେଖ ରହିଛି। ସୂଚନାଥାଉକି ବ୍ରହ୍ମବରଦା ଅଞ୍ଚଳର ବ୍ରାହ୍ମଣୀ ନଦୀରୁ ୪ରୁ ଊର୍ଦ୍ଧ୍ୱ ବେଆଇନ ବାଲିଘାଟ ଚାଲୁଥିବା ବେଳେ ଆବଶ୍ୟକ ଠାରୁ ବହୁ ପରିମାଣରେ ବାଲି ଉତ୍ତୋଳନ କାରଣରୁ ନଦୀରେ ମାଳମାଳ ବିରାଟ ଖାଲ ସୃଷ୍ଟି ହୋଇଛି। ନିକଟସ୍ଥ ଗ୍ରାମବାସୀ ନଦୀକୁ ଶୌଚ ତଥା ଗାଧୋଇବା ପାଇଁ ଯିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ୩ରୁ ଊର୍ଦ୍ଧ୍ୱ ଲୋକ ଏହି ବାଲିଖାଇରେ ପଡ଼ି ମୃତ୍ୟୁବରଣ କଲେଣି।

# ସ୍କୁଲକୁ ଫେରିବେ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ



**ସୁକିନ୍ଦା, ୧୨।୧୨(ସମିସ):** ଅଧାରୁ ପାଠ ପଢ଼ା ତ୍ୟାଗ କରିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସମସ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁକିନ୍ଦା ବ୍ଲକରେ ଏହି ପ୍ରୟାସ ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏହି ବ୍ଲକ ଅନ୍ତର୍ଗତ ପୋବଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ‘ଶିକ୍ଷାସଭା’ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ବସନ୍ତ କୁମାର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧାରୁ ପାଠ ତ୍ୟାଗି ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମସ୍ତ ଅଭିଭାବକ ତଥା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ପାଠପଢ଼ା ସହ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ସରକାରଙ୍କ ଠାରୁ ଛାତ୍ରଛାତ୍ରୀ ମାନଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ବିଷୟରେ ଅବଗତ କରାଯାଇଥିଲା। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀ କକ୍ଷର ସାକ୍ଷରତା କୋଣ, ସଂଖ୍ୟା ଜ୍ଞାନ କୋଣର ସମସ୍ତ ଶିକ୍ଷଣ ସାମଗ୍ରୀ ଦେଖି ଉପସ୍ଥିତ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀ ଆନନ୍ଦିତ ହୋଇଥିଲେ। ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ ଏବେଠାରୁ ବିଦ୍ୟାଳୟକୁ ପୁଣି ଫେରିବେ ବୋଲି ସେମାନଙ୍କ ଖୁସିରୁ ଅନୁମେୟ କରାଯାଉଛି।

# ବାଙ୍କସାହି ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଧର୍ମଶାଳା, ୧୨।୧୨(ସମିସ):** ଧର୍ମଶାଳା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବାଙ୍କସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ ତ୍ରିଶା ପ୍ରିୟଦର୍ଶିନୀ ଲେଙ୍କା, ସୋମସମ୍ରାଟ ସିଂହ, ଲୋପାମୁଦ୍ରା ସାହୁ, ପ୍ରତୀମା ସାହୁ, ଚନ୍ଦନ ମଲିକ, ଲିପ୍ସା ମଲିକ, ପ୍ରତ୍ୟୁଷ ଲେଙ୍କା, ସୋନାଲି ମଲିକ, ଆନିଶା ମଲିକ, ନିମାଂଶ ଲେଙ୍କା, ମହେଶ ମଲିକ, ଶ୍ରେୟାଂଶୁ ଲେଙ୍କା, ନିଗମାନନ୍ଦ ପାତ୍ର, ଜିୟାଂଶୀ ଲେଙ୍କା, ନିତିଶ ନାୟକ, ସାବିତ୍ରୀରାଣୀ ନାୟକ, ଶ୍ଳୋକସତଭିକ୍ ବଳ, ଅଙ୍କିତା ନାୟକ ଓ ଅପର୍ଣ୍ଣା ମଲିକ ସଫଳ ହୋଇଛନ୍ତି। ପ୍ରଧାନଶିକ୍ଷକ ରମେଶ ବାରିକଙ୍କ ସଭାପତିତ୍ୱରେ ଅୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସିଆର୍‌ସିସି ପରିକ୍ଷୀତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ନାୟକ, ବଟକୃଷ୍ଣ ଜେନା, ନରେନ୍ଦ୍ର ଲେଙ୍କା, ନାଳକୂଳ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୃନ୍ଦାବନ ମଲିକ, ୱାର୍ଡସଭ୍ୟ କିଶୋର ନାୟକ ଓ ଏସ୍‌ଏମ୍‌ସି ସଭାପତି ଶୁକଦେବ ବିଶ୍ୱାଳ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।



# ମାନସିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟଚାପ ପରିଚାଳନା ଆଲୋଚନାଚକ୍ର

**ଯାଜପୁର, ୧୨।୧୨(ସମିସ):** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କୋର୍ଟର ଭିଡିଓ କନ୍‌ଫରେନସିଂ ହଲ୍‌ରେ ମାନସିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟଚାପ ନିୟନ୍ତ୍ରଣ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଅଧ୍ୟକ୍ଷତା କରି ଆଲୋଚ୍ୟ ବିଷୟର ସମୟୋପଯୋଗୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅତିଥି ଆଲୋଚକ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ ମିଶ୍ର ଓ ବିଶିଷ୍ଟ ରିସୋର୍ସ ପର୍ସନ ଭାବେ ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜର ମନୋବିଜ୍ଞାନ ବିଭାଗ ମୁଖ୍ୟ ଡାକ୍ତର ସୀମା ପରିଜା ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର କାରଣ ଓ ନିରାକରଣ, ବ୍ୟକ୍ତିଗତ ଯତ୍ନ ଓ ଏଥିପାଇଁ ଉପଲବ୍ଧ ସରକାରୀ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ଷେତ୍ରରେ ଘରର ଗୃହିଣୀଠାରୁ ଆରମ୍ଭ କରି ଛାତ୍ର, ଶ୍ରମିକ ବିଭିନ୍ନ କାର୍ଯ୍ୟନିର୍ବାହୀ ବ୍ୟକ୍ତିବିଶେଷ କିପରି ନାନାଦି କାମ ଦ୍ୱାରା ଚାପଗ୍ରସ୍ତ ହେଉଛନ୍ତି ଓ ଏପରି ଅବସ୍ଥା ଦୀର୍ଘ ସମୟ ଲାଗି ରହିଲେ ତାହା କିପରି ବ୍ୟାଧିରେ ପରିଣତ ହେଉଛି, ସେ ବିଷୟରେ ଡାକ୍ତର ପରିଜା ବର୍ଣ୍ଣନା କରିଥିଲେ। କର୍ମଚାପରୁ ମୁକ୍ତି ପାଇଁ ଦୈନନ୍ଦିନ ଚଳଣି, ଖାଦ୍ୟପେୟ, ପଢ଼ାପଢ଼ି, ଟିଭି ଦେଖିବା ସହ ମୋବାଇଲ ବ୍ୟବହାରରେ ସୁଧାର ଆଣିବା ଭଳି କେତେକ ସରଳ ଉପାୟ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଅତିଥିମାନେ ସାମାଜିକ ସମ୍ପର୍କ ସହ ଯୋଗ ପ୍ରାଣାୟାମ ଓ ସଂଯମ ଆଚରଣକୁ ଆପଣାଇବାକୁ ପରାମର୍ଶ ଦେଇଛନ୍ତି। ଏହି ଆଲୋଚନାଚକ୍ରକୁ ଅଧିକ ଶିକ୍ଷଣୀୟ ଓ ସଫଳ କରାଇବାରେ ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟଚୌଧୁରୀ, ସିଭିଲକୋର୍ଟ ରେଜିଷ୍ଟ୍ରାର ମାନସ ସାମନ୍ତରାୟ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ୍, ବରିଷ୍ଠ ସିଭିଲ୍ ଜଜ୍ ଆର୍‌ଆଣ୍ଡଆଇଟିସି ଲୋପାମୁଦ୍ରା ବେହେରା, ଏସଡିଜେଏମ ସୁମିତ୍ରା ବିଶ୍ୱାଳ ଓ ମୁନସଫ୍ ସୁନୀତା ବିଶ୍ୱାଳ ଯୋଗ ଦେଇଥିଲେ। ଏହି ଆଲୋଚନାଚକ୍ରରେ ମିଡିଏଟର୍, ପିଏଲଭି, କନସିଲେଟର୍ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାଚକ୍ରକୁ ପ୍ରାଧିକରଣ ସଚିବ ଲିପା ମହାନ୍ତି ସଂଯୋଜନା କରିଥିଲେ।




## ବନ୍ଦ ହେଉନି ବେଆଇନ ବାଲିଘାଟ

# ଭଗତପୁର ଗ୍ରାମରେ ଉତ୍ତେଜନା

**ଯାଜପୁର, ୧୨।୧୨(ସମିସ)**



ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ବୁଢ଼ା ନଦୀର ଭଗତପୁର ବାଲିଘାଟକୁ କିଛି ଅସାମାଜିକ ଗୋଷ୍ଠୀ କବ୍‌ଜା କରି ଦିନ ରାତି ବାଲି ଚୋରାଚାଲାଣ କରୁଛନ୍ତି। ଏହାକୁ ନେଇ ବାରମ୍ବାର ଗାଁରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହେଉଥିଲେ ମଧ୍ୟ ଏହାକୁ ରୋକାଯାଇପାରୁନି। ଏହାର ପ୍ରତିବାଦରେ ଶୁକ୍ରବାର ଭଗବତପୁର ଗ୍ରାମବାସୀ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ ଭଗତପୁର ବାଲିଘାଟରେ ବେଆଇନ ଭାବେ ଦୀର୍ଘ ଦିନ ହେବ ବାଲି ଉତ୍ତୋଳନ କରାଯାଇ ଚୋରାଚାଲାଣ ହେବା ସହ ନଦୀ ପାର୍ଶ୍ୱରେ ମାଟିକୁ ମଧ୍ୟ ଚୋରାଚାଲାଣ କରୁଛନ୍ତି। ନକଲି ରସିଦ କାଟି ବାଲିମାଫିଆ ବେଆଇନ ଭାବେ ବାଲି ଚାଲାଣ କରୁଥିବା ସିଧାସଳଖ ଅଭିଯୋଗ କରିଛନ୍ତି। ବେଆଇନ ଭାବେ ଜେସିବି ଦ୍ୱାରା ବାଲି ଖୋଳା ହେବା ଯୋଗୁଁ ନଦୀରେ ଗଭୀର ଗର୍ତ୍ତ ସୃଷ୍ଟି ହେଉଛି। ନଦୀକୂଳିଆ ଲୋକେ ନଦୀରେ ଗାଧୋଇବାକୁ ଯାଇ ବୁଡ଼ି ପ୍ରାଣ ହରାଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଖଣି ବିଭାଗକୁ ବହୁବାର ସ୍ଥାନୀୟବାସୀ ଅଭିଯୋଗ କରିଥିଲେ ମଧ୍ୟ ଖଣି ବିଭାଗ କର୍ଣ୍ଣପାତ କରୁନଥିଲେ। ବାଧ୍ୟ ହୋଇ ଗ୍ରାମବାସୀ ଭଗତପୁର ବାଲି ଘାଟକୁ ବିରୋଧ କରିବା ସହ ଏକ ଜେସିବିକୁ ଅଟକାଇଥିଲେ। ଦୀର୍ଘ ସମୟ ଧରି ଗ୍ରାମବାସୀ ଧାରଣାରେ ବସି ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଦର ପୁଲିସ ଓ ଖଣି ବିଭାଗ ଖବର ପାଇ ମଧ୍ୟ ଧାରଣାର ୫ ଘଣ୍ଟା ପରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଜେସିବିକୁ ଜବତ କରିବା ସହିତ ଜେସିବି ଚାଳକକୁ ସଦର ପୁଲିସ ସଦର ଥାନାକୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି। ବାଲି ଉତ୍ତୋଳନ ଓ ପରିବହନ ଉପରେ କଟକଣା ଥିବାବେଳେ ଭଗତପୁର ବାଲିଘାଟରୁ କିପରି ବାଲି ଉତ୍ତୋଳନ କରାଯାଉଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

● ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଭାରତୀୟ ତୈଳ ନିଗମ ମଧ୍ୟରେ ରାଜିନାମା

# ଯକ୍ଷ୍ମାରୋଗୀଙ୍କୁ ପୋଷଣା ସହାୟତା ଯୋଗାଇ ଦିଆଯିବ



ଢେଙ୍କାନାଳ, ୧୨।୧୨(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅଧ୍ୟକ୍ଷ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଭାରତୀୟ ତୈଳ ନିଗମ ଲିମିଟେଡ୍‌ର ମୁଖ୍ୟ ପରିଚାଳକ ରାଜେଶ କୁମାରଙ୍କ ମଧ୍ୟରେ ଜିଲ୍ଲାରେ ଥିବା ଯକ୍ଷ୍ମାରୋଗୀ ଓ ତାଙ୍କ ପରିବାର ଲୋକଙ୍କୁ ପୋଷଣ ସହାୟତା ଦେବା ନିମନ୍ତେ ଏକ ରାଜିନମା ସ୍ୱାକ୍ଷରିତ ହୋଇଛି। ରାଜିନାମା ଅନୁଯାୟୀ ଭାରତୀୟ ତୈଳ ନିଗମର ବ୍ୟବସାୟିକ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଅନ୍ତର୍ଗତ ଜିଲ୍ଲାରେ ଥିବା ସମସ୍ତ ଯକ୍ଷ୍ମାରୋଗୀ ଓ ତାଙ୍କ ପରିବାର ଲୋକଙ୍କୁ ୬ମାସ ପର୍ଯ୍ୟନ୍ତ ପୋଷ୍ୟ ଭାବେ ଗ୍ରହଣ କରିଛି। ଏଥିରେ ପ୍ରତି ଯକ୍ଷ୍ମାରୋଗୀ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବ ଯାହା ରୋଗୀଙ୍କୁ ଆରୋଗ୍ୟ ହେବାରେ ସାହାଯ୍ୟ କରିବ ଓ ପରିବାର ସଦସ୍ୟଙ୍କ ପୁଷ୍ଟିର ସ୍ଥିତିକୁ ସନ୍ତୁଳିତ ରଖିବ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା ଓ ଭାରତୀୟ ତୈଳ ନିଗମ ଲିମିଟେଡର ସିଜିଏମ ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଯ୍ୟଟନସ୍ଥଳୀରେ ବିଶୃଙ୍ଖଳା କଲେ ଗିରଫ

ଢେଙ୍କାନାଳ, ୧୨।୧୨(ସମିସ)

ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ପୁଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ପଥର ଓ ବାଲି ଚୋରାଚାଲାଣ ରୋକିବା ନିମନ୍ତେ ନିୟମିତ ଭାବେ ରାତିରେ ଚଢ଼ଉ କରିବାକୁ ଜିଲ୍ଲାପାଳ ତହସିଲଦାରମାନଙ୍କୁ କହିଛନ୍ତି। ଦୁର୍ଘଟଣା ଘଟୁଥିବା କ୍ରସରଗୁଡ଼ିକର ମଧ ଯାଞ୍ଚ କରି ଅନିୟମିତତା ଅବଲମ୍ବନ କରୁଥିବା କ୍ରସରଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଛନ୍ତି। ସ୍କୁଲ ପିଲା ଓ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଦିନ ବେଳେ ଭାରୀଯାନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା ପାଇଁ ସେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜାତୀୟ ରାଜପଥର ଡିଭାଇଡରକୁ କାଟୁଥିବା ସଂସ୍ଥାଗୁଡ଼ିକୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରଖାନା ଓ ଶିକ୍ଷାନୁଷ୍ଠାନଗୁଡ଼ିକର ୧୦୦ ମିଟର ମଧ୍ୟରେ କୌଣସି ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ଯାଞ୍ଚ କରି ଏହାକୁ ବନ୍ଦ କରିବା ଓ ବିଭିନ୍ନ ଔଷଧ ଦୋକାନରେ କଫ୍‌ସିରପ୍ ଯାଞ୍ଚ୍ କରିବାକୁ ସେ ଡ୍ରଗ୍ ଇନ୍ସପେକ୍ଟରଙ୍କୁ କହିଛନ୍ତି। ଜିଲ୍ଲାରେ ଥିବା ସମସ୍ତ ପର୍ଯ୍ୟଟନସ୍ଥଳରେ କେହି ମଦ୍ୟପାନ କରୁଥିଲେ କିମ୍ବା ଅଶ୍ଳୀଳ ବ୍ୟବହାର କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ ସେମାନଙ୍କୁ ତୁରନ୍ତ ଗିରଫ କରି ମାମଲା ରୁଜୁ କରିବାକୁ ଏସ୍‌ପି ଅଭିନବ ସୋନକର ପୁଲିସ ଅଧିକାରୀଙ୍କୁ କହିଛନ୍ତି। କେହି ଗଞ୍ଜେଇ, ବ୍ରାଉନସୁଗର ଆଦି ବ୍ୟବହାର କରୁଥିବା ଦେଖିଲେ ତୁରନ୍ତ ପୁଲିସକୁ ଜଣାଇବାକୁ ସେ ପରାମର୍ଶ ଦେଇଛନ୍ତି। ନିଶା ସେବନଠାରୁ ଦୂରେଇ ରହିବାକୁ ସ୍କୁଲ, କଲେଜ ପିଲାଙ୍କୁ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅବୈଧଭାବେ ଦେଶୀମଦ ତିଆରି ଏବଂ ଗଞ୍ଜେଇ ଚାଷ ସମ୍ପର୍କରେ କୌଣସି ଅଧିକାରୀ, କର୍ମଚାରୀ ଜାଣିଲେ ପୁଲିସକୁ ସୂଚନା ଦେବାକୁ କହିଛନ୍ତି। ଜମିଜମା ଅଥବା କୌଣସି କାରଣରୁ ଗଣ୍ଡଗୋଳ ଆଶଙ୍କା ସୂଚନା ଥିଲେ ତତ୍କାଳ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ବଣଭୋଜି ସମୟରେ ପ୍ଲାଷ୍ଟିକ ଓ ପଲିଥିନ ଆଦି ବ୍ୟବହାର ବନ୍ଦ କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି। ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଥିବା ଜଳାଶୟ, କେନାଲ ଆଦିରେ ଦୁର୍ଘଟଣା ରୋକିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବ। ଖଣିଖଦାନରେ ୧୭୮ଟି ରେଡ୍ କରାଯାଇ ୧୧୭ ଗାଡ଼ି ଜବତ କରାଯାଇଛି ଓ ୧, ୦୭, ୭୮, ୬୫୭ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ସୂଚନା ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଲଳିତ ମୋହନ ବେହେରା, ସମସ୍ତ ଉପଜିଲ୍ଲାପାଳ, ତହସିଲଦାର, ଥାନା ଅଧିକାରୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସୋମବାର ପରଜଙ୍ଗ ବ୍ଲକ ଅଫିସରେ ଜନଶୁଣାଣି

ପରଜଙ୍ଗ, ୧୨।୧୨(ସମିସ): ଆସନ୍ତା ସୋମବାର ପରଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲ୍ଲାପାଳ, ଏସ୍‌ପି ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିବେ। ଅଞ୍ଚଳବାସୀଙ୍କର କୌଣସି ସମସ୍ୟା ଥିଲେ ସମାଧାନ ନିମନ୍ତେ ଶିବିରରେ ପଞ୍ଜୀକରଣ କରି ଅଭିଯୋଗ କରିପାରିବେ ବୋଲି କୁହାଯାଇଛି।

## ମେଗା ସ୍ୱାସ୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

ପରଜଙ୍ଗ, ୧୨।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଡ଼ପରଜଙ୍ଗ ଗ୍ରାମ ରେଡ୍ ନାଇଟ କ୍ଲବ୍ ପରିବାର ତରଫରୁ ପରଜଙ୍ଗ ଥାନା ନିକଟରେ ଆସନ୍ତା ୧୫ ତାରିଖ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ତାଳଚେର ଜେବିଆର ଚିକିତ୍ସାଳୟ ତତ୍ତ୍ୱାବଧାନରେ ପରଜଙ୍ଗବାସୀଙ୍କ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ସମ୍ପୂର୍ଣ୍ଣ ନିଶୁଳ୍କ ଏହି ଶିବିର ହେବ। ଏହାର ସୁଯୋଗ ନେବା ପାଇଁ ରେଡ ନାଇଟ୍ କ୍ଲବ ପକ୍ଷରୁ ଅନୁରୋଧ କରାଯାଇଛି। ଶିବିରରେ ମାଗଣା ଔଷଧ ବିତିରଣ, ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଚାପ, ମଧୁମେହ ପରୀକ୍ଷା କରାଯିବ। ଜେବିଆର ହସ୍ପିଟାଲ ସହାୟତାରେ ରେଡ ନାଇଟ ପରିବାର ଓ ମାନବ ସେବା ଗୋ ସେବା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଉଛି।

● ପୁଅ ଜନ୍ମ ହେଲାନି ବୋଲି ସ୍ୱାମୀ ମାଡ଼ମାରି ତଡ଼ିବା ଘଟଣା

## ସ୍କୁଲରୁ ଟିସି ନେଲେ ପୀଡ଼ିତା

ଭୁବନ, ୧୨।୧୨(ସମିସ): ଅଲୋଡ଼ା ହୋଇଗଲେ କନ୍ୟା ସନ୍ତାନ। ୫ ଛୁଆଙ୍କୁ ଧରି ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ମହିଳା ଆଶ୍ରୟ ନେଇଛନ୍ତି। କନ୍ୟା ସନ୍ତାନ ଯେ ଅଲୋଡ଼ା ନୁହଁ ତାହା କେବଳ ସ୍ଲୋଗାନ ହୋଇ ରହିଛି। ବେଟି ବଚାଓ, ବେଟି ପଢ଼ାଓ କ୍ୟାମ୍ପେନ ଯେପରି କାଗଜକଲମରେ ସୀମିତ ରହିଯାଇଛି। ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ପଞ୍ଚାୟତ ଚମ୍ପାନାଳିଆ ଗ୍ରାମର ମଉନା ନାୟକଙ୍କ ଝିଅ ସୁଲୋଚନା (୩୨)ଙ୍କର ପୂର୍ବରୁ ୪ କନ୍ୟା ସନ୍ତାନ ଥିଲେ। ୪୦ ଦିନ ତଳେ ସେ ଜନ୍ମ ଦେଇଥିବା ପଞ୍ଚମ ସନ୍ତାନ ମଧ କନ୍ୟା ଥିଲା। କାହିଁକି ପୁଅ ଜନ୍ମ ହେଲାନାହିଁ ବୋଲି ସ୍ୱାମୀ ସୁଲୋଚନାଙ୍କୁ ମାଡ଼ମାରି ଘରୁ ତଡ଼ି ଦେଇଥିଲେ। ମାଡ଼ରେ ସୁଲୋଚନା ଆହତ ହୋଇଥିବାରୁ ନଭେମ୍ବର ମାସ ୧୪ ସନ୍ଧ୍ୟାରେ କୋଳରେ ୪୦ ଦିନର ଶିଶୁକନ୍ୟା ସହ ୫ ଝିଅଙ୍କୁ ଧରି ଭୁବନ ଡାକ୍ତରଖାନାରେ ପହଞ୍ଚିଥିଲେ। ଚିକିତ୍ସା ପରେ ସେଠାରେ ରାତିରେ ରହିଥିଲେ। ପରେ ଗଁଦିଆ ସନ୍ଥପୁରସ୍ଥିତ ସେଚ୍ଛାସେବୀ ଅନୁଷ୍ଠାନରେ ଆଶ୍ରୟ ନେଇଥିଲେ ସୁଲୋଚନା ଓ ତାଙ୍କ ୫ ଝିଅ। ପାଠ ପଢ଼ିବାରେ ଅସୁବିଧା ହେବାରୁ ଶୁକ୍ରବାର ସୁଲୋଚନା ମୁରୁଗାରେ ପହଞ୍ଚି ଅନ୍ତର୍ଜାତୀୟ ମାନବାଧିକାର ସୁରକ୍ଷା ଇଷ୍ଟେଟର ରାଜ୍ୟ ମହିଳା ସଭାନେତ୍ରୀ ପୁଷ୍ପାଞ୍ଜଳି ରଣା ଓ ସଂସ୍ଥାର ମିଡିଆ ସେଲ ପ୍ରମୁଖ ପୂର୍ଣ୍ଣଚନ୍ଦ୍ର ସାହୁ, ଶୁଭସ୍ମିତା ସାହୁଙ୍କ ସହାୟତାରେ ମୁରୁଗା ଉଚ୍ଚ ପ୍ରାଥମିକ ସ୍କୁଲରୁ ୩ ଝିଅ ଓ ଅଙ୍ଗନବାଡ଼ିରୁ ଚତୁର୍ଥ ଝିଅର ସ୍କୁଲ ପରିତ୍ୟାଗ ପ୍ରମାଣପତ୍ର ନେଇଛନ୍ତି।

## ସନ୍‌ରାଇଜ କ୍ଲବର ଫୁଟବଲ ଟୁର୍ଣ୍ଣାମେଣ୍ଟ

ହିନ୍ଦୋଳ, ୧୨।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ରାସୋଳର ସନରାଇଜ କ୍ଲବ ପକ୍ଷରୁ ଏହାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଶୁକ୍ରବାରଠାରୁ ସ୍ଥାନୀୟ ଖେଳପଡ଼ିଆରେ ତିନିଦିନିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି। ଉଦଘାଟନୀ ମ୍ୟାଚ ଢେଙ୍କାନାଳ ବନମାଳୀପ୍ରସାଦ କ୍ଲବ ସହ ଅନୁଗୋଳ ଚାନ୍ଦ ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ହିନ୍ଦୋଳ ବିଧାୟକ ମହେଶ୍ୱର ନାଏକ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ମ୍ୟାଚରେ ବନମାଳୀ ପ୍ରସାଦ ୫-୦ ଗୋଲରେ ବିଜୟୀ ହୋଇଛି। ରେଫରୀ ଭାବେ ଅରୁଣ ନାୟକ ଓ ଲାଇନ୍ସ ମ୍ୟାନ୍ ଭାବେ ଶୁଭ୍ରଜିତ୍ ସ୍ୱାଇଁ ଓ ଅମୂଲ୍ୟ ସାମଲ ଦାୟିତ୍ୱ ତୁଲାଇଥିଲେ।

 କ୍ଷତିଗ୍ରସ୍ତ ପ୍ରଜାଙ୍କ ଆମରଣ ଅନଶନ ତୃତୀୟ ଦିନରେ

# ମହିଳା ଅସୁସ୍ଥ, ମେଡିକାଲରେ ଭର୍ତ୍ତି

ଢେଙ୍କାନାଳ, ୧୨।୧୨(ସମିସ): ରିଲାଏନ୍ସ କାରଖାନା ନିର୍ମାଣ ପାଇଁ ପ୍ରଜାମାନେ ଜମିଦେଇଥିବା ବେଳେ ନିଯୁକ୍ତି ନ ପାଇ ହନ୍ତସନ୍ତ ହେଉଛନ୍ତି। କାରଖାନା କର୍ତ୍ତୃପକ୍ଷ ନିଯୁକ୍ତି ଦେବାରେ ଟାଳଟୁଳ ନୀତି




ଅବଲମ୍ବନ କରୁଥିବାରୁ କ୍ଷତିଗ୍ରସ୍ତ ପ୍ରଜାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଏହି ଅନଶନ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ତେବେ ଜିଲ୍ଲା ପ୍ରଶାସନ କିମ୍ବା କାରଖାନା କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଅନଶନକାରୀ ଧୀରେ ଧୀରେ ଅସୁସ୍ଥ ହେବାରେ ଲାଗିଛନ୍ତି। ଜମିହରା ପ୍ରଜାସଂଘ ସଭ୍ୟା ମିନତି ଦାସ ତୃତୀୟ ଦିନରେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଯେତେ କଷ୍ଟ ହେଲେ ମଧ ଅନଶନ ଜାରି ରହିବ ବୋଲି ସଂଘ ସଭାପତି ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ବଉଳପୁରଠାରେ ଗଢ଼ିଉଠିଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ସିବିଜି କମ୍ପାନୀ ନିର୍ମାଣ ପାଇଁ ପ୍ରଜାମାନେ ଜମି ପ୍ରଦାନ କରିଥିଲେ। କାରଖାନାରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ନ ମିଳିବାରୁ ଜମିହରା ପ୍ରଜା ସଂଘ ଆମରଣ ଅନଶନ ଆରମ୍ଭ କରିଛନ୍ତି।

# ମେସିନ କରୁଛି ମନରେଗା କାର୍ଯ୍ୟ



କଙ୍କଡ଼ାହାଡ଼, ୧୨।୧୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତରେ ମନରେଗା ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପିଡବ୍ଲ୍ୟୁଡିଠାରୁ ନୂଆସାହି ରାସ୍ତା କାମ ହେଉଛି। ତେବେ ମେସିନରେ ଅଳ୍ପ ମାଟିମୋରମ ପକାଇ ୩ଲକ୍ଷ ୨୬ ହଜାର ୫ ଶହ ୯୯ ଟଙ୍କା ବିଲ୍ ହୋଇଥିବା ମନରେଗା ୱେବସାଇଟରେ ଦେଖିବାକୁ ମିଳିଛି। ମନରେଗା ଯୋଜନାରେ ଶ୍ରମିକ କାର୍ଯ୍ୟ କରିବା ନିୟମ ଥିବାବେଳେ କାଗଜପତ୍ରରେ ତଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଧରମା ରାଉଳ ଘରଠାରୁ କଳାପଥର ରାସ୍ତା କାର୍ଯ୍ୟ ମେସିନ ସାହାଯ୍ୟରେ କରାଯାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମାମିନା ନାୟକ ଏବଂ ଏଡିଇଓ ଚିନ୍ମୟୀ ଶତପଥୀଙ୍କୁ ଫୋନ କରାଯାଇଥିଲେ ମଧ ଫୋନ ଉଠାଉନାହାନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବକେୟା ବିଲ୍ ପଇଠ କରିବାକୁ ଦାବି



ହିନ୍ଦୋଳ, ୧୨।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ରୋଷଘର ପୁନରୁଦ୍ଧାର ଓ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ସିଏମଏସଏ ଯୋଜନା ଅନୁଯାୟୀ ଜିଲ୍ଲା ପରିଷଦ ପକ୍ଷରୁ ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ହିନ୍ଦୋଳ ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀଙ୍କ ପତ୍ର ସଂଖ୍ୟା ୫୫୪ ଅନୁଯାୟୀ ମନ୍ଦିର ପରିଚାଳନା କମିଟିକୁ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ତେବେ ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସିଂ ୯୫ ହଜାର ୮ ଶହ ୭ ଟଙ୍କା କାଟି ରଖିଥିବା ଅଭିଯୋଗ କରି ଶୁକ୍ରବାର କମିଟି କାର୍ଯ୍ୟକର୍ତ୍ତାମାନେ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅର୍ଥ ଫେରସ୍ତ ପାଇଁ କମିଟି ପକ୍ଷରୁ ଯନ୍ତ୍ରୀଙ୍କୁ ବାରମ୍ବାର କୁହାଯାଉଥିଲେ ମଧ ସେ ଏଡ଼ାଇ ଚାଲିଥିବା ଅଭିଯୋଗ କରିଛନ୍ତି। କାର୍ଯ୍ୟ କରିଥିବା କମିଟି ସଦସ୍ୟ ପିସି ଦେବାକୁ ନରାଜ ଥିବା ବେଳେ ସେହି କାର୍ଯ୍ୟର ପିସି ବାବଦ ଯନ୍ତ୍ରୀ ଟଙ୍କା କାଟିଥିବା ଅଭିଯୋଗରେ ଦର୍ଶାଯାଇଛି। ୮ ଲକ୍ଷ ଟଙ୍କାରୁ ୨ଟି କିସ୍ତିରେ କମିଟିର କାର୍ଯ୍ୟକର୍ତ୍ତା ଅଭିରାମ ବେହେରାଙ୍କ ଆକାଉଣ୍ଟକୁ ଫୋନ ପେ' ଯୋଗେ ପ୍ରଥମେ ୨ ଲକ୍ଷ ୫୨ ହଜାର ୪୮୪ ଟଙ୍କାରୁ ୧ ଲକ୍ଷ ୯୭ ହଜାର ଟଙ୍କା ପଠେଇ ଥିବା ବେଳେ ୨ୟ କିସ୍ତିରେ ୫ ଲକ୍ଷ ୨୩ ହଜାର ୫୧୫ ଟଙ୍କାରୁ ୪ ଲକ୍ଷ ୨୪ ହଜାର ୩୯୨ ଟଙ୍କା ପଠାଇଥିବା କୁହାଯାଇଛି। ଏ ସମ୍ପର୍କରେ ପୂର୍ବରୁ ସେମାନେ ହିନ୍ଦୋଳ ବିଧାୟିକା ଓ ବିଡିଓଙ୍କୁ ଗୁହାରି କରିଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରାପ୍ୟ ଅର୍ଥ ତୁରନ୍ତ ଫେରସ୍ତ ପାଇଁ କମିଟି କାର୍ଯ୍ୟକର୍ତ୍ତା ଅଭିରାମ ବେହେରାଙ୍କ ସହ ଅରୁଣ କୁମାର ଦାସ, ଧରଣୀଧର ପାଳ, ଦଣ୍ଡଧର ବେହେରା, ଗୋବିନ୍ଦ ବେହେରା ଓ ସୁବାସ ଚନ୍ଦ୍ର ପାଳ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ ସିଂଙ୍କୁ ପଚାରିବାରୁ କହିଲେ, କାର୍ଯ୍ୟର ବକେୟା ବିଲ୍ ବାକି ରହିଛି। ଖୁବଶୀଘ୍ର କମିଟିକୁ ଅବଶିଷ୍ଟ ଟଙ୍କା ଦେବେ ବୋଲି କହିଛନ୍ତି।

# ପରଜଙ୍ଗ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ

ପରଜଙ୍ଗ, ୧୨।୧୨(ସମିସ): ପରଜଙ୍ଗ ବ୍ଲକ ପିଏମଏମଏସ ନୋଡାଲ ବିଦ୍ୟାପୀଠରେ ମୋ ଢେଙ୍କାନାଳ ଡିଜିଟାଲ ଚ୍ୟାନେଲ ପକ୍ଷରୁ ୭ମ ପ୍ରତିଷ୍ଠା ଉତ୍ସବ ଓ ଗୁରୁଦେବଜୀ ଫାଉଣ୍ଡେସନ ତରଫରୁ ପରଜଙ୍ଗ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ଓ ମୋ ପ୍ରତିଭା ମୋ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ସ୍କୁଲର ୨୬୦ ଛାତ୍ରଛାତ୍ରୀ ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ବିଇଓ ପ୍ରିୟଦର୍ଶିନୀ ନାୟକ, ଏବିଇଓ ସଞ୍ଜୁକ୍ତା ସାମଲ ଉଭୟ ଅନୁଷ୍ଠାନର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ଅତିଥି ଭାବେ ଆଇନଜୀବୀ ବିନୋଦ କୁମାର ସାହୁ, ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂ, ରାଜ୍ୟ ପୁରସ୍କାରପ୍ରାପ୍ତ କଳା ଶିକ୍ଷକ ପ୍ରଦୀପ ଷେଣ୍ଢ ଯୋଗଦେଇଥିଲେ। ବିଚାରକ ରୂପେ ବିଜୟ କୁମାର ମିଶ୍ର, ଲିଟୁ ଦେହୁରୀ ଯୋଗଦେଇ ପ୍ରତିଭାର ମୂଲ୍ୟାଙ୍କନ କରି ଜିଲ୍ଲାସ୍ତରକୁ ଚୟନ କରିଥିଲେ। ସାମ୍ବାଦିକ ହିମାଦ୍ରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅମିତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ସଡ଼କ ସୁରକ୍ଷା କମିଟି ବୈଠକ

# ଚଳିତବର୍ଷ ୩୯୦ ଦୁର୍ଘଟଣାରେ ୧୭୭ ମୃତ

ଢେଙ୍କାନାଳ, ୧୨।୧୨(ସମିସ)

ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଜିଲ୍ଲାରେ ମୋଟ ୩୯୦ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୧୭୭ ମୃତ୍ୟୁ ଓ ୩୧୮ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସେହିପରି ୨୦୨୪ରେ ୧୯୮ ମୃତ ଓ ୩୪୧ ଆହତ ହୋଇଥିଲେ। ୨୦୨୩ରେ ମୋଟ ୧୮୫ ମୃତ ଓ ୪୦୩ ଜଣ ଆହତ ହୋଇଥିଲେ। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଛି। ଦୁର୍ଘଟଣା ରୋକିବା ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପାଟିଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜାତୀୟ ରାଜପଥର ଡିଭାଇଡରକୁ ଅବୈଧ ଭାବେ କାଟୁଥିବା ହୋଟେଲ, ଢାବା ଭଳି ବନ୍ଦ କରିଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ କଲେଜ ବାଇପାସ ଫ୍ଲାଏଓଭର ବ୍ରିଜ ତଳେ ସହରକୁ ପ୍ରବେଶ କରିବା ରାସ୍ତାକାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଏନଏଚ




କର୍ତ୍ତୃପକ୍ଷଙ୍କୁ କହିଛନ୍ତି। କଲେଜ ବାଇପାସଠାରୁ କୋରିଆଁ ବାଇପାସ ରାସ୍ତାର ଆଲୋକୀକରଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ଏନ୍‌ଏଚ୍‌ଏଆଇକୁ କହିଛନ୍ତି। ଏହି କାର୍ଯ୍ୟ ଖୁବଶୀଘ୍ର ଶେଷ ହେବ ବୋଲି ଏନଏଚ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ଗେଙ୍ଗୁଟିଆ ଫ୍ଲାଏଓଭର ବ୍ରିଜରେ ବାରିକେଡିଂ ଓ ସାଇନେଜ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି। ସହର ଛକଗୁଡ଼ିକରେ ଲାଗିଥିବା ଟ୍ରାଫିକ ସିଗ୍ନାଲ ଲାଇଟ ପୋଷ୍ଟଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ ହେବ। ସହରର ପ୍ରମୁଖ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବାରିକେଡିଂ ବ୍ୟବସ୍ଥା କରାଯିବ ବୋଲି ସ୍ଥିର କରାଯାଇଛି। କୋରିଆ ବାଇପାସଠାରେ ରାସ୍ତାକୁ ସଠିକ ଭାବେ ସମତୁଲ କରି ଦୁର୍ଘଟଣା ଏଡ଼ାଇବାକୁ ଏସ୍‌ପି ଅଭିନବ ସୋନକର ଏନଏଚ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଷ୍ଟେସନ ରୋଡ୍ ଛକ ଓ ଷ୍ଟେସନରେ ଗାଡ଼ି ପାର୍କିଂକୁ ବ୍ୟବସ୍ଥିତ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ସହରରେ ଟ୍ରଫିକ ଜାମ୍ ହେଉଥିବାରୁ ସମସ୍ତ ଅବୈଧ ନିର୍ମାଣକୁ ଆସନ୍ତା ୧୮ ତାରିଖରୁ ପୌରପାଳିକା ପକ୍ଷରୁ ଉଚ୍ଛେଦ

**ଅବୈଧ ନିର୍ମାଣ ଉଚ୍ଛେଦ କରାଯିବ**

କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଥିଲେ। ଏହି ଅବସରରେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିଥିବା ନୂଆବଗର ରବି ବେହେରା, ରାସୋଳର ବିଭୁପ୍ରସାଦ ଶତପଥୀ ଏବଂ କଙ୍କଡ଼ାହାଡ଼ର ପ୍ରଶାନ୍ତ କୁମାର ସାହୁଙ୍କୁ ଗୁଡ୍ ସମରିଟାନ ଭାବେ ୨ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ବୈଠକରେ ରାସ୍ତା ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁଙ୍କ ସମେତ କମିଟିର ବରିଷ୍ଠ ସଦସ୍ୟ ପ୍ରଦ୍ୟୁମ୍ନ ରଥ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

● ଦୃଷ୍ଟି ଆଢୁଆଳରେ ସହିଦ ମାଟିଆ ବେହେରା

## ସ୍ୱାଧୀନତା ସଂଗ୍ରାମୀଙ୍କ ମୂର୍ତ୍ତି ଭାଡ଼ିରେ ପଡ଼ିଛି

ଭୁବନ, ୧୨।୧୨(ସମିସ): ଆଜିବି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି ଭୁବନ ବ୍ଲକ ଭୂଷଳ ପଞ୍ଚାୟତ ଚଣ୍ଡୀପାଳ ଗ୍ରାମର ସହିଦ ମାଟିଆ ବେହେରା। ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ମାଟିଆ। ସ୍ୱାଧୀନତାର ୭୮ ବର୍ଷ ପରେ ବି ତାଙ୍କର ମୂର୍ତ୍ତିଟିଏ ବି ବସିପାରିଲା ନାହିଁ। ଅବଶ୍ୟ ଗ୍ରାମବାସୀଙ୍କ ଉଦ୍ୟମରେ ବିମଳା ମନ୍ଦିର ନିକଟରେ ମୂର୍ତ୍ତିଟିଏ ନିର୍ମାଣ ହୋଇ ଉଦଘାଟିତ ହୋଇଥିଲା। ହେଲେ ବର୍ଷକ ମଧ୍ୟରେ ମୂର୍ତ୍ତି ଭାଙ୍ଗି ଗାଁ କୋଠଘର ଶିଡ଼ି ତଳେ ଦୀର୍ଘବର୍ଷ ପଡ଼ିରହିବା ପରେ ଏବେ ଆଉ ତାହାର ପତ୍ତା ମିଳୁନି। କେତେକ ସଚେତନ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ସମାଲୋଚନା କରିଛନ୍ତି। ଏହାକୁ ନେଇ ଜିଲ୍ଲାର ସଚେତନ ନାଗରିକ ମହଲରେ ଉଦ୍‌ବେଗ ପ୍ରକାଶ ପାଇବା ସହ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଏହା ଅସମ୍ମାନ ବୋଲି ଅଭିଯୋଗ ହେଉଛି।



## ଶିକ୍ଷୟିତ୍ରୀଙ୍କ ବଦଳି ଦାବି ଜୋର ଧରିଲା

**ବନ୍ତ/ଆଗରପଡ଼ା, ୧୨।୧୨(ସମିସ):** ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ଅନ୍ତର୍ଗତ ବାଲିପୋଖରୀ ସରକାରୀ ହାଇସ୍କୁଲ, ତେଲନଟୀର ଜନୈକା ସହକାରୀ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ଗ୍ରାମବାସୀ, ଏସଏମଡିସି ଓ ଆଲୁମିନି ସଭ୍ୟ ସଭ୍ୟାମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସମ୍ପୃକ୍ତ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିବା, ପାଠପଢ଼ା କ୍ଷେତ୍ରରେ ପାତରଅନ୍ତର ନୀତି ଅବଲମ୍ବନ କରିବା, ଏସଏମଡିସି ଓ ଏସଏମସି ବୈଠକରେ ଅଶୋଭନୀୟ କଥାବାର୍ତ୍ତା କରିବା, ସ୍କୁଲକୁ ଠିକ୍ ସମୟରେ ନ ଆସିବା ଆଦି ଅଭିଯୋଗ ପତ୍ରରେ ଦର୍ଶାଇ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ଶ୍ରୀକାନ୍ତ ଜେନା, ବୁଧିରାମ ନାୟକ, ବନମାଳୀ ନାୟକ, ଗଣେଶ ଭୋଳ, ଲକ୍ଷ୍ମୀଧର ନାୟକ, ଶୁଭଲକ୍ଷ୍ମୀ ନାୟକ, ବାସନ୍ତି ମହାନ୍ତି, ମମତାଲତା ଜେନା, ଗଙ୍ଗାଧର ଜେନା, ଭାସ୍କର ଜେନା, ବନମାଳୀ ସାହୁ, ଭୂବେନ୍ଦ୍ର ସାହୁ, ସନ୍ତୋଷ ରଣା, ରବୀନ୍ଦ୍ର ସେଠୀ ଦାବି କରିଛନ୍ତି।

# ଷଡ଼ଯନ୍ତ୍ର କରି ହତ୍ୟା କରିଛନ୍ତି ଅଭିନେତ୍ରୀ



- ହାସ୍ୟ ଅଭିନେତା ଗୁରୁ ପୃଷ୍ଟିଙ୍କ ମୃତ୍ୟୁ ଘଟଣା
- ଗୁରୁତର ଅଭିଯୋଗ ଆଣିଲେ ଗୁରୁଙ୍କ ମଉସା

**ଦୋବଲ, ୧୨।୧୨(ସମିସ)**

ଯାତ୍ରା ଜଗତରର ଯୁବ ହାସ୍ୟ ଅଭିନେତା ଗୁରୁ ପୃଷ୍ଟିଙ୍କ ମୃତ୍ୟୁ ନେଇକୁ ଭିନ୍ନ ମତ ପ୍ରକାଶ ପାଇବା ପରେ ଏବେ ଘଟଣାର ମୋଡ଼ ବଦଳିବାରେ ଲାଗିଛି। ଗୁରୁଙ୍କ ମଉସା ଧାମନଗର ଥାନାରେ ପହଞ୍ଚି ଗୁରୁଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଗୁରୁଙ୍କ ମଉସା ନରେନ୍ଦ୍ର ମିଶ୍ର ଧାମନଗର ଥାନାରେ ଶୁକ୍ରବାର ପହଞ୍ଚି ମିଳିଥିବା ମୋବାଇଲ ଗ୍ରହଣ କରିବା ସହ ଲିଖିତ ଭାବେ ହତ୍ୟା ଅଭିଯୋଗ କରିଛନ୍ତି। ମଉସାଙ୍କ ଅଭିଯୋଗ ଆଧାରାରେ ୭ ତାରିଖ ମୃତ୍ୟୁର କିଛି ସମୟ ପୂର୍ବରୁ ଅନ୍ୟ ଏକ ଯାତ୍ରା ପାର୍ଟି 'ସ୍ୱପ୍ନ ମହଲ'ର ଜଣେ ଅଭିନେତ୍ରୀଙ୍କ ସହ ଗୁରୁ ପୃଷ୍ଟିଙ୍କ ତୀବ୍ର ବିବାଦ ହୋଇଥିଲା। ସେହି ଯୁକ୍ତି ତର୍କର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ମଉସାଙ୍କ କହିବା ଅନୁଯାୟୀ ବିବାଦ ସମୟରେ ସେହି ଅଭିନେତ୍ରୀ ଗୁରୁ ପୃଷ୍ଟିଙ୍କୁ ଦେଖିନେବି ବୋଲି ଧମକ ଦେଇଥିଲା। ତାହାର ୨ ଘଣ୍ଟା ପରେ ଗୁରୁଙ୍କ ଅକସ୍ମାତ ମୃତ୍ୟୁ ଘଟିବା ପରିବାରର ସନ୍ଦେହକୁ ଆହୁରି ବଢ଼ାଇଦେଇଛି। ଅଭିନେତ୍ରୀ ଗୁରୁଙ୍କୁ ଡକାଇ ଷଡ଼ଯନ୍ତ୍ର ପୂର୍ବକ ହତ୍ୟା କରିଛନ୍ତି। ଏହି ମୃତ୍ୟୁକୁ ନେଇ ସମ୍ପୂର୍ଣ୍ଣ ତଦନ୍ତ କରି ନ୍ୟାୟ ଦେବା ପାଇଁ ସେ ଥାନାଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଥାନା ଅଧିକାରୀଙ୍କ ସହ ଆଲୋଚନା ପରେ ଘଟଣାର ତଦନ୍ତ କରାଯିବବୋଲି ଧାମନଗର ଥାନାର ଏଏସ୍ଆଇ ନରେନ୍ଦ୍ର ରାଉତ କହିଛନ୍ତି।

## ବରିଷ୍ଠ ନାଗରିକଙ୍କ ନିଃଶୁଳ୍କ ତୀର୍ଥ ଯାତ୍ରା



**ଅସୁରାଳି, ୧୨।୧୨(ସମିସ):** ଲଭ ଏଣ୍ଡ କେୟାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ବରିଷ୍ଠ ନାଗରିକ ମାନଙ୍କର ନିଃଶୁଳ୍କ ଜଗନ୍ନାଥ ଧାମ ଯାତ୍ରାର ୫ମ ପର୍ଯ୍ୟାୟ ସଫଳ ହୋଇଛି। ଏଥିରେ ଧୂଷୁରୀ ପଞ୍ଚାୟତ ହରିହଂସ, ଓଲଟପୁର ପତ୍ରିସାହି ଗାଁର ବୟସ୍କ ମାନଙ୍କୁ ଜଗନ୍ନାଥ ଧାମ ଯାତ୍ରା କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ତରଫରୁ ବୃଦ୍ଧ ବୃଦ୍ଧା ମାନଙ୍କ ପାଇଁ ସମ୍ପୂର୍ଣ୍ଣ ନିଃଶୁଳ୍କ ଯିବା ଆସିବା, ଖାଦ୍ୟ, ପାନୀୟ, ଜରୁରିକାଳୀନ ଔଷଧ ଯୋଗାଇ ଦିଆଯାଇଥିଲା। ଆଗାମୀ ଦିନରେ ଲଭ ଏଣ୍ଡ କେୟାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ସାଧାରଣ ଗରିବ ଲୋକଙ୍କ ଉତମ ସେବା ପାଇଁ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବା ସହିତ ଏନ୍ତୁଡ଼ି ଶାଳରୁ ମଶାଣି ପର୍ଯ୍ୟନ୍ତ ସମସ୍ତ ସୁବିଧା ମାଗଣାରେ ଯୋଗାଇ ଦିଆଯିବ ବୋଲି ଟ୍ରଷ୍ଟର ମୁଖ୍ୟ ପରିଚାଳକ ନୀଳାଚଳ ସାହୁ କହିଛନ୍ତି। ଏଥପାଇଁ ଲଭ ଏଣ୍ଡ କେୟାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ଏକ ଜରୁରିକାଳୀନ ଟୋଲ ଫ୍ରି ନମ୍ବର ଜାରି କରାଯିବ। ସେବା ଏବଂ ସମ୍ବଳ ଅନୁଯାୟୀ ସହାୟତା କରିବା ପାଇଁ ମଧ ଚାରିଟେବଲ ସଦସ୍ୟ ମାନେ କହିଛନ୍ତି। ଆଗରୁ ୪ଟି ପର୍ଯ୍ୟାୟରେ ପୁରୀ ଯାତ୍ରା ସଫଳ ହୋଇଥିଲା। ଅନୁଷ୍ଠାନର ସଦସ୍ୟ ଦିବ୍ୟାଲୋଚନ ମୁଦୁଲି, ରାଜକିଶୋର ବେହେରା, ବାବାଜୀ କର, ପର୍ଶୁରାମ କର, ଆଶୁତୋଷ କର, ରଣଜିତ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟକର୍ତା ୫ମ ପର୍ଯ୍ୟାୟ ଯାତ୍ରାରେ ଉପସ୍ଥିତ ରହି ଯାତ୍ରାକୁ ସଫଳ କରାଇ ଥିଲେ।

## ଶ୍ରାଦ୍ଧ ବାର୍ଷିକୀରେ କମ୍ବଳ ବଣ୍ଟନ

**ଅସୁରାଳି, ୧୨।୧୨(ସମିସ):** ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତ ମମାଦୁଲା ଗାଁର ସମାଜସେବୀ ତଥା ଧର୍ମପରାୟଣ ବ୍ୟକ୍ତି ସ୍ୱର୍ଗତଃ ଚନ୍ଦ୍ରକାନ୍ତ ରାଏଙ୍କର ପ୍ରଥମ ଶ୍ରାଦ୍ଧ ଦିବସ ତାଙ୍କର ପୈତୃକ ଗ୍ରାମ ମମାଦୁଲାସ୍ଥିତ ବାସଭବନରେ ପାଳନ କରାଯାଇଛି। ସ୍ୱର୍ଗତ ରାଏଙ୍କ ଶ୍ରାଦ୍ଧ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ମନୋଜ ରାଏଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସ୍ମୃତି ସଭାରେ ଯୋଗଦାନ କରିଥିଲେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି, ସମିତିସଭ୍ୟ ବିଦ୍ୟାଧର ରାଉତ, ଡାକ୍ତର ସଞ୍ଜୟ ଦାସ, ବିଜୟ ସାହୁ, ଉମେଶ ମହାନ୍ତି, ସନ୍ତୋଷ ରାଏ, ଜାଫ୍ରାନ କୁମାର ରାଏ, ତପନ ରାଉତ, ଅକ୍ଷୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ରମେଶ ଧଳ।

## ସାଂସଦ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



**ବାରିକପୁର, ୧୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ଖେଳ ପଡ଼ିଆ ଠାରେ ସାଂସଦ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବକୁ ବିଡିଓ ଦେବଦତ୍ତ ଦାଶ ଉଦ୍‌ଘାଟନ କରି ବିଭିନ୍ନ କ୍ରୀଡ଼ା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ସାଂସଦ ପ୍ରତିନିଧି ସୁଧାଂଶୁ ନାୟକ, ବ୍ଲକ ଉପାଧ୍ୟକ୍ଷ ପ୍ରଣତୀ କାନ୍ତି ସାମଲ, ସାଂସଦଙ୍କ ପ୍ରତିନିଧି ସଭାପତି ଭଗବାନ ପଣ୍ଡା, ସାଂସଦ କ୍ରିଡା ସଂଯୋଜକ କିଶୋରକିଙ୍କର ପଡ଼ିହାରୀ, ମଣ୍ଡଳ ସଭାପତି ତରଣୀସେନ ଜେନା, ପ୍ରଣବ ରାଉତ, ରଞ୍ଜନ ପରିଡ଼ା, ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ, ପୂର୍ଣ୍ଣଚନ୍ଦ୍ର ଖିଲାର, ଯୁବ ନେତା ଗିରିଶ ଚନ୍ଦ୍ର ସାମଲ, ନିରଞ୍ଜନ ବାରିକ, ସୁରେଶ ସାମଲ, ତପନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ଉତ୍ସବ ଆସନ୍ତା ୧୫ ତାରିଖ ଦିନ ଉଦ୍‌ଯାପିତ ହେବ।

## ଜୁଆ, ଚୋରା ମଦ କାରବାର ବୃଦ୍ଧି

**ଅସୁରାଳି, ୧୧।୧୨(ସମିସ):** ଧାମନଗର ବ୍ଲକ ର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ଜୁଆ, ଚୋରା ମଦ ଓ ନିଶା କାରବାର ବଢ଼ିବାରୁ ସମାଜିକ ଶାନ୍ତି-ଶୃଙ୍ଖଳା ଗୁରୁତର ସଙ୍କଟରେ ପଡ଼ିଛି। ଉତ୍ସବ-ଅନୁଷ୍ଠାନରେ ଜୁଆ ଖେଳ ଏକ ପ୍ରମୁଖ ଭୂମିକା ନେଇଥିବାରୁ ଗୋଷ୍ଠୀ ବିବାଦ, ପାରିବାରିକ ଅଶାନ୍ତି ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଧୂଷୁରୀ ଥାନା ଅଞ୍ଚଳରେ ଖୋଲା ମେଲା ଭାବରେ ଜୁଆ ଚାଲିଥିବା ସତ୍ତ୍ୱେ ପୁଲିସ ନିରବ ଦର୍ଶକ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଚୋରା ମଦ ବ୍ୟବସାୟୀମାନଙ୍କୁ ମଝିରେ ମଝିରେ ଧରି ଛାଡ଼ିଦେବା, କିମ୍ବା ନେଣ-ଦେଣ କାରବାର ମାଧ୍ୟମରେ ସହଜରେ ଜାମିନରେ ମୁକ୍ତ କରାଯାଇଥିବାରୁ ଏହି ବେଆଇନ କାରବାର ପୁଣି ଆରମ୍ଭ ହେଉଛି। ହେରୋଇନ, ଚରସ, ବ୍ରାଉନସୁଗର୍ ଭଳି ମାରାତ୍ମକ ନିଶାରେ ଖୁବ୍ କମ୍ ବୟସର ଯୁବକ ଓ ଛାତ୍ରମାନେ ଆକ୍ରାନ୍ତ ହେଉଛନ୍ତି। ଆର୍ôଥକ ସଙ୍କଟରେ ନିଶା ସେବନ କରିପାରି ନ ଥିବାରୁ ସେମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଦୋକାନ, ମନ୍ଦିର ଚୋରି, ରାହାଜାନି, ଛିନ୍ତାଇ ଦିନକୁ ଦିନ ବଢ଼ିବା ସତ୍ତ୍ୱେ ପୁଲିସ୍ ଅପରାଧୀମାନଙ୍କୁ ଧରିବାରେ ବିଫଳ ହୋଇଛି। ଅଞ୍ଚଳବାସୀଙ୍କ ସତର୍କବାଣୀ ଅବକାରୀ ବିଭାଗ ଓ ପୁଲିସ ତୁରନ୍ତ କଡ଼ା ପଦକ୍ଷେପ ନେଇନଥିଲେ ଆଗାମୀ ଦିନରେ ସ୍ଥିତି ଅଧିକ ବିଗଡ଼ିଯିବ। ସଚେତନ ମହିଳା ଓ ପୁରୁଷ ମାନେ ଆନ୍ଦୋଳନରେ ନାମିବେ ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି।

## ଆସ ସ୍କୁଲ ଯିବା ଶିକ୍ଷା ସଭା



**ବାରିକପୁର, ୧୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସାଧନ କେନ୍ଦ୍ର ସ୍ତରୀୟ ଆସ ସ୍କୁଲ ଯିବା ଶିକ୍ଷା ସଭା ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଗୁଡ଼ିକ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସିଆରସିସି ଜ୍ୟୋତ୍ସ୍ନା କୁମାରୀ ବାରିକ, ସାମ୍ବାଦିକ ବିକାଶ ବେହେରା ଯୋଗଦେଇ ଅଧାରୁ ପାଠ ଛାଡିଥିବା ବା ଆଦୌ ପାଠ ପଢ଼ିନଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡ଼ି କର୍ମୀ ଭାନୁଲତା ସେଠୀ, ଜିଆର୍‌ଏସ୍ ଅର୍ଚ୍ଚନା ମଞ୍ଜରୀ ଦାସ, ପରିଚାଳନା କମିଟି ସଦସ୍ୟ ବଟକୃଷ୍ଣ ଜେନା, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବିଶ୍ୱମ୍ବର ମାଝୀ, ମଞ୍ଜୁଲତା ସାହୁ, ଶ୍ରୀକାନ୍ତ ପ୍ରସାଦ ବେହେରା, ମନସ୍ମିତା ବିଶ୍ୱାଳ, କେଶବ ଚନ୍ଦ୍ର ପହି, ରତ୍ନାକର ଯେନା ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦ ସାଧନା ପୀଠ ଟ୍ରଷ୍ଟର ବାର୍ଷିକୋତ୍ସବ



**ବନ୍ତ/ଆଗରପଡ଼ା, ୧୨।୧୨(ସମିସ):** ଆଗରପଡ଼ାସ୍ଥିତ ଶ୍ରୀଅରବିନ୍ଦ ସାଧନା ପୀଠ ଟ୍ରଷ୍ଟର ୧୭ତମ ବାର୍ଷିକ ଉତ୍ସବ ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୯ଟାରେ ମାତୃପତାକା ଉତ୍ତୋଳନ କରାଯାଇଥିଲା। ଦୁର୍ଗା ସ୍ତୋତ୍ର, ମା' ପୁସ୍ତକ ପଠନ, ଧ୍ୟାନ ଓ ପ୍ରାର୍ଥନା ପରିଚାଳକ ବିଭୁତି ଭାଇ ବାରିପଦାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ମଦନ ମୋହନ ଦାଶ ସାବିତ୍ରୀ ପାଠ କରିଥିଲେ। ଅନ୍ନପୂର୍ଣ୍ଣା ପଣ୍ଡା ଟ୍ରଷ୍ଟ ତରଫରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ସଙ୍ଗଠକ ପ୍ରଭାତ ନାୟକ ଚିରନ୍ତନୀ ଆଲୋଚନା କରିବା ପରେ ଡ଼ ଗୋଲକ ବିହାରୀ ସାହୁ ପ୍ରେମ ଓ ମୃତ୍ୟୁର ରହସ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସର୍ବଶେଷରେ ଅଧ୍ୟାପକ ଦୟାନିଧି ପାତ୍ର ଆଲୋଚନାର ସମୀକ୍ଷା କରିବା ପରେ ମଦନ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାର ବହୁ ମାତୃପ୍ରେମୀ ଓ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ କର୍ମକର୍ତ୍ତା ବୃନ୍ଦ ଯୋଗ ଦେଇଥିଲେ। ଅପରାହ୍ନରେ ପ୍ରସାଦସେବନ ପରେ ଆଧ୍ୟାତ୍ମିକ ପତାକା ଅବତରଣ ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ଅରୁଣ ପଣ୍ଡାଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ବହୁ ଶ୍ରୀଅରବିନ୍ଦଙ୍କ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

## ବୈତରଣୀ ନଦୀବନ୍ଧ କାର୍ଯ୍ୟର ଅନୁଧ୍ୟାନ କଲେ ଯନ୍ତ୍ରୀ

**ଭଦ୍ରକ/ଆରଡି, ୧୨।୧୨(ସମିସ):** ଭଦ୍ରକ ଜିଲ୍ଲା ସୀମାନ୍ତବର୍ତ୍ତୀ ଆରଡି ନିକଟସ୍ଥ ଦୋହରାପାଟଣା ଠାରୁ ବୋଡକ ଓ ମୁଁଆଘାଟ ଯାଏଁ ପ୍ରବାହିତ ହେଉଥିବା ବୈତରଣୀ ନଦୀ ବିଗତ କିଛିବର୍ଷ ହେବ ତା'ର ଗତିପଥ ବଦଳାଇ କୂଳ ଲଙ୍ଘିବା ଫଳରେ ସୁରକ୍ଷା ବନ୍ଧକୁ ଗ୍ରାସ କରିବା ସହ ନଦୀକୁ ଲାଗି ଯାଇଥିବା ଆଖଣ୍ଡଳମଣି-କୁଆଖିଆ ଜାତୀୟ ରାଜପଥର ୩ଶହ ଫୁଟର ରାସ୍ତାକୁ ଧୋଇ ନେଉଛି। ସେହିପରି ବୋଡକ ଖେଳପଡ଼ିଆ, ବହୁ ଚାଷଜମି ମଧ୍ୟ ନଦୀର ଲିନ୍ନ ହେବାକୁ ବସିଛି। ଏପରିକି ବର୍ଷାଋତୁ ଆସିଲେ ନଦୀ ଜୁଆର ଓ ବନ୍ୟାପାଣି କୂଳ ଲଙ୍ଘି ଚାଷଜମି ସହ ଜନବସତିକୁ ନଦୀ ପାଣି ମାଡ଼ି ଚାଲେ। ଏପରିକି ଜାତୀୟ ରାଜପଥ ଉପରେ ନଦୀ ପାଣି ପ୍ରବାହିତ ହେବା ଫଳରେ ଯାତାୟାତ ଠପ୍ ହୋଇଯାଏ। ଏହାର ସ୍ଥାୟୀ ପ୍ରତିକାର ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଦାବି ହେବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ୯.୮୭କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ପଥର ପ୍ୟାକିଂ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟର ତଦାରଖ ପାଇଁ ଜଳସମ୍ପଦ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ହିତେସ ସାହୁ ଓ ଧାମନଗର କନିଷ୍ଠ ଯନ୍ତ୍ରୀ ବିମଳ ବେହେରା ପ୍ରମୁଖ କାର୍ଯ୍ୟସ୍ଥଳକୁ ଯାଇ ବୁଲି ଦେଖିବା ସହ ସମୀକ୍ଷା କରିଥିଲେ।

## ବେଟିବଚାଓ ବେଟି ପଢ଼ାଓ ଏବଂ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ଧାମନଗର, ୧୨।୧୨(ସମିସ):** ଧାମନଗର ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ ଏବଂ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଏବିଡିଓ ଶର୍ମିଷ୍ଠା ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ଏକ ଯୋଜନା, ଯାହାର ଲକ୍ଷ୍ୟ ହେଉଛି ଶିଶୁ କନ୍ୟାର ସୁରକ୍ଷା ପାଇଁ ପାଇଁ ସଚେତନତା ସୃଷ୍ଟି, ମହିଳାଙ୍କ କାର୍ଯ୍ୟଦକ୍ଷତା ଖତା ଏବଂ ସାମଗ୍ରିକ ଅଭିବୃଦ୍ଧି ବୋଲି ଅତିଥି ବକ୍ତବ୍ୟ ରଖିଥିଲେ। ଏଥିରେ ସ୍ଥାନୀୟ ବିଧାୟକଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଭଦ୍ରକ, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ କନ୍ୟା ପାଇଁ ଲିଙ୍ଗଗତ ଅସମାନ୍ୟତା ଦୂର କରିବା, ସମାଜରେ ତିଷ୍ଠିରହିବା ସହ ସୁରକ୍ଷା ନିଶ୍ଚିତ କରିବା, ଶିକ୍ଷିତ କରିବା, ପୁଷ୍ଟିକରଣରେ ଉନ୍ନତି ସୁରକ୍ଷା ଯୋଗାଇବା ଆଦି ପ୍ରଧାନ ବୈଶିଷ୍ଟ୍ୟ ସମ୍ପର୍କରେ ବକ୍ତବ୍ୟ ରଖୁଥିଲେ। ଆଇସିଡିଏସ ସୁପରଭାଇଜର ମମତାରାଣୀ ରାଉତ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ମନୀଷା ଜେନା ଅତିଥି ପରିଚୟ ପ୍ରଦାନ ଓ ଦିବ୍ୟାଜ୍ୟୋତି ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁପରଭାଇଜର ସ୍ରୋତସ୍ୱିନୀ ସାବତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟ ସୁନ୍ଦର ପରିଡ଼ା, ଅଧ୍ୟାପକ ଚିନ୍ମୟ ଜେନା, ଏଏସ୍‌ଆଇ କଳ୍ପନା ରାଉତ, ଆଇନଜୀବୀ ରଞ୍ଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସୋନାଲି ରାଉତ, ସୁଜାତା ମଲ୍ଲିକ, ସ୍ୱାଗତ ବେହେରା ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଦମୟନ୍ତୀ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟକିଷାନ ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ଭଦ୍ରକ, ୧୨।୧୨(ସମିସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ବାଲିପାଟଣାସ୍ଥିତ ଜୟ କିଷାନ ନୋଡାଲ ହାଇସ୍କୁଲ ରେ ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। ଆଜି ସକାଳ ୮ଟାରେ ବିଦ୍ୟାଳୟର କ୍ରୀଡା ଦାୟିତ୍ୱରେ ଥବା ଶିକ୍ଷକ ସନ୍ତୋଷ କୁମାର ଦୁଆରୀଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ବାଲିପାଟଣା ସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ନିକଟରୁ ମଶାଲ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ପ୍ରକଳ୍ପ ସଂଯୋଜକ ଉଗ୍ରସେନ ବେହେରା, ଏସ ଏମ ସି ଚେୟାରମ୍ୟାନ ଆଲୋକ ପରିଡ଼ା, ପୂର୍ବତନ ଏସ. ଏମ ସି ଚେୟାରମ୍ୟାନ ଅକ୍ଷୟ ନାୟକ



ପ୍ରମୁଖ ଉପସ୍ଥିତ ରହି ଛାତ୍ରାଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୨୨ଟି ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଆସନ୍ତା ବାର୍ଷିକ ଉତ୍ସବରେ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯିବ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ମିଶ୍ର କହିଥିଲେ। ଆଜିର ଏହି କ୍ରୀଡା ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ରାମସିଂ ଟୁଡୁ, ନିରୋଦ ନାୟକ, ଜୋସ୍ନାରାଣୀ ନାୟକ, ବିଜୟ ଗୋଛାୟତ, ଗୌତମ ସେଠି, ପ୍ରେମଲତା ଦାସ, ବିକାଶ ସାମଲ ପ୍ରମୁଖ ସହଯୋଗ କରିଥିଲେ। ଅନ୍ନପୂର୍ଣ୍ଣା ନାୟକ, ପ୍ରଦୀପ ଦାସ ଓ କେତେକ ପୂର୍ବତନ ଛାତ୍ର ଛାତ୍ରୀ ଶୃଙ୍ଖଳା ରକ୍ଷା ଦିଗରେ ସହଯୋଗ କରିଥିଲେ।

## କାଗଜପତ୍ରରେ ସୀମିତ ଡିଭିଜନ ମାନ୍ୟତା

# ନାହାନ୍ତି ନିୟମିତ ଅଧିକାରୀ



**ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଭରସାରେ କାର୍ଯ୍ୟାଳୟ**

**ବାରିକପୁର, ୧୨।୧୨(ସମିସ)**

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଆଖୁଆପଦା ଜଳସମ୍ପଦ ବିଭାଗ ଡିଭିଜନ କାର୍ଯ୍ୟାଳୟଟି ୩ବର୍ଷ ହେବ ପ୍ରତିଷ୍ଠା ହୋଇଥିବା ବେଳେ ଏଯାଏଁ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନହେବା ପରିତାପର ବିଷୟ ପାଲଟିଛି। ସୂଚନା ମୁତାବକ ୨୦୨୨-୨୩ ଆର୍ôଥକ ବର୍ଷରେ ତତ୍କାଳୀନ ସରକାର ଆଖୁଆପଦା ଠାରେ ଏକ ଡିଭିଜନ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ। ତାପରେ ବୈତରଣୀ ଆନିକଟ ଠାରେ ଥିବା ଡାକବଙ୍ଗଳାରେ କାର୍ଯ୍ୟାଳୟଟି ଅସ୍ଥାୟୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରଥମେ ଜଣେ ଅସ୍ଥାୟୀ ଅଧିକାରୀଙ୍କୁ ଡିଭିଜନ ମୁଖ୍ୟ ଭାବେ ଦାୟିତ୍ୱ ଦିଆ ଯାଇଥିବା ବେଳେ ପରବର୍ତୀ ସମୟରେ ଯାଜପୁର ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇଙ୍କୁ ଆଖୁଆପଦା ଡିଭିଜନରେ ଅଧିକ୍ଷଣ ଯନ୍ତ୍ରୀ ଭାବେ ନିୟମିତ ନିଯୁକ୍ତି ମିଳିଥିଲା। ଉକ୍ତ ଡିଭିଜନ ଅଧିନରେ ଚାନ୍ଦବାଲି, ଧାମନଗର ଓ ଆଖୁଆପଦାଠାରେ ଥିବା ଉପଖଣ୍ଡ ସ୍ତରୀୟ କାର୍ଯ୍ୟାଳୟ ରହିଛି। ଏହାଛଡ଼ା ଉପଖଣ୍ଡ କାର୍ଯ୍ୟାଳୟ ସହିତ ଡିଭିଜନ ଅଧୀନ ୧୦ଟି କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ରହିଛି। ବିରିଡି ଠାରୁ ଆରଡ଼ି ଯାଏଁ ବୈତରଣୀ ବାମ ପାର୍ଶ୍ୱ ନଦୀବନ୍ଧ ସଦୃଢ଼ିକରଣ ଓ ଆଖୁଆପଦା ଠାରୁ ଭଦ୍ରକ ଯାଏଁ କେନାଲ ବ୍ୟବସ୍ଥାରେ ପରିବର୍ତନ ବିଭାଗର ପ୍ରମୁଖ କାର୍ଯ୍ୟ ଅଟେ। ଏହାଛଡା ବୈତରଣୀ, କୋଚିଲା ଏବଂ ଗେଙ୍ଗୁଟି ନଦୀରେ ବନ୍ୟା ନିୟନ୍ତ୍ରଣ, କେନାଲ ପାଣିର ସୁପରିଚାଳନା, ନଦୀବନ୍ଧ ନିର୍ମାଣ ଓ ସାମୁଦ୍ରିକ ତଟ ସୁରକ୍ଷା ପାଇଁ ଡିଭିଜନଟି ଗୁରୁତ୍ୱ ବହନ କରୁଛି। ତେଣୁ ସେହି ଦୃଷ୍ଟିରୁ ସ୍ଥାୟୀ ଡିଭିଜନ କାର୍ଯ୍ୟାଳୟ ପ୍ରତିଷ୍ଠା ସହିତ ଆବଶ୍ୟକୀୟ କର୍ମଚାରୀ ଏଠାରେ ଯଥାଶୀଘ୍ର ନିଯୁକ୍ତି ହେବା କଥା। ଦୁଃଖର ବିଷୟ ଡିଭିଜନ ଟିର ପୂର୍ଣ୍ଣ କାର୍ଯ୍ୟକ୍ଷମ ବାବଦରେ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ ହୋଇନଥିବା ବେଳେ ବରଂ ଏଠାରେ ନିଯୁକ୍ତି ପାଇଥିବା ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ଘଡ଼େଇଙ୍କୁ ପଦୋନ୍ନତି ଭିତ୍ତିରେ ଏବେ ବଦଳି କରାଯାଇଛି। ଇତିମଧ୍ୟରେ ସାଳନ୍ଦୀ କେନାଲ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଆଖୁଆପଦା ଡିଭିଜନର ଭାର ପ୍ରାପ୍ତ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ନିଯୁକ୍ତି ପାଇଥିବା ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏବେ ଡିଭିଜନ କାର୍ଯ୍ୟାଳୟକୁ କେବଳ ଜଗି ରହିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏବେ ଜଣେ କନିଷ୍ଠ ଯନ୍ତ୍ରୀ ଙ୍କୁ ସହାୟକ ଭାବେ ଡିଭିଜନ ରେ ନିଯୁକ୍ତି ମିଳିଥିବା ବେଳେ ନିୟମିତ ଅଧିକାରୀ ନଥିବା ହେତୁ ସେ ବାରମ୍ବାର କାର୍ଯ୍ୟାଳୟକୁ ଆସି କାର୍ଯ୍ୟରେ ଯୋଗଦାନ ନକରି ଫେରୁଥିବା ଜଣାପଡ଼ିଛି। ତେଣୁ ଡିଭିଜନ ମାନ୍ୟତା କେବଳ କାଗଜ କଲମରେ ଘୋଷଣା ହୋଇଥିବା ବେଳେ ଏହାର କାର୍ଯ୍ୟକାରିତାକୁ ନେଇ ଆଶଙ୍କା ଦେଖାଦେଇଛି।

### ସେମାନେ ଯାହା କୁହନ୍ତି:



ଡିଭିଜନ କାର୍ଯ୍ୟାଳୟ ଘୋଷଣାର ଦୁଇ ବର୍ଷ ପରେ ଜଣେ ଦକ୍ଷ ଅଧିକାରୀ ନିଯୁକ୍ତି ହୋଇଥିଲେ। ଏବେ ତାଙ୍କୁ ବଦଳି କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଖୁଆପଦା ଡିଭିଜନ ପାଇଁ ଜଳସମ୍ପଦ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ଯଥାଶୀଘ୍ର ଅଧୀକ୍ଷଣ ଯନ୍ତ୍ରୀ ଓ କର୍ମଚାରୀ ନିଯୁକ୍ତି କରନ୍ତୁ।

**ଶରତ ଚନ୍ଦ୍ର ଜେନା, ବରିଷ୍ଠ ନାଗରିକ**



ଅନେକ ଦାବିପରେ ଯାଜପୁରଠାରୁ ଅଲଗା ହୋଇ ଆଖୁଆପଦା ନାମରେ ନୂତନ ଡିଭିଜନ ପ୍ରତିଷ୍ଠା ହୋଇଥିଲା। ଦୀର୍ଘ ୩ବର୍ଷ ହେବ କାର୍ଯ୍ୟାଳୟ ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନହେବା ଦୁର୍ଭାଗ୍ୟଜନକ ଅଟେ। ଏହା ଉପରେ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ।

**ବିଭୁ ରଞ୍ଜନ ଦାସ, ସ୍ଥାନୀୟ ବାସିନ୍ଦା**



ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ବିନା ଡିଭିଜନ ଘୋଷଣା ବୃଥା ହେବା ଭଳି ଲାଗୁଛି। କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାନଗଲେ ଉନ୍ନୟନ ମୂଳକ କାର୍ଯ୍ୟରେ ଅନେକ ସମସ୍ୟା ଦେଖାଦେବ ଏଥିରେ ସନ୍ଦେହ ନାହିଁ।

**ସନ୍ତୋଷ ମହାପାତ୍ର, ସମାଜସେବୀ**





## ସତ୍ୟବିହାରବାସୀଙ୍କୁ ନାକେଦମ୍ କରୁଥିଲା

# ଧୂଆଁ ହୋଇଗଲା 'ଧୂଆଁ' ବାର୍

ଭୁବନେଶ୍ୱର, ୧୨।୧୨(ସମିସ): ସତ୍ୟବିହାରରେ ଅଗ୍ନିକାଣ୍ଡ ଜଳି ଯାଇଥିବା ନୋ ଲିମିଟ୍ ଏୟାର ହୁକ୍କା ବାର୍‌କୁ ଏବେ ରାଜଧାନୀ ସାରା ଚର୍ଚ୍ଚା। ଦିନେ ଲୋକଙ୍କୁ ଧୂଆଁ ପିଆଉଥିଲା ଏବେ ନିଜେ ଧୂଆଁ ଧୂଆଁ ହୋଇଗଲା। କିଛି ବି ରହିଲାନି ସବୁକିଛି ଜଳି ପୋଡ଼ି ପାଉଁଶ ହୋଇଗଲା। ଅଘଟଣ ବେଳେ ଲୋକେ ସହାନୁଭୂତି ଦେଖାନ୍ତି ହେଲେ ବାର୍ ଯୋଗୁଁ ଲୋକେ ଏମିତି ଆକ୍ରାମାକ୍ତ ହୋଇଥିଲେ ଯେ ସହାନୁଭୂତି



ବଦଳରେ ଓଲଟା ରେଷ୍ଟୋରାଁ ଚଳାଉଥିବା ମାଲିକ ଏବଂ ତାଙ୍କ କାରନାମକୁ ଭରି ଭରି ଗାଳି ଦେଉଥିଲେ। ଲୋକଙ୍କ ଆକ୍ରୋଶ ଦେଖି ହୁକ୍କାବାର୍ ମାଲିକ ଏବଂ କର୍ମଚାରୀ ଘଟଣାସ୍ଥଳ ଛାଡି ଚାଲି ଯାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରେଷ୍ଟୋରାଁ ଖୋଲିବା ଦିନଠାରୁ ଲୋକେ ନାକେଦମ୍ ହୋଇଗଲେଣି। ରାତିରେ ଲୋକେ ଶୋଇ ପାରୁ ନାହାନ୍ତି। କେତେବେଳେ ବହୁ ଜୋରରେ ଶବ୍ଦ କରି ଗୀତ ଚଳାଉଛନ୍ତି। କେତେବେଳେ ଡିଜେ ଲାଇଟ୍ ଘରେ ପଡୁଛି। ଆଉ ରାତିରେ ସବୁବେଳେ ଗଣ୍ଡଗୋଳ। ରେଷ୍ଟୋରାଁ ଯୋଗୁଁ ସବୁବେଳେ ଏଠାରେ ଗଣ୍ଡଗୋଳ। ଏନେଇ ସତ୍ୟବିହାର ୱେଲ୍‌ଫେୟାର ହାଉସିଂ ଆସୋସିଏସନ୍ ଗତ ଅଗଷ୍ଟରେ ଡିସିପିଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ତାଙ୍କ ବିରୋଧରେ ହୁକା ବାର୍ ମାଲିକଙ୍କ ବିରୋଧରେ କେହି କିଛି ଶୁଣୁ ନଥିଲେ। ହଜାର ହଜାର ଲୋକଙ୍କ ଅଭିଯୋଗ ଆଗରେ ଭାରି ପଡ଼ିଯାଇଥିଲା ବାର୍ ମାଲିକଙ୍କ ପତିଆରା। ତେବେ ହୁକା ବାର୍ ଜଳିଗଲା ପରେ ଲୋକେ ଖୁସି ମନାଇଥିଲେ।

### ରାତି ୪ଟା ପର୍ଯ୍ୟନ୍ତ ଚାଲୁଥିଲା

ରାତି ୧୧ଟା ୩୦ପରେ ରାଜଧାନୀର ଦୋକାନ ବଜାର ବନ୍ଦ ହୋଇଯାଉଛି। ପୁଲିସ ନିଜେ ଛିଡା ହୋଇ ବନ୍ଦ କରିଦେଉଛି। ହେଲେ ଏମାନଙ୍କ ବ୍ୟବସାୟ ରାତି ୪ଟା ପର୍ଯ୍ୟନ୍ତ ଚାଲୁଥିଲା। ଏଠି ପୁଲିସର ହାତ ପାଉ ନଥିଲା। ଜାତୀୟ ରାଜପଥ କଡ ବୋଲି କହି ରାତି ୪ଟା ପର୍ଯ୍ୟନ୍ତ ଚଳାଉଥିଲେ ମଧ୍ୟ ପୁଲିସ ତାଙ୍କ ପାଇଁ ସ୍ୱତନ୍ତ୍ର ନିୟମ ତିଆରି ହେଲା ଭଳି ତାଙ୍କ କଥାରେ ହଁ ମାରି ଚାଲିଥିଲା।

### ବେଆଇନ୍ ମଦ କାରବାର ଅଭିଯୋଗ

ବାର୍ ଲାଇସେନ୍ସ ନ ଥାଇ ଏଠାରେ ବେଆଇନ୍ ମଦ କାରବାର ହେଉଥିବା ଅଭିଯୋଗ ହେଉଥିଲା। ଏପରିକି 'ନୋ ଲିମିଟ୍ ବାର୍' ବୋଲି ସାଇନ୍‌ବୋର୍ଡ ଲେଖାଯାଇଥିଲା। ସମସ୍ତଙ୍କୁ ଦେଖାଗଲା କେବଳ ଅବକାରୀ ବିଭାଗ କିଛି ପାଇଲା ନାହିଁ। ବିଭିନ୍ନ ସମୟରେ ଏହି ବାର୍‌ରେ ବହୁ ବେଆଇନ କାମ ଚାଲୁଥିଲା ପୁଲିସ ଓ ଅବକାରୀ ବିଭାଗ ଏହା ଜାଣିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିଲା। ହେଲେ ରେଷ୍ଟୋରାଁ ମାଲିକ ଏହାକୁ ଅସ୍ୱିକାର କରିଛନ୍ତି।

### ପାଲଟିଥିଲା ଗଣ୍ଡଗୋଳର ପେଣ୍ଠସ୍ଥଳୀ

ରେଷ୍ଟେରାଁ ହେବା ଦିନ ଠାରୁ ଏହି ସ୍ଥାନ ନିୟମିତ ଭାବେ ଗଣ୍ଡଗୋଳର ପେଣ୍ଠସ୍ଥଳୀ ପାଲଟିଥିଲା। ଅଗଷ୍ଟ ୩୧ (ରବିବାର) ଭୋର ପ୍ରାୟ ୫ଟା ବେଳେ ବାର୍ ସାମ୍ନାରେ ଗଣ୍ଡଗୋଳ ହୋଇଥିଲା। ଜଣେ ସୁରକ୍ଷା କର୍ମୀ ଓ କିଛି ଗ୍ରାହକ ହାତାହାତି ହୋଇଥିଲେ ସିକ୍ୟୁରିଟି ଗାର୍ଡ ଶିବ ପ୍ରସାଦ ଦାସଙ୍କ ଛୁରାମାଡ଼ରେ ଗ୍ରାହକ ପ୍ରତୀକ ରାଉତ ଆହତ ହୋଇଥିଲେ। ଏଥିସହ ଆଉ କିଛି ଗ୍ରାହକ ମଧ୍ୟ ଆହତ ହୋଇଥିଲେ ଘଟଣାସ୍ଥଳରେ ପାର୍କିଂ ହୋଇଥିବା କିଛି ଗ୍ରାହକଙ୍କ ୨ଟି କାର୍ ଓ ଗୋଟିଏ ବୁଲେଟ୍କୁ ଶିବପ୍ରସାଦ ଇଟାରେ ଆକ୍ରମଣ କରି ଭଙ୍ଗାରୁଜା କରିଥିଲେ। ଗ୍ରାହକ ଯୁବକମାନଙ୍କ ପ୍ରତି ଆକ୍ରମଣରେ ଶିବପ୍ରସାଦ ମଧ୍ୟ ଆହତ ହୋଇଥିଲେ। ତେବେ ଆଇନ ଉଲଙ୍ଘନ କରି ରାତିସାରା ଉକ୍ତ ବାର୍ ଖୋଲା ରହିଥିବା ସ୍ଥାନୀୟ ଲୋକମାନେ ମଧ୍ୟ ସେତେବେଳେ ଅଭିଯୋଗ କରିଥିଲେ।

### ବେଆଇନ୍ ପାର୍କିଂ କରି ରାସ୍ତା ଜାମ୍ କରୁଥିଲା

ଏଠାରେ ରେଷ୍ଟେରାଁ ଯୋଗୁଁ ବହୁ ବଡ଼ ବଡ଼ ଗାଡି ଲାଗୁଥିଲା। ପର୍ଯ୍ୟାପ୍ତ ପାର୍କିଂ ସ୍ଥଳ ନଥିବାରୁ ଗ୍ରାହକ ରାସ୍ତାରେ ଗାଡି ପାର୍କିଂ କରୁଥିଲେ। ବହୁ ସମୟରେ ଟ୍ରାଫିକ୍ ଜାମ୍ ହେଉଥିଲା। ଲୋକେ କିଛି କହିଲେ ବାର୍ ବାଉଁସର ମାନେ ଓଲଟା ଆଖି ଦେଖାଉଥିଲେ। କଷ୍ଟମର ଯାଆନ୍ତୁ ତମେ ଯିବ ବୋଲି କହୁଥିଲେ।

### ହାର୍ଡଡିସ୍କ ଅପେକ୍ଷାରେ ଅବକାରୀ ବିଭାଗ

ହୁକ୍କା ବାର୍‌ରେ ସିସି କ୍ୟାମେରା ଲାଗିଥିଲା। ସବୁକିଛି ରେକର୍ଡ ହେଉଥିଲା। ହେଲେ ଏବେ ସବୁ ଜଳି ଯାଇଛି। ଭରସା କେବଳ ହାର୍ଡଡିସ୍। ଏହାର ତଥ୍ୟ ବିଶ୍ଳେଷଣ କଲେ ଜଣାପଡ଼ିବ ଯେ ଏଠାରେ ମଦ ପରସାଯାଉଥିଲା ନା ନାହିଁ। କିନ୍ତୁ ଅବକାରୀ ବିଭାଗ କଣ ଜାଣି ନାହିଁ ଯେ ସବୁ ସ୍ଥାନରେ ସିସିଟିଭି ନଥିଲା। ଯଦି ଏଠାରେ ବେଆଇନ୍ ଭାବେ ମଦ ପରସାଯାଉଥିଲା ତେବେ ସେହି ସ୍ଥାନରେ ସିସି କ୍ୟାମେରା ସେ କଣ ପାଇଁ ଲଗାଇବ। ଅବକାରୀ ବିଭାଗ କାହାକୁ ବୋକା ବନାଉଛି। ଅଭିଯୋଗ ବେଳେ କିଛି କଲା ନାହିଁ। ଏବେ ଜଳିଗଲା ପରେ ସବୁ କାର୍ଯ୍ୟାନୁଷ୍ଠାନ ନେବ ବୋଲି କହୁଛି। ଏହା କେବଳ ନିଜ ମୁଣ୍ଡରୁ ଦୋଷ ଖସାଇବା ଭଳି କଥା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ଖୋଲିବ କି 'ବଟି' ଗୁମର

ପିସିଆର୍ କର୍ମଚାରୀଙ୍କ ଦୈନିକ ୫ ଶହ। ବିଏମ୍‌ସି କର୍ମଚାରୀଙ୍କ ମାସିକ ୩ ହଜାର। ଏଭଳି ସମସ୍ତଙ୍କୁ ଖୁସି କରାଉଥିଲେ। ଏକ ନୋଟ୍ ବୁକ୍‌ରୁ ଏହାର ଖୁଲାସା ହୋଇଛି। ଏହା କେବଳ ତଳ କର୍ମଚାରୀଙ୍କ ପାଇଁ ଆଉ କାହାକୁ କଣ ଯାଉଥିଲା ତଦନ୍ତ ହେଲେ ଜଣାପଡନ୍ତା। ହେଲେ ଉପରୁ ତଳ ପର୍ଯ୍ୟନ୍ତ ଯଦି ସମସ୍ତେ ପାଉଥିଲେ ତେବେ କି ତଦନ୍ତ ହେବ ବୋଲି ପ୍ରଶ୍ନ ଉଠିଛି।

- ପୁଲିସ ପ୍ରଶାସନର ନାକ ତଳେ ଚାଲୁଥିଲା ନୋ ଲିମିଟ୍ ଏୟାର ହୁକ୍କା
- ଲୋକଙ୍କ ଅଭିଯୋଗ ଅଗରେ ଭାରି ପଡ଼ିଥିଲା ମାଲିକଙ୍କ ପତିଆରା



## ବିନା ଫାୟାର୍ ଲାଇସେନ୍ସରେ ଚାଲିଛି ୮୦ରୁ ଉର୍ଦ୍ଧ୍ୱ ବାର୍

- ନୋ ଲିମିଟ୍ ଏୟାର ହୁକା ବାରର ଲାଇସେନ୍ସ ବି ନ ଥିଲା
- ଦୁର୍ଘଟଣା ପରେ ଚେଇଁ ଉଠିଲା ଅଗ୍ନିଶମ
- ସତ୍ୟବିହାର ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଏମ୍‌ସିକୁ ଚିଠି ଲେଖାଯିବ

ଭୁବନେଶ୍ୱର, ୧୨।୧୨(ସମିସ): ମାତ୍ର କିଛିଦିନ ତଳେ ଗୋଆ ନାଇଟ୍ କ୍ଲବ୍‌ରେ ଘଟିଥିଲା ଭୟଙ୍କର ଅଗ୍ନିକାଣ୍ଡ। ଦୁର୍ଘଟଣାରେ ୨୫ ଜଣ ପ୍ରାଣ ହରାଇଥିଲେ। ଏହାପରେ ଲୋକଙ୍କ ଭିଡ଼ ଜମୁଥିବା ଜନ ଗହଳୀପୂର୍ଣ୍ଣ ସ୍ଥାନ ଗୁଡ଼ିକର ସୁରକ୍ଷାକୁ ନେଇ ଚର୍ଚ୍ଚା ହୋଇଥିଲା। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲା। ରାଜଧାନୀରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନ ଥାଇ ବାର୍ ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଗଣମାଧ୍ୟମକୁ କହିଲେ। ଏଥିପାଇଁ ନୂଆବର୍ଷକୁ ଡେଟ୍ ଲାଇନ୍ ଭାବେ ଗ୍ରହଣ କଲେ। ହେଲେ ପ୍ରକ୍ରିୟା ଏତେ ଧୀର ଥିଲା ଯେ ଭୁବନେଶ୍ୱରେ ଗୋଆ ଭଳି ଅଘଟଣ ଘଟିଗଲା। ନୋ ଲିମିଟ୍ ଏୟାର ହୁକା ବାର୍ ଜଳି ଧୂଆଁ ହୋଇଗଲା। ଅଳ୍ପକେ ବହୁ ଲୋକ ବଞ୍ଚି ଗଲେ। ହେଲେ ଜଣାପଡ଼ିଥିଲା ଉକ୍ତ ହୁକା ବାର୍‌ର ଲାଇସେନ୍ସ ନ ଥିଲା।

ଅଘଟଣ ଘଟିଲା ପରେ ଅଗ୍ନିଶମ ବିଭାଗର ଚେତା ପଶିଛି। ୫୦୦ ବର୍ଗ ମିଟର କ୍ଷେତ୍ରର ଅଧିକ ନିର୍ମାଣ ହେଲେ ଉକ୍ତ ସ୍ଥାନ ଗୁଡ଼ିକରେ ଫାୟାର ସେଫ୍‌ଟି ବାଧ୍ୟତାମୂଳକ ବୋଲି ବିଭାଗ କହୁଛି। ଏଠାରେ ଏକ ସମୟରେ ବହୁ ବ୍ୟବସାୟୀ ପ୍ରତିଷ୍ଠାନ ଅପରେଟ୍ କରୁଥିଲେ ମଧ୍ୟ ବିଲ୍ଡିଂ ଫାୟାର ସେଫ୍‌ଟି ବ୍ୟବସ୍ଥା ନାହିଁ। ବିଲ୍ଡିଂ ମାଲିକଙ୍କୁ ବି କୌଣସି ଦିନ ଏସବୁ ନିର୍ମାଣ କରିବାକୁ ବିଭାଗ ପକ୍ଷରୁ କୁହାଯାଇ ନାହିଁ। ଅଘଟଣ ପରେ ଅଗ୍ନଶମ ବିଭାଗ ପକ୍ଷରୁ ବିଲ୍ଡିଂ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏନେଇ ବିଏମ୍‌ସିକୁ ଲିଖିତ ଭାବେ ଜଣାଇବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଅବକାରୀ ବିଭାଗର ସୂତ୍ରଅନୁଯାୟୀ ରାଜ୍ୟ ରାଜଧାନୀରେ ପ୍ରାୟ ୫୮ ହୋଟେଲ ଏବଂ ୮୨ ରେଷ୍ଟୋରାଁ ଅଛି। ଯେଉଁଠାରେ ଗ୍ରାହକଙ୍କ ପାଇଁ ବାର୍ ଅଛି। ଓଡ଼ିଶା ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ସୂତ୍ର ଅନୁଯାୟୀ ଅଧିକାଂଶ ହୋଟେଲକୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଛୋଟ ପବ୍ ଏବଂ ରେଷ୍ଟୋରାଁଗୁଡ଼ିକର ଏପରି ପ୍ରମାଣପତ୍ର ନାହିଁ। ଛୋଟ କ୍ଲବ୍, ପବ୍ ଏବଂ ରେଷ୍ଟୋରାଁଗୁଡ଼ିକ ଅଗ୍ନିଶମ ବିଭାଗର ଅଧୀନରେ ଆସୁନାହିଁ। ଅଗ୍ନିଶମ ବିଭାଗ ସୂତ୍ରରୁ ଜଣାପଡ଼ିଛି ୮୦ ଅଧିକ ବାର୍ ଏବଂ ରେଷ୍ଟୋରାଁର ପ୍ରମାଣପତ୍ର ନାହିଁ। ଭୁବନେଶ୍ୱର ଏବଂ କଟକରେ ପ୍ରାୟ ୧୨୦ଟି ବାର୍ ପବ୍ ଅଛି। ଅଧିକାଂଶ ବାର୍ ଏବଂ ପବ୍‌ର ପ୍ରସ୍ଥାନ, ଅଗ୍ନି ଚିହ୍ନଟ ବ୍ୟବସ୍ଥା, ସ୍ପ୍ରିଙ୍କଲର୍ ଏବଂ ଆବଶ୍ୟକ ଅନୁଯାୟୀ ଅଗ୍ନି ନିର୍ବାପନ ଯନ୍ତ୍ର ନାହିଁ।

ରାଜଧାନୀରେ ସିନେମା ହଲ ଠାରୁ ଆରମ୍ଭ କରି ମଲ୍, ଆପାର୍ଟମେଣ୍ଟ୍, ମଣ୍ଡପ, ବାର୍, ସିନେମା ହଲ୍, ହେଟେଲ, ହସ୍ପିଟାଲ ଏବଂ ରେଷ୍ଟୋରାଁରେ ଏକ ସମୟରେ ବହୁ ଲୋକ ଏକତ୍ରିତ ହେଉଛନ୍ତି। ଏଠାରେ ଅଗ୍ନିକାଣ୍ଡ ଭଳି ଅଘଟଣ ଘଟିବାର ବହୁ ସମ୍ଭାବନା ରହିଛି। ଏଣୁ ଏମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକାଧିକ ସରକାରୀ ନିୟମାବଳୀ ରହିଛି। ଏଥିମଧ୍ୟରୁ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ନିରାପତ୍ତା ନିୟମ, ୨୦୧୭ ଅନ୍ୟତମ। କୌଣସି ବ୍ୟବସୟିକ ପ୍ରତିଷ୍ଠାନ ଏହାକୁ ଲାଗୁ କରିବା ବାଧ୍ୟତାମୂଳତ। ହେଲେ ବଡ଼ ବ୍ୟବସାୟୀଙ୍କ ଚାପରେ ସରକାରୀ କଳ ଚେପା ହେଲା ଭଳି ମନେ ହେଉଛି। ବିନା ଅଗ୍ନି ନିରାପତ୍ତା ଲାଇସେନ୍ସରେ ଏକାଧିକ ବାର ଏବଂ ରେଷ୍ଟୋରାଁ ଚାଲିଛି। ସରକାରଙ୍କ ନାକ ତଳେ ଏଭଳି କାରବାର ଚାଲିଥିଲେ ମଧ୍ୟ ପ୍ରଶାସନର ଉପରଠଉରିଆ କାର୍ଯ୍ୟାନୁଷ୍ଠାନ ସମସ୍ତଙ୍କୁ ଆର୍ଶ୍ଚର୍ଯ୍ୟ କରିଛି।



## ସୁରକ୍ଷାକୁ ନେଇ ପ୍ରଶ୍ନକଲା ବିଜେଡି

- ଅଗ୍ନିଶମ ବିଭାଗର ଭୂମିକା ସନ୍ଦେହ ଘେରରେ
- ଆବଶ୍ୟକ ନିୟମ ପାଳନ ନେଇ ଅଡିଟ୍ ଉପରେ ପ୍ରଶ୍ନବାଚୀ

ରାଜଧାନୀ ଭୁବନେଶ୍ୱରର ସତ୍ୟବିହାର ଅଞ୍ଚଳରେ ଥିବା ଏକ ବାର୍ କମ ରେଷ୍ଟୁରାଣ୍ଟରେ ଶୁକ୍ରବାର ସକାଳେ ଅଚାନକ ନିଆଁ ଲାଗିଯାଇଥିବା ଯୋଗୁଁ ସମଗ୍ର ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ଏହିପରି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ରାଜ୍ୟରେ ଥିବା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନଗୁଡିକ କେତେଦୂର ସୁରକ୍ଷିତ, ସେନେଇ ବିଜୁ ଜନତା ଦଳ ପ୍ରଶ୍ନ ଉଠାଇଛି। ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତ୍ତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ଆଜି ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ ଏହି ବିଲଡିଂରେ ଅଗ୍ନିଶମ ବିଭାଗର ଅନୁମତି ନଥିଲା। ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ଗୁଡିକରେ କିଭଳି ଅଗ୍ନିକାଣ୍ଡ ଘଟଣାକୁ ରୋକା ଯାଇ ପାରିବ, ସେ ଦାୟିତ୍ୱ ରାଜ୍ୟର ଅଗ୍ନିଶମ ସେବା ବିଭାଗର। କିନ୍ତୁ, ଏଇଭଳି ଏକାଧିକ ଘଟଣାମାନ ନିୟମିତ ବ୍ୟବଧାନରେ ସାମ୍ନାକୁ ଆସୁଥିବା ବେଳେ ଅଗ୍ନିଶମ ବିଭାଗ ତାର ଦାୟିତ୍ୱ ସଠିକ ଭାବେ ନିର୍ବାହ କରୁଛି କି ନାହିଁ,




ସେନେଇ ଜନସାଧାରଣଙ୍କ ମନରେ ସନ୍ଦେହ ପ୍ରକାଶ ପାଉଛି। ଏହି ସ୍ଥାନଗୁଡିକରେ, ଅଗ୍ନିଶମ ବିଭାଗର ଅନୁମତି ଅନୁଯାୟୀ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିବା କଥା ଓ ନିୟମିତ ବ୍ୟବଧାନରେ ଏଗୁଡିକ କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି କି ନାହିଁ ତାର ଅଡିଟ ହେବାର ବ୍ୟବସ୍ଥା ମଧ୍ୟ ରହିଛି ବୋଲି ସେ କହିଛନ୍ତି। ମାତ୍ର ଦୁର୍ଘଟଣା ଘଟି ଯିବା ପରେ ଅଧିକାଂଶ ଘଟଣାରେ, ଅଗ୍ନିଶମ ବିଭାଗର ନିୟମ ଅନୁଯାୟୀ ଆବଶ୍ୟକୀୟ ଉପକରଣ ଗୁଡିକ କାର୍ଯ୍ୟରତ ଅବସ୍ଥାରେ ନ ଥିଲା ବୋଲି ଜଣାପଡୁଛି। ଡଃ ମହାନ୍ତି କହିଛନ୍ତି, ଯେହେତୁ ଏହା ଜନସାଧାରଣଙ୍କ ସୁରକ୍ଷା ସହିତ ସିଧାସଳଖ ଜଡିତ ଅଛି, ଏଥିରେ ଖିଲାପ ହେଲେ, କୌଣସି ମୁହୂର୍ତ୍ତରେ ଏକ ବଡ଼ ଧରଣର ବିପର୍ଯ୍ୟୟ ଘଟିବାର ସମ୍ଭାବନା ରହିଛି। ରାଜ୍ୟ ସରକାର ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକତା ରହିଛି। ଅଗ୍ନିଶମ ବିଭାଗର ରହିଥିବା ଏସଓପି ସଠିକ ଭାବେ ପାଳନ ହେଉଛି କି ନାହିଁ, ତାର ତର୍ଜମା ହେବା ଆବଶ୍ୟକ। ତେଣୁ, ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ନବୀକୃତ ସତ୍ୟ ନଗର ଶ୍ମଶାନ ଲୋକାର୍ପିତ

- ଆଧୁନିକ ପଦ୍ଧତିରେ ହେବ ଶବଦାହ
- ଶ୍ମଶାନ ବାବଦରେ ଖର୍ଚ୍ଚ ହରିଶ୍ଚନ୍ଦ୍ର ଯୋଜନାରୁ ଦିଆଯିବ

ଭୁବନେଶ୍ୱର, ୧୨।୧୨(ସମିସ): ପ୍ରାୟ ୮ହଜାର ବର୍ଗମିଟର ସ୍ଥାନରେ ହୋଇଥିବା ନବୀକୃତ ସତ୍ୟନଗର ଶ୍ମଶାନ ଲୋକାର୍ପିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ଶ୍ମଶାନକୁ ଉଦଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର ଏବଂ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ।

ଭୁବନେଶ୍ୱରରେ ସହରୀକରଣ ଏକ ସ୍ମାର୍ଟ ସିଟିର ପରିଚୟ ନେଇଛି ତେଣୁ ବର୍ଦ୍ଧିତ ଚାହିଦା, ଆଧୁନିକ ପରିବେଶଗତ ମାନଦଣ୍ଡ ମର୍ଯ୍ୟାଦାଜନକ, ନିରାପଦ ଏବଂ ଉପଭୋକ୍ତା-ଅନୁକୂଳ ସେବା ପ୍ରଦାନର ଆଶା ପୂରଣ କରିବା ପାଇଁ ଶ୍ମଶାନ ଭିତ୍ତିଭୂମିର ବିକାଶ ଆବଶ୍ୟକତା ରହିଛି। ଅତି ଆକର୍ଷଣୀୟ ହୋଇଛି ଶେଷ ଯାତ୍ରା ସ୍ଥାନ। ଏଥିପାଇଁ ସରକାର ଅକୁଣ୍ଠ ଚିତ୍ତରେ ସମ୍ବଳ ଯୋଗାଉଛନ୍ତି। ସମସ୍ତ ସହରାଞ୍ଚଳରେ ସମାନ ସୁବିଧା ଯୋଗାଇବା ସହିତ, ଗୋଶାଳା ଏବଂ ବାସଗୃହ ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ। ମାନ୍ୟବର ମଧ୍ୟ ବିଧାୟକ ଶ୍ରୀ ଜେନା ଆଜିର ସତ୍ୟନଗର ଶ୍ମଶାନ ଆଉ ଏକ ପୁରୀ ସ୍ୱର୍ଗଦ୍ୱାର। ଏହା ସ୍ମାର୍ଟ ଭୁବନେଶ୍ୱରର ଅନ୍ୟତମ ଉଦାହରଣ ବୋଲି କହିଥିଲେ। ବହୁଦିନର ଆଶା ପୂରଣ ହେବା ସହ ଆମର ସ୍ଥାନୀୟ ବାସିନ୍ଦା, ସ୍ଥାନୀୟ କର୍ପୋରେଟର୍ ମାନଙ୍କର ଉଦ୍ୟମ ଏବଂ ସରକାରଙ୍କ ସହଯୋଗରେ ନବୀକରଣ ସତ୍ୟନଗର ଶ୍ମଶାନକୁ ଦେଖୁଛି ବୋଲି ମେୟର ମତ ଦେଇଥିଲେ। ଏଥିପାଇଁ ସେ କମିଶନର ଓ ଟିମ୍ ବିଏମସିକୁ ଧନ୍ୟବାଦ୍ ଦେଇଛନ୍ତି ବିଶେଷ କରି ଏଠାରେ ଥିବା ଶବ ଦାହ କର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏହି ଶ୍ମଶାନରେ ପରିବେଶ-ଅନୁକୂଳ କାର୍ଯ୍ୟ ପାଇଁ ଆଧୁନିକ ଗ୍ୟାସ-ଆଧାରିତ ଶବଦାହ ପ୍ରଯୁକ୍ତିବିଦ୍ୟାକୁ ଆଧାରକରି ସୁବିଧା କରାଯାଇଛି। ଏକାସାଙ୍ଗରେ ଭିଡ଼ ପରିଚାଳନା, ପୂଜାସ୍ଥାନ, ଉତ୍ସର୍ଗୀକୃତ ପ୍ରବେଶ/ପ୍ରସ୍ଥାନ, ପାର୍କିଂ ଇତ୍ୟାଦିକୁ ସଙ୍ଗଠିତ କରାଯିବା ସହ ସବୁଜିମା, ପରିବେଶ ଏବଂ ପରିବେଶଗତ ଗୁଣବତ୍ତା ଉନ୍ନତ କରିବା ପାଇଁ ଲ୍ୟାଣ୍ଡ ସ୍କେପ୍ ଇତ୍ୟାଦି କରାଯାଇଛି। ଏଥିସହିତ ସଂରକ୍ଷଣ, କର୍ମଚାରୀ ବିଶ୍ରାମ କ୍ଷେତ୍ର ଏବଂ ସାଧାରଣ ଅନୁସନ୍ଧାନ ଡେସ୍କ ପାଇଁ ବ୍ୟବସ୍ଥା ରହିଛି।



ଶବଦାହ ପୂର୍ବ ପୂଜା କାର୍ଯ୍ୟ ପାଇଁ ଉତ୍ସର୍ଗୀକୃତ ପ୍ଲାଟଫର୍ମ ବା ପୂଜା ପିଣ୍ଡି ସହିତ ସଂସ୍କୃତି ସମ୍ପନ୍ନ ଆକୃତି ଓ କଳାକୃତି ମଧ୍ୟ କରାଯାଇଛି। ପରିବାର ସଦସ୍ୟଙ୍କ ସହ ପାଣି ସ୍ଥାନ, ଛାଇ ହୋଇଥିବା ବସିବା ସ୍ଥାନ ବ୍ୟବସ୍ଥା, ପୂଜା ପୁଷ୍କରିଣୀ ଇତ୍ୟାଦି ରହିଛି। ପରିଚ୍ଛନ୍ନତାକୁ ବିଜ୍ଞାନ ସମ୍ମତ କରିବାର ପ୍ରୟାସ, ପାର୍କିଂ କ୍ଷେତ୍ର, ସେବା ଯାନ ଏବଂ ପରିଦର୍ଶକଙ୍କ ପାଇଁ ପୃଥକ ପରିଚଳନା, ବିବିଧ ସେବାର ଫଳକ, ଜଳ ନିଷ୍କାସନ, ପିଣ୍ଡି ଚାରିପାଖରେ ଉତ୍ତମ ଚଲାପଥ, ଆଲୋକୀକରଣ ଇତ୍ୟାଦି ରହିଛି। କାଠ ରହିବା ବ୍ୟବସ୍ଥା, ଆସବାବପତ୍ର ନେବାକୁ ପୃଥକ ପଥ ଇତ୍ୟାଦି ରହିଛି। ଗ୍ୟାସ-ଆଧାରିତ ଶ୍ମଶାନ ଏକ ଆଧୁନିକ ପ୍ରକୋଷ୍ଠ ଯାହା ପରିବେଶ ଅନୁକୂଳ, ଦକ୍ଷ ଏବଂ କମ ନିର୍ଗମନ କାର୍ଯ୍ୟକୁ ସୁନିଶ୍ଚିତ କରୁଛି। ଗୋଟିଏ ଶବ ଆସିବାରୁ ଦାହ ପର୍ଯ୍ୟନ୍ତ ସମସ୍ତ ସୁବିଧା ଉପଲବ୍ଧ। ଗ୍ୟାସ-ଆଧାରିତ ଶ୍ମଶାନର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ବିଏମସି ହରିଶ୍ଚନ୍ଦ୍ର ଯୋଜନା ଅନ୍ତର୍ଭୁକ୍ତ ପରିବାରଙ୍କ ପାଇଁ ସ୍ୱତନ୍ତ୍ର ଶବଦାହ କରିବାର ସୁବିଧା କରିଛି। ଏହି ଶ୍ମଶାନ କାଉଣ୍ଟରରେ ସଙ୍ଗେ ସଙ୍ଗେ ତାଙ୍କୁ ୨ ହଜାର ଟଙ୍କା ଦେବାକୁ ପଡ଼ିବ ନାହିଁ ଶବଦାହ ପରେ ସେମାନଙ୍କୁ ମିଳୁଥିବା ହରିଶ୍ଚନ୍ଦ୍ର ସହାୟତାରୁ ଏହି ଖର୍ଚ୍ଚ ଭରଣା କରାଯିବ। ଗ୍ୟାସ୍ ଶ୍ମଶାନ, ଆଲୋକ ଏବଂ ପ୍ରଶାସକ ସିଷ୍ଟମ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଡିଜେଲ୍ ଜେନେରେଟର ସେଟ୍ ସହଅଗ୍ନି ସୁରକ୍ଷା, ସିସିଟିଭି, ଆଲୋକ ଏବଂ ନିୟନ୍ତ୍ରିତ ପ୍ରବେଶ ରହିଛି। ଏଥିସହିତ ପରିଷ୍କାର ପରିଚ୍ଛନ୍ନତା ସହ ଶୌଚାଳୟ, ବର୍ଜ୍ୟବସ୍ତୁ ପରିଚାଳନା, ଏବଂ ଜଳ-ପ୍ରବାହ ପରିଚାଳନାର ସୁବିଧା ରହିଛି। ଅନ୍ୟମାନଙ୍କ ମଧ୍ୟରେ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟର ପୁଷ୍ପାଞ୍ଜଳୀ ସେଠୀ ନିଜ ନିଜର ବକ୍ତବ୍ୟ ରଖିବା ସହ କର୍ପୋରେଟର ରାଜକିଶୋର ଦାସ ଧନ୍ୟବାଦ୍ ଦେଇଥିଲା।


ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଦେବେନ୍ଦ୍ର କୁମାର ମହାପାତ୍ର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ- ୨୩/୦୫/୧୯୪୦
ତିରୋଧାନ- ୦୩/୧୨/୨୦୨୫
ବାପା ଆପଣଙ୍କ ପରାମର୍ଶ ଓ ନିର୍ଦ୍ଦେଶରେ ଆମେ ପଥ ଅନୁସରଣ କରୁଥିଲୁ କିନ୍ତୁ ଆପଣ ଆମକୁ ଛାଡି ଅନେକ ଦୂରକୁ ଚାଲି ଗଲେ ଆପଣ ଜେଉଁଠି ଥାଆନ୍ତୁ ଇଶ୍ୱର ଆପଣଙ୍କୁ ଭଲରେ ରଖନ୍ତୁ ରଖନ୍ତୁ।
ଆପଣଙ୍କ ର ହତଭାଗ୍ୟ (ପୁତ୍ର ଓ ପୁତ୍ରବଧୂ) : ଅଜୟ କୁମାର ମହାପାତ୍ର ଓ ବଧୂପମା ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର ଓ ରଶ୍ମି ରଞ୍ଜିତା ମଲିକ, (ଝିଅ ଓ ଜ୍ୱାଇଁ) - ଯୋସ୍ନା ରାଣୀ ମହାପାତ୍ର ଓ ବାବୁଲା ରାଉତ, ସନ୍ଧ୍ୟାରାଣି ମହାପାତ୍ର ଓ ବିଶ୍ୱନାଥ ଜେନା, ମମତା ମହାପାତ୍ର ଓ ନରେନ୍ଦ୍ର ଭୂୟାଁ, ରଞ୍ଜିତା ମହାପାତ୍ର ଓ ସୁଶାନ୍ତ ବେହେରା, ସୁଶ୍ରୀ ସଂଗୀତା ମହାପାତ୍ର ଓ ଅୟସ କାନ୍ତ ବେହେରା, ନାତି ନାତୁଣୀ, ବନ୍ଧୁ ବାନ୍ଧବ।





# ବର୍ଷସାରା ମଳ; ଦୁଇଦିନ ମାଳ

## ଅବହେଳିତ ଅବସ୍ଥାରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର, ୧୨।୧୨(ସମିସ): ରାଜଧାନୀର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ଦେଖିବାକୁ ମିଳୁଛି। ଜୟନ୍ତୀ ଓ ତିରୋଧାନ ବ୍ୟତୀତ ବର୍ଷତମାମ ଏହି ପ୍ରତିମୂର୍ତ୍ତିଗୁଡିକ ଉପରେ କାହାର ନଜର ପଡୁନାହିଁ। କୌଣସି ରାଜନୈତିକ ବ୍ୟକ୍ତିବିଶେଷ ନା ପ୍ରଶାସନ ଏଥିପ୍ରତି କାହାରି ନିଘା ନାହିଁ। ପରିସ୍ଥିତି ଏମିତି ଯେ, କେଉଁଠି ପ୍ରତିମୂର୍ତ୍ତିରେ ଅନାବନା ଗଛ ମାଡଗଲାଣି ତ କେଉଁଠି କାଉ କୋଇଲିଙ୍କ





ମଳରେ ରଙ୍ଗହରା ହୋଇଗଲାଣି। ସେହିପରି ରକ୍ଷଣାବେକ୍ଷଣ ଅଭାବରୁ ଅନେକଙ୍କୁ ଚିହ୍ନିବା କଷ୍ଟକର ହୋଇ ପଡୁଛି।

ମହାପୁରୁଷଙ୍କ ଅବଦାନ ପ୍ରତି ସମ୍ମାନ ଜଣାଇବା ସହ ସମାଜରେ ତାଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ଅବଗତ କରିବା ପାଇଁ ହିଁ ବିଭିନ୍ନ ସ୍ଥାନରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଛି। ହେଲେ ତାର ପ୍ରକୃତ ଅର୍ଥ ଲୁଚିଗଲା ପରି ମନେ ହେଉଛି। କାରଣ ଜୟନ୍ତୀ ଓ ତିରୋଧାନ ବ୍ୟତୀତ ଅନ୍ୟ କୌଣସି ଦିନ ଏହି ପ୍ରତିମୂର୍ତ୍ତିଗୁଡିକ ନିକଟରେ କାହାରିକୁ ଦେଖିବାକୁ ମିଳୁନାହିଁ। କିଛି ପ୍ରତିମୂର୍ତ୍ତି ପାଖକୁ ଯିବା ଆସିବା ରାସ୍ତା ଅନାବନା ଗଛରେ ବନ୍ଦ ହୋଇଯାଇଛି। ସେହିଭଳି ପକ୍ଷୀମାନଙ୍କ ମଳ ପ୍ରତିମୂର୍ତ୍ତି ଉପରେ ପଡ଼ି ବିକୃତ ଦେଖାଗଲାଣି। ଉଦାହରଣ ସ୍ୱରୂପ ମାଷ୍ଟର କ୍ୟାଣ୍ଟିନ ଛକରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ତାଙ୍କ ମୁହଁରେ ପକ୍ଷୀ ମଳରେ ବିକୃତ ହୋଇଥିବାବେଳେ ସନ୍ଧ୍ୟା ହେଲେ ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହିଭଳି ଲୋକନାୟକ ଜୟପ୍ରକାଶ ନାରାୟଣ ପ୍ରତିମୂର୍ତ୍ତି ତଳେ ଅଳିଆ ଆବର୍ଜନା ପଡ଼ି ରହିଛି। କେଉଁଠି ପ୍ଲାଷ୍ଟିକ ବୋତଲ ତ କେଉଁଠି କଳଙ୍କି ଲଗା ଭଙ୍ଗା ଜାଲି। ୟୁନିଟ ୯ ସ୍ଥିତ ମଧୁସୂଦନ ରାଓଙ୍କ ପ୍ରତିମୀର୍ତ୍ତିର ମଧ୍ୟ ସମାନ ଅବସ୍ଥା। କେବଳ ଏହି ଗୋଟିଏ ଦୁଇଟି ସ୍ଥାନ ନୁହଁ ରାଜଧାନୀରେ ଏପରି ଅନେକ ପ୍ରତିମୂର୍ତ୍ତି ଅବହେଳିତ ହୋଇ ପଡ଼ିରହଛି। ଯେଉଁ ସମୟରେ ସେମାନଙ୍କର ଜୟନ୍ତୀ ଓ ତିରୋଧାନ ଦିବସ ରହୁଛି, ପ୍ରଶାସନଠାରୁ ଆରମ୍ଭକରି ବିଭିନ୍ନ ରାଜନୈତିକ ଦଳ ମାନେ କେବଳ ଫୁଲମାଳ ଦେଇ ଚାଲିଯାଉଛନ୍ତି। ସେ ଫୁଲମାଳ ଶୁଖିବା ପରେ ବି କାହାରି ହାତ ଯାଉନି କାଢିବାକୁ। ଅନ୍ୟସମୟରେ ସେହି ସ୍ଥାନ ଉପରେ କାହାରି ନଜର ମଧ୍ୟ ଯାଉନାହିଁ। ଏପରିସ୍ଥଳେ ପ୍ରତିମୂର୍ତ୍ତି ଗୁଡିକର ରଙ୍ଗ ଛାଡି ଗଲାଣି। ଏନେଇ କେବେ ପଦକ୍ଷେପ ନିଆଯିବ ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।



## ଇନ୍ସପେକ୍ଟରଙ୍କ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୨।୧୨ (ସମିସ): କମିସନରେଟ ପୁଲିସର ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ୮ ଜଣ ଇନ୍ସପେକ୍ଟରଙ୍କର ବଦଳି ହୋଇଥିବା ବେଳେ ଜିଲ୍ଲା ବାହାରକୁ ବଦଳି ହୋଇଥିବା ୭ ଜଣ ଇନ୍ସପେକ୍ଟରଙ୍କୁ ଦାୟିତ୍ୱରୁ ଅବ୍ୟାହତ (ରିଲିଭ୍) କରାଯାଇଛି।

ନିର୍ଦ୍ଦେଶନାମା ଅନୁଯାୟୀ, ପାହାଳ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ସ୍ମୃତିରଞ୍ଜନ ମହାନ୍ତିଙ୍କୁ ଧଉଳି ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଥିବା ବେଳେ ଧଉଳି ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାୟକଙ୍କୁ ଡିପିଓକୁ ବଦଳି ହୋଇଛି। କଟକ ମହିଳା ଥାନା ଅଧିକାରୀ ବିୟୁଟି ମହାନ୍ତିଙ୍କୁ ନନ୍ଦନକାନନ ଥାନା ଓ ନନ୍ଦନକାନନ ଥାନା ଅଧିକାରୀ ଦୟାନିଧି ନାୟକଙ୍କୁ ମଞ୍ଚେଶ୍ୱର ଥାନାକୁ ବଦଳି ହୋଇଛି। ୪୨ ମୌଜା ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କୁ ଭୁବନେଶ୍ୱର ସାଇବର ଥାନା ଓ ଲାଲବାଗ ଥାନାରେ କାର୍ଯ୍ୟରତ ହେମନ୍ତ କୁମାର ସେଠୀଙ୍କୁ ୪୨ ମୌଜା ଥାନା ଅଧିକାରୀ ଭାବରେ ଅବସ୍ଥାପିତ କରାଯାଇଛି। ସେହିପରି କଟକ ଡିସିଆରବିର ତେରେସ୍କୋଭା ମହାପାତ୍ରଙ୍କୁ କଟକ ମହିଳା ଥାନା ଓ ଭୁବନେଶ୍ୱର ପୁଲିସ ମୁଖ୍ୟାଳୟର ଦୀପିକା ଦେବୀ ରାୟଙ୍କୁ ଏୟାରଫିଲ୍ଡ ଥାନା ଅଧିକାରିଣୀ ଭାବେ ଦାୟିତ୍ୱ ମିଳିଛି। ସେହିଭଳି ଇନ୍ସପେକ୍ଟର ମିନତୀ କୁମାରୀ ନାୟକ, ରାମହରି ସେଠୀ, ଅସିତ୍ ରଞ୍ଜନ ଜେନା, ଲିତାରାଣୀ ପରିଡ଼ା, କୃଷ୍ଣାମୟୀ ବରାଳ, ବବିତା ସାହୁ ଓ ମଧୁସ୍ମିତା ପାଗଡ଼ଙ୍କୁ ଦାୟିତ୍ୱ ଅବ୍ୟାହତ କରାଯାଇଛି। ଏନେଇ ଆଜି ପୁଲିସ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ବେକରେ କଟୁରି ଲଗାଇ ମାଛ ବେପାରୀଙ୍କୁ ଲୁଟ୍

ଭୁବନେଶ୍ୱର, ୧୨।୧୨ (ସମିସ): ବେକରେ କଟୁରି ଲଗାଇ ମାଛ ବେପାରୀଙ୍କୁ ଲୁଟିଛନ୍ତି। ଭୟଭୀତ କରି ମାଛ, ଟଙ୍କା ଓ ଫୋନ୍ ଲୁଟି ନେଇଛନ୍ତି। ମାଉସୀମା ଛକରେ ଏଭଳି ଘଟଣା ଘଟିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପୁରୁଣା ଭୁବନେଶ୍ୱର ବଶିଷ୍ଠ ନଗରର ଶୁଭମ୍ ଦାସ (୧୮) ଓ ପିପିଲି ସିଙ୍ଘ ସାହିର ସନ୍ତୋଷ ନାଥ (୧୮)।



ପୁଲିସ ସୂଚନା ଅନୁସାରେ, କପିଳେଶ୍ୱର ଅଞ୍ଚଳରେ ରହୁଥିବା ବ୍ୟବସାୟୀ ଗଙ୍ଗାରାମ ବେହେରା ଶୁକ୍ରବାର ଭୋରରୁ ୟୁନିଟ୍-୪ ବଜାରରୁ ମାଛ କିଣି ସାଇକେଲ ଯୋଗେ ଫେରୁଥିଲେ। ମାଉସି ମା ଛକ ନିକଟରେ ଶୁଭମ, ସନ୍ତୋଷ ଓ ନାବାଳକ ସହଯୋଗୀ ବାଇକରେ ଆସି ତାଙ୍କୁ ଠେଲି ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଅଭିଯୁକ୍ତମାନେ ଗଙ୍ଗାରାମଙ୍କ ବେକରେ କଟୁରି ଲଗାଇ ପାଖରେ ରଖିଥିବା ଟଙ୍କା ଦେଇଦେବା ଲାଗି ଧମକ ଦେଇଥିଲେ। ଟଙ୍କା ନଦେଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଭୟଭୀତ କରି ୯୫୦୦ ଟଙ୍କା, ୧୫ କିଲୋ ଓଜନର ମାଛ ଥିବା ବ୍ୟାଗ ଓ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଗଙ୍ଗରାମ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ସହ ଶ୍ରୀ ଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ।

ପୁଲିସ ସିସିଟିଭି ଫୁଟେଜରୁ ଗାଡ଼ି ନମ୍ବର ଚିହ୍ନଟ କରିବା ସହ ବଡ଼ଗଡ଼ ଥାନା ବ୍ରହ୍ମେଶ୍ୱର ପାର୍କ ନିକଟରେ ଚଢ଼ଉ କରି ଶୁଭମ୍ ଓ ସନ୍ତୋଷକୁ ଗିରଫ କରିଥିଲା। ଛାନଭିନ ସମୟରେ ସେମାନଙ୍କ ହେପାଜତରୁ ଗୋଟିଏ କଟୁରି, ଗୋଟିଏ ମୋବାଇଲ ଫୋନ, ୧୫ କେଜି ଓଜନର ମାଛ, ଗୋଟିଏ ବାଇକ୍ ଓ ୧୧୮୦ ଟଙ୍କା ଜବତ କରିଥିଲା। ପୂର୍ବରୁ ଶୁଭମ ନାମରେ ଶ୍ରୀ ଲିଙ୍ଗରାଜ ଥାନାରେ ୩ ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଦୁର୍ଘଟଣାରେ ଜଣେ ଗୁରୁତର

ଯାଁଳା, ୧୨।୧୨(ସମିସ): ପୂର୍ବାହ୍ନ ୧୧ଟା ବେଳେ ଇନଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଭୁଆସୁଣୀ ମନ୍ଦିର ସମ୍ମୁଖରେ ଏକ ଦୁର୍ଘଟଣା ଘଟିଛି।ରାସ୍ତା ପାରି ହେଉଥିବା ବେଳେ ଏକ କାର ଧକ୍କା ଦେବାରୁ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି।ଆହତ ବ୍ୟକ୍ତି ଜଣଙ୍କ ପରିଚୟ ଜଣାପଡ଼ି ନାହିଁ। ମିଳିଥିବା ସୂଚନା ଅନୁସାରେ ଆଜି ଏକ କାର ଖୋର୍ଦ୍ଧା ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା।ସେହି ସମୟରେ ଭୁଆସୁଣୀ ମନ୍ଦିର ସମ୍ମୁଖରେ ଜଣେ ବ୍ୟକ୍ତି ହଠାତ୍ ରାସ୍ତା ପାରି ହେବାପାଇଁ ପଶି ଆସିଥିଲା।ଫଳରେ କାରଟି ବ୍ୟକ୍ତି ଜଣଙ୍କୁ ଧକ୍କା ଦେଇଥିଲା। ବ୍ୟକ୍ତି ଜଣକ କିଛି ବାଟ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ଗୁରୁତର ଆହତ ବ୍ୟକ୍ତି ଜଣଙ୍କୁ ଉଦ୍ଧାର କରି ଇନଫୋଭ୍ୟାଲି ଥାନା ସହାୟତାରେ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ। କିନ୍ତୁ ଗୁରୁତର ଆହତ ବ୍ୟକ୍ତି ଜଣକଙ୍କ ପରିଚୟ ଜଣାପଡ଼ି ନାହିଁ।

## ଜୟଦେବ ବିହାର 'ଏସ୍ଆଇପି ଆବାକସ୍'ର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୨।୧୨(ସମିସ): ଜୟଦେବ ବିହାର ସ୍ଥିତ 'ଏସଆଇପି ଆବାକସ୍'ର ପଞ୍ଚମ ବାର୍ଷିକ ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଏସଆଇପି ଓଡ଼ିଶା ରାଜ୍ୟ ମୁଖ୍ୟ ସୁନିଲ କୁମାର ନାୟକ, କେଭି-୨ ପ୍ରିନ୍ସିପାଲ ଡିପି ଶର୍ମା, ଜିଆଇଇଟି ଡିନ୍ ଡ.ଦିଲ୍ଲୀପ କୁମାର ଦାଶ ଯୋଗଦେଇଥିବା ବେଳେ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶିକା ସୁଜାତା ଧଳଙ୍କ ସହିତ ଦିଲ୍ଲୀପ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛତିଶଗଡ଼ର ଇଶା ଶତପଥୀ ଚୌବେ, ନୃତ୍ୟଗୁରୁ ପାର୍ଥ ଦାସ ଏବଂ ତାଙ୍କ ଦଳ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହାପରେ ଶାଖାସ୍ତରୀୟ ପ୍ରତିଯୋଗିତାରେ ବିଜେତାଙ୍କ ସହ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଗ୍ରାଜୁଏସନ ଉତ୍ସବ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ।

## ଏଥର ଏକାମ୍ର ୱାକ୍ସରେ ସାହିତ୍ୟ ଟ୍ରେଲ୍ ଓ ଓଡ଼ିଆ ଫିଲ୍ମ ପାନୋରାମା

ଭୁବନେଶ୍ୱର, ୧୨।୧୨(ସମିସ): ଆସନ୍ତା ରବିବାର ଏକାମ୍ର ୱାକ୍ସରେ ସାହିତ୍ୟ ଟ୍ରେଲ୍ ଏବଂ ଫିଲ୍ମ ସ୍କ୍ରିନିଂ ଅନୁଷ୍ଠିତ ହେବ। ସକାଳ ୧୧ଟା ୩୦ରେ ଓଡ଼ିଆ ଭାଷାର ଗୌରବ ଗାଥା ସାହିତ୍ୟ ସହିତ ଆରମ୍ଭ ହେବାକୁ ଥିବା ବେଳେ ସନ୍ଧ୍ୟାରେ କଳାଭୂମିରେ ଓଡ଼ିଆ ଫିଲ୍ମ ପାନୋରାମା କାର୍ଯ୍ୟକ୍ରମ ଆୟୋଜିତ ହେବ। ତେବେ 'ଓଡିଆ ଭାଷାର ଗୌରବ ଗାଥା'ରେ ଓଡ଼ିଆ ସାହିତ୍ୟ ଯାତ୍ରାରେ ଗପ ଅଧିବେଶନ କରାଯିବ। ଓଡ଼ିଆ ଗଳ୍ପ 'ସ୍ୱପ୍ନଭଙ୍ଗ' ଉପରେ ଆଧାରିତ ଏହି ଗଳ୍ପ କାର୍ଯ୍ୟକ୍ରମରେ ସମସ୍ତେ ଏକାଠି ବସି ଗପ ଶୁଣିବା ସହ ପ୍ରଶ୍ନ ପଚାରିବା ଏବଂ ନିଜର ମତାମତ ମଧ୍ୟ ଦେଇପାରିବେ। ଏଥିରେ କନ୍ଧ ସମ୍ପ୍ରଦାୟର ପାରମ୍ପରିକ ଢାପ୍ ନୃତ୍ୟ ପରିବେଷିତ ହେବ। ସେହିପରି ସନ୍ଧ୍ୟା ସାଢ଼େ ୫ଟାରେ କଳାଭୂମିରେ ହେବାକୁ ଥିବା ସନ୍ଧ୍ୟା ଅଧିବେଶନର ଓଡ଼ିଆ ଚଳଚ୍ଚିତ୍ର ପରିକ୍ରମାରେ ଓଡ଼ିଆ ଫିଲ୍ମ 'ଅହଲ୍ୟା' ପ୍ରଦର୍ଶିତ ହେବ। ଏହି ଫିଲ୍ମଟି ପୌରାଣିକ ଚରିତ୍ର ଅହଲ୍ୟାଙ୍କ ନୂଆ ଭାବେରେ ଚିତ୍ରଣ ହୋଇଛି। ଏହି କାର୍ଯ୍ୟକ୍ରମରେ ଫିଲ୍ମର ଡାଇରେକ୍ଟର ବିଜୟ କେତନ ମିଶ୍ର ଉପସ୍ଥିତ ରହି ଦର୍ଶକଙ୍କ ସହ ଆଲୋଚନା କରିବେ। ଏଥିପାଇଁ ଆଗ୍ରହୀମାନେ ଏକାମ୍ରୱାକ୍ସ ଡଟ୍ କମ୍‌ରେ ସିଟ୍ ବୁକ୍ କରିବାକୁ ଏକାମ୍ର ୱାକ୍ସର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ହୋ ଭାଷାକୁ ସମ୍ବିଧାନର ୮ ସୂଚୀରେ ସାମିଲ କରାଯାଉ

ଭୁବନେଶ୍ୱର, ୧୨।୧୨(ସମିସ): ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିପକ୍ଷରୁ ହୋ ଭାଷାକୁ ସମ୍ବିଧାନର ୮ ସୂଚୀରେ ସାମିଲ କରିବା, ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ସହିତ ଅନ୍ୟାନ୍ୟ ଦାବି ନେଇ ଶୁକ୍ରବାର ଲୋୟର ପିଏମରେ ହୋ ଜନଜାତି ଦ୍ୱାରା ଏକ ଦିନିକିଆ ଶାନ୍ତିପୂର୍ଣ୍ଣ ଗଣ-ଧାରଣା ଅନୁଷ୍ଠିତ ହୋଇଯାଇଛି। କମିଟି ।ପକ୍ଷରୁ ହୋ ଭାଷାକୁ ଭାରତୀୟ ସମ୍ବିଧାନର ୮ମ ସୂଚୀରେ ସମ୍ମିଳିତ କରିବା, ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜ୍ୟଭାଷା ଭାବେ ସ୍ୱୀକୃତି ଦେବା, ଓଡ଼ିଶାର ୮୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟଗୁଡ଼ିକରେ ହୋ ଭାଷା ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରି ହୋ ଭାଷାରେ ଶିକ୍ଷା ପ୍ରଚଳନ, ହୋ ଆଦିବାସୀ ବହୁଳ ଅଙ୍ଗନବାଡି କେନ୍ଦ୍ରରେ ନିଜ ମାତୃଭାଷା ହୋ ଶିକ୍ଷା ପ୍ରଚଳନ କରିବା ସହ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହୋ ସମୁଦାୟର ଲୋକ, ଛାତ୍ରଛାତ୍ରୀ, ମହିଳା ଦଳ, ବୃଦ୍ଧ ସଦସ୍ୟ, ଭାଷା ଅଭିଯାନୀ ଏବଂ ବିଭିନ୍ନ ହୋ ସଂଗଠନର ପ୍ରାୟ ରୁ ଅଧିକ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଉ ବୋଲି ଦାବୀ କରାଯାଇଛି। ଭାରତ ବର୍ଷରେ ବସବାସ କରୁଥିବା ୫୦ ଲକ୍ଷରୁ ଅଧିକ ହୋ ଭାଷାଭାଷୀ ଜନଜାତିର ଦୀର୍ଘ ୩୦ ଦଶନ୍ଧି ର ନ୍ୟାୟ୍ୟ ଭାଷା ସମ୍ବନ୍ଧୀୟ ଦାବିଗୁଡ଼ିକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଗ୍ରହଣଯୋଗ୍ୟତା ପାଇଁ ଏହି ଗଣ-ଧାରଣା ଆୟୋଜିତ ହୋଇଥିଲା।

## ପିକଅପ୍ ଭ୍ୟାନ୍ ଧକ୍କାରେ ସ୍କୁଟି ଆରୋହୀ ମୃତ; ଚାଳକ ଗିରଫ

ହଂସପାଳ, ୧୨।୧୨(ସମିସ): ବେପରୁଆ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟାଇବା ଅଭିଯୋଗରେ ପାହାଳ ଥାନା ପୋଲିସ ସୁବ୍ରତ ନାୟକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଅଭିଯୁକ୍ତ ଗାଡି ଚାଳକ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ରାମ୍ପିଲାର ଚିକୁ ଦାସ(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସୁଶାନ୍ତ କୁମାର ନାୟକ ହେଉଛନ୍ତି ଅଭିଯୋଗକାରୀ ସୁବ୍ରତଙ୍କ ବାପା। ଗତ ନଭେମ୍ବର ୨୦ ତାରିଖରେ ସକାଳ ପ୍ରାୟ ୬.୦୦ଟା ସମୟରେ ସେ ନିଜ ଡ୍ୟୁଟି ସମ୍ପାଦନ କରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଠିକ୍ ଉତ୍କଳ ହାଇଟ୍ସ ଫ୍ଲାଏଓଭର ନିକଟରେ ଗାଡ଼ି ଚାଳକ ଚିକୁ ଏକ ବୋଲେରୋ ପିକଅପ୍ ଭ୍ୟାନ୍ ଅତି ଦ୍ରୁତଗତିରେ ତଥା ବେପାରୁଆ ଭାବେ ଗାଡ଼ି ଆଣି ତାଙ୍କ ସ୍କୁଟିକୁ ପଛ ପାଖରୁ ଜୋର୍ ସେ ଧକ୍କା ଦେଇଥିଲେ। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଉନ୍ନତ ଚିକିତ୍ସା ଲାଗି ତାଙ୍କୁ ସେଠାରୁ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୧ତାରିଖ ସକାଳ ୧୧.୪୦ ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ କେନ୍ଦ୍ରକରି କଟକ ମର୍କତନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ସୁବ୍ରତ ଏନେଇ ପାହାଳ ଥାନାରେ ଅଭିଯୋଗ କରିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାର ତଦନ୍ତ କରି ପିକଅପ୍ ଚାଳକ ଚିକୁଙ୍କୁ ଗିରଫ କରିଥିଲେ। ତଦନ୍ତ ସମୟରେ ସେ ନିଜର ଅପରାଧ ସ୍ୱୀକାର କରିଥିଲେ।



## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୧୨।୧୨(ସମିସ): ଭରତପୁର ଥାନାର ଏକ ଚେକ୍ ବାଉନ୍ସ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ପ୍ରଦୀପ୍ତ କୁମାର ନାୟକଙ୍କୁ ୬ ମାସ ଜେଲ୍ ଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି।

ପୁଲିସ ସୂଚନାନୁସାରେ, ଖଣ୍ଡଗିରି ବାରିରେ ରହୁଥିବା ପର୍ଶୁରାମ ସାସମଲ ଓ ପ୍ରଦୀପ୍ତ ମଧ୍ୟରେ ପୂର୍ବରୁ ଚିହ୍ନାପରିଚୟ ଥିଲା। ପ୍ରଦୀପ୍ତ ନିଜର ଅଫିସର ଜରୁରୀ କାମ ଲାଗି ୨୦୨୩ ମସିହା ଅଗଷ୍ଟ ମାସରେ ପର୍ଶୁରାମଙ୍କ ଠାରୁ ଏକଲକ୍ଷ ଟଙ୍କା ଧାର ସୂତ୍ରରେ ନେଇଥିଲା। ଉଭୟଙ୍କ ମଧ୍ୟରେ ଏକ ଚୁକ୍ତି ହେବା ସହ ସେହିବର୍ଷ ଡିସେମ୍ବର ୩୧ ସୁଦ୍ଧା ଟଙ୍କା ଫେରସ୍ତ କରିଦେବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲା। ଏଥିସହିତ ପର୍ଶୁରାମଙ୍କୁ ଏକ ବ୍ୟାଙ୍କ ଚେକ୍ ଦେଇଥିଲା। ପର୍ଶୁରାମ ନିର୍ଦ୍ଧାରିତ ତାରିଖ ଦିନ ଚେକକୁ ବ୍ୟାଙ୍କରେ ଜମା କରିଥିଲେ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରଦୀପ୍ତକୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଏହାରି ଭିତରେ ବର୍ଷେ ବିତିଯାଇଥିଲେ ମଧ୍ୟ ଟଙ୍କା ନ ପାଇବାରୁ ପର୍ଶୁରାମ ଭରତପୁର ଥାନାରେ ଅଭିଯୋଗ କରିଥିଲେ।

ଭରତପୁର ଥାନା ପୁଲିସ କେସ୍ ନଂ - ୯୧/୨୫ ରେ ଦଫା - ୩୧୮ (୪) ବିଏନ୍‌ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ଚନ୍ଦ୍ର ମୁଣ୍ଡା ଆସାମୀ ପ୍ରଦୀପ୍ତକୁ ଗିରଫ କରିଥିଲେ। ଘଟଣା ସହ ସମ୍ପୃକ୍ତ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଦାଲତ ଉପରୋକ୍ତ ମାମଲାର ବିଚାରକରି ଦଫା ୩୧୮ (୪) ବିଏନ୍‌ଏସ୍ ଆଧାରରେ ୬ ମାସର ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୬ ମାସର କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।



ଭୁବନେଶ୍ୱର: ଓଡ଼ିଶାର ଯୁବ ଟେକ୍ ଉଦ୍ୟୋଗପତି ନିହାର ରଞ୍ଜନ ରାଉତ, ଟେକ୍ କମ୍ପାନୀ କ୍ରିଉଟୋର ସ୍ଥାପକ ଓ ସିଇଓଙ୍କୁ ଏକ୍ସଲେନ୍ସି ଇନ୍ ଇମରଜିଙ୍ଗ ଏଆଇ ଓ ଟେକ୍ନୋଲୋଜି ଇନୋଭେସନ ସମ୍ମାନରେ ସମ୍ମାନିତ କରାଯାଇଛି।

# ଭତ୍ତାବୃଦ୍ଧି ଦାବିରେ ଗର୍ଜିଲେ ଅଙ୍ଗନବାଡ଼ି କର୍ମୀ

**ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

**ଦାବି ପୂରଣ ନ ହେଲେ ଅହୋରାତ୍ର ଧାରଣା ଚେତାବନୀ**

ଭୁବନେଶ୍ୱର,୧୨।୧୨(ସମିସ): ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ତରଫରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଅଙ୍ଗନବାଡି କର୍ମୀ ଭତ୍ତା ବୃଦ୍ଧି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପିଏମ୍‌ଜି ଛକଠାରେ ବିକ୍ଷୋଭ ସଂଗଠିତ ହୋଇ ଦାବି ପୂରଣ ପାଇଁ ଅଡ଼ି ବସିଥିଲେ। ତେବେ ଶାସକ ଦଳ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲେ ହେଁ ଦାବି ପୂରଣ ନ ହେଲେ ଆଗାମୀ ବଜେଟ ଅଧିବେଶନ ସମୟରେ ଅନିର୍ଦ୍ଦିଷ୍ଟକାଳ ଅହୋରାତ୍ର ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନା ଅନୁସାରେ, ଗତ ନିର୍ବାଚନ ସମୟରେ ଅଙ୍ଗନବାଡି କର୍ମୀଙ୍କ ଭତ୍ତା ବୃଦ୍ଧି ଘୋଷଣା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ସରକାର କାର୍ଯ୍ୟକାରୀ ନ କରିବାକୁ ନେଇ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାସହ ତୁରନ୍ତ ଭତ୍ତା ବୃଦ୍ଧି ଘୋଷଣା, ଫେସ୍ କ୍ୟାପଚର୍ ଓ ଇ-କେୱାଇସି ଅପ୍‌ଡେଟ୍ କରିବା ନିଷ୍ପତ୍ତି ପ୍ରତ୍ୟାହାର, ୨୦୨୦ ମସିହାରେ ଦିଆଯାଇଥିବା ମୋବାଇଲ୍‌ରେ ସମସ୍ତ ତଥ୍ୟ ଅପଲୋଡ୍ କରିବା ପାଇଁ ଅନ୍‌ଲିମିଟେଡ୍ ଡାଟା ପ୍ୟାକ୍ ସହ ବଜାର ଦର ଅନୁସାରେ ରିଚାର୍ଜ ଦେୟ ପ୍ରଦାନ, ଜାତୀୟ ଶ୍ରମ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ୱାର୍କର ମାନ୍ୟତା, ସାମାଜିକ ସୁରକ୍ଷା, ଅବସରକାଳୀନ ଦେୟ ୫ଲକ୍ଷ ଟଙ୍କାକୁ ବୃଦ୍ଧି, ବଜାର ଦର ଅନୁସାରେ



ଏସ୍‌ଏନ୍‌ପି ଦର ସଂଶୋଧନ, ସଂସଦୀୟ କମିଟି ସୁପାରିସ ଅନୁସାରେ ଏଏନ୍‌ଏମ୍ ଓ ପ୍ରାଥମିକ ଶିକ୍ଷକ ପଦବୀ ପାଇଁ କୋଟା ଧାର୍ଯ୍ୟ, ଅଘୋଷିତ ଭାବରେ ବନ୍ଦ ହୋଇଥିବା ୫ବର୍ଷ ଓ ୧୦ ବର୍ଷର ଇନ୍‌କ୍ରିମେଣ୍ଟ ଓ ବିଭିନ୍ନ ବୈଠକ ପାଇଁ ଟିଏ/ଡିଏ ପ୍ରଦାନ ଆଦି ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

ସଂଘ ଆନ୍ଦୋଳନର ଅବ୍ୟବହିତ ପୂର୍ବରୁ ମହିଳା ଓ ଶିଶୁବିକାଶ ବିଭାଗ ସଚିବଙ୍କ ସହ ଏକ ପ୍ରତିନିଧିମଣ୍ଡଳୀ ଗତକାଲି ଆଲୋଚନା କରିଥିଲେ। ଆଜି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ସଂଘର ସଭାପତି ତଥା ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସିପିଆଇ ସମ୍ପାଦକ ଡ. ପ୍ରସନ୍ନ ମିଶ୍ର, ସୁର ଜେନା, ଜୟନ୍ତ ଦାସ, ମମତାଜ ଖୁଣ୍ଟିଆ, ବିଷ୍ଣୁପ୍ରିୟା ଜେନା, ମଳୟ ମଞ୍ଜରି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପର୍ଯ୍ୟଟନ ଋତୁରେ ଭୀମକୁଣ୍ଡ ଚଳଚଞ୍ଚଳ

# ଅବ୍ୟବସ୍ଥା ପାଇଁ ପର୍ଯ୍ୟଟକ ଅସନ୍ତୋଷ

ଠାକୁରମୁଣ୍ଡା, ୧୨।୧୨(ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ। ଏହା ମୟୂରଭଞ୍ଜ ଜିଲ୍ଲାର ଏକ ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର। ବିଶ୍ୱାସ ଅଛି ଯେ ପାଣ୍ଡବମାନେ ଦ୍ୱାପର ଯୁଗରେ ଅଜ୍ଞାତ ବାସରେ ଥିବାବେଳେ ଏହିଠାରେ ସ୍ନାନ କରିବା ସହିତ ତୃଷ୍ଣା ମେଣ୍ଟାଇଥିଲେ। ତେଣୁ ଏହାର ନାମକରଣ ଭୀମକୁଣ୍ଡ ରଖାଯାଇଛି। ଯାହା ଲୋକଶ୍ରୁତିରୁ ଜଣାଯାଏ। ତେବେ ଏହାକୁ ୨୦୦୬ରେ ଓଡ଼ିଶା ମାନଚିତ୍ରରେ ପର୍ଯ୍ୟଟନ କ୍ଷେତ୍ର ହିସାବରେ ସ୍ଥାନ ମିଳିଛି। ସେହିଦିନଠାରୁ ପିକ୍‌ନିକ୍ ଋତୁରେ ଚଳଚଞ୍ଚଳ ହୋଇଉଠେ ଭୀମକୁଣ୍ଡ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଜନମାନସକୁ ବିମୋହିତ କରିଥାଏ। ପୁଣ୍ୟତୋୟା ବୈତରଣୀର ଉଚ୍ଛୁଳା ଜଳରାଶି ପଥର ଉପରୁ ପଥରକୁ ଡେଇଁ ଏକ ଜଳପ୍ରପାତ ସୃଷ୍ଟି କରିବାର ଦୃଶ୍ୟ ପରିବେଶକୁ ରମଣୀୟ କରୁଥିବାବେଳେ ଧଳା, କଳା ଓ ନେଳି ପଥର ଗହ୍ୱର ଦେଇ ଏକ ବିରାଟ କୁଣ୍ଡକୁ ନୀଳ ଜଳରାଶି ବୋହି ଆସୁଥିବାର ଦୃଶ୍ୟ ଅତି ସୁନ୍ଦର। ଏହାକୁ ଦେଖିଲେ ଯେ କେହି ବି କିଛି କ୍ଷଣ ପାଇଁ ସବୁକିଛି ଭୁଲି ଯାଇଥାଏ। ହେଲେ ପ୍ରକୃତିର ସୌନ୍ଦର୍ଯ୍ୟଭରା ଏଇ ଭୀମକୁଣ୍ଡ ପର୍ଯ୍ୟଟନ ମାନ୍ୟତା ପାଇଥିଲେ ମଧ୍ୟ ବହୁ ସମସ୍ୟା ଦେଖାଦେଇଛି। ଦୀର୍ଘ ଦିନ ଧରି ଉନ୍ନତୀକରଣ କାମ ମନ୍ଥରଗତିରେ ଚାଲିଛି। ତେବେ ଭୀମକୁଣ୍ଡର ସୁରକ୍ଷା ବାଡ଼ ଡେଇଁ ସେଲ୍‌ଫି ପାଇଁ ପର୍ଯ୍ୟଟକ ଚାଲିଯାଉଥିଲା ବେଳେ ଅଘଟଣ ଘଟିପାରେ। ତେଣୁ ସେଠାରେ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏହା ସହିତ କୁଣ୍ଡ ପାଖରେ ନିର୍ମାଣ ହୋଇଥିବା ଭୀମ ମୂର୍ତ୍ତିର ରଙ୍ଗ ଛାଡ଼ିବା



ସହ ବର୍ଷାଜଳରେ ଶିଉଳି ଲାଗିଯାଇଛି। କୁଣ୍ଡରେ କୌଣସି ସୁରକ୍ଷା ବାଡ଼ ଦେଲେ ବହୁ ମୂଲ୍ୟବାନ ଜୀବନର ସୁରକ୍ଷା ହୋଇପାରିବା ସହିତ ପର୍ଯ୍ୟଟକମାନେ ଏହାର ଭରପୂର ମଜା ନେଇପାରନ୍ତେ।

ଏହା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନସ୍ଥଳୀ ହୋଇଥିବାବେଳେ ବଣଭୋଜି ପାଇଁ ଏଠାକୁ ବର୍ଷ ସାରା ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଏଠାରେ ପର୍ଯ୍ୟଟନ ଋତୁରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଲାଣି। ଏହାର ମନରୋମ ଦୃଶ୍ୟ ଉପଭୋଗ କରିବା ପାଇଁ ୱାଚ୍ ଟାୱାର, ସୁରକ୍ଷାବାଡ଼, ପକ୍କା ରାସ୍ତା, ଶୌଚାଳୟ, ରହିବା ପାଇଁ କଟେଜ୍, ବଙ୍ଗଳା ଆଦି ମନ୍ଥର ଗତିରେ କାମ ଚାଲିଥିଲାବେଳେ ଜୁଲାଇ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ପାଇଁ ସମୟ ସୀମା ଥିଲା। ଛୁଟି ଦିନଗୁଡ଼ିକରେ ବାହାର ଜିଲ୍ଲା ସହିତ ରାଜ୍ୟ ବାହାରୁ ମଧ୍ୟ ପର୍ଯ୍ୟଟକ ଆସୁଛନ୍ତି। ପାନୀୟ ଜଳ, ଶୌଚାଳୟ ଓ ସନ୍ଧ୍ୟା ପରେ ଷ୍ଟ୍ରିଟ୍ ଲାଇଟ୍ ଆଦି ସମସ୍ୟା ଦେଖାଦେଇଛି। ଏହାକୁ ନେଇ ପର୍ଯ୍ୟଟକଙ୍କ ମନରେ ଅଶାନ୍ତି ଭରି ରହୁଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ସୁରକ୍ଷା ଓ ସ୍ୱଚ୍ଛତା, ସୁରକ୍ଷା ବ୍ୟବସ୍ଥା ଓଟିଡିସିର ଭୀମକୁଣ୍ଡ ଦାୟିତ୍ୱରେ ଥିବା କର୍ମଚାରୀ ଆର୍ ପୀୟୂଷ ପ୍ରକାଶ କରିଥିଲେ। ତେବେ ଶୌଚାଳୟ କିମ୍ବା ରହିବା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ମଧ୍ୟ ହୋଇଥା'ନ୍ତି। ତେବେ ସେଠାରେ ଏ ବିଷୟରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଧାଂଶୁ ଶେଖର ନାଏକଙ୍କୁ ପଚାରିବାରୁ ବିଜୁଳି ଆଲୋକ କାମ ଆମର ନୁହେଁ, ଶୌଚାଳୟ ଓ ଅନ୍ୟାନ୍ୟ କାମ ବର୍ଷା ପାଇଁ ବିଳମ୍ବ ହୋଇଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଥିଲା ବେଳେ ଜିଲ୍ଲା ପ୍ରଶାସନ ବା ପର୍ଯ୍ୟଟନ ବିଭାଗର ଏ ଦିଗରେ କେବେ ଦୃଷ୍ଟି ପଡୁଛି ଦେଖିବାକୁ ବାକି ରହିଲା। ଏଠାକୁ ଆସିବା ପାଇଁ ବସ୍ କିମ୍ବା ଚାରିଚକିଆ ଯାନରେ ଭୁବନେଶ୍ୱରରୁ ଠାକୁରମୁଣ୍ଡା ଦେଇ ୨୦୩ କି.ମି.। ବାଲେଶ୍ୱରରୁ ଠାକୁରମୁଣ୍ଡା ଦେଇ ଭୀମକୁଣ୍ଡକୁ ୧୨୦ କି.ମି.। ଜିଲ୍ଲା ସଦର ମହକୁମା ବାରିପଦାରୁ ୧୩୦ କି.ମି.। ରାଇରଙ୍ଗପୁରରୁ ଭୀମକୁଣ୍ଡ ୧୦୩ କି.ମି. ଦୂରତା।

## ● ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ମିଳୁନି ଜନ୍ମମୃତ୍ୟୁ ପ୍ରମାଣପତ୍ର



ରାଇରଙ୍ଗପୁର, ୧୨।୧୨(ସମିସ): ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟବସ୍ଥା। ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ସଠିକ ସମୟରେ ପ୍ରଦାନ କରାଯାଉ ନାହିଁ। ବାଦାମପାହାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଅହେତୁକ ବିଳମ୍ବ ହେଉଛି। ଲୋକେ ମାସ ମାସ ଧରି ଅପେକ୍ଷାରତ ଥିବାବେଳେ ପ୍ରମାଣ ପତ୍ର ନ ପାଇବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରମାଣ ପତ୍ର ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ି ଲୋକେ ନୟାନ୍ତ ହେଉଛନ୍ତି। ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହିପରି ସମସ୍ୟା ଉପୁଜିଥିବାର ଲୋକେ ଅଭିଯୋଗ କରିଛନ୍ତି। ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ଠିକ ସମୟରେ ନ ପାଇ ଲୋକେ ଅନେକ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାର ସମାଧାନ କରିବା ପାଇଁ ଆଦିବାସୀ ଛାତ୍ର ସଂଗଠନ 'ମାସା' ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଏହାପରେ ବି କୌଣସି ସୁଫଳ ମିଳିଲା ନାହିଁ। ଜନ୍ମ ମୃତ୍ୟୁ ପ୍ରମାଣପତ୍ର ଦାୟିତ୍ୱରେ ଥିବା ଅଧିକାରୀ ଲୋକଙ୍କ ସମସ୍ୟାକୁ ଖାତିର କରୁନାହାନ୍ତି। ମନଇଚ୍ଛା କାର୍ଯ୍ୟାଳୟ ବନ୍ଦ କରୁଛନ୍ତି। ଏହାର ତୁରନ୍ତ ସମାଧାନ ପାଇଁ ମାସା ପକ୍ଷରୁ ଦାବି ହୋଇଛି।

# ଜୁଆ ଆଡ୍ଡାରୁ ୫, ୪୨୦ ଟଙ୍କା ଜବତ

ମହୁଲଡିହା, ୧୨।୧୨(ସମିସ): ମହୁଲଡିହା ଥାନା ଅଧୀନ ଚମ୍ପାଝର ପଞ୍ଚାୟତ ଭେଜିଡିହା ସାପ୍ତାହିକ ହାଟରେ ଚାଲିଥିବା ଜୁଆ ଆଡ୍ଡାରୁ ଚଢ଼ଉ କରି ୫, ୪୨୦ ଟଙ୍କା ଜବତ କରିଛି ମହୁଲଡିହା ଥାନା ପୁଲିସ। ଘଟଣାରୁ ପ୍ରକାଶ ଯେ ମହୁଲଡିହା ଥାନାଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ଥାନା ଏଏସ୍ଆଇ ବିଜୟକୃଷ୍ଣ ସାନ୍ତରାଙ୍କ ସହ ପୁଲିସ କର୍ମଚାରୀ ସନ୍ଧ୍ୟାରେ ସାପ୍ତାହିକ ହାଟରେ ଚଢ଼ଉ କରିଥିଲେ। ଏହି ଜୁଆରେ ସମ୍ପୃକ୍ତ ଥିବା ୫ ଜଣ ରାମଚନ୍ଦ୍ର ମହାନ୍ତ, ପର୍ଦ୍ଧାନ ପିଙ୍ଗୁଆ ସାତ୍ରୀ ଖୁଣ୍ଟିଆ, ତ୍ରିବାନ ହୋ ଓ ମହେଶ୍ୱର ସିଂକୁ ଟଙ୍କା ସହିତ ଥାନାକୁ ଆଣି ଏକ ମାମଲା ରୁଜୁକରି ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି।

# ୧୪ରୁ ଆଠଦିନିଆ ଧୁମୁସା ମହୋତ୍ସବ

ଉଦଳା, ୧୨।୧୨(ସମିସ): କପ୍ତିପଦା ଉପଖଣ୍ଡର ଗର୍ବ ଗୌରବ ଧୁମୁସା ମହୋତ୍ସବ ଆସନ୍ତା ୧୪ରୁ ୨୧ ତାରିଖ ପର୍ଯ୍ୟନ୍ତ ୮ ଦିନବ୍ୟାପୀ ପାଳିତ ହେବା ନେଇ ଉପଖଣ୍ଡ ପ୍ରଶାସନ ସହ ଉପଖଣ୍ଡର ସମସ୍ତ ବ୍ଲକ, ଉଦଳା ଏନ୍ଏସି, ଆଇଟିଡିଏ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଉଦଳା ହାଇସ୍କୁଲ ପଡ଼ିଆ ନିକଟସ୍ଥ ଆଦିବାସୀ ସମ୍ବଳ ବିକାଶ କେନ୍ଦ୍ର ସଂଲଗ୍ନ ଧୁମୁସା ମଞ୍ଚ ଓ ମହୋତ୍ସବ ପଡ଼ିଆରେ ପ୍ରଦର୍ଶନୀ ମଣ୍ଡପ, ମୀନାବଜାର, ମେଳା ଆୟୋଜନ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ରୂପ ନେବାକୁ ଯାଉଛି। ମହୋତ୍ସବର ଶୁଭ ଉଦ୍‌ଘାଟନ ଉପଲକ୍ଷେ ଉଦଳା ଗୌଡ଼ୀୟ ମଠଠାରୁ ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ବିଭିନ୍ନ ପାରମ୍ପରିକ ବାଦ୍ୟ ଝଙ୍କାର ସହ ଆକର୍ଷଣୀୟ କାର୍ଣ୍ଣିଭାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ ମହୋତ୍ସବ କମିଟି ତରଫରୁ ଅସୀମା ପଣ୍ଡାଙ୍କ ମେଲୋଡ଼ି ଓ ବିଭିନ୍ନ ମହାବିଦ୍ୟାଳୟ ଦ୍ୱାରା ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨ୟ ସନ୍ଧ୍ୟାରେ ଉଦଳା ଏନ୍ଏସି ଆନୁକୂଲ୍ୟରେ ଚଳଚ୍ଚିତ୍ର ତାରକା ଅସିତ୍ ପତିଙ୍କ ସହିତ କୋଲକାତାର ତରଙ୍ଗିଣୀ ସାଂସ୍କୃତିକ ଦଳର କାର୍ଯ୍ୟକ୍ରମ ଓ ମିସ୍ ଉଦଳା ଫେସନ୍ ଶୋ' ଅନୁଷ୍ଠିତ ହେବ। ୩ୟ ସନ୍ଧ୍ୟାରେ ଖୁଣ୍ଟା ପଞ୍ଚାୟତ ସମିତି ଆୟୋଜନରେ ଅଭିନେତା ସ୍ୱରାଜ ବାରିକ ଓ ମନିଷାଙ୍କ କାର୍ଯ୍ୟକ୍ରମ ସାଙ୍ଗକୁ ପ୍ରଥମ ଥର ପାଇଁ କଣ୍ଠଶିଳ୍ପୀ ପୋରାୟନି ସୋରେନ ଓ ଗୋପୀଙ୍କ ଦ୍ୱାରା ସାନ୍ତାଳୀ ସଙ୍ଗୀତ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ୬ଷ୍ଠ ସନ୍ଧ୍ୟାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ଦମ୍‌ଦାର କମେଡ଼ି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ୭ମ ସନ୍ଧ୍ୟାର ଆୟୋଜକ ଭାବେ କପ୍ତିପଦା ବ୍ଲକ ଦ୍ୱାରା ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆଙ୍କ ମେଲୋଡ଼ି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ କମିଟି ତରଫରୁ ବିଷ୍ଣୁମୋହନ କବିଙ୍କ ମେଲୋଡି ସହିତ ଚଳଚ୍ଚିତ୍ର ତାରକା ଏଲିନାଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂର୍ବ ବର୍ଷମାନଙ୍କ ପରି ସ୍ମରଣିକା ଧୁମୁସାର ଉନ୍ମୋଚନ ଓ ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।

# ସମିତିସ୍ତରୀୟ ଧାନକିଣା ଓ ବାର୍ଷିକ ସାଧାରଣ ସଭା

ମହୁଲଡ଼ିହା, ୧୨।୧୨(ସମିସ): ମହୁଲଡ଼ିହା ବୃହଦାକାର ବହୁମୁଖୀ ଆଦିବାସୀ କୃଷିଋଣ ସମବାୟ ସମିତି ଲି.ପକ୍ଷରୁ ସମିତିସ୍ତରୀୟ ଚାଷୀ ସଚେତନତା ଶିବିର ଓ ବାର୍ଷିକ ସାଧାରଣ ସଭାଭୈରବ କୁଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ୍ସ ସଭାପତି ଦିଲ୍ଲୀପ କୁମାର ନାୟକଙ୍କ ନେତୃତ୍ୱରେ କରଞ୍ଜିଆ ମଣ୍ଡଳର ସହକାରୀ ନିବନ୍ଧକ ବସନ୍ତ କୁମାର ନାୟକ ଯୋଗ ଦେଇଥିଲେ। ଏହି ବୈଠକରେ କୃଷି ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଯୋଗାଣ ଅଧିକାରୀ ଦିଲୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରହ୍ଲାଦ ମଢ଼େଇ, ସାତକୋଶିଆ ସରପଞ୍ଚ ଚାନ୍ଦମଣି ଜାରିକା, ଧାଡିକିଡିହା ସରପଞ୍ଚ କରୁଣାକର ନାୟକ ପ୍ରମୁଖ ଆଲୋଚନା କରିଥିଲେ। ଖରିଫ ବିପଣନ ଋତୁ ୨୦୨୪/୨୫ ବର୍ଷରେ ସମସ୍ତ ଚାଷୀ ଧାନ ମଣ୍ଡିରେ କିପରି ଧାନ ବିକ୍ରି କରିବେ ଏବଂ କେଉଁକେଉଁ ମାନଦଣ୍ଡ ପାଳନ କରିବାକୁ ହେବ ଉପସ୍ଥିତ ଅଧିକାରୀଙ୍କ ଠାରୁ ଅବଗତ ହୋଇଥିଲେ। ଲ୍ୟାମ୍ପ୍ସ ମାଧ୍ୟମରେ ୫୩ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ସରକାରୀ ଜମିରେ ପେଟ୍ରୋଲ ପମ୍ପ ଓ ଗ୍ୟାସ ଡିଲରସିପ ନିମନ୍ତେ ଆଲୋଚନା କରାଯାଇଥିଲା। ଏହି ଶିବିରରେ ମହୁଲଡିହା, ସାତକୋଶିଆ, ଧାଡିକିଡିହା, ସାଳତୁଆ, ଜରକ ଓ ଚମ୍ପାଝର ପଞ୍ଚାୟତର ଚାଷୀ, ଲ୍ୟାମ୍ପ୍ସର ସମସ୍ତ ପରିଚାଳନା ସମିତିର ସଦସ୍ୟ ଓ ଲ୍ୟାମ୍ପ୍ସ କର୍ମଚାରୀ ଉପସ୍ଥିତ ଥିଲେ। କରଞ୍ଜିଆ ଉପସହକାରୀ ନିବନ୍ଧକ ତୁଷାର କାନ୍ତି ମହାନ୍ତ ପରିଚାଳନା କରିଥିବାବେଳେ ଲ୍ୟାମ୍ପ୍ସର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଉଦଳା, ୧୨।୧୨(ସମିସ): ଉଦଳା ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ନାମ ପଞ୍ଜୀକରଣ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଉତ୍ସାହ ଦେଖିବାକୁ ମିଳିଥିଲା। ଉକ୍ତ କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୁଜା ମାଧୁରୀ ଦାସ, ସମ୍ମାନିତ ଅତିଥି ଭାବରେ ଉଦଳା ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀତିଶ କୁମାର ଘୋଷ, ଏସ୍ଏମ୍ସି ସଭାପତି ରବୀନ୍ଦ୍ର କୁମାର ପରିଡ଼ା, ଏସ୍ଏମ୍ସି ସଭ୍ୟ ସୀତାକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ଦମୟନ୍ତୀ ମୁର୍ମୁ ପ୍ରତିଯୋଗିତାଗୁଡ଼ିକୁ ସୁଚାରୁରୂପେ ପରିଚାଳନା କରିଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରୁ ସୁବ୍ରତ କୁମାର ପ୍ରଧାନ, ବାବୁରାମ ଜେନା, ଶାଶ୍ୱତୀ ଜେନା, ନିବେଦିତା ସିଂ, ଫୁଲମଣି ମାଝୀ, କାହ୍ନୁ ମାଝୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




ବେତନଟୀ, ୧୨।୧୨(ସମିସ): ବେତନଟୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଗତ ବୁଧବାର ୭୩ତମ ଶ୍ରୀଅରବିନ୍ଦଙ୍କ ସମାଧି ପ୍ରତିଷ୍ଠା ଦିବସରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ୬ଟାରେ ମନ୍ଦିର ପ୍ରାଙ୍ଗଣ ସମାଧିଠାରେ ସମବେତ ଧ୍ୟାନ ଅଖଣ୍ଡ ନାମଜପ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଶିକ୍ଷାକେନ୍ଦ୍ରର ସଭାପତି ଗୌତମ ଚନ୍ଦ୍ର ବେହେରା ଭାରତର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ପ୍ରଥମ ଅଧିବେଶନ ୧୧ଟାରେ ଆରମ୍ଭ ହୋଇଥିବାବେଳେ ମୁଖ୍ୟବକ୍ତା ଭାବେ ସଂଯୁକ୍ତା ପ୍ରଧାନ ଯୋଗଦେଇ ଶ୍ରୀମା ଶ୍ରୀଅରବିନ୍ଦଙ୍କ ତତ୍ତ୍ୱ ସମ୍ବନ୍ଧୀୟ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ଗଣେଶ ପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ମହାଳିକ, ସମ୍ପାଦକ ସୁଧାଂଶୁ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ମହେଶ୍ୱର ପଣ୍ଡା, ରାଧାନାଥ ପାତ୍ର ଓ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜି ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପିଲାମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

## ରାଇରଙ୍ଗପୁରରେ ଚୋର ଗ୍ୟାଙ୍ଗ ସକ୍ରିୟ

# ପୁଣି ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି

ରାଇରଙ୍ଗପୁର, ୧୨।୧୨(ସମିସ): ରାଇରଙ୍ଗପୁର ସହରରେ ଚୋର ଗ୍ୟାଙ୍ଗ ସକ୍ରିୟ ହୋଇଥିବାବେଳେ କିଛି ଦିନର ବ୍ୟବଧାନରେ ପୁଣି ବଡ଼ ଧରଣର ଚୋରି ହୋଇଛି। ଚୋର ଗ୍ୟାଙ୍ଗ ପୁଲିସକୁ ଚ୍ୟାଲେଞ୍ଜ ଦେଉଥିବା ବେଳେ ଚୋରଙ୍କୁ ଧରିବାରେ ପୁଲିସ ବିଫଳ ରହିଛି। ରାଇରଙ୍ଗପୁର ଗୋଲେଇ ନିକଟସ୍ଥ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି କରିଛନ୍ତି। ଶୀତୁଆ ରାତିରେ ଜନଶୂନ୍ୟ ଥିବାର ସୁଯୋଗ ନେଇ ବିଳମ୍ବିତ ରାତିରେ ଛାତ ସ୍କାଇଲାଇଟ ଦେଇ ଦୋକାନକୁ ପଶି ମୋବାଇଲ ଚୋରି କରିଛନ୍ତି। ଶୁକ୍ରବାର ସକାଳୁ ମାଲିକ ତାପସ କୁମାର ସାମଲ ଦୋକାନ ଖୋଲିବା ବେଳକୁ ଚୋରି ବାବଦରେ ଜାଣିଥିଲେ। ଘଟଣା ବାବଦରେ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତେବେ ୩ଲକ୍ଷ ଟଙ୍କା ମୂଲ୍ୟର ମୋବାଇଲ ଓ ସରଞ୍ଜାମ ଚୋରି ହୋଇଥିବାର ଅଭିଯୋଗରେ ଦର୍ଶାଇଛନ୍ତି। ଖବରପାଇ ରାଇରଙ୍ଗପୁର ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। କିଛିଦିନ




ପୂର୍ବରୁ ରାଇରଙ୍ଗପୁର ବଜାରର ପାରାଡାଇଜ ମୋବାଇଲରୁ ଅନୁରୂପ ଶୈଳୀରେ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିଲା। ତେଣୁ ଦୁଇଟି ଚୋରି ଗୋଟିଏ ଗ୍ୟାଙ୍ଗର ବୋଲି ସନ୍ଦେହ ହେଉଛି। ଏହାସହିତ ସହରରେ ବିଭିନ୍ନ ସମୟରେ ବାଇକ ଚୋରି ଆଦି ଘଟଣା ଘଟୁଛି। ପୁଲିସ ପକ୍ଷରୁ ଢିଲା ପାଟ୍ରୋଲିଂ ବ୍ୟବସ୍ଥା ଯୋଗୁଁ ଏହିପରି ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକମାନେ ମତପ୍ରକାଶ କରିଛନ୍ତି।

# କପ୍ତିପଦା ବ୍ଲକ ସମ୍ମୁଖରେ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ

କପ୍ତିପଦା, ୧୨।୧୨(ସମିସ): କପ୍ତିପଦା ବ୍ଲକ ସମ୍ମୁଖରେ ଏସ୍‌ୟୁସିଆଇ ପକ୍ଷରୁ ଏକ ଧାରଣା ଦେବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିଗୁଡ଼ିକ




ମଧ୍ୟରୁ ପ୍ରମୁଖ ଦାବି ହେଲା ଚାଷଜମିକୁ ଦଖଲକାରୀଙ୍କ ନାମରେ କରାଯାଉ, ଭରଡ଼ା ଛକଠାରୁ କଳମଗଡ଼ିଆ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ କରିବା ସହ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଉ, ବିଭିନ୍ନ ସ୍ଥାନରେ ଉଚ୍ଛେଦ ବନ୍ଦ କରାଯାଉ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବର୍ଷସାରା କାମ ଯୋଗାଇ ଦିଆଯାଉ, ବେକାରୀ ଭତ୍ତା ପ୍ରଦାନ କରିବା ସହିତ ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ କରାଯିବା ଭଳି ଦାବି ରହିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃତ୍ୱ ନେଇଥିଲେ ପାର୍ଟିର କପ୍ତିପଦା ଆଞ୍ଚଳିକ କମିଟି ସମ୍ପାଦକ ଶ୍ୟାମ ବାନରା। ଉପସ୍ଥିତ ଥିଲେ କମିଟିର ସଦସ୍ୟ ସୋମା ସୁମ୍ବ୍ରୁଇ, ଶୁକ୍ରୁଦିଆ ହାଇବ୍ରୁରୁ, ଯୁବରାଜ ସମାଡ, ସିଂରାୟ ଦେଓଗାମ୍, ବାଙ୍ଗରା ଉଗ୍ରସାନଡି, ସଦସ୍ୟା ଶାନ୍ତି ଚାକିଏ ପ୍ରମୁଖ।

# ଆଜି ମୋରଡ଼ା ସେକ୍ସନର ବିଦ୍ୟୁତ୍ ଲୋକ ଅଦାଲତ

ମୋରଡ଼ା, ୧୨।୧୨(ସମିସ): ମୋରଡ଼ାସ୍ଥିତ ବିଦ୍ୟୁତ୍ ସବ୍‌ଡିଭିଜନ(ଏସ୍‌ଡିଓ) କାର୍ଯ୍ୟାଳୟରେ ଶନିବାର ବିଦ୍ୟୁତ୍ ଲୋକ ଅଦାଲତ ଅନୁଷ୍ଠିତ ହେବାର ସୂଚନା ଦେଇଛି ମୋରଡ଼ା ବିଦ୍ୟୁତ୍ ସେକ୍ସନ। ଉକ୍ତ ଲୋକ ଅଦାଲତ ଶନିବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ମୋରଡ଼ା ଏସ୍‌ଡିଓ ନାରାୟଣ ବେହେରା, କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବାଲେଶ୍ୱର ଡିଭିଜନର ସ୍ୱତନ୍ତ୍ର ଅଧିକାରୀ ରଣଜିତ୍ କୁମାର ସାହୁ, ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିବେ। ବିଦ୍ୟୁତ୍ ଚୋରି ବାବଦକୁ ଯେଉଁ ଗ୍ରାହକଙ୍କୁ ଜରିମାନା କରାଯାଇଥିବ କେବଳ ଉକ୍ତ ଗ୍ରାହକମାନଙ୍କର ଏକକାଳୀନ ସମାଧାନ ଉକ୍ତ ଲୋକ ଅଦାଲତରେ କରାଯିବ ବୋଲି ସୂଚନା ମିଳିଛି। ତେଣୁ ଉକ୍ତ ଗ୍ରାହକମାନେ ଉପସ୍ଥିତ ରହି ଅଧିକ ରିଆତିର ସୁଯୋଗ ନେଇ ଜରିମାନାର ସମାଧାନ କରିପାରିବେ ବୋଲି ଏସ୍‌ଡିଓ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍ଏଡ୍ ବିଭାଗ ଦ୍ୱାରା ଆଲୋଚନାଚକ୍ର



ବାରିପଦା, ୧୨।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍ଏଡ୍ ବିଭାଗ ଦ୍ୱାରା 'ଏକବିଂଶ ଶତାବ୍ଦୀରେ ଶ୍ରେଣୀଗୃହ ବିବିଧତା ଅନୁଯାୟୀ ପୁନଃ ଓ ବର୍ଦ୍ଧିତ ଶୈକ୍ଷିକ ଦକ୍ଷତା' ବିଷୟ ଆଧାରିତ ପିଏମ୍ ଉଷା ପ୍ରାୟୋଜିତ ଏକ ତ୍ରିଦିବସୀୟ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଶ୍ୱବିଦ୍ୟାଳୟର ପିଏମ୍ ଉଷା ସଂଯୋଜକ ପ୍ରଫେସର ଇନ୍ଦ୍ରଜିତ ନାୟକ ଶିକ୍ଷା ଓ ଶିକ୍ଷକର ମାନ ବର୍ଦ୍ଧନରେ ଦକ୍ଷତାର ଆବଶ୍ୟକତା ଉପରେ ନିଜର ମତପୋଷଣ କରିଥିଲେ। ଅନୁଷ୍ଠିତ ଏହି ଜାତୀୟ ଆଲୋଚନାଚକ୍ରରେ ବିଶିଷ୍ଟ ଶିକ୍ଷାବିତ୍ ତଥା କୋଲକାତା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପ୍ରଫେସର ସନ୍ତୋଷୀ ହାଲ୍‌ଦାର୍ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରୂପେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ବିମଳ କିଶୋର ଯୋଗଦେଇ ସାମ୍ପ୍ରତିକ ସମୟରେ ଶିକ୍ଷା ଓ ଶୈକ୍ଷିକ ଦକ୍ଷତା ଓ ତା'ର ଉପଯୋଗିତା ସମ୍ପର୍କରେ ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ଉକ୍ତ ତ୍ରିଦିବସୀୟ କାର୍ଯ୍ୟକ୍ରମରେ ବିଷୟ ବିଶାରଦ ଭାବେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତଷ୍ଠାନର ପ୍ରଫେସର ହୃଷୀକେଶ ସେନାପତି, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡ. ପ୍ରତିମା ପ୍ରଧାନ, ଡ. ଧନେଶ୍ୱର ବେହେରା, ଡ. ସଦାନନ୍ଦ ମେହେର, କୋଲକାତାସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟର ଡ. ଲଳିତ ଲାଲିତାଭ ମହାକୁଡ଼, ଡ. ବିଦ୍ୟୁତ୍ ପ୍ରଭା ଦାସ ଯୋଗଦେଇ ବିଷୟଭିତ୍ତିକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗୀୟ ଶତାଧିକ ଛାତ୍ରଛାତ୍ରୀ ସହିତ ଅନେକ ଗବେଷକ ଓ ଗବେଷିକା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ ସନ୍ଦର୍ଭପାଠ କରିଥିଲେ। ସମ୍ପୂର୍ଣ୍ଣ ଆୟୋଜନକୁ ବିଭାଗୀୟ ସଂଯୋଜକ ତଥା କାର୍ଯ୍ୟକ୍ରମ ଆବାହକ ପ୍ରଫେସର ରାଜେଶ କୁମାର ସିଂ, ବିଭାଗୀୟ ମୁଖ୍ୟ ତଥା ସହ ଆବାହକ ଡ. ଚକ୍ରଧର ନାୟକ, କାର୍ଯ୍ୟକ୍ରମର ସାଂଗଠନିକ ସମ୍ପାଦିକା ଲକ୍ଷ୍ମୀପ୍ରିୟା ମହାନ୍ତି, ସହସଂଗଠିକା ନିଶିବିଜିତା ନାୟକ, ରୋଜିନା ବେହେରା, ବିଭାଗୀୟ ଅଧ୍ୟାପକଗଣ ଯଥା- ମୌସୁମୀ ଦତ୍ତ, ପ୍ରକାଶ ଚନ୍ଦ୍ର ଆଦି, ସୌମ୍ୟା ପ୍ରିୟଦର୍ଶିନୀ ମହାନ୍ତି, ପ୍ରଣବକାନ୍ତି ଦତ୍ତ, ସ୍ନେହାଶିଷ ମହାନ୍ତି ପ୍ରମୁଖ ସମ୍ପାଦନା କରିଥିଲେ।

## ଶ୍ରମ ମନ୍ତ୍ରୀଙ୍କ ଜିଲ୍ଲାରେ ଥମୁନି ଦାଦନ ଦୁଃଖ

# ବେଙ୍ଗାଲୁରୁ ଯାଇ ଶବ ହୋଇ ଫେରିଲେ ଶ୍ରମିକ

ରାଇରଙ୍ଗପୁର, ୧୨।୧୨ (ସମିସ): ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ନିଜ ଜିଲ୍ଲା ମୟୂରଭଞ୍ଜରେ ଦାଦନ ଯନ୍ତ୍ରଣା ଥମିବାରେ ନାଁ ନେଉନି। ଦାଦନ ଖଟିବାକୁ ଯାଇଥିବା ବ୍ୟକ୍ତିଙ୍କ ୩/୪ ଦିନ ପୂର୍ବରୁ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଶବ ଘରକୁ ଆସିଛି। ଏହିପରି ଦୁଃଖଦ ଘଟଣା ବାମନଘାଟି ଉପଖଣ୍ଡର ଜାମଦା ବ୍ଲକ ଅଧୀନ ବଡ଼ଦୁନ୍ଦୁ ଅଞ୍ଚଳର ଗୋପୀନାଥଘୁଟୁ ଗ୍ରାମରେ। ମୃତକ ହେଲେ ଶ୍ୟାମ ମାର୍ଣ୍ଡି (୪୧)। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ କାମ ନ ପାଇ ଉକ୍ତ ଅଞ୍ଚଳର ଅନେକ ଲୋକଙ୍କ ସମେତ ଶ୍ୟାମ କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇଥିଲେ। ବେଙ୍ଗାଲୁରୁ ଏକ କମ୍ପାନୀରେ ସେ କାର୍ଯ୍ୟ କରୁଥିଲେ। ଗତ ସୋମବାର ବେଙ୍ଗାଲୁରୁ ସ୍ଥିତ ଭଡ଼ାଘରେ କୌଣସି କାରଣ ପାଇଁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପରିବାରଲୋକଙ୍କୁ ଖବର ମିଳିଥିଲା। ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଯାଇ ମୃତଦେହ ରଖାଯାଇଥିବା ବେଳେ ସେଠାକୁ ଯାଇ ମୃତଦେହ ଆଣିବାକୁ କୁହାଯାଇଥିଲା। ଗରିବ ଶ୍ରେଣୀର ପରିବାର ହୋଇଥିବା ବେଳେ ବେଙ୍ଗାଲୁରୁ




ଯାଇ ମୃତଦେହ ଆଣିବାକୁ ସେ ଅସମର୍ଥ ପ୍ରକାଶ କରିଥିଲେ। ଏନେଇ ବାମନଘାଟି ଉପଖଣ୍ଡ ଶ୍ରମିକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଶ୍ରମ ଅଧିକାରୀ ଦିଲ୍ଲୀପ କୁମାର ହାଁସଦାଙ୍କ ଜରିଆରେ ଶ୍ୟାମ ମାର୍ଣ୍ଡିଙ୍କ ପତ୍ନୀ ଓ ଭାଇ ବେଙ୍ଗାଲୁରୁକୁ ଯାଇଥିଲେ। କମ୍ପାନୀ ମାଲିକଙ୍କ ସହ ଶ୍ରମ ବିଭାଗ ଅଧିକାରୀ ଆଲୋଚନା କରିବା ପରେ ମାଲିକ ମୃତଦେହ ଘର ପଠାଇବାକୁ ବ୍ୟବସ୍ଥା କରିଥିଲେ। ଆମ୍ବୁଲାନ୍ସ ଯୋଗେ ମୃତଦେହ ବେଙ୍ଗାଲୁରୁରୁ ଘରକୁ ଅଣାଯାଇଥିଲା। ବୁଧବାର ସେଠାରୁ ବାହାରି ଥିବା ବେଳେ ଶୁକ୍ରବାର ସକାଳେ ଗ୍ରାମରେ ପହଞ୍ଚିଥିଲେ। ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଶ୍ରମ ବିଭାଗ ହସ୍ତକ୍ଷେପ କରିବାରୁ ମୃତଦେହ ଘରକୁ ଆସିଥିଲା। ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ଲୋକେ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି। ଶ୍ରମ ବିଭାଗ ପକ୍ଷରୁ ମୃତକାଳୀନ ସହାୟତା ଯୋଗାଇବାକୁ ବିଭାଗକୁ ଜଣାଯାଇଛି ବୋଲି ଶ୍ରମ ଅଧିକାରୀ ଶ୍ରୀ ହାଁସଦା କହିଛନ୍ତି।



# ବଢୁଛି ଶୀତ, ଜମୁଛି ବେପାର



ଭୁବନେଶ୍ୱର, ୧୨।୧୨(ସମିସ): ଉପକୂଳରୁ ଉପାନ୍ତ ସବୁଠି ଖସିଛି ପାରଦ। ଶୀତର ପ୍ରକୋପ ଯୋଗୁଁ ଲୋକ ଶୀତବସ୍ତ୍ର ବିନା ଘରୁ ଗୋଡ କାଢି ପାରୁନାହାନ୍ତି। ଏହାରି ଭିତରେ ରାଜଧାନୀର ବିଭିନ୍ନ ସ୍ଥାନରେ ଖୋଲିଥିବା ଶୀତବସ୍ତ୍ର ବଜାରରେ ଏବେ ଲୋକଙ୍କ ଭିଡ ବଢୁଥିବା ଦେଖିବାକୁ ମିଳୁଛି। ମାର୍କେଟଠୁ ବଡ ବଡ ମଲ ସବୁଠି ମେଲିଛି ଶୀତବସ୍ତ୍ରର ଆସର। ବିଭିନ୍ନ ପ୍ରକାରର ଟ୍ରେଣ୍ଡି ସ୍ୱେଟର, ଜ୍ୟାକେଟ ସାଙ୍ଗକୁ କମ୍ବଳର ଭେରାଇଟି ବଜାରରେ ଖୋଜା ପଡୁଛି।

ଶୀତକୁ ନଜରରେ ରଖି ରାଜଧାନୀର ବିଭିନ୍ନ ମାର୍କେଟ, ଛକ, ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବାହାର ରାଜ୍ୟରୁ ବ୍ୟବସାୟୀମାନେ ଆସର ଜମେଇଛନ୍ତି। ସେନେଇ ରାଜସ୍ଥାନୀ, ବଙ୍ଗାଳି ବେପାରୀମାନେ ବିଶେଷକରି ଖଣ୍ଡଗିରି ଛକ, ସହିଦନଗର, ଏକ ନଂ ହାଟରେ ଷ୍ଟଲ ଖୋଲିଛନ୍ତି। ବିଭିନ୍ନ ପ୍ରକାରର ଟ୍ରେଣ୍ଡି ସ୍ୱେଟର, ଜାକେଟ୍, ସାଲ କମ୍ବଳ, ଟୋପି, ମଫଲର୍ ଆଦି ସାଙ୍ଗରେ ନେଇ ଆସିଛନ୍ତି। ଯେଉଁଥିରେ କଶ୍ମିରୀ ସାଲ, ରାଜସ୍ଥାନୀ ସ୍ୱେଟର, ସେରିନୋ ଉଲ ଯାକେଟ୍, ସ୍ରଗ୍ ଆଦି ଭେରାଇଟି ରହିଛି। ଏସବୁର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ୩ ହଜାର ପର୍ଯ୍ୟନ୍ତ ରହିଛି। ତେବେ ଏଥର ଶୀତ ଅଧିକ ପଡୁଥିବାରୁ ଶୀତବସ୍ତ୍ର ବ୍ୟବସାୟୀଙ୍କ ଭଲ ବେପାର ହେଉଛି ବୋଲି ବ୍ୟବସାୟୀ ମତ ଦେଉଛନ୍ତି। କେବଳ ସେତିକି ନୁହଁ ବରଂ ସାଙ୍ଗରେ ଆସିଥିବା ସବୁ ଷ୍ଟକ ଗଲାବେଳକୁ ସରିଥିବ ବୋଲି ଆଶା ରଖିଛନ୍ତି।

## ରାସ୍ତାକଡ଼ରେ ଶସ୍ତା ଜ୍ୟାକେଟ୍

ଦୋକାନ ବଜାର ବ୍ୟତୀତ ବିଭିନ୍ନ ଛକରେ କିଛି ବ୍ୟବସାୟୀ ଖୋଲାରେ ଶୀତବସ୍ତ୍ର ଏବଂ କମ୍ବଳ ବିକ୍ରି କରୁଥିବା ମଧ୍ୟ ନଜରରେ ଆସୁଛି। ରସୁଲଗଡ଼, ଆଚାର୍ଯ୍ୟବିହାର, ରାମମନ୍ଦିରଛକ, ସିଆରପି, ଖଣ୍ଡଗିରି, ଆଇଗିଣିଆ ଆଦି ସ୍ଥାନରେ ଏହି ବ୍ୟବସାୟୀ ଆସର ମେଲାଇଛନ୍ତି। ଯେଉଁଠି ଜ୍ୟାକେଟର ମୂଲ୍ୟ ୩ ଶହରୁ ୪ ଶହ ଟଙ୍କାରେ ମିଳିଯାଉଥିବା ବେଳେ ପତଳା କମ୍ବଳ ୧୦୦ ଟଙ୍କାରେ ମିଳୁଛି। ବିଶେଷକରି ଏହା ସାଧାରଣ ଲୋକ କମ ମୂଲ୍ୟରେ କିଣିବାକୁ ପସନ୍ଦ କରୁଛନ୍ତି।

## ମଲ୍‌ରେ ଦାମୀ କମ୍ବଳ

ଶୀତବସ୍ତ୍ର ମେଳା ଏବଂ ଛକରେ ମିଳୁଥିବା ଜ୍ୟାକେଟ ଓ କମ୍ବଳ ତୁଳନାରେ ମଲରେ ମିଳୁଥିବା ଏହି ଶୀତବସ୍ତ୍ରଗୁଡିକର ମୂଲ୍ୟ ସାଧାରଣଠୁ ଅଧିକ ରହିଥାଏ। ବର୍ତ୍ତମାନ ଶୀତରର ଲହରୀ ସାଙ୍ଗକୁ ବଡ ବଡ ମଲରେ ମଧ୍ୟ କଷ୍ଟଲି କମ୍ବଳ ଓ ଜ୍ୟାକେଟ କିଣିବାକୁ ଆସୁଛନ୍ତି ଲୋକ। ଯେଉଁଠି ୨ ହଜାରରୁ ଆରମ୍ଭକରି ୯ରୁ ୧୦ ହଜାର ପର୍ଯ୍ୟନ୍ତ ବ୍ରାଣ୍ଡେଡ କମ୍ପାନୀର କମ୍ବଳ ବିକ୍ରି ହେଉଛି। ରେମଣ୍ଡ, ୱେକଫିଟ, ଲା ଭର୍ନି ଏବଂ ଭାସ କଲେକ୍ସନ ଇତ୍ୟାଦି ରହିଛି। ସେହିଭଳି ଲେଦର ଜ୍ୟାକେଟ ଏବଂ ସ୍ୱେଟରର ମୂଲ୍ୟ ମଧ୍ୟ ଏଠାରେ ଅଧିକ ରହିଛି।

## ଯୁବପିଢି ଖୋଜୁଛନ୍ତି ୱିଣ୍ଟର ଇଅରମଫ୍

ଶୀତ ବସ୍ତ୍ରକୁ ଏବେ ଟ୍ରେଣ୍ଡି କରିବା ପାଇଁ ବଜାରରେ ମିଳୁଛି ଭିନ୍ନ ଭିନ୍ନ ଡିଜାଇନର ସ୍ୱେଟର ଓ ମଫଲର। ସେଥିମଧ୍ୟରୁ ଅନ୍ୟତମ ହେଉଛି ୱିଣ୍ଟର ଇଅରମଫ୍। ଏହା ଦେଖିବାକୁ ଯେତିକି ଆକର୍ଷଣୀୟ, ପିନ୍ଧିବାକୁ ମଧ୍ୟ ସେତିକି ଆରାମଦାୟ। ଦେଖିବାକୁ ଏହା ହେଡ ଫୋନ ପରି ହୋଇଥିବାବେଳେ କାନରେ ଥଣ୍ଡା ପବନ ଦାଉରୁ ରକ୍ଷା କରିବାକୁ ପିନ୍ଧାଯାଏ। ହେଲେ ଏଥିରେ ଭିନ୍ନତା ହେଉଛି ଠେକୁଆ କାନ ପରି ଦିଶୁଥିବା ଇଅରମଫ ପାଖରେ ଏକ ଫିତା ସଦୃଶ ଓହଳି ଥାଏ, ଯାହାକୁ ହେତରେ ଚିପିଲେ କାନ ଦୁଇଟି ଠିଆ ହୋଇଯାଇଥାଏ। ଏହା ମାର୍କେଟରୁ ମଲ ସବୁଠି ବିକ୍ରି ହେଉଛି। ଯାହାର ମୂଲ୍ୟ ୧୫୦ରୁ ୫ ଶହ ପର୍ଯ୍ୟନ୍ତ ରହିଛି। ଯୁବପିଢିଙ୍କ ମଧ୍ୟରେ ଏହାର କ୍ରେଜ ଅଧିକ ରହିଛି।

## ବିଜେଡି ପକ୍ଷରୁ ବିଭୂତି କାନୁନଗୋଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୨।୧୨(ସମିସ): ମହାନ୍ ଶିଳ୍ପୀ ବିଭୂତି କାନୁନଗୋ ଥିଲେ ଚାରୁ ଓ କାରୁକଳାର ଆମ ରାଜ୍ୟ ପାଇଁ ଆଦ୍ୟ ସ୍ଥପତି। ତାଙ୍କର ଅଦ୍ୟମ ଓ ଆନ୍ତରିକ ପ୍ରଚେଷ୍ଟା ଫଳରେ ଓଡ଼ିଶାରେ ଚାରୁ ଓ କାରୁ କଳାର ଏକ ଅଭୁତପୂର୍ବ ଭିତ୍ତିଭୂମି ସୃଷ୍ଟି ହୋଇପାରିଥିଲା ବୋଲି ଶୁକ୍ରବାର ଜୟନ୍ତୀ ସଭାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟଠାରେ ଅବସ୍ଥିତ ଶିଳ୍ପୀଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳନ୍ଦୀ ପଟ୍ଟନାୟକ, ଯୋଗେନ୍ଦ୍ର ଡାକୁଆ, ହରିଶ ନନ୍ଦ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ପ୍ରଦୀପ କୁମାର ପାତ୍ର ଏବଂ ଅମିତ୍ ପାତାଳ ସିଂ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ବରପୁତ୍ରଙ୍କ ସ୍ମୃତିଚାରଣ ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୁସ୍ତକ ମହୋତ୍ସବ ବୁଲିଲେ ମନ୍ତ୍ରୀ



ଭୁବନେଶ୍ୱର, ୧୨।୧୨(ସମିସ): ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ପ୍ରତି ସନ୍ଧ୍ୟାରେ ଗହଳି ଦେଖିବାକୁ ମିଳୁଛି। ସପ୍ତମ ଦିନରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁସ୍ତକ ମହୋତ୍ସବ ପରିଦର୍ଶନରେ ଯାଇ ୧୦୦ରୁ ଅଧିକ ବହି କିଣିବା ସହ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଷ୍ଟଲ ବୁଲି ଦେଖିଛନ୍ତି। ବିଭିନ୍ନ ଷ୍ଟଲମାନଙ୍କରେ ପ୍ରକାଶକ ଓ ପାଠକ ବନ୍ଧୁମାନଙ୍କ ସହ ବାର୍ତ୍ତାଳାପ କରିବା ସହ ପୁସ୍ତକ ମହୋତ୍ସବରେ ପାଠକମାନଙ୍କ ଅନୁଭୂତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସୂରଜ ପଚାରି ବୁଝିଥିଲେ। ସେହିପରି କୋରାପୁଟ କଫି ଷ୍ଟଲରେ କଫି ପିଇବା ସହ ପାଠକମାନଙ୍କ ସହ ବିଭିନ୍ନ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ତରଫରୁ ପଡ଼ିଥିବା ଲାଇଭ ସ୍କେଚିଙ୍ଗ ଷ୍ଟଲକୁ ପରିଦର୍ଶନରେ ଯାଇ ମନ୍ତ୍ରୀ ଶ୍ରୀ ସୂରଜ ଛାତ୍ରଛାତ୍ରୀମାନଙ୍କର ଦ୍ୱାରା ପ୍ରସ୍ତୁତ ହୋଇଥିବା ଚିତ୍ରକଳାଗୁଡ଼ିକୁ ବୁଲି ଦେଖିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଚିତ୍ରକଳା ବିଭାଗର ଛାତ୍ର ମନ୍ତ୍ରୀଙ୍କ ଲାଇଭ ସ୍କେଚିଙ୍ଗ ଚିତ୍ର ଆଙ୍କି ତାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।

## ବିଜେବି କଲେଜ ପିଅନଙ୍କୁ ହତ୍ୟା

ଭୁବନେଶ୍ୱର, ୧୨।୧୨(ସମିସ): ବିଜେବି କଲେଜ ପିଅନଙ୍କୁ ହତ୍ୟା। ହତ୍ୟା କରାଯାଇଥିବା ବ୍ୟକ୍ତି ଜଣଙ୍କ ହେଲେ ଅଶୋକ କୁମାର ସେଠୀ। ତାଙ୍କ ବୟସ ୫୧। ସେ ୟୁନିଟ୍- ୯ ସ୍ଥିତ କ୍ୱାର୍ଟର ନମ୍ବର ୧ଆର୍/୨ରେ ରହୁଥିଲେ। ତାଙ୍କ ପୈତୃକ ଘର ନନ୍ଦନକାନନ ଥାନା କେନ୍ଦୁପାଟଣା ଗ୍ରାମରେ। ଗତକାଲି ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ସେ ଘରୁ ବାହାରକୁ ଆସିଥିଲେ। ହେଲେ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କଲେ ମଧ୍ୟ ପାଇ ନଥିଲେ। ତେବେ ଶୁକ୍ରବାର ତାଙ୍କୁ ସହିଦ ନଗର ଥାନା ଅନ୍ତର୍ଗତ ଆନନ୍ଦ ବଜାର ନିକଟରେ ଏକ ଟାୱାର ଲାଇନ୍‌ରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ସେ ସେଠାରୁ ଚଢିଲେ କିପରି। ମାତ୍ର ୪ଫୁଟ୍ ଉଚ୍ଚରେ କପାଡାରେ କିପରି ଫାଶି ଲଗାଇଲେ। ପରିବାର ଲୋକେ ହତ୍ୟା ଅଭିଯୋଗ କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

● ତୀରତରଙ୍ଗର ପୁସ୍ତକ ପାଠକାର୍ପଣ ଉତ୍ସବ

## ଭାଷା ହିଁ ଆମର ମୂଳଭିତ୍ତି, ଆମ ଅସ୍ତିତ୍ୱ



ଭୁବନେଶ୍ୱର, ୧୨।୧୨(ସମିସ): ପ୍ରକାଶନ ସଂସ୍ଥା 'ତୀରତରଙ୍ଗ' ପକ୍ଷରୁ ସପ୍ତମ ରାଜ୍ୟ ପୁସ୍ତକ ମହୋତ୍ସବ ପରିସରରେ ସହିଦ ବାଜି ରାଉତ ସଭାମଞ୍ଚରେ ଆୟୋଜିତ ୫ଟି ପୁସ୍ତକର ପାଠକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀ କହିଥିଲେ ଯେ ଅନ୍ୟ ରାଜ୍ୟରେ ଭାଷା ସେମାନଙ୍କର ମୂଳଭିତ୍ତି। ଆଶ୍ଚର୍ଯ୍ୟର କଥା ଓପିଏସସିରେ ଓଡ଼ିଆ ଭାଷାରେ ପରୀକ୍ଷା ଦେବା ପାଇଁ ୪ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ୪୦ ଜଣ ନିଜର ନାମ ଦେଇଛନ୍ତି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଷା ମନୋବିଜ୍ଞାନୀ ପ୍ରଫେସର ଅଜିତ ମହାନ୍ତି ଓ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି, ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର ଯୋଗ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପାଠକାର୍ପଣ ଉତ୍ସବରେ ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିଲେ ପ୍ରକାଶିକା ବନ୍ଦନା ମିଶ୍ର। ଏହି ଅବସରରେ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦଙ୍କ ଗଳ୍ପ ସଂକଳନ 'ଭ୍ରମ', ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ଉପନ୍ୟାସ 'ଭୂମି ଭୂମା' ଚିନ୍ମୟୀ ପଣ୍ଡାଙ୍କ କବିତା ସଂକଳନ 'ନିଜ ନିଜର ଆକାଶ', ଲଳିତ କୁମାର ସ୍ୱାଇଁଙ୍କ କବିତା ସଂକଳନ 'ବତୁରା କାନି' ଓ ବନ୍ଦନା ମିଶ୍ରଙ୍କ ଗଳ୍ପ ସଂକଳନ 'ହାସିନାର ହସ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହାପରେ ବୀରେନ୍ଦ୍ର ନାୟକ ଓ ରଶ୍ମିତା ବେହେରା କବିତା ପାଠ କରିଥିଲେ।

## ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା




ଭୁବନେଶ୍ୱର, ୧୨।୧୨(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କୁଳସଚିବ ଅନାମିକା ଅଧିକାରୀ ଯୋଗଦେଇ ଅପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଦୃଶ୍ୟକଳା, ପରିବେଷଣ କଳା, ବକ୍ତୃତା, ସାଧାରଣ ଜ୍ଞାନ ପ୍ରଭୃତି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମ ଶେଷରେ ପୁରସ୍କୃତ କରାଯାଇଥିବା ବେଳେ କୃତୀ ଛାତ୍ରଛାତ୍ରୀ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସଞ୍ଚାଳନ କରିଥିବା ବେଳେ ସହକାରୀ ପ୍ରଫେସର ଡ. ଶାରଦା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପକ୍ଷୀଘର ପ୍ରକାଶନୀର ପୁସ୍ତକ ଉନ୍ମୋଚନ ପର୍ବ



ଭୁବନେଶ୍ୱର, ୧୨।୧୨(ସମିସ): ପକ୍ଷୀଘର ପ୍ରକାଶନୀ ଦ୍ୱାରା ଆୟୋଜିତ ପୁସ୍ତକ ଉନ୍ମୋଚନ ପର୍ବ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ଏଥିରେ ଉଦ୍‌ଘାଟକ ଭାବେ କବି ହରପ୍ରସାଦ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, କବି ଆଶୁତୋଷ ପରିଡ଼ା, କବି ତଥା ପ୍ରାକ୍ତନ ପ୍ରଶାସକ ରଞ୍ଜନ ଦାସ, କଥାଶିଳ୍ପୀ ବିଯୋତ ପ୍ରଜ୍ଞା ତ୍ରିପାଠୀ ମଧ୍ୟ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ କବି ବବିତା ଦାଶଙ୍କ ପୁସ୍ତକ ଶୈଶବରେ ଶବ୍ଦ, ସୁଧାକର ଦାସଙ୍କ କବିତା ପୁସ୍ତକ ଟଗର ଫୁଲ ତାରା ଓ ଜହ୍ନ, କାର୍ତିକ ସ୍ୱାଇଁଙ୍କ ଅମୃତ ଲୋକ, ଜ୍ୟୋତ୍ସ୍ନା ସାମନ୍ତରାୟଙ୍କ ରାଧାୟନ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ପକ୍ଷୀଘର ପ୍ରକାଶନୀର ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୯ ହଜାର ସର୍ବନିମ୍ନ ପେନ୍‌ସନ୍ ଦାବି

## ଯନ୍ତର ମନ୍ତରରେ ଇପିଏଫ୍ ପେନସନ୍‌ଭୋଗୀଙ୍କ ଧାରଣା



ଭୁବନଶ୍ୱେର, ୧୨।୧୨(ସମିସ) : ସର୍ବନିମ୍ନ ପେନସନ ୯୦୦୦ ଟଙ୍କାକୁ ବୃଦ୍ଧି ସମେତ ୪ ଦଫା ଦାବି ନେଇ ଜାତୀୟ ଇପିଏଫ୍ ପେନସନ୍‌ଭୋଗୀ ସଂଘ ସହଯୋଗରେ ମିଳିତ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଇପିଏଫ ପେନସନ୍‌ଧାରୀମାନେ ଆଜି ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ଧାରଣା ଦେଇଛନ୍ତି। ସମାବେଶରେ ଓଡିଶା ସମେତ କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୋଆ, ହରିୟାନା, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ର , ତେଲେଙ୍ଗାନା, ତାମିଲନାଡୁ ଓ କେରଳ ଆଦି ୩୦ ରାଜ୍ୟରୁ ପ୍ରାୟ ୫ ହଜାରରୁ ଉର୍ଦ୍ଧ ପ୍ରତିନିଧି ଯୋଗଦେଇଥିଲେ। ଏହି ସମାବେଶକୁ ମହାରାଷ୍ଟ୍ର,କେରଳ ତଥା ଅନ୍ୟାନ୍ୟ ରାଜ୍ୟର ସାଂସଦମାନେ ସମ୍ବୋଧିତ କରି ପେନସନଭୋଗୀମାନଙ୍କ ଏହି ଦାବିକୁ ଦୃଢ ସମର୍ଥନ ଜଣାଇବା ସହ ସଂସଦରେ ଏହି ପ୍ରସଙ୍ଗ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଏଣ୍ଡେଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଉପସଭାପତି ତଥା ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଏଆଇସିସି ଇପିଏଫ ପେନସନର୍ସ ଆସୋସିଏସନର ସାଧାରଣ ସମ୍ପାଦକ ଅତୁଲ ଦିଘେ, ଏନସିଆର ସଂଘର ଅଧ୍ୟକ୍ଷ ଗୁରୁମୂଖ ସିଂ, ଭୀମରାଓ ଡୁଙ୍ଗରେ, କେ କନକ ରାଜ ,ଏମ୍ ଜନାର୍ଦ୍ଦନ ରେଡ୍ଡୀ, ଦାଦା ଟୋକାରାମ ଯୋଡ୍ରେ, ସିବିଟି ସଭ୍ୟ ଆର. କରୁମୁଲାୟମ, ଏଆଇଟିୟୁସି ର ଜାତୀୟ ସାଧାରଣ ସମ୍ପାଦିକା ଅମରଜିତ କାଉଲ ଓ ଅନ୍ୟ ପ୍ରମୁଖ ବରିଷ୍ଠ ନେତାମାନେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଦେଶରେ ଆନ୍ଦୋଳନକୁ ତୀବ୍ରତର କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥିରେ ସଂଘର ଓଡିଶା ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାଶ, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଉପସଭାପତି ଗୀତାଞ୍ଜଳି ପାତ୍ର , ଓଡିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ଅଧ୍ୟକ୍ଷ ତଥା ପେନସନର୍ସ ଆସୋସିଏସନର ରାଜ୍ୟ ଉପସଭାପତି ସରୋଜ କାନ୍ତ ମଲ୍ଲିକ, ଉପସଭାପତି ବିକ୍ରମ ଛୋଟରାୟ ଓ ଖୋର୍ଦ୍ଧା ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ ୩୦ ରାଜ୍ୟରୁ ଏକାଠି ହେଲେ ୫ ହଜାରରୁ ଅଧିକ ପ୍ରତିନିଧି

# ହର୍ବାଲ ମେଳାରେ ଗଛ କିଣିବାକୁ ଭିଡ଼



ଭୁବନେଶ୍ୱର, ୧୨।୧୨(ସମିସ): ଓଡ଼ିଶା ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳାରେ ଔଷଧୀୟ ସାମଗ୍ରୀ କିଣିବା ପାଇଁ ଭିଡ଼ ଜମୁଛି। ମେଳାରେ ୧୩୦ରୁ ଅଧିକ ଷ୍ଟଲ ପଡ଼ିଥିବା ବେଳେ ରାଜ୍ୟ ଓ ରାଜ୍ୟ ବାହାରୁ ଔଷଧୀୟ ବୃକ୍ଷଲତା ସହ ବିଭିନ୍ନ ଜିଲ୍ଲାର ଅଭିଜ୍ଞ ବୈଦ୍ୟ ଓ କବିରାଜ, ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ଓ ଓଡ଼ିଶାର କିଛି ଔଷଧ ପ୍ରସ୍ତୁତକାରୀ କମ୍ପାନି ଏଥିରେ ଅଂଶଗ୍ରହଣ କରିଛନ୍ତି। ମେଳାରେ ସର୍ବସାଧାରଣଙ୍କ ନିମନ୍ତେ ମାଗଣା ସ୍ୱସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହେଉଥିବାରୁ ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଆୟୁର୍ବେଦ ଚିକିତ୍ସାର ଚାହିଦା ଦିନକୁ ଦିନ ବଢୁଥିବାରୁ ଲୋକଙ୍କ ଏହି ଚିକିତ୍ସା ପ୍ରତି ଆସ୍ଥା ବଢ଼ିଛି। ଏଥିସହ ବୟସ୍କ ଲୋକଙ୍କ ପାଇଁ ଦୁରାରୋଗ୍ୟ ବ୍ୟାଧି ଯଥା ଅମ୍ଳପିତ୍ତ, ଆମବାତ, ଗଣ୍ଠିବାତ, ଶ୍ୱାସରୋଗ, ମଧୁମେହ, ସ୍ତ୍ରୀରୋଗ, ଉଚ୍ଚ ରକ୍ତଚାପ ଓ ହୃଦରୋଗ ଆଦି ପାଇଁ ଚେରମୂଳୀ ଓ ବନୌଷଧି ଦିଆଯାଉଛି। ଏହାସହିତ ବୈଦ୍ୟ କର୍ମଶାଳା, ବନସ୍ପତି କ୍ରେତା-ବିକ୍ରେତାମାନଙ୍କ କର୍ମଶାଳା, ଆୟୁର୍ବେଦ ଡାକ୍ତରମାନଙ୍କ ସମ୍ମିଳନୀ ମଧ୍ୟ କରାଯାଉଛି। ଏହାବ୍ୟତିତ ବିଭିନ୍ନ ପ୍ରକାର ଚିକିତ୍ସା ପଦ୍ଧତି ଯଥା, ଆୟୁର୍ବେଦ, ପଞ୍ଚକର୍ମ, ଯୋଗ ଓ ପ୍ରାକୃତିକ ଚିକିତ୍ସା, ହୋମିଓପାଥି, ଆକ୍ୟୁପ୍ରେସର ମାଧ୍ୟମରେ ପରାମର୍ଶ ଓ ଚିକିତ୍ସା ବ୍ୟବସ୍ଥା କରାଯାଇଛି।

ମେଳା ପରିସରରେ ଲୋକମାନେ ବିଭିନ୍ନ ଔଷଧୀୟ ବୃକ୍ଷ କିଣୁଥିବା ଦେଖିବାକୁ ମିଳିଛି। ରୁଦ୍ରାକ୍ଷ, ତ୍ରିଫଳା, ଅନନ୍ତ ମୂଳ, ପାତାଳ ଗରୁଡ଼, ଆୟପାନ, ଷ୍ଟିଭିଆ, ଅଳେଇଚ, ଜୁଆଣି, ଲେମନଗ୍ରାସ୍, ବାସଙ୍ଗ, ଗୁଡ଼ମାର, ଚିରେଇତା, ଗିଲୟ, ତେଜପତ୍ର, ରୁଦ୍ରାକ୍ଷ, ଧଳା ଚନ୍ଦନ, ଅଶ୍ୱଗନ୍ଧା, ରୋଜମେରୀ, ପାନ, ହରିଦ୍ୱାର ତୁଳସୀ, ଇନସୁଲିନ୍ ଆଦି ଗଛର ବେଶ୍ ଚାହିଦା ରହିଥିବା ଦେଖିବାକୁ ମିଳିଛି। ଏହାସହିତ ବାତ, ମଳକଣ୍ଠ, ମୁଣ୍ଡବ୍ୟଥା, ଅର୍ଦ୍ଧ କପାଳି, ଚର୍ମରୋଗ, କାନ ବିନ୍ଧା ଆଦି ପାଇଁ ବିଭିନ୍ନ ଷ୍ଟଲରେ ମିଳୁଛି ବିଭିନ୍ନ ବନୌଷଧି। ଜଙ୍ଗଲ ପାହାଡରୁ ଚେରମୂଳି ସଂଗ୍ରହ କରି ବୈଦ୍ୟମାନେ ଆଣିଛନ୍ତି। ସେହିପରି ବିଭିନ୍ନ ଇଣ୍ଡୋର ପ୍ଲାଣ୍ଟକୁ ଅନେକ କିଣୁଥିବା ଦେଖିବାକୁ ମିଳିଛି। ଘର ଭିତରେ ଅମ୍ଳଜାନ ପରିମାଣକୁ ବଢ଼ାଇବା ପାଇଁ ଏୟାର୍ ପ୍ଲାଟ ଅଧିକ ବିକ୍ରି ହେଉଥିବା ବିଭିନ୍ନ ଷ୍ଟଲରେ ଦେଖିବାକୁ ମିଳିଛି।

## 'ବୈଦ୍ୟଶାଳା'ରେ ପାରମ୍ପରିକ ଚିକିତ୍ସା ପଦ୍ଧତିର ନିଦର୍ଶନ

ଭୁବନେଶ୍ୱର, ୧୨।୧୨(ସମିସ): ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା କଳିଙ୍ଗ ହର୍ବାଲ ମେଳାରେ ଦିବ୍ୟ ଦିଗନ୍ତ ପକ୍ଷରୁ ନିର୍ମାଣ ହୋଇଥିବା ବୈଦ୍ୟଶାଳା ମାଧ୍ୟମରେ ବୈଦ୍ୟ ପରମ୍ପରାର ନିଦର୍ଶନ ଦେଖିବାକୁ ମିଳିଛି। ଏହାର ପ୍ରବେଶ ପଥରେ ରହିଛି ମର୍ମ ଚିକିତ୍ସା ପଥ। ସେହିପରି ଭିତରକୁ ଭିତରକୁ ଗଲେ ବଉଳ, ଅଶୋକ, ଅର୍ଜୁନ, ଫାସୀ, ଫଣଫଣା, ସୁନାରୀ, ପଣସ, ଆମ୍ବ, ପିଜୁଳି, କଦମ୍ବ, ପିପ୍ପଳୀ, ଇନସ୍ୟୁଲିନ୍ ଆଦି ଗଛର ଉପକାରିତରା ସମ୍ପର୍କରେ



ଉଲ୍ଲେଖ ରହିଛି। ସେହିପରି ପୁରାତନ କାଳରେ ବୈଦ୍ୟ ଚିକିତ୍ସାର ପଦ୍ଧତିକୁ ବେଶ୍ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। କେବଳ ସେତିକି ନୁହେଁ ମହର୍ଷି ଚରକଙ୍କ ଦ୍ୱାରା ପାରମ୍ପରିକ ଔଷଧ ପ୍ରସ୍ତୁତି, ମହର୍ଷି ଶୁଶ୍ରୁତଙ୍କ ଦ୍ୱାରା ପାରମ୍ପରିକ ଚିକିତ୍ସା, ଲେଖୁଥିବା ବେଳେ ମହର୍ଷି ବାଗଭଟ୍ଟ ଶିଷ୍ୟମାନଙ୍କୁ ଜଡିବୁଟି ବିଷୟରେ ଶିକ୍ଷାଦାନ କରୁଥିବାର ଦୃଶ୍ୟକୁ ଏହି ବୈଦ୍ୟଶାଳାରେ ପ୍ରଦର୍ଶିତ ହୋଇଛି ବୋଲି କୁହନ୍ତି ଦିବ୍ୟ ଦିଗନ୍ତର ପ୍ରତିଷ୍ଠାତା ପ୍ରତିଷ୍ଠାତା ସଭାପତି ଜୟପ୍ରକାଶ ମିଶ୍ର।

**ତେଜିଲା ଚାଷୀ ଅସନ୍ତୋଷ**

# ସକାଳୁ ସନ୍ଧ୍ୟା ଯାଏ ଜାତୀୟ ରାଜପଥ ବନ୍ଦ

**ସମ୍ବଲପୁର, ୧୨।୧୨ (ସମିସ)**

ସରକାର ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮ ଶହ ଟଙ୍କା ସହାୟତା ରାଶି ଦେବାକୁ ଘୋଷଣା କରି ନିର୍ବାଚନ ଜିତିବା ପରେ ଏବେ ଚାଷୀଙ୍କ ଉପରେ ଦାଉ ସାଧୁଛନ୍ତି। ଚାଷୀ ଗତ ଜୁଲାଇରେ ଖରିଫ୍ ଧାନବିକ୍ରୟ ପାଇଁ ପଞ୍ଜୀକରଣ କରିବା ସମୟରେ ନଭେମ୍ବର ୧ରୁ ୧୫ ଓ ନଭେମ୍ବର ୧୬ରୁ ୩୦ ତାରିଖ ଦୁଇଟି ସ୍ଲଟ୍‌ରେ ଧାନ ବିକିବ ବୋଲି ଉଲ୍ଲେଖ କରିଥିଲା। ସରକାର କିନ୍ତୁ ନୂଆପଡ଼ା ଉପନିର୍ବାଚନର ଦ୍ୱାହି ଦେଇ ଧାନକିଣା ବିଳମ୍ବିତ କଲେ। ପୁଣି ସମ୍ବଲପୁର ଜିଲ୍ଲାରେ ନଭେମ୍ବର ୨୮ ତାରିଖରେ ମଣ୍ଡି ଖୋଲିଥିବାବେଳେ ମିଲର୍ ଧାନ ନେବାକୁ ମନା କଲା। ଡିସେମ୍ବର ୧ ତାରିଖ ସିନ୍ଦୂରପଙ୍କ ତୁମ୍ବେସିଂହାଠାରେ ଚାଷୀମାନେ ପ୍ରାୟ ୮ ଘଣ୍ଟା ଧରି ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ କରିବାପରେ ରାତାରାତି ମିଲର୍ ପଞ୍ଜିକରଣ କରି ଧାନ ଉଠାଇଲା। ତେବେ, ମିଲ୍‌କୁ ଧାନ ଯିବାପରେ ମିଲର୍ ତାର ମନମୁଖୀ କାରବାର ଚଳାଇଲା। କ୍ୱିଣ୍ଟାଲ ପିଛା ୪ରୁ ୫ କିଲୋ କଟ୍‌ନି କରିବା ଆରମ୍ଭ କଲା। ଚାଷୀର ଧାନ ବିକ୍ରୟ ମାସେ ବିଳମ୍ବରେ ଚାଲିଥିବାରୁ ଅମଳ ସମୟର କୃଷି ଶ୍ରମିକ ଦେୟ ଏବଂ ଗଚ୍ଛିତ କରିବା ସମସ୍ୟା ଯୋଗୁଁ ମିଲର୍ ଶୋଷଣକୁ ବାଧ୍ୟ ହୋଇ ସହିଲା।

ଅନ୍ୟପକ୍ଷରେ ସରକାର ଟୋକନ ଇସ୍ୟୁ କରୁନାହାନ୍ତି। ସମ୍ବଲପୁର ଜିଲ୍ଲାରେ ୫୩ ହଜାର ଚାଷୀଙ୍କ ଟୋକନ ଆସିଥିବାବେଳେ ବଳକା ୧୨ ହଜାର ଟୋକନ ଆସିନାହିଁ। ପୁଣି ଯାହା ବି ଟୋକନ ଆସିଛି (ପୂର୍ବବର୍ଷ ମାନଙ୍କରେ ଏକକାଳୀନ ଦୁଇରୁ ତିନୋଟି ଟୋକନ ବିଭିନ୍ନ ତାରିଖ ସହ ଆସିଥାଏ), ତାହା କେବଳ ୭୫ କ୍ୱିଣ୍ଟାଲ ଧାନ ବିକ୍ରୟ ପାଇଁ। ଚାଷୀ ଏବେ ବଳକା ଧାନକୁ ଜଗିବସିଛି, କେତେବେଳେ ଆସିବ ଟୋକନ? ବାରମ୍ବାର ଜିଲ୍ଲା ପ୍ରଶାସନକୁ ଅବଗତ କରିବାପରେ ବି କୌଣସି ପଦକ୍ଷେପ ନିଆନଯିବାରୁ ଆଜି ଚାଷୀମାନେ ରେମେଡ, ସିନ୍ଦୂରପଙ୍କ ତୁମ୍ବେସିଂହା ଓ ଧମା ବାଲପୁର-ହୁମା ଛକରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କଲେ। ଚାଷୀ ମାନଙ୍କ ଟୋକନ ସମସ୍ୟା ସମାଧାନ କରିବା ବଦଳରେ ପୁଲିସ ଆଜି ସନ୍ଧ୍ୟାରେ ଚାଷୀମାନଙ୍କୁ ଉଠାଇନେଇ ଅଟକ ରଖିଲା। ଚାଷୀର କଥା ନଶୁଣି ସରକାର ଚାଷୀ ଉପରେ ଜୁଲୁମ କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଚାଷୀମାନଙ୍କ ଟୋକନ ସମସ୍ୟା ସହ କଟ୍‌ନିଛଟ୍‌ନି, ଏମଏସପି ଓ ସହାୟତା ମିଶି କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଦେବା, ରବି ଧାନ ପହ୍ଲା ପକାଇବାସହ ଜାନୁଆରୀରେ ରୋଇବା କାର୍ଯ୍ୟ ଥିବାରୁ ଶୀଘ୍ର ଖରିଫ କିଣାବିକା ଶେଷ କରିବାକୁ ଚାଷୀ ମହଲରେ ମତପ୍ରକାଶ ପାଉଛି।



ରେମେଡଠାରେ ଚାଷୀ ଆନ୍ଦୋଳନରେ ବିଜେଡି ଜିଲ୍ଲା ସଭାପତି ରୋହିତ।

## ଆନ୍ଦୋଳନକୁ ରୋହିତଙ୍କ ସମର୍ଥନ

ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଟୋକନ୍ ଅବ୍ୟବସ୍ଥା, ମଣ୍ଡି ଅଚଳାବସ୍ଥା ଏବଂ କଟ୍‌ନୀ ଛଟ୍‌ନୀ ବିରୋଧରେ ରେମେଡ ଛକ ଠାରେ ଚାଷୀମାନେ କରିଥିବା ଜାତୀୟ ରାଜପଥ ଅବରୋଧ ଏବଂ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲେ। ଇଂ. ପୂଜାରୀ କହିଥିଲେ ଯେ, ସରକାରଙ୍କ ଚାଷୀ ମାରଣା ନୀତି ଯୋଗୁଁ ଆଜି ନିଜର କଷ୍ଟ ଉପାର୍ଜିତ ଧାନ ବିକ୍ରୀ କରିବା ପାଇଁ ଚାଷୀମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଏଥିରୁ ସ୍ପଷ୍ଟ ଭାବରେ ଜଣାପଡୁଛି ଯେ ଯେ ସରକାର ଯେଉଁ ଆଠ ଶହ ଟଙ୍କା ଇନପୁଟ ସବସିଡି ଦେଉଛନ୍ତି ତାହା ବର୍ତ୍ତମାନ ପ୍ରହସନ ସାବ୍ୟସ୍ତ ହୋଇଛି, କାରଣ ଗୋଟିଏପଟେ ସରକାର ଟୋକନ୍ ବ୍ୟବସ୍ଥାକୁ ସଠିକ୍ ରୂପେ ଲାଗୁ କରୁ ନଥିବା ଯୋଗୁଁ ଚାଷୀମାନେ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରୀ କରିବା ପାଇଁ ହଟହଟା ହେଉଛନ୍ତି ଏବଂ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ବର୍ତ୍ତମାନ ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଥିବା ବେଳେ ଚାଷୀ ମାନଙ୍କୁ ଆଠ ଶହ ଟଙ୍କା ଇନପୁଟ ସବସିଡି ଏବଂ ଏମ୍‌ଏସପିରେ ୬୯ ଟଙ୍କା ବୃଦ୍ଧି ଚାଷୀଙ୍କୁ ଭଣ୍ଡାଇବା ପାଇଁ ଏକ ଯୋଜନା। କାରଣ ପଶ୍ଚିମ ଓଡ଼ିଶାର ଗୋଟିଏ ହେଲେ ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ବୃଦ୍ଧି କରୁଥିବା ଏମ୍‌ଏସପି ରାଶି ପାଇନାହାଁନ୍ତି ଏବଂ ଟୋକନ୍ ବ୍ୟବସ୍ଥାକୁ ଜାଣିଶୁଣି ସୁଚାରୁରୂପେ ପରିଚାଳିତ ନକରି କିଭଳି ଭାବରେ କମ୍‌ରୁ କମ୍ ଚାଷୀ ଏହି ଇନପୁଟ ସବସିଡି ପାଇବେ ସରକାର ତାର ଗଳାବାଟ ତିଆରି କରିବା ପାଇଁ ଯୋଜନା କରିଛନ୍ତି। ଏହାଛଡ଼ା ଇଂ ପୂଜାରୀ ଚାଷୀମାନଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ସ୍ୱାମୀନାଥନ ରିପୋର୍ଟ ଲାଗୁ କରିବା ପାଇଁ ବିଭିନ୍ନ ସମୟରେ ଦାବି କରିଆସିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ

ରାଜ୍ୟରେ ଚଳିତ ଖରିଫ ଧାନବିକ୍ରିକୁ ନେଇ ଚାଲିଥିବା ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଚଳିତବର୍ଷ ଖରିଫ ଧାନବିକ୍ରିକୁ ନେଇ ଚାଷୀ ସଙ୍ଗଠନ ପକ୍ଷରୁ ଗତ କିଛିଦିନ ପୂର୍ବରୁ ଆନ୍ଦୋଳନ କରାଯାଇଥିଲା। ଚାଷୀ, ପ୍ରଶାସନ ଓ ମିଲର୍ସଙ୍କ ମଧ୍ୟରେ ଆଲୋଚନା ପରେ ଧାନବିକ୍ରି ଆରମ୍ଭ ହୋଇ ସୁଚାରୁ ରୂପେ ଚାଲିଥିଲା। ଆଜି ପୁଣି ଟୋକନ ସମସ୍ୟାକୁ ନେଇ ଚାଷୀ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ଆନ୍ଦୋଳନ ସମ୍ପର୍କରେ ସୂଚନା ପାଇବା ପରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଫୋନ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସମସ୍ତ ବିଷୟରେ ଆଲୋଚନା କରିଛନ୍ତି ଓ ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି ବୋଲି ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉଲ୍ଲେଖ ଥାଉ ଯେ ଏହା ପୂର୍ବରୁ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଏଫ୍‌ସିଆଇ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଉଷୁନା ଧାନ କିଣିବା ସହ ଚାଉଳର ଶୀଘ୍ର ଉଠାଣ ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ, ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭ ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି। ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହ ଧାନକିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତ୍ତି ନିଆଯାଇଥିଲା।

## ସରକାର ନିଜେ ଅରାଜକତା ପରିସ୍ଥିତି ସୃଷ୍ଟି କରୁଛନ୍ତି

ସରକାର ଅରାଜକତା ପରିସ୍ଥିତି ନିଜେ ସୃଷ୍ଟି କରୁଛନ୍ତି, ଚାଷୀ କରୁନାହିଁ, ଚାଷୀ ତାର ଧାନ ବିକ୍ରୟ କରିବାକୁ ଆସିଛି ବୋଲି କହିଛନ୍ତି ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ। ଜୁଲାଇ ମାସରେ ଧାନବିକ୍ରୟ ପାଇଁ ରେଜିଷ୍ଟ୍ରେସନ ସମୟରେ କେବେ ଧାନ ବିକ୍ରୟ କରିବ ପଚାରୁଛନ୍ତି। ସାରା ବିଶ୍ୱରେ କେଉଁଠି ଏଭଳ ହୁଏନାହିଁ। ଚାଷୀ ଉଲ୍ଲେଖ କରିଥିବା ନଭେମ୍ବର ମାସର ଦୁଇଟି ସ୍ଲଟ୍ ଛାଡ଼ିଦେଲେ, ମଣ୍ଡି ଯେତେବେଳେ ଖୋଲାଗଲା ସେତେବେଳେ ପ୍ରସ୍ତୁତି କିଛି ନାହିଁ। ଏହା ମନୁଷ୍ୟକୃତ ଏବଂ ସୁନିଯୋଜିତ ବଡ଼ ଧରଣର ଏକ ଚକ୍ରାନ୍ତ। ଆମକୁ କହୁଛନ୍ତି ଆପଣ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବିକ୍ରୟ କରିପାରିବେ କିନ୍ତୁ ଟୋକନ ଇସ୍ୟୁ କରୁନାହାନ୍ତି। କାହା ଭରସାରେ ଚାଷୀ ରହିବ। ଜିଲ୍ଲା ପ୍ରଶାସନର ଅସହାୟତା ଚାଷୀ ବୁଝିପାରୁଛି। ଭୁବନେଶ୍ୱରରେ ଥିବା କିଛି ବାବୁ ସବୁକିଛି ପରିଚାଳନା କରୁଛନ୍ତି, ଯେତେବେଳ ପର୍ଯ୍ୟନ୍ତ ଡିଏଲପିସିକୁ କ୍ଷମତା ଦିଆ ନଯିବ, କିଛି ସମାଧାନ ହେବନାହିଁ।



ରେମେଡ ଛକରେ ଅଟକି ରହିଛି ଶହ ଶହ ଗାଡ଼ି।



ସିନ୍ଦୂରପଙ୍କଠାରେ ଚାଷୀଙ୍କ ରାସ୍ତା ଅବରୋଧ।



ସିନ୍ଦୂରପଙ୍କ ଛକରେ ଅଟକି ରହିଚି ଗାଡ଼ି।



ହୁମା ଛକରେ ଚାଷୀଙ୍କ ରାସ୍ତା ଅବରୋଧ।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

**କୁଚିଣ୍ଡା, ୧୨।୧୨ (ସମିସ):** ଲଇକେରା ବାମରା ମୁଖ୍ୟରାସ୍ତା ସ୍ଥିତ ସାହାସପୁର କଦଳୀବଗିଚା ନିକଟରେ ବାଇକ୍ ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ ଯୁବକମାନେ ବାମରା ବ୍ଲକ କହପାଣି ଗ୍ରାମର ଛବିଲ ଟୋପ୍ପୋ, ସୁଶିଲ ଟୋପ୍ପୋ ଓ ରେଙ୍ଗାଲବେଡ଼ା ଗ୍ରାମର ଗୌତମ କିସାନ ବୋଲି ଜଣାପଡ଼ିଛି। ଉକ୍ତ ଯୁବକମାନେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ଯୋଗେ ରେଙ୍ଗାଲବେଡ଼ା ଗ୍ରାମରୁ କହପାଣିକୁ ଫେରୁଥିବା ବେଳେ ସାହାସପୁର ନିକଟ କଦଳୀବାଡ଼ି ନିକଟରେ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ସମସ୍ତ ୩ ଜଣ ଯୁବକ ଗୁରୁତର ହୋଇଥିବା ବେଳେ ସେମାନେ ରାସ୍ତାରେ ପଡ଼ି ଛଟପଟ ହେଉଥିବା ଦେଖି ବାମରା ରେଞ୍ଜ ବନ ବିଭାଗ କର୍ମଚାରୀ ନାରାୟଣ ବେହେରା, କ୍ଷିତିଶ ନାଏକ, ରାଜୁ ରାଉତ, ପ୍ରଶାନ୍ତ କୁଜୁର, ମିତ୍ରଭାନୁ ମାଝୀ ଓ ରାଜୁ ରାଉତ ଆହତଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ମେଡିକାଲ କଲେଜ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟ ପଟେ ସୂଚନା ପାଇ ସାହାସପୁର ପୋଲିସ ଫାଣ୍ଡି ଅଧିକାରୀ ଶିବ ରନବିଡା ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି।

## ରେଢ଼ାଖୋଲରେ ଚାଷୀଙ୍କ ଆନ୍ଦୋଳନ




**ରେଢ଼ାଖୋଲ, ୧୨।୧୨(ସମିସ):** ପଶ୍ଚିମ ଓଡ଼ିଶାର କୃଷକ ସଂଗଠନ ସମନ୍ୱୟ ସମିତି ଆହ୍ୱାନକ୍ରମେ ରେଢ଼ାଖୋଲ ଉପଖଣ୍ଡସ୍ତରୀୟ ସନ୍ଥକବି ଭୀମଭୋଇ କୃଷକ ସଂଘ ପକ୍ଷରୁ ଶୁକ୍ରବାର ଦିନ ଭୀମଭୋଇ କଲେଜ ଛକରେ ଜାତୀୟ ରାଜପଥ ଉପରେ ଆନ୍ଦୋଳନ କରିଥିଲେ। ପୂର୍ବରୁ ସରକାରଙ୍କୁ ଉପଖଣ୍ଡ କୃଷକ ସଂଘର ବିଭିନ୍ନ ସମସ୍ୟାକୁ ନେଇ ଦାବି କରି ଆସୁଥିଲେ। କିନ୍ତୁ ସରକାର ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଲେ ନାହିଁ। ତେଣୁ ଚାଷୀମାନେ ରାଜରାସ୍ତାକୁ ଆସି ବିଭିନ୍ନ ଦାବି ପୂରଣ ପାଇଁ ନାରା ଦେଇ ବିରୋଧ କରିଥିଲେ। ରେଢାଖୋଲ ଉପଖଣ୍ଡ ମଣ୍ଡିମାନଙ୍କରେ କେଉଁ ମନ୍ତ୍ରୀଙ୍କୁ ଚାଷୀ ସମସ୍ୟା ଦୂର କରିବା ପାଇଁ ଦାୟିତ୍ୱ ଦେଇଥିଲେ ବୋଲି ସରକାରଙ୍କୁ ସମାଲୋଚନା କରିଥିଲେ। ରେଢ଼ାଖୋଲ ଉପଖଣ୍ଡ ମଣ୍ଡି ତଥା ଧାନ ସଂଗ୍ରହ କେନ୍ଦ୍ରମାନଙ୍କରେ ବିଭିନ୍ନ ସମସ୍ୟା ଅବ୍ୟବସ୍ଥା ଲାଗି ରହିଛି। ଏଥିରେ ଚାଷୀଙ୍କ ନାମରେ ଅଖା ବସ୍ତା ଓ ସୁତଲି ବାବଦରେ ଟଙ୍କା କାହା ପାଖକୁ ଯାଉଛି ତାହା ଚାଷୀ ପ୍ରଶ୍ନ ଉଠାଇଛି। ଏଥିରେ ଚାଷୀ ଅହେତୁକ ଶୋଷଣ ଓ ଅତ୍ୟଧିକ ଲୁଟର ଶିକାର ହେଉଛନ୍ତି। ମଣ୍ଡିମାନଙ୍କରେ ମିଲର ରାଜ ଚାଲିଛି, ଏଥିରେ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସରକାର ଦ୍ୱାରା ଧାନ ବିକ୍ରି ମାନଦଣ୍ଡ ନ ମାନି ବେନିୟମ ଭାବରେ କ୍ୱିଣ୍ଟାଲ ପ୍ରତି ୫ କେଜି ରୁ ୧୨ କେଜି କଟ୍‌ନୀ ଛଟ୍‌ନି କରି ଚାଷୀଙ୍କୁ ଶୋଷଣ କରାଯାଉଛି। ଆଜି ପର୍ଯ୍ୟନ୍ତ ଅଧିକାଂଶ ଚାଷୀମାନଙ୍କ ଟୋକନ ଆସି ପାରିନାହିଁ। ଏଥିରେ ଚାଷୀ କିପରି ଧାନ ବିକ୍ରି କରିବ ବୋଲି ଅଭିଯୋଗ କରିଛନ୍ତି। ରେଢ଼ାଖୋଲ ଏସଡିପିଓ ପ୍ରଶାନ୍ତ କୁମାର ମେହେର ଏବଂ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହିତ ରେଢାଖୋଲ ଆଇନ ଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରି ଏ ବାବଦରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଏଥିରେ ଚାଷୀମାନେ ଆନ୍ଦୋଳନ ପ୍ରତ୍ୟାହୃତ କରି ଆଗାମୀ ଦିନରେ ସରକାର ଯଦି ଚାଷୀଙ୍କ ସମସ୍ୟା ନ ଶୁଣନ୍ତି ତେବେ ସରକାରୀକଳ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଉପଖଣ୍ଡ କୃଷକ ସଂଘର ଉପସଭାପତି ସୁଦାମ ପ୍ରଧାନ, ଭୀମଭୋଇ କୃଷକ ସଂଘର ସଭାପତି ଅଶ୍ୱିନୀ ପ୍ରଧାନ, ସମ୍ପାଦକ ଅଜୟ କୁମାର ସାହୁ, ଉପସଭାପତି ପ୍ରମୋଦ ପ୍ରଧାନ, କଦଳୀଗଡ଼ର ଦଧିବାମନ କୃଷକ ସଂଘର ଉପଦେଷ୍ଟା ବୃଷକେତୁ ପ୍ରଧାନ, ସଞ୍ଜୟ ମେସ୍ବା, ନିର୍ବାଚନ ଦେହୁରୀ, ବିଶ୍ୱନାଥ ବେହେରା, ସମ୍ଭୁ ପ୍ରଧାନ, ଭିକାରି ବେହେରା, ନନ୍ଦ ବେହେରା, ବୀରବର ବେହେରା, ସୁରେଶ ଦେହୁରୀ, କାଳନ୍ଦୀ ଗଡ଼ତିଆ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସାମିଲ ଥିଲେ।

## ରାସ୍ତାକଡ଼ରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ସମ୍ବଲପୁର, ୧୨।୧୨ (ସମିସ):** କ୍ଷେତରାଜପୁର ଥାନା ବଡବଜାର ଅଞ୍ଚଳର ରାସ୍ତା କଡ଼ରୁ ଆଜି ନବଜାତ ଶିଶୁ ପୁତ୍ର ଉଦ୍ଧାର ହୋଇଛି। ରାସ୍ତାକଡ଼ରେ ଏକ ବ୍ୟାଗ ଭିତରେ ଶିଶୁଟି ରହିଥିଲା। ଭୋର ସାଢେ ୪ଟା ବେଳେ ପାଖରେ ଥିବା ଏକ ଚା ଦୋକାନୀ ବ୍ୟାଗ ପଡ଼ିଥିବା ଦେଖିଥିଲେ। ପରେ ସ୍ଥାନୀୟ ଲୋକ ଜମା ହୋଇଯାଇଥିଲେ। ଉକ୍ତପଡ଼ାରେ ଗୋଟେ ଦମ୍ପତି ପାଖରେ ଥିବା ଦୁର୍ଗା ମନ୍ଦିର ଯାଇଥିଲେ। ପରେ ଲୋକଙ୍କ ପାଟି ଶୁଣି ଘଟଣା ସ୍ଥଳକୁ ଆସି ଶିଶୁପୁତ୍ରକୁ ବ୍ୟାଗରୁ ବାହାର କରିଥିଲେ। ସଙ୍ଗେ ସଙ୍ଗେ ଡାକ୍ତରପାଖକୁ ନେବା ସହ ଥାନାକୁ ଜଣାଇଥିଲେ। ଘଟଣା ସ୍ଥଳକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ ମାନେ ପହଞ୍ଚିଥିଲେ। ଶିଶୁକୁ ନିଜ ପାଖରେ ରଖିବା ପାଇଁ ପାଇଥିବା ଦମ୍ପତି ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ପାଇଥିବା ମହିଳା କହିଛନ୍ତି, ତାଙ୍କର ଝିଅ କୋଳରେ ୮ ବର୍ଷ ହେଲାଣି ଶିଶୁଟିଏ ନାହି। ୨ ବର୍ଷ ହେଲାଣି ପୋଷ୍ୟ ସନ୍ତାନ ପାଇଁ ଆବେଦନ ମଧ୍ୟ କରିଛନ୍ତି। କିନ୍ତୁ ଏ ଯାଏଁ କାର୍ଯ୍ୟକାରୀ ହେଲାନାହି। ଆଜି ସେ ପାଇଥିବା ଶିଶୁକୁ ନିଜ ଝିଅ କୋଳରେ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନେହୁରା ହୋଇଛନ୍ତି। ସେପଟେ ଶିଶୁର ଅବସ୍ଥା ଭଲ ରହିଛି। ଉଦ୍ଧାର ପରେ ପ୍ରଥମେ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ବର୍ତ୍ତମାନ ରୁକମଣି ଲାଠ ବାଳ ନିକେତନରେ ଶିଶୁଟି ରହିଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ କହିଛନ୍ତି।



## ସମ୍ବଲପୁର ମଣ୍ଡଳରେ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ



**ସମ୍ବଲପୁର, ୧୨।୧୨ (ସମିସ) :** ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ୫୫ତମ ମଣ୍ଡଳ ରେଳ ବ୍ୟବହାରକାରୀଙ୍କ ପରାମର୍ଶଦାତା କମିଟି (ଡିଆର୍‌ୟୁସିସି) ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସୁବାଷ ଚନ୍ଦ୍ର ଚୌଧରୀ ଅଧକ୍ଷତା କରିଥିଲେ। ଶ୍ରୀ ଚୌଧୁରୀ ତାଙ୍କ ପ୍ରାରମ୍ଭିକ ଭାଷଣରେ ସମସ୍ତ ଡିଆର୍‌ୟୁସିସି ସଦସ୍ୟମାନଙ୍କୁ ସ୍ୱାଗତ କରିବାସହ କହିଥିଲେ ଯେ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟିର ସଦସ୍ୟମାନଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶଗୁଡ଼ିକୁ ମଣ୍ଡଳ ସର୍ବାଧିକ ପ୍ରାଥମିକତା ଦେବ। ଶ୍ରୀ ଚୌଧରୀ ସମ୍ବଲପୁର ମଣ୍ଡଳରେ ସମାପ୍ତ ହୋଇଥିବା ପ୍ରକଳ୍ପ ଏବଂ ଚାଲୁରହିଥିବା ବିକାଶମୂଳକ କାର୍ଯ୍ୟ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ବୈଠକରେ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ସଦସ୍ୟ ଅକ୍ଷୟକାନ୍ତ ନଭଗିରେ, କିଶୋର ଅଗ୍ରୱାଲ, ରାଜନ ପ୍ରସାଦ, ସୁଦର୍ଶନ ସାହୁ, ଲୁଣକରଣ ଜୈନ, ଅଚ୍ୟୁତାନନ୍ଦ ସୁନାନୀ, କୈଳାସ ଅଗ୍ରୱାଲ, ବିଷ୍ଣୁ ପ୍ରସାଦ କେଡିଆ, ରାଜେଶ ଅଗ୍ରୱାଲ ଏବଂ ଦେବେନ୍ଦ୍ର ବିଶି ଅଂଶଗ୍ରହଣ କରି ସମ୍ବଲପୁର ମଣ୍ଡଳର ବିଭିନ୍ନ ସମସ୍ୟା ତଥା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ସମ୍ବଲପୁର ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ଏବଂ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ସମ୍ବଲପୁର ଏବଂ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି (ଡିଆର୍‌ୟୁସିସି) ର ସଂଯୋଜକ ଗରିମା ତିୱାରୀ ଏହି ସଭାକୁ ସଞ୍ଚାଳନ କରିଥିଲେ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତଃ ଦେବେନ୍ଦ୍ର କୁମାର ମହାପାତ୍ର**
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ- ୨୩/୦୫/୧୯୪୦
ତିରୋଧାନ- ୦୩/୧୨/୨୦୨୫

ବାପା ଆପଣଙ୍କ ପରାମର୍ଶ ଓ ନିର୍ଦ୍ଦେଶରେ ଆମେ ପଥ ଅନୁସରଣ କରୁଥିଲୁ କିନ୍ତୁ ଆପଣ ଆମକୁ ଛାଡି ଅନେକ ଦୂରକୁ ଚାଲି ଗଲେ ଆପଣ ଜେଉଁଠୀ ଥାଆନ୍ତୁ ଇଶ୍ୱର ଆପଣକୁ ଭଲରେ ରଖନ୍ତୁ ରଖନ୍ତୁ।

ଆପଣଙ୍କ ର ହତଭାଗ୍ୟ (ପୁତ୍ର ଓ ପୁତ୍ରବଧୂ) : ଅଜୟ କୁମାର ମହାପାତ୍ର ଓ ବଧୂପମା ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର ଓ ରଶ୍ମି ରଞ୍ଜିତା ମଲିକ, (ଝିଅ ଓ ଜୋଇଁ) - ଯୋସ୍ନା ରାଣୀ ମହାପାତ୍ର ଓ ବାବୁଲା ରାଉତ, ସନ୍ଧ୍ୟାରାଣି ମହାପାତ୍ର ଓ ବିଶ୍ୱନାଥ ଜେନା, ମମତା ମହାପାତ୍ର ଓ ନରେନ୍ଦ୍ର ଭୂୟାଁ, ରଞ୍ଜିତା ମହାପାତ୍ର ଓ ସୁଶାନ୍ତ ବେହେରା, ସୁଶ୍ରୀ ସଂଗୀତା ମହାପାତ୍ର ଓ ଅସ୍ୱସ କାନ୍ତ ବେହେରା, ନାତି ନାତୁଣୀ, ବଂଧୁ ବାନ୍ଧବ।

# ଏସ୍‌ଏଚ୍‌ଜିଙ୍କ ବକେୟା ପ୍ରାପ୍ୟ ଦାବିରେ ଘେରଉ

**ସମ୍ବଲପୁର, ୧୨।୧୨ (ସମିସ)**



ମହିଳା ଏସଏଚଜି ମାନଙ୍କୁ ସେମାନଙ୍କର ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା ଦାବୀରେ 'ସମ୍ବଲପୁର ସଂଗ୍ରାମ ସମିତି' ଆହ୍ୱାନରେ ଆଜି ସମ୍ବଲପୁର ମହାନଗର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସମ୍ବଲପୁର ମହାନଗର ନିଗମ ଦ୍ୱାରା 'ମୋ ପୋଖରୀ' ଯୋଜନା ଓ 'ମୁକ୍ତା' ଯୋଜନା ଦ୍ୱାରା ମହାନଗର ଅନ୍ତର୍ଗତ ପୋଖରୀ ଗୁଡ଼ିକର ପୁନର୍ବିନ୍ୟାସ ତଥା ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି) ମାନଙ୍କ ଦ୍ୱାରା କରାଯାଇଥିଲା। କିନ୍ତୁ ଅଧିକାଂଶ କାର୍ଯ୍ୟର ବିଲ ପ୍ରଦାନ ଦୀର୍ଘ ଦିନ ଧରି ମହାନଗର କର୍ତ୍ତୃପକ୍ଷ କରିନାହାନ୍ତି। ଏହାଦ୍ୱାରା ବିଭିନ୍ନ ମହିଳା ଏସଏଚଜି ମାନେ ଘୋର ଅସୁବିଧାରେ ପଡ଼ିଛନ୍ତି। ଧାର କରଜ କରି ଏହି କାମ ସବୁ ସମ୍ପନ୍ନ କରିଥିବା ବେଳେ ଆଜି ଏହି ମହିଳା ଏସଏଚଜି ମାନେ ଋଣ ଯନ୍ତାରେ ଫସି ଯାଇଛନ୍ତି। ଏହି ଘେରାଉର ନେତୃତ୍ୱ ସମ୍ବଲପୁର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଉପସଭାନେତ୍ରୀ ତଥା 'ସମ୍ବଲପୁର ସଂଗ୍ରାମ ସମିତି'ର ସାଧାରଣ ସମ୍ପାଦିକା ରାଖୀ ମୁଣ୍ଡା, ସାଧାରଣ ସମ୍ପାଦକ (ସଂଗଠନ) ଇଂ. ଦୀନେଶ ସେଠ, କାର୍ଯ୍ୟକାରୀ ସଭାପତି ଦିଲୀପ ଦାଶ, ଉପସଭାପତି ନାସିର ଖାଁ, ଲିଙ୍ଗରାଜ ତ୍ରିପାଠୀ, ସାଧାରଣ ସମ୍ପାଦକ ଇଂ. ନିଶିଥ ଆକାଶ, ସମ୍ପାଦକ ଭରତ ସୁନା, ଭରଦ୍ୱାଜ ହଳଦିଆ, ଅନିତା ଓରାମ, ନୀଳିମା ମଲିକ, ପ୍ରତିମା ବେରିହା, ମାନସୀ ବେରିହା, ତୁନିବାଲା ସ୍ୱାଇଁ, ସୌଭାଗିନୀ ତନସନା, ଶ୍ରେୟା ବେଗମ, ସୁଷମା ବେରିହା, ରଞ୍ଜିତା ନାୟକ, ଝରଣା ପାଣିଗ୍ରାହୀ, ପୁଷ୍ପାଞ୍ଜଳି ମାଝୀ, ସୁଷମା ବାଗ, ସବା କଉସର, ବିଷ୍ଣୁପ୍ରିୟା ମହାରଣା, ଅହଲ୍ୟା ଦଳେଇ, ସ୍ୱର୍ଣ୍ଣକାନ୍ତି ବେହେରା, ବିଜୟ ନାୟକ, ସୁନିତା ସ୍ୱାଇଁ, ପୁଷ୍ପା ସାହୁ, ସୋନି ନନ୍ଦ, ମମତା ତାଣ୍ଡି, ସଂଯୁକ୍ତା ସେଠି ପ୍ରମୁଖ ନେତୃତ୍ୱରେ ଶତାଧିକ ଏସଏଚଜି ମହିଳା ଉପସ୍ଥିତ ଥିଲେ। ପ୍ରାୟ ଚାରି ଘଣ୍ଟା ଧରି ଏହି ଘେରାଉ ଚାଲିବାପରେ ସମ୍ବଲପୁର ଜିଲ୍ଲା ବିଜେଡିର ପୂର୍ବତନ ସଭାପତି ତଥା ସମ୍ବଲପୁର ସଂଗ୍ରାମ ସମିତିର ମୁଖ୍ୟ ପୃଷ୍ଠପୋଷକ ଓ ଉପଦେଷ୍ଟା ଇଂ. ସିଦ୍ଧାର୍ଥ ଦାସ ସମ୍ବଲପୁର ମହାନଗର ନିଗମ କମିଶନରଙ୍କ ଦୃଷ୍ଟି ଆକର୍ଷଣ ଏହି ଚାଲିଥିବା ଆନ୍ଦୋଳନ ପ୍ରତି କରିଥିଲେ। ମହାନଗର କମିଶନର ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ସହ ସେମାନଙ୍କ ଦାବୀ ବାବଦରେ ଆଲୋଚନା କରିଥିଲେ। ଆୟୁକ୍ତ ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ବକେୟା ପାଉଣା ପ୍ରଦାନ କରିବା ନିମନ୍ତ ପ୍ରତିଶ୍ରୁତି ଦେଇଥିଲେ। ଯଦି ପ୍ରତିଶ୍ରୁତି ମୁତାବକ ବକେୟା ପାଉଣା ଗୁଡ଼ିକ ୭ ଦିନ ମଧ୍ୟରେ ପ୍ରଦାନ କରା ନଯାଏ ତାହାହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ସମ୍ବଲପୁର ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ଇଂ. ଦୀନେଶ ସେଠ ଜଣାଇଛନ୍ତି।

## ଗୋଦାମ ପଛପଟେ ଅଜଣା ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୧୨।୧୨ (ସମିସ):** ବରେଇପାଲି ଥାନା ଅନ୍ତର୍ଗତ ଏକ ରେସୁଣ ଗୋଦାମ ପଛ ପଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତ ଦେହ ପୁଲିସ ଉଦ୍ଧାର କରିଛି। ବ୍ୟକ୍ତି ଜଣକ ଏକ ପ୍ଲାଷ୍ଟିକ ରସି ଲଗାଇ ଆତ୍ମହତ୍ୟା କରିଥିବା ପୁଲିସ କହିଛି। ଉକ୍ତ ଗୋଦାମକୁ ମାଲ ନେଇ ଆସୁଥିବା ଏକ ଟ୍ରକ୍‌ରେ ହେଲପର ଭାବେ କାମ କରୁଥିବା ପୁଲିସ ଜାଣିବାକୁ ପାଇଛି। ସୂଚନା ଅନୁସାରେ ମଧ୍ୟ ପ୍ରଦେଶରରୁ ରେସୁଣ ନେଇ ଏକ ଟ୍ରକ(ଆରଜେ୦୯ଜିଡି୨୪୪୩) ସମ୍ବଲପୁର ଅଭିମୁଖେ ଆସୁଥିଲା। ମଧ୍ୟପ୍ରଦେଶ ବେଟୁଲାରୁ ଉକ୍ତ ଅଜଣା ବ୍ୟକ୍ତି ଜଣକ ଟ୍ରକରେ ଚଢିଥିଲେ। ନାଗପୁରରେ ଛାଡିଦେବା ପାଇଁ ଚାଳକଙ୍କୁ କହିଥିଲେ। ଚାଳକ ଏକୁଟିଆ ଥିବାରୁ ସାଙ୍ଗରେ ବ୍ୟକ୍ତି ଜଣଙ୍କୁ ଆଣଥିଲେ। ପରେ ନାଗପୁରରୁ ବ୍ୟକ୍ତି ଜଣକ ଗାଡିରେ ହେଲପର ଭାବେ କାମ କରିବା ପାଇ କହିଥିଲେ। ପରେ ଉଭୟେ ସମ୍ବଲପୁର ମାଲ ନେଇ ଆସିଥିଲେ। ବ୍ୟକ୍ତି ଜଣକ ସାମାନ୍ୟ ମାନିସକ ଭାରସାମ୍ୟ ହରାଇଥିବା ପରି କଥା ବାର୍ତ୍ତା ଲାଗୁଥିଲେ। ସମ୍ବଲପୁରରେ ଆଜି ସକାଳେ ଗାଡ଼ି ପହଞ୍ଚିଥିଲା। ପରେ ଅପରାହ୍ନରେ ହେଲପର କେଉଁଆଡେ ଚାଲିଯାଇଥିଲେ। ପରେ ଗୋଦାମ ପଛପଟେ ଝୁଲୁଥିବା ଅବସ୍ଥାରେ ଲୋକେ ଦେଖି ବରେଇପାଲି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଶବକୁ ଉଦ୍ଧାର କରିଛି। ଆସନ୍ତା କାଲି ଶବବ୍ୟବଚ୍ଛେଦ କରାଯିବ। ସେପଟେ ଟ୍ରକ ଚାଳକକୁ ପୁଲିସ ଅଧିକ ପଚରା ଉଚରା କରୁଛି।

# ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟର ହୀରକ ଜୟନ୍ତୀ



**ସମ୍ବଲପୁର, ୧୨।୧୨(ସମିସ):** ସମ୍ବଲପୁରସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ରେ ଶୁକ୍ରବାର ହୀରକ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରାଚାର୍ଯ୍ୟ ରଣରଞ୍ଜୟ ସିଂହ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ମାନୀତ ଅତିଥି ଏସଏମସି କମିଶନର ରେହାନ ଖେତ୍ରି ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀ ଏବଂ ସମସ୍ତ ବରିଷ୍ଠ ଓ ପ୍ରାଥମିକ ଶିକ୍ଷକ, ଶିକ୍ଷୟିତ୍ରୀ ବୃନ୍ଦ ଉପସ୍ଥିତ ଥିଲେ। ଇଂରାଜୀ ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅତିଥି ମାନଙ୍କୁ ଚାରା ଅର୍ପଣ କରି ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର ପ୍ରାଚାର୍ଯ୍ୟ, ସ୍ୱାଗତ ଭାଷଣ ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀମାନେ ସରସ୍ୱତୀ ବନ୍ଦନା, ସ୍ୱାଗତ ନୃତ୍ୟ, କେବି ଥିମ ନୃତ୍ୟ, ଓଡିଶୀ ନୃତ୍ୟ ଓ ଭାରତନାଟ୍ୟମ, ନାରୀ ଶକ୍ତୀ ନୃତ୍ୟ, ନାଟକ- ମାର୍କ ସବୁକିଛି କି?, ସିଂହାରୀ ନୃତ୍ୟ କୀର୍ତ୍ତନ ଆଦି ପରିବେଷଣ କରିଥିଲେ। କମଳ ଲୋଚନ ଦେହୁରୀ ଧନ୍ୟବାଦ ଦେଇଥିଲେ।

# ଡ୍ରେନ୍ ସମସ୍ୟା ନେଇ ରାସ୍ତାରୋକ

ସମ୍ବଲପୁର, ୧୨।୧୨(ସମିସ)



ଡ୍ରେନ ସମସ୍ୟା ନେଇ ବରେଇପାଲି ଓ ଡେଙ୍ଗସର୍ଗୀ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି। ପିଏଚ୍‌ଡି ବିଭାଗର ମନମୁଖିଆ କାମ ପାଇଁ ଗ୍ରାମବାସୀ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର କହିବା ପରେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଶୁକ୍ରବାର ଶତାଧିକ ମହିଳା ପୁରୁଷ ଡେଙ୍ଗସର୍ଗୀ-ବରେଇପାଲି ରାସ୍ତାକୁ ଅବରୋଧ କରିଥିଲେ। ରାସ୍ତାରେ ବସି ନ୍ୟାୟ ଦାବି କରି ରାସ୍ତାକୁ ପ୍ରାୟ ଦେଢ ଘଣ୍ଟା ଅବରୋଧ କରିଥିଲେ। ଫଳରେ ଶହଶହ ଗାଡ଼ି ଅଟକି ରହିଥିଲା।ସୂଚନା ଅନୁସାରେ ପିଏଚ୍‌ଡି ପକ୍ଷରୁ ବରେଇପାଲିରୁ ଡେଙ୍ଗସର୍ଗୀ ଆଡ଼କୁ ଯାଇଥିବା ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଉଛି। ପ୍ରାୟ ୩ ମାସ ହେଲାଣି ଉଭୟ ପାର୍ଶ୍ୱରୁ ଜବରଦଖଲ ମଧ ହଟାଯାଇଛି। କିନ୍ତୁ ଡ୍ରେନ କାମ କରୁଥିବା ଠିକା ସଂସ୍ଥାର ମନମୁଖିଆ କାମ ପାଇଁ ଜଣଙ୍କ ଘର କାନ୍ଥ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ଜବରଦଖଲ ହଟାଇବା ପରେ ପାଇପ ପାଣି ସବୁବେଳେ ଛକରେ ଜମା ହେଉଛି। ବାରମ୍ବାର ଅଭିଯୋଗ ହେବା ପରେ ମଧ କେହିଶୁଣୁନାହାନ୍ତି। ଗତକାଲି ସନ୍ଧ୍ୟାରେ ଡ୍ରେନ ପାଇଁ ଗାତ ଖୋଳାଯାଇଥିଲା। ସକାଳୁ ପିଏଚ୍‌ଡି ପାଣି ଆସି ଛକ ମୁହଁରେ ଥିବା ଶମ୍ଭୁନାଥ ସିଂହଙ୍କ ଘର କାନ୍ଥ ଭାଙ୍ଗିଯାଇଛି। ପ୍ରଶାସନକୁ ସହଯୋଗ କରି ଗ୍ରାମବାସୀ ଜବରଦଖଲ ହଟାଇବାରେ ସହଯୋଗ କରିଥିଲେ।ଡ୍ରେନନିର୍ମାଣ କାର୍ଯ୍ୟକୁ ମଧ ସେମାନେ ସ୍ୱାଗତ କରୁଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଡ୍ରେନ ନିର୍ମାଣ କାର୍ଯ୍ୟ କୌଣସି ଆରମ୍ଭ ପଏଣ୍ଟ କିମ୍ବା ଶେଷ ପଏଣ୍ଟରୁ ଆରମ୍ଭ ହୋଇଥାଏ। କିନ୍ତୁ ଠିକା ସଂସ୍ଥା ମନମୁଖିଆ ଭାବେ ମଝିରୁ କାମ ଆରମ୍ଭ କରୁଛି। ମାଷ୍ଟର ଡ୍ରେନ କେଉଁ ଯାହାରେ ସଂଯୋଗ କରିବା ତାର ମଧ ଉତ୍ତର ଦେଇ ପାରୁନାହିଁ। ଯାହା ଫଳରେ ଏସମସ୍ୟା ଦେଖାଯାଉଛି। ସେପଟେ ପିଏଚଡି ଅଧିକାରୀ ପହଞ୍ଚି ବୁଝାସୁଝା ପରେ ଲୋକେ ଆନ୍ଦୋଳନରୁ ଓହରି ଥିଲେ। ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁଧିର ଅଗ୍ରୱାଲ, ରଜତ, ସନ୍ତୋଷ ସାହୁ, ମନୋଜ ସିଂ, ସୁନୀଲ ଓରାମ, ମିମାଂଶା ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# ଡିପିଏସ୍‌ରେ ବାର୍ଷିକ ଆଥଲେଟିକ୍ ମିଟ୍



**ସମ୍ବଲପୁର, ୧୨।୧୨(ସମିସ):** ଶାସନ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍)ରେ ଦୁଇ ଦିନ ଧରି ଡିସେମ୍ବର ୫ ଏବଂ ୬ ତାରିଖରେ ବାର୍ଷିକ ଆଥଲେଟିକ୍ ମିଟ୍ ୨୦୨୫-୨୬ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନ ମୁଖ୍ୟ ଅତିଥିଭାବେ ଶାସନ ଥାନା ଆଇଆଇସି ପ୍ରବୀଣ କେଶରୀ ତ୍ରିପାଠୀ ଏବଂ ଦ୍ୱିତୀୟ ଦିନ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜତିନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଏବଂ କୃଷକ ନେତା ବିଭୁ ପଟ୍ଟନାୟକ, ପି.ଟି.ଏ. ସଦସ୍ୟ ମାନସ ଦାସ ମଧ ବୈଠକରେ ଯୋଗ ଦେଇଥିଲେ। ଶ୍ରାବଣୀ ଜାନକର, ସତ୍ୟମ ନାଏକ, ସସ୍ମିତା ଡାଙ୍ଗ, ଅଙ୍କିତ ଭୋଇ ବିଭିନ୍ନ ବର୍ଗରେ ଚାମ୍ପିଅନ ହୋଇଥିଲେ। କ୍ରୀଡା ଶିକ୍ଷକ ଗିରିଶ ଏବଂ କ୍ରୀଡା ମ୍ୟାଡମ ଜ୍ୟୋତି ଖେଳ ପରିଚାଳନା କରିଥିଲେ। ପ୍ରିନ୍ସିପାଲ୍ ସୁଜାତା ଲେଙ୍କା ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଜିଲ୍ଲାସ୍ତରୀୟ ଫଟାଫଟ୍ କ୍ରିକେଟ୍ ପ୍ରତିଯୋଗିତା

**ସମ୍ବଲପୁର, ୧୨।୧୨ (ସମିସ) :** ସ୍ଥାନୀୟ କମିଶନର କଲୋନୀ କ୍ରିକେଟ କ୍ଲବ (ଫୋର୍-ସି) ପଡ଼ିଆରେ ବ୍ଲୁଡାଇମଣ୍ଡ କ୍ଲବ ପକ୍ଷରୁ ଜିଲ୍ଲାସ୍ତରୀୟ ଜୁନିଅର ଅଣ୍ଡର ୧୬ ଓ ଅଣ୍ଡର ୧୯ ଫଟାଫଟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ବିଜେପି ନେତା ଡଃ ପ୍ରମୋଦ ରଥ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୮ଟି କ୍ରିକେଟ ଦଳ ଭାଗ ନେଇଛନ୍ତି। ଏହାର ଫାଇନାଲ ଖେଳ ଆସନ୍ତା ୧୪ ତାରିଖରେ ହେବ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ବିଜେପି ନେତା ଗିରିଶ ପଟେଲ, ମୁନୁ ସିଂଦେଓ, ମନୋଜ ପଣ୍ଡା, ରାଜା ବରାଳ, ଅବଦୁଲ ଗଫାର, ମହମ୍ମଦ ସିରାଜ, ଅହମ୍ମଦ, ସୁନୀଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ବ୍ଲୁଡାଇମଣ୍ଡ କ୍ଲବର ସୟଦ ଜିନ୍ଦା ଏବଂ କ୍ଲବର ସଭ୍ୟମାନେ ପରିଚାଳନା କରିଥିଲେ।



## ପୋଲରୁ ଡେଇଁଲେ ନାବାଳିକା ପ୍ରେମିକା

**ସମ୍ବଲପୁର, ୧୨।୧୨(ସମିସ):** ପ୍ରେମିକର ପ୍ରତାରଣା ପାଇଁ ଜଣେ ନାବାଳିକା ପ୍ରେମିକା ପୋଲ ତଳକୁ ଡେଇଁଛନ୍ତି। ଭାଗ୍ୟବସତଃ ପ୍ରାଣ ଯାଇ ନାହିଁ। ସହର ମଧ୍ୟରେ ଥିବା ଏକ ସ୍କୁଲରେ ଛାତ୍ରୀ ଜଣକ ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ପ୍ରେମିକର ପ୍ରତାରଣା ସହ୍ୟ ନ କରି ପାରି ଦାନୀପାଲି ରାମଚଣ୍ଡି ମନ୍ଦିର ପାଖରେ ଥିବା ପୁଲିଆ ତଳକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ପରିବାର ଲୋକ ସହାୟତାରେ ଏକ ନର୍ସିଂ ହୋମରେ ଚିକିତ୍ସା କରୁଛନ୍ତି। ମେରୁଦଣ୍ଡ ଭାଙ୍ଗି ଯାଇଥିବା ସୂଚନା ରହିଛି।

## କେବେ ବଢ଼ିବ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କ ଦରମା ଓ ଭତ୍ତା

**କେସିଙ୍ଗା, ୧୨।୧୨(ସମିସ):** ନୂତନ ସରକାର କ୍ଷମତା ରେ ଆସିବା ପରେ ଓଡ଼ିଶାବାସୀ ଭାବୁଥିଲେ ଏବେ ଆଉ କୌଣସି ଅସୁବିଧା ରହିବ ନାହିଁ ଯାହାବି ସହରରେ ହେଉ କିମ୍ବା ଗ୍ରାମାଞ୍ଚଳରେ ସମସ୍ୟା ରହିଛି ଡବଲ ଇଞ୍ଜିନ ସମସ୍ତ ସମସ୍ୟାକୁ ସମାଧାନ କରିବ। ହେଲେ ନୂତନ ସରକାର କ୍ଷମତାରେ ଆସିବାର ପ୍ରାୟ ୨୦ ମାସ ବିତି ଗଲାଣି ହେଲେ ରଙ୍ଗ ବଦଳା କାମ ସରିନି ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ବର୍ତ୍ତମାନ ବିଧାନସଭାର ଶୀତ ଅଧିବେଶନ ବିଧାନସଭାରେ ବସି ନିଜ ଅଞ୍ଚଳର ସମସ୍ୟା କଥା ନଉଠାଇ ନିଜର ଦରମା ତିନି ଗୁଣା ବଢ଼ାଇଲେ। ହେଲେ ତଳ ସ୍ତରର ନିର୍ବାଚିତ ପ୍ରତିନିଧିଙ୍କ ଦରମା କେବେ ବଢ଼ିବ ବୋଲି ନିର୍ବାଚିତ ପ୍ରତିନିଧିମାନେ ପ୍ରଶ୍ନ କରିଛନ୍ତି। ଯାହାବି ହେଉ ବିଜେଡି ସରକାର ଅମଳରେ ତଳିଆ ନିର୍ବାଚିତ ପ୍ରତିନିଧିଙ୍କ ଦରମା ବୃଦ୍ଧି ହୋଇଥିଲା। ଆଗରୁ ସରପଞ୍ଚମାନେ ମାସକୁ ୨୩୫୦ ଟଙ୍କା ପାଉ ଥିଲେ ପରେ ତାଙ୍କୁ ୧୦ ହଜାର ଟଙ୍କା କରାଗଲା, ନାଏବ ସରପଞ୍ଚଙ୍କ ଦରମା ୯୪୦ ଟଙ୍କାରୁ ୪ ହଜାର କରାଗଲା, ସେମିତି ପଞ୍ଚାୟତ ସମିତି ଅଧକ୍ଷଙ୍କ ଦରମା ୩୫୩୦ ଟଙ୍କାରୁ ୧୫ ହଜାର ହେଲା ସମିତି ସଭ୍ୟଙ୍କ ଦରମା ୨୩୫୦ ଟଙ୍କାରୁ ୭୫୦୦ ଟଙ୍କା କରାଗଲା। ୱାର୍ଡ ମେମ୍ବରଙ୍କୁ ଗୋଟିଏ ବୈଠକ ପାଇଁ ୪୮୦ ଟଙ୍କାର ବର୍ଦ୍ଧିତ ବ୍ୟବସ୍ଥା ବିଜେଡି ସରକାର ଅମଳରେ ହୋଇଥିଲା। ମନ୍ତ୍ରୀ, ବିଧାୟକମାନେ ନିଜର ଦରମା ବଢ଼ାଇଲେ ହେଲେ ତଳସ୍ତରର ନିର୍ବାଚିତ ପ୍ରତିନିଧିଙ୍କୁ କେମିତି ଭୁଲିଗଲେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

# ପିଏମଶ୍ରୀ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ




**କୁଚିଣ୍ଡା, ୧୨।୧୨ (ସମିସ):** ବାମରା ବ୍ଲକ ଗଡ଼ପୋଷସ୍ଥିତ ପିଏମଶ୍ରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଚାଲିଥିବା ଚାରି ଦିବସୀୟ ବାର୍ଷିକ କ୍ରିଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର କ୍ରିଡ଼ା ଆୟୋଜିତ ହୋଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାନେତ୍ରୀ କୁମୋଦିନୀ ନାୟକ ଯୋଗ ଦେଇ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାମରା ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ, ଏବିଇଓ ହୃଦାନନ୍ଦ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ସାମ୍ବାଦିକ ସତୀଶ ମିଶ୍ର, ସରପଞ୍ଚ ପୁଷ୍ପା ତିର୍କୀ, ଏସଏମସି ଅଧକ୍ଷ ଦିନେଶ ଶର୍ମା ଓ ଅଲୁମିନି ସଭାପତି ଅନ୍ୟୁଲ ଅଗ୍ରୱାଲ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ପ୍ରଭାତୀ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଶିକ୍ଷୟିତ୍ରୀ ତରଙ୍ଗିଣୀ ନାଏକ ମଞ୍ଚ ପରିଚାଳନା ଓ ଶିକ୍ଷକ ଅରବିନ୍ଦ କୁମ୍ଭାର ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଲରପଙ୍କ କପ୍ ଉଦ୍‌ଘାଟିତ

**ସମ୍ବଲପୁର, ୧୨।୧୨(ସମିସ):** ଶୁକ୍ରବାର ୨୬ତମ ଲରପଙ୍କ କପ୍ ଉଦଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଆଜି ପ୍ରଥମ ଦିବସରେ ୮ଟି ଦଳ ଖେଳିଥିଲେ। ଲରପଙ୍କ ଶକ୍ତି କ୍ଲବ ଓ ଜିଏସ୍ କ୍ଲବ୍ ରାନୀବନ୍ଧ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟକୁ ବୁର୍ଲା ଗୁହୀରା ବାବା ସୁରେନ୍ଦ୍ରନାଥ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଉପଦେଷ୍ଟା ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ସୀମା ଗୌଡ଼, ବିଶିକେଶନ ଓରାମ, ରଞ୍ଜିତ ଓରାମ, ବୁଲୁ ନାଏକ, ସନ୍ତୋଷ ଓରାମ, ମଣ୍ଟୁ ନାଏକ, ଜଗତ ଚୌହାନ, ରିଙ୍କୁ ନାଏକ, ଲାଲବାବୁ ସାହାଣୀ, ସନ୍ତୋଷ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଲୋଲୋ ଓରାମ, ଚିକୁ ବଡ଼ପଣ୍ଡା, ଆନନ୍ଦ ମିର୍ଦ୍ଧା, ଯୋଗେନ୍ଦ୍ର ଓରାମ, ରାଜାରାମ ଓରାମ, ପରେଶ ଭୋଇ, ଲୋକେଶ କରାଲୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ନିତ୍ୟାନନ୍ଦ ବେହେରା ଓ ବୁଲୁ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ।



# ରଘୁନାଥପାଲି ରାହାସ ଯାତ୍ରା ସମ୍ପନ୍ନ

**କୁଚିଣ୍ଡା, ୧୨। ୧୨(ସମିସ):** ବାମରା ବ୍ଲକ କୁଟାରିମାଲ ପଞ୍ଚାୟତ ରଘୁନାଥପାଲି ଗ୍ରାମରେ ଚାଲିଥିବା ରାହାସ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ ଗୌନ୍ତିଆଙ୍କ ଘରୁ ରାଧାକୃଷ୍ଣଙ୍କ ଅସ୍ଥାୟୀ ବିଗ୍ରହକୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜା କରି, ପରେ ଭଜନ କୀର୍ତ୍ତନ ସହ ଏକ ଶୋଭାଯାତ୍ରାରେ ଯାତ୍ରାମଣ୍ଡପ ପର୍ଯ୍ୟନ୍ତ ଯାଇ ସ୍ଥାପନ କରାଯାଇଥିଲା। ସେଠାରେ କୁଟାରିମାଲର ପୁରୋହିତ ଗୌରାଙ୍ଗ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲ। ଏହି ଅବସରରେ ନୃତ୍ୟଗୀତ ସମେତ ମେଲୋଡି, ପାଲା, ନାଟକ ଆଦି ପରିବେଷଣ କରାଯାଇଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବା ପାଇଁ ଶହ ଶହ ସଂଖ୍ୟାରେ ଦର୍ଶକ ରୁଣ୍ଡ ହୋଇଥିଲେ। ଗୁରୁବାର ରାତି ୧୦ ଟାରେ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି।

# ହାଡ଼ଭଙ୍ଗା ଜାଡ଼ରେ ଥରୁଛି ଲାଞ୍ଜିଗଡ଼ — ପାରଦ ୭ ଡିଗ୍ରୀ ତଳକୁ ଖସିଲା



**ଲାଞ୍ଜିଗଡ଼, ୧୨।୧୨ (ସମିସ):** ଲାଞ୍ଜିଗଡ଼ ବ୍ଲକ ବିଭିନ୍ନ ଅଞ୍ଚଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଗତ ସପ୍ତାହରୁ ପାରଦ ୭ ଡିଗ୍ରି ତଳକୁ ଆସିବା ଫଳରେ ଅଞ୍ଚଳରେ ଦିନକୁ ଦିନ ହାଡ଼ଭଙ୍ଗା ଶୀତର ପ୍ରକୋପ ବଢୁଛି। ସାଧାରଣ ଜନଜୀବନ ଏବେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଏହାରି ଭିତରେ ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳରେ ସ୍ଥାନେ ସ୍ଥାନେ ତୁଷାରପାତ ଦେଖିବାକୁ ମିଳୁଛି। ପ୍ରବଳ ଥଣ୍ଡା ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ଖରା ଆସିଲେ ମଧ ଦିନ ତମାମ ଶୀତ ହେଉଥିବା ବେଳେ ସଞ୍ଜ ନଇଁଲେ ତାପମାତ୍ରା ହ୍ରାସ ପାଉଛି ଯାହାଫଳରେ ରାତି ତମାମ ଶୀତ ରାଜୁତି କରୁଛି। ଶୀତର ପ୍ରକୋପ ଯୋଗୁଁ ରାସ୍ତାଘାଟ ସବୁ ଶୂନଶାନ ହେଇ ଯାଉଛି। ଶୀତରୁ ରକ୍ଷା ପାଇବା ପାଇଁ ଗାଁ ଗାଁରେ ତଥା ରାସ୍ତା କଡ଼ମାନଙ୍କରେ ଲୋକେ ସ୍ଥାନେ ସ୍ଥାନେ ନିଆଁ ପୋଇଁବାର ଦୃଶ୍ୟ ଦେଖିବାକୁ ମିଳୁଛି। ବସଷ୍ଟପ୍, ପଦାରେ ଆଶ୍ରୟ ନେଉଥିବା ଯାତ୍ରୀ, ଭିକାରୀମାନଙ୍କ ଜୀବନ ହାଡ଼ଭଙ୍ଗା ଶୀତ ଯୋଗୁଁ ବିପନ୍ନ ହୋଇପଡୁଛି। ଅସହାୟ ବୃଦ୍ଧବୃଦ୍ଧାମାନେ ଶୀତ ଯୋଗୁଁ ଚିନ୍ତାରେ ରହିଥିବା ବେଳେ ବ୍ୟବସାୟୀ ତଥା ଦୋକାନୀମାନେ ମଧ ସକାଳ ୯ ଟା ପରେ ଦୋକାନ ବଜାର ଖୋଲି ସନ୍ଧ୍ୟା ୮ଟା ପୂର୍ବରୁ ଦୋକାନ ବଜାର ବନ୍ଦ କରୁଥିବା ଦେଖିବାକୁ ମିଳୁଛି। ତେବେ ଗତ ବର୍ଷ ଏହି ସମୟରେ ରାଜ୍ୟ ସରକାର ବୃଦ୍ଧାମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ସମେତ କମ୍ବଳ ପାଇଁ ମଧ ଟଙ୍କା ପ୍ରଦାନ କରିଥିଲେ କିନ୍ତୁ ଚଳିତ ବର୍ଷ ସରକାର ବୃଦ୍ଧବୃଦ୍ଧା ମାନଙ୍କୁ ଭୁଲି ଯାଇଛନ୍ତି। ବୟସ୍କଙ୍କୁ ତୁରନ୍ତ କମ୍ବଳ ପ୍ରଦାନ କରିବାକୁ ଦାବି ହେଉଛି।

## ଅମୃତଲାଲ ସାହୁଙ୍କୁ କଲମଶ୍ରୀ ସମ୍ମାନ

# ସମ୍ବଲପୁରୀ ବହି ହାଟ୍ ଉଦ୍‌ଘାଟିତ

ସମ୍ବଲପୁର, ୧୨।୧୨ (ସମିସ)



ଓଡ଼ିଆ ସାହିତ୍ୟ ଏକାଡେମୀ ଓ କଲମ ପରିବାର ଟ୍ରଷ୍ଟ ପକ୍ଷରୁ ତୃତୀୟ ସମ୍ବଲପୁରୀ ବହି ହାଟ୍ ଆଜି ପୂର୍ବାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି। ଲେଖକ ଉଦାର ହୁଅନ୍ତୁ, ଗୋଟିଏ ଲେଖାର ଉଚିତ୍ ସମୀକ୍ଷା ପାଇଁ ଲେଖକର ଚିନ୍ତା ଓ ଚେତନା ବ୍ୟାପକ ହେବା ସଙ୍ଗେ ସଙ୍ଗେ ହୃଦୟ ଉଦାର ହେବା ବାଞ୍ଛନୀୟ। ଗଭୀର ଅଧ୍ୟୟନ ବିନା ସମାଲୋଚନା ସାହିତ୍ୟ ସମ୍ଭବ ନୁହେଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାଂସ୍କୃତିକ ସମାଜସ୍ଥିତ ପ୍ରେକ୍ଷାଳୟରେ ସମ୍ବଲପୁରୀ ବହି ହାଟ୍ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଅମୃତଲାଲ ସାହୁ ଯୋଗ ଦେଇଥିଲେ। ସମ୍ବଲପୁରରୁ ତାଙ୍କୁ ସମ୍ବଲପୁରୀ ସାହିତ୍ୟିକ ଭାବେ ପ୍ରଥମ ସ୍ୱୀକୃତି ଓ ସମ୍ମାନ ମିଳିଥିଲା ବୋଲି ପ୍ରକାଶ କରିବାସହ ସମ୍ବଲପୁର ମାଟିକୁ କୃତଜ୍ଞତା ଜଣାଇଥିଲେ। କଲମ ଅନୁଷ୍ଠାନର ସଭାପତି ତଫିଜୁଲ ହୁସେନଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଡଃ ପ୍ରଦୀପ କୁମାର ପଣ୍ଡା, ପ୍ରଫେସର ମୋହନ ସାହୁ, ବରିଷ୍ଠ ସାମ୍ବାଦିକ ଶ୍ୱେତ କୁମାର ପ୍ରଧାନ, କଲମ ସମ୍ପାଦକ କ୍ଷେତ୍ରମଣି ବିଭାର, ଉପସଭାପତି ଜୟକୃଷ୍ଣ ବେହେରା, ସହସମ୍ପାଦକ ଡଃ ସତ୍ୟନାରାୟଣ ଠାକୁର, ଓଡ଼ିଶା ସାଂସ୍କୃତିକ ସମାଜର ସମ୍ପାଦକ ଦୀନବନ୍ଧୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସାହିତ୍ୟିକ ଅମୃତଲାଲ ସାହୁଙ୍କୁ କଲମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଉଦ୍‌ଘାଟନ ପରେ 'ସମ୍ବଲପୁରୀ ଭାଷାଥି ଆଲୋଚନା ଆର୍ ସମାଲୋଚନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡଃ ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ଡଃ ଦ୍ୱାରିକାନାଥ ନାୟକ, ଐତିହାସିକ ଶଶାଙ୍କ ଶେଖର ପଣ୍ଡା, ପ୍ରଫେସର ମୋହନ ସାହୁ ଯୋଗଦେଇ ସମ୍ବଲପୁରୀ ସାହିତ୍ୟରେ ସମାଲୋଚନା ସାହିତ୍ୟର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି ଏବଂ ଗ୍ରନ୍ଥାବଳୀ ଗୁଡ଼ିକର ମଧ ଆଲୋଚନା ହେବାକଥା ବୋଲି ମତପ୍ରକାଶ ପାଇଥିଲା। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସମ୍ବଲପୁରୀ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଡଃ ସତ୍ୟନାରାୟଣ ଠାକୁର ଓ ଅନ୍ୟନ୍ୟା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ ସମ୍ବଲପୁର ସମେତ ବରଗଡ଼, ବଲାଙ୍ଗୀର ଓ ସୋନପୁରରୁ ଆସିଥିବା ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। କବି ଲକ୍ଷ୍ମୀନାରାୟଣ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଗୁରୁ ତ୍ରିଲୋଚନ ତ୍ରିପାଠୀ ଏବଂ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ତୃତୀୟ ସମ୍ବଲପୁରୀ ବହି ହାଟ୍‌ରେ ସୋହେଲାର ଶିଳ୍ପ ବିକାଶ, ବରଗଡ଼ର ସମ୍ବଲପୁରୀ ଗୁଛା, ସମ୍ବଲପୁରର ଦୀପକ କୁମାର ପଣ୍ଡା ପ୍ରକାଶନୀ, ଅକ୍ଷର ଅନୁଷ୍ଠାନ, ସୁଖଦୁଖ୍ ପବ୍ଲିକେଶନ ଏବଂ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସମ୍ବଲପୁରୀ ବହି ବିକ୍ରୟ ବ୍ୟବସ୍ଥା ହୋଇଥିଲା। ଅନ୍ୟପକ୍ଷରେ ଜିଲ୍ଲା ରେଡ଼କ୍ରସ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ରେଢ଼ାଖୋଲ, ୧୨।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତସ୍ଥିତ ସ୍ୱାମୀ ହରିହରାନନ୍ଦ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଦିନ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିଥିବା ବେଳେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଲୁହାପଙ୍କ ପଞ୍ଚାୟତ ସରପଞ୍ଚ ଚିନ୍ମୟୀ ପ୍ରଧାନ ଓ ସମ୍ମାନିତ ଅତିଥି ଭାବରେ କ୍ଲଷ୍ଟର ସଂଯୋଜକ ସୁଜିତ କୁମାର ଭୋଇ ଯୋଗ ଦେଇ କ୍ରୀଡା ଉତ୍ସବ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଦୌଡ ପ୍ରତିଯୋଗୀତା, ହାଇଜମ୍ପ, ଲଙ୍ଗଜମ୍ପ ଆଦି ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହୋଇଥିଲା। କ୍ରୀଡା ଉତ୍ସବର ଉଦଯାପନୀ ଦିବସରେ ଚିନ୍ମୟୀ ପ୍ରଧାନ, ଜିତେନ୍ ହେମ୍ବ୍ରମ, ସିଆରସିସି ସୁଜିତ କୁମାର ଭୋଇ, ପିଣ୍ଟୁ ପ୍ରଧାନ ଓ କୈବର୍ତ୍ତ ସାହୁ ପ୍ରମୁଖ ଅତିଥିଗଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ରୀଡା ଉତ୍ସବରେ ସଭାପତିତ୍ୱ କରିଥିଲେ। କଠିନ ପରିଶ୍ରମ ଓ ନିରନ୍ତର ଉଦ୍ୟମ ବଳରେ ଛାତ୍ରଛାତ୍ରୀ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ସ୍ୱାମୀ ହରିହରା ନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମନମୋହୁଛି ପଦ୍ମପୁର ଲୋକମହୋତ୍ସବ

ପଦ୍ମପୁର, ୧୨।୧୨(ସମିସ)

ବରଗଡ଼ ଜିଲ୍ଲା ପଦ୍ମପୁର ଟାଉନ କ୍ଲବ୍ ତରଫରୁ ଆୟୋଜିତ ହେଉଥିବା ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବର ଶୁକ୍ରବାର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରିଷ୍ଣା ବିକାଶର ମୁଖ୍ୟ ତଥା ଶିକ୍ଷାବିତ୍ ଡି.ମୂରଲୀ କ୍ରୀଷ୍ଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆପାଲି ଆଶ୍ରମର ଅଧ୍ୟକ୍ଷ ଆଚାର୍ଯ୍ୟ ଭଗବାନ ଦେବ, ପଦ୍ମପୁର ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ଶିରିଶ ବହିଦାର, ଟାଉନ୍ କ୍ଲବ୍‌ର ବରିଷ୍ଠ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ ପର୍ବର ଶୁଭାରମ୍ଭ କରିଥିଲେ। ସଙ୍ଗୀତ ସମିତି ତରଫରୁ 'ଇଟା ଆମର ଜନମ ମାଟିରେ' ସଙ୍ଗୀତ ଗାଇ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ମହୋତ୍ସବ ଆୟୋଜନ କମିଟି ତଥା ଟାଉନ୍ କ୍ଲବ୍ ସଭାପତି ପ୍ରିତେଶ ବହିଦାର ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ କୁନାଲ ପାଣିଗ୍ରାହୀ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ।



ତୃତୀୟ ସନ୍ଧ୍ୟାରେ ବୁଢ଼ା ସମ୍ବର ଅଞ୍ଚଳର ବହୁ ପରିଚିତ ସମ୍ବଲପୁରୀ ଗାୟିକା ଗୀତାଞ୍ଜଳି ପୋଡଙ୍କ ହଳଦୀ ଗିନା ଗୀତରୁ ସାଂସ୍କୃତିକ ପର୍ବ ଶୁଭାରମ୍ଭ ହୋଇଥିଲା। ଝୁମେର ନୃତ୍ୟ ରାଜଗାଙ୍ଗପୁର, ବଲାଙ୍ଗିର କୋଶଳ ଫୋକ ଏକାଡେମୀର ଡାଲଖାଇ, ଗୁଜରାଟର ବ୍ରହ୍ମପୁରୀରାସ ଗର୍ବା, ସମେତ ଛୁମକୁଛୁମା କଳା ପରିଷଦ ଡେଡେନ, ପଦ୍ମପୁର ମହିଳା ମହାବିଦ୍ୟାଳୟର ଭାଏ ଜିଉତିଆ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମ୍ବଲପୁରୀ ନୃତ୍ୟ, ଜିସ୍ତ କଲେଜର ନୃତ୍ୟ ପରିବେଷିତ ହୋଇଥିଲା। ଏହାସହ ସୁରଶ ସାହୁଙ୍କ ନିର୍ଦ୍ଦେଶନାରେ ଓ ରେନବୋ ଫେସନ ଡିଜାଇନର ଜୁନିୟର ସମ୍ବଲପୁରୀ ଫେସନ ଶୋ ଏବଂ ଟେନେସ ପଣ୍ଡା ଏବଂ ଏଡିଭି ସୋମେଶ ଚନ୍ଦ୍ର ମହାନ୍ତିଙ୍କ ସଂଯୋଜନା ଓ ଆଦ୍ୟାସା ମଞ୍ଜରୀ ପଟ୍ଟନାୟକଙ୍କ ଦ୍ୱାରା ନିର୍ଦ୍ଦେଶିତ ସିନିୟର ରାମ୍ପ ଶୋ ହୋଇଥିଲା। ସମ୍ବଲପୁରୀ ପିନ୍ଧନ ଉଢ଼ନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ବାଦ୍ୟ, ନୃତ୍ୟ, ଗୀତରେ ଦୁଲକିଲାଥିଲା ମଞ୍ଚ।

ଉତ୍ସବରେ ସଚିଦାନନ୍ଦ ବହିଦାରଙ୍କୁ କ୍ରୀଡ଼ା ସାଧନା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ସମ୍ବଲପୁରୀ ଗୀତଗାଇ ଲୋକଲୋଚନକୁ ଆସିଥିବା ବୁଢ଼ାସମ୍ବର ମାଟିର ଗୌରବ ଗୀତାଞ୍ଜଳି ପୋଡ଼ଙ୍କୁ ସମ୍ମାନିତ କରାଯାଇଥିଲା। ଟାଉନ୍ କ୍ଲବ୍‌ର ସମ୍ପାଦକ ଇଂ. କୁନାଲ ପାଣିଗ୍ରାହୀ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ। କ୍ଲବ୍ ସଭାପତି ତଥା ମହୋତ୍ସବ କମିଟିର ସଭାପତି ପ୍ରିତେଶ ବହିଦାର, ଆବାହକ ଅଶୋକ ମିଶ୍ର, ସମ୍ପାଦକ ଶ୍ରୀ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ସୁବାଷ ପାତ୍ର, ସରୋଜ ମିଶ୍ର, ନରୋତମ ପ୍ରଧାନ, ହରି ସିଂ, କେଶବରଞ୍ଜନ ପ୍ରଧାନ, ଅଶୋକ ବହିଦାର, ନିରୋଜ ଦୋରା, ସୁରେନ୍ଦ୍ର ସାହୁ, ରମେଶ ଗୁର୍ଲ୍ଲା, ବିକାଶ ବହିଦାର, ସୁନୀଲ ଅଗ୍ରୱାଲ, ପ୍ରମୋଦ ମେହେର, ପ୍ରତାପ ନାଥ, ଆଦିତ୍ୟ ରଥ, ଜ୍ୟୋତ୍ସ୍ନାରାଣୀ କର, ରଞ୍ଜୁ ସେଠ, ନାରାୟଣ ପୁରୋହିତ, ରାଜେଶ ଗୁର୍ଲ୍ଲା, ନିରୋଜ ସିହ୍ନା, ଅଖିଳ ପଟ୍ଟନାୟକ, ଦିନେଶ ବାରିକ, ସୁରଜ ସୁନା, ସୁରେଶ ସାହୁ, ଅମିତ ଗର୍ଗ, ଏଡିଭି ସୋମେଶ ଚନ୍ଦ୍ର ମହାନ୍ତି, ନିଖିଳ ପଟନାୟକ, ନରେଶ ବାରିକ, ଟେନେସ ପଣ୍ଡା, ଯୁଗଳ ସାହୁ, ଚିନ୍ମୟ ସାମଲ, ଅନିଲ ଗୁର୍ଲ୍ଲା, ରାହୁଲ ବହିଦାର, ବାରୀଶରାଜା, ଲକ୍ଷ୍ମୀକାନ୍ତ ବରିହା, ରୋହିତ ସେଠ, ରାହୁଲ ତାଣ୍ଡି, ସୁରେନନ୍ଦ୍ର ଲୁହାର, ଉଦ୍ଧବ ଡୁଙ୍ଗରି, ରୁଦ୍ରନାରାୟଣ ସାହୁ, ଶଙ୍କର ରାଉଥ, ବିନୀତ ପାତ୍ର, ଆଦେଶ ସାହୁ, ଓଁମ ସାହୁ, ଆୟୁଷ ଯୋଶୀ, ଡମ୍ବରୁ ଭୋଇ, ବିରେନ ପ୍ରଧାନ, ପ୍ରେମାନନ୍ଦ ବରିହା, ମନୋଜ ପ୍ରମୁଖ ସଦସ୍ୟ ମାନେ ସହଯୋଗ କରିଥିଲେ। ମନିଷ ରଥ, ପ୍ରାପ୍ତି ପାଣିଗ୍ରାହୀ, ଆଦ୍ୟା ବନଛୋର, ଶୋନାଲିକା ବନଛୋର ମଞ୍ଚ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇ ଥିଲେ। ରମେଶ ଗୁର୍ଲ୍ଲା, ରାଜେଶ ଗୁର୍ଲ୍ଲାଙ୍କ ସଂଯୋଜନାରେ ସଙ୍ଗୀତ ସମିତିର କଳାକାର ମାନଙ୍କ ଦ୍ୱାରା ବାଦ୍ୟ ସଞ୍ଚାଳନ ହୋଇଥିଲା। ନାଟ୍ୟକାର ଅଶୋକ ବହିଦାର, କେଶରଞ୍ଜନ ପ୍ରଧାନ ମିଟିଂ ମଞ୍ଚ ପରିଚାଳନା କରିଥିଲେ।

**ତୃତୀୟ ସନ୍ଧ୍ୟାରେ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ**

# ୨୭୦୦ ବୋତଲ କଫ୍ ସିରପ୍ ଜବତ, ୨ ଗିରଫ



ବରଗଡ଼, ୧୨।୧୨(ସମିସ): ୨୭୦୦ ବୋତଲ କଫ୍ ସିରପ ଚାଲାଣ ବେଳେ ଦୁଇ ଅଭିଯୁକ୍ତକୁ ଗିରଫ କରିଛି ବରଗଡ଼ ଟାଉନ ପୁଲିସ। ପୁଲିସ ପାଟ୍ରୋଲିଂ ସମୟରେ ଏକ ପିକ୍‌ଅପ୍ ଭେନ୍‌ରେ କଫ୍ ସିରପ୍ ଚାଲାଣ ହେଉଥିବା ଖବର ପାଇବା ପରେ ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ଦ୍ୱାରା ଏକ ଟିମ୍ ଗଠନ କରାଯାଇ ୨୭୦୦ ବୋଟଲ କଫ୍ ସିରପ୍ ସହ ଦୁଇ ଅଭିଯୁକ୍ତକୁ ପୁଲିସ ଗିରଫ କରଥିଲା। ତେବେ ପିକ୍‌ଅପ୍ ଭେନ୍‌ରୁ କଫ୍ ସିରପ୍ ଅନଲୋଡ୍ କରି ପିକପ୍ସ୍ ଘଟଣା ସ୍ଥଳରୁ ଚାଲି ଯାଇଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ଦୁଇଟି ସ୍କୁଟି ଓ ଏକ ମୋବାଇଲ ଫୋନ୍ ଜବତ କରଯାଇଛି। ଏହି ସମୟରେ ୬ଟି ପାକେଟ୍‌ରେ ୨୭୦୦ ବୋତଲ କଫ୍ ସିରପ୍ ସହ ଦୁଇ ଅଭିଯୁକ୍ତ ଧରାପଡ଼ିଛନ୍ତି। ତେବେ ଘଟଣା ସ୍ଥଳରୁ କିଛି ଅଭିଯୁକ୍ତ ଫେରାର ହୋଇଥିବା ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ବିପୁଳ କଫ୍ ସିରପ୍, ନିଶା ବଟିକା ଜବତ, ୩ ଗିରଫ

**ପଦ୍ମପୁର:** ପଦ୍ମପୁର ପୁଲିସର ପାଟ୍ରୋଲିଂ ଦ୍ୱାରା ଟିମ ଜମଲା ଛକରେ ଚଢ଼ଉ କରାଯାଇ ବିପୁଳ କଫ୍ ସିରପ୍ ନିଶା ବଟିକା ଜବତ ସହ ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ପାଇ ପଦ୍ମପୁର ପୁଲିସ ସବ ଇନ୍ସପେକ୍ଟର ଏ. ବେହେରାଙ୍କ ନେତୃତ୍ୱରେ ଆଜି ଦିନ ୧୨ ଟା ସମୟରେ ହୋଇଥିଲା। ତିନି ଅଭିଯୁକ୍ତ ପ୍ରକାଶ ବେହେରା (ସମ୍ପିଆ) ପ୍ରମୋଦ ରଣା, ବେଣୁଧର ବେହେରା (ମହୁଲପାଲି)ଙ୍କୁ ଗିରଫ କରି ସେମାନଙ୍କ ଠାରୁ ୮୦ ବୋତଲ କଫ୍ ସିରପ୍, ୫ ଷ୍ଟ୍ରିପ ନିଶା ବଟିକା, ୫ ଲିଟର କଫ୍ ସିରପ୍ ଓ ଏକ ବାଇକକୁ ଜବତ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।



# ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ପ୍ରସ୍ତୁତି

**ବରଗଡ଼, ୧୨।୧୨(ସମିସ):** ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ୨୦୨୫-୨୬ ପାଳନ ଉପଲକ୍ଷେ ପ୍ରଚାର ପ୍ରସାର କମିଟିର ପ୍ରସ୍ତୁତି ବୈଠକ ଶନିବାର ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ବୈଠକର ଅଧ୍ୟକ୍ଷତା କରିଥିଲେ। ଶ୍ରୀ ଖୋସ୍ଲା ସମସ୍ତ ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ଧନୁଯାତ୍ରାକୁ ଗୌରବମୟ, ସୂଚାରୁ ଓ ସୁସଂଗଠିତ ଭାବେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ ସର୍ବସମ୍ମତିରେ ପ୍ରଚାର ପ୍ରସାର କମିଟିକୁ ପୁନର୍ଗଠନ କରାଗଲା। କମିଟିର ଆବାହକ ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ନାମ ସ୍ଥିର ରହିଛି। ସହ ସଂଯୋଜକ ଭାବେ ରବିନାରାୟଣ ପଣ୍ଡା, ଲଲାଟେନ୍ଦୁ ଦାଶ ଓ ରଞ୍ଜନ ଦେବତାଙ୍କୁ ନିଯୁକ୍ତ କରାଗଲା। ଗଣମାଧ୍ୟମ ପ୍ରତିନିଧି ଓ ସଂସ୍କୃତିକ ବ୍ୟକ୍ତିତ୍ୱ ମାନଙ୍କୁ ନେଇ କମିଟି ଗଠନ କରିବାକୁ ନିର୍ଣ୍ଣୟ ହୋଇଛି। ଧନୁଯାତ୍ରା ଅବସରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା ଶୋଭାଯାତ୍ରା, ଚିତ୍ରକଳା ପ୍ରତିଯୋଗିତା, ରଙ୍ଗୋଲି ପ୍ରତିଯୋଗିତା, କଳାକାର ଶିବିର ଓ ମିଡିଆ ପରିଚାଳନା ପାଇଁ ସଦସ୍ୟମାନଙ୍କୁ ଭିନ୍ନଭିନ୍ନ ଦାୟିତ୍ୱ ବଣ୍ଟନ କରାଗଲା। ଶୋଭାଯାତ୍ରା ପାଇଁ ରବିନାରାୟଣ ପଣ୍ଡାଙ୍କୁ ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ସେହିଭଳି ଭାବେ ଚିତ୍ରକଳା ପ୍ରତିଯୋଗିତା ପାଇଁ ସନ୍ତୋଷ ଭୋଇ, ରଙ୍ଗୋଲି ପ୍ରତିଯୋଗିତା ପାଇଁ ସତ୍ୟଜିତ ଦାଶ ଏବଂ କଳାକାର ଶିବିର ପାଇଁ ବାଲାଜୀ ବିଭୁରଞ୍ଜନ ତରାସିଆଙ୍କୁ ଦାୟିତ୍ୱ ଦିଆଯାଇଛି। ମିଡିଆ ପରିଚାଳନାର ମୁଖ୍ୟ ଭାବେ ରଞ୍ଜନ ଦେବତାଙ୍କୁ ନିଯୁକ୍ତ କରାଯାଇଛି। ଏହି ପ୍ରତିଯୋଗିତା ଗୁଡିକ ୨୨ ଡିସେମ୍ବରରୁ ଆରମ୍ଭ ହେବ। ବୈଠକରେ ମିଡିଆ ପରିଚାଳନା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ଥିର କରାହୋଇଥିଲା। ମିଡିଆ ପାସ କେବଳ ରାଜ୍ୟ ଓ ନିକଟସ୍ଥ ଜିଲ୍ଲାରୁ ଆସିଥିବା ପ୍ରମାଣିକ ସାମ୍ବାଦିକମାନଙ୍କୁ ଦିଆଯିବ। ଜିଲ୍ଲା ବାହାରର ସାମ୍ବାଦିକମାନେ ପ୍ରେସ ଆଇଡି ନକଲ ଦେବାକୁ ପଡ଼ିବ। ସଦର ମହକୁମାରେ କାର୍ଯ୍ୟରତ ଓ ସକ୍ରିୟ ୱେବ ଚାନେଲ ସାମ୍ବାଦିକମାନଙ୍କୁ ମଧ ପାସ ମିଳିବ। ଫୋଟୋଗ୍ରାଫି ପାଇଁ ପ୍ରିଣ୍ଟ ମିଡିଆ ସମ୍ମିଳିତ ଭାବେ ଜଣେ କ୍ୟାମେରାମ୍ୟାନ ଚୟନ କରିବେ ଓ ତାହାକୁ କମିଟିଙ୍କୁ ସୁପାରିଶ କରିବେ। ଇଲେକ୍ଟ୍ରୋନିକ ମିଡିଆ ପାଇଁ ଡ୍ରୋନ କ୍ୟାମେରା ଫୁଟେଜ ବ୍ୟବସ୍ଥା ରହିବ। ଏହାଛଡା ସାମ୍ବାଦିକମାନଙ୍କ ସୁବିଧା ପାଇଁ କଂସ ଦରବାର ଓ ରଙ୍ଗମହଲ ପ୍ରାଙ୍ଗଣରେ ବାଇଟ ଷ୍ଟଲ ସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।



# ଅବସରପ୍ରାପ୍ତ ଶିକ୍ଷକ ନବୀନ ଚନ୍ଦ୍ର ମହାପାତ୍ରଙ୍କ ପରଲୋକ

**ଝିଅ ଦେଲେ ମୁଖାଗ୍ନି**

**ବରଗଡ଼, ୧୨।୧୨(ସମିସ):** ବରଗଡ଼ ଜିଲ୍ଲା ଯୋଖିପାଲି ଗାଁର ଅବସରପ୍ରାପ୍ତ ଶିକ୍ଷକ ନବୀନ ଚନ୍ଦ୍ର ମହାପାତ୍ରଙ୍କ (୮୪) ପରଲୋକ ଘଟିଛି। ସମ୍ବଲପୁର ଜିଲ୍ଲା ସ୍କୁଲରୁ ତାଙ୍କର ଶିକ୍ଷକତା ଜୀବନ ଆରମ୍ଭ କରି ଶେଷରେ ବରଗଡ଼ ସିଟି ସ୍କୁଲରେ ଚାକିରି ଜୀବନରୁ ଅବସର ନେଇଥିଲେ। ବିଗତ ତିନି ବର୍ଷ ହେବ ସେ ତାଙ୍କ ଝିଅ ପାଖେ ରହୁଥିଲେ। ତାଙ୍କ ବିୟୋଗରେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଝିଅ ବବିତା ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ମହାତ୍ମା ଗାନ୍ଧୀ ଜୁନିଅର ମହାବିଦ୍ୟାଳୟରେ କ୍ୟାରିୟର ସେମିନାର

**ଅମ୍ବାଭୋନା, ୧୨।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ଜୁନିୟର ମହାବିଦ୍ୟାଳୟରେ ଆଇଆଇଏମ୍ଏସ୍ ମହାବିଦ୍ୟାଳୟ ତରଫରୁ ଏକ କ୍ୟାରିୟର ସେମିନାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଧ୍ରୁବ ଚରଣ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସେମିନାରରେ ଆଇଏମଏସ ଅଧ୍ୟକ୍ଷ ଦୁର୍ବାସା ପଧାନ, ବିପିଓ ଓମପ୍ରକାଶ ସାହୁ, ଏଆଇଆଇଟି ନିର୍ଦ୍ଦେଶକ ଅନିଲ ସାହୁ ଛାତ୍ରଛାତ୍ରୀଙ୍କୁ ନିଜ କ୍ୟାରିୟର କିଭଳି ଭାବେ ନିଶ୍ଚିତ କରିପାରିବେ, ନିଜକୁ ସ୍ୱାବଲମ୍ବୀ କରିପାରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପକ ଜଗଦୀଶ ନାୟକ ସଭା ସଞ୍ଚାଳନ କରିଥିବା ବେଳେ ଜୟନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥଲେ। ଅଧ୍ୟାପକ ପ୍ରଶାନ୍ତ ସାହୁ, କିଶନ ଅଗ୍ରୱାଲ, ଅନୁପମା ପ୍ରଧାନ, ଭାରତ ବିଶି, ଚିନ୍ମୟ ପ୍ରଧାନ, ତାରାକାନ୍ତି ସାହୁ, ସୁଜାତା ସା, ଲିପିକା ସାହୁ, ସୁଧାରାନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ରାଧାରାଣୀ ପଟ୍ଟନାୟକଙ୍କ ନବମ କବିତା ସଙ୍କଳନ 'ସୂପର୍ଣ୍ଣା' ଉନ୍ମୋଚିତ



**ବରଗଡ଼, ୧୨।୧୨(ସମିସ):** ଯୁଗୋପଯୋଗୀ ସୁବର୍ଣ୍ଣ ଦୀପ ଓ ଭାରତୀ ଶିଶୁ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ବିଶିଷ୍ଟ ଲେଖିକା ରାଧାରାଣୀ ପଟ୍ଟନାୟକଙ୍କ ନବମ କବିତା ସଙ୍କଳନ 'ସୂପର୍ଣ୍ଣା' ଉନ୍ମୋଚିତ ହୋଇଛି। ସୁବର୍ଣ୍ଣ ଦୀପ ପତ୍ରିକାର ସମ୍ପାଦକ ସାମ୍ବାଦିକ ପ୍ରଦୀପ୍ତ ଭାନୁ ମହାନ୍ତିଙ୍କ ଅଧ୍ୟକ୍ଷତା ଓ ଡ.ଡୋଳାମଣି ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟକ ମନୋରଞ୍ଜନ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ସୁଦୀପ ରଥ, ଭାରତୀ ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଛାତ୍ରୀ ଶାଲିନି ସା, ସହସମ୍ପାଦିକା ରିତିକା ସା ପ୍ରମୁଖ ଯୋଗ ଦେଇ ଥିଲେ। ଅବସରପ୍ରାପ୍ତ ଶିକ୍ଷକ କପିଲ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନବିକ୍ରି ମନ୍ଥରତା ବିରୋଧରେ ଏନ୍ଏସିସ୍ତରୀୟ ଚାଷୀ ବୈଠକ



**ଅତାବିରା, ୧୨।୧୨(ସମିସ):** ଧାନର କିଣାବିକା ମନ୍ଥର ଚାଲିଥିବା ବେଳେ ପ୍ରକୃତ ଚାଷୀ ହଇରାଣ ହେଉଥିବାରୁ ସୁରୁଖୁରୁରେ ଧାନ ବିକିବା ପାଇଁ ଏନ୍ଏସିର ଚାଷୀ ସ୍ଥାନୀୟ ଦୁର୍ଗା ମନ୍ଦିରଠାରେ ବୈଠକ କରିଛନ୍ତି। ଅତାବିରା ପାକ୍ସ ଅଧୀନ ଅତାବିରା ଏନ୍ଏସି ଚାଷୀ ବହୁଳ। ଏହି ଏନ୍ଏସିରେ ରେଙ୍ଗାଲିପାଲି, କାଣ୍ଡପାଲି, ଲାଦରପାଲି, ଭାଲୁପାଲି, ବୈମାନଟିକ୍ରା, ଭୋଇପୁରା, ଅତାବିରା ଗାଁ ଆଦି ରହିଛି। ଏହିସବୁ ଗାଁ ଗୁଡ଼ିକରେ ଶତ ପ୍ରତିଶତ ଚାଷୀ ରହିଛନ୍ତି। ବିଗତ ଫସଲ ଧାନ ସଂଗ୍ରହରେ କିଛି ଚାଷୀ ବ୍ୟକ୍ତିଗତ ଉଦ୍ଦେଶ୍ୟ ପାଇଁ ଧାନ କିଣା ବିକା ସମୟରେ ବିଭ୍ରାନ୍ତି, ହସ୍ତକ୍ଷେପ କରିବା ଦେଖା ଦେଇଥାଏ। ଏହାଦ୍ୱାରା ଧାନ ସଂଗ୍ରହ ବାଧାପ୍ରାପ୍ତ ହୋଇଥାଏ। ପ୍ରକୃତ ଚାଷୀ ବିଭିନ୍ନ ଅସୁବିଧା ଭୋଗ କରିଥାଏ। ଚଳିତ ଫସଲର ଧାନ ସୁରୁଖୁରୁରେ ବିକ୍ରି କରିବା ପାଇଁ ସ୍ଥାନୀୟ ଦୁର୍ଗା ମନ୍ଦିର କଲ୍ୟାଣ ମଣ୍ଡପ ପରିସରେ ଅକ୍ଷେଟିକ୍ରାର ଚାଷୀ ସମୀର ପ୍ରଧାନଙ୍କ ସଭାପତିତ୍ୱରେ ଏନ୍ଏସି ଅଧୀନ ବିଭିନ୍ନ ଗାଁର ଚାଷୀଙ୍କୁ ନେଇ ବୈଠକ ହୋଇଥିଲା। ଏନ୍ଏସି ସ୍ତରର ଚାଷୀ ବିନା ଦ୍ୱିଧାରେ ଧାନ ବିକ୍ରି କରିବା ପାଇଁ ଶନିବାର ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ସହ ସାକ୍ଷାତ କରି ସମାଧାନର ବାଟ ବାହାର କରିବାକୁ ନିଷ୍ପତ୍ତି ହୋଇଥିଲା। ଆଲୋଚନାରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ସଭାପତି ବୀରେନ୍ଦ୍ର କର ଓ କାର୍ଯ୍ୟକାରୀ ସଭାପତି ଟିଂଖେଲାଲ ମିଶ୍ରଙ୍କ ନିମନ୍ତ୍ରିତ ଚାଷୀ ଭାବେ ଯୋଗ ଦେଇଥିଲେ। ଆଲୋଚନାରେ ଦଶରଥ ଭୋଇ, ଅମୂଲ୍ୟ ସ୍ୱାଇଁ, ଜିତେନ ପ୍ରଧାନ, ବିକ୍ରମ ପ୍ରଧାନ, ସଂସାର ଭୋଇ, ସୁରେନ୍ଦ୍ର ପ୍ରଧାନ, ରାଜେଶ ପ୍ରଧାନ, ସତ୍ୟବାନ ସାହୁ, ପି ଜଗଦିଶ, ପି ଶ୍ରୀଧର, ଜନ୍ମେଜୟ ସ୍ୱାଇଁ, ଧିରଜ ସାହୁ, ସାଧୁ ଗଡ଼ତିଆ, ରାମା ଗଡ଼ତିଆ, ସୁରେନ୍ଦ୍ର ସ୍ୱାଇଁ, ଜିରବି, ଜି ଅନିଲ, ରକ୍ଷିକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା





**ଝାରବନ୍ଧ, ୧୨।୧୨(ସମିସ):** 'ଆସ ସ୍କୁଲ ଯିବା ଅଭିଯାନ'ରେ ଜାମପାଲି କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଭା ଜାମପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କିରଣ ବାଗ, ସରପଞ୍ଚ ଭଣ୍ଡାରପୁରୀ ପଞ୍ଚାୟତ, ମୁଖ୍ୟବକ୍ତା ଭାବେ ଏବିଇଓ ଦୟାନିଧି କୈବର୍ତ୍ତ, ଜାମପାଲି କ୍ଲଷ୍ଟର ସିଆରସିସି କରୁଣା ସାହୁ, ସମ୍ମାନିତ ଅତିଥି ଭାବେ ଜାମପାଲି ସ୍କୁଲ ଅଧକ୍ଷ ପ୍ରମୋଦ ଚନ୍ଦ୍ର ସାହୁ, ପୂର୍ବତନ ସିଆରସିସି କୁବେର ପୋଢ଼, ପୂର୍ବତନ ରାଜସ୍ୱ ନିରୀକ୍ଷକ ଈଶ୍ୱର ଦୀପ, ହୁମେଶ୍ୱର ସାହୁ, ଦୟାଲାଲ ସାହୁ, ଗାଁ କମିଟି ସମ୍ପାଦକ ସୋମନାଥ ବାଗ ଯୋଗ ଦେଇଥିଲେ। ଅଧାରୁ ପାଠ ଛାଡି ଦେଇଥିବା ପିଲା, ସ୍କୁଲ ଯାଇ ନଥିବା ପିଲାମାନଙ୍କ ଚିହ୍ନଟ କରାଯାଇ ମୁଖ୍ୟ ସ୍ରୋତରେ ଆଣିବା ଉଦ୍ଦେଶ୍ୟରେ ଆଲୋଚନା ହୋଇଥିଲା। ଜାମପାଲି କ୍ଲଷ୍ଟରରେ ମୋଟ ୯୭ ଜଣ ଡ୍ରପ ଆଉଟ ଛାତ୍ରଛାତ୍ରୀ ଥିବାବେଳେ ୪୫ ଜଣଙ୍କୁ ମୁଖ୍ୟ ସ୍ରୋତରେ ଅଣାଯାଇଥିବା ସିଆରସିସି ଶ୍ରୀ ସାହୁ ସୂଚନା ଦେବା ସହ ରହି ଯାଇଥିବା ସମସ୍ତ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ଆଣିବାର ପ୍ରଚେଷ୍ଟା ଜାରି ଥିବା କହିଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରୋହିତ କଲେତ ମଞ୍ଚ ପରିଚାଳନା କରିଥିଲେ।

**ଝାରବନ୍ଧ:** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ, ବୈତାଳି କ୍ଲଷ୍ଟର ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡୁମୁରିପାଣିରେ 'ଆସ ସ୍କୁଲ ଯିବା ଅଭିଯାନ' ଅଧୀନ ସ୍ୱତନ୍ତ୍ର 'ଶିକ୍ଷା ସଭା' କାର୍ଯ୍ୟକ୍ରମ ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଦିବସ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି, ସମ୍ମାନିତ ଅତିଥି ଭାବେ ଅମଠି ଗାଁ ପଞ୍ଚାୟତ ସରପଞ୍ଚ ଲକ୍ଷେ ସିଂ ଥପା, ଡୁମୁରିପାଣି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିନବନ୍ଧୁ ବାଳମ, ପଞ୍ଚସଖୀ ଶିକ୍ଷା ସେତୁ ସଭାପତି ଲିଙ୍ଗରାଜ ପଟେଲ, ଦୀପକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବିଇଓ ପତି ଉକ୍ତ ଶିକ୍ଷା ସଭାର ମହତ୍ତ୍ୱ ତଥା ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ବୈତାଳି କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବୈତାଳି କ୍ଲଷ୍ଟର ଅଧୀନ ୧୧ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

# ଶିକ୍ଷା ସଭା ପାଇଁ ବୁଲିଲା ଶିକ୍ଷା ସଚେତନତା ରଥ

ଝାରବନ୍ଧ, ୧୨।୧୨(ସମିସ)

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ୧୦ଟି କ୍ଲଷ୍ଟର ସିଆରସିସିଙ୍କ ମିଳିତ ଉଦ୍ୟମରେ 'ଆସ ସ୍କୁଲ ଯିବା' ଅଭିଯାନ ଅଧୀନ ଶିକ୍ଷା ସଭା ପାଇଁ ଏକ ଶିକ୍ଷା ସଚେତନତା ରଥ ବାହାରି ସମସ୍ତ କ୍ଲଷ୍ଟରର ଗୋଟିଏ ଲେଖାଏଁ ବିଦ୍ୟାଳୟ ତଥା ଗାଁକୁ ଯାଇ ଅଭିଭାବକ ମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ଝାରବନ୍ଧ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି ଉଦ୍‌ଘାଟନ କରିଥିଲେ। ଯେଉଁଥିରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ ଉପସ୍ଥିତ ଥିଲେ। ରଥ ପ୍ରଥମେ ଝାରବନ୍ଧ କ୍ଲଷ୍ଟର ଅଧୀନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବାହାରି ଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ପୋଢ଼ ଏବଂ ସିଆରସିସି ଗୋପାଳ ହରିଜନ ରଥକୁ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ସ୍ୱାଗତ କରିଥିଲେ। ଏହାପରେ ଶିକ୍ଷା ସଭା ସଚେତନତା ରଥ ଲେରଗାଁ କ୍ଲଷ୍ଟର ଅଧୀନ ଅଡାପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲା, କ୍ଲଷ୍ଟର ସିଆରସିସି ଅକ୍ରୁର ସାହୁ ଏବଂ ପ୍ରଧାନଶିକ୍ଷକ ସଦାନନ୍ଦ ବେହେରା ସ୍ୱାଗତ କରିଥିଲେ। ପରେ ଶିକ୍ଷା ରଥ ଜଗଦଳପୁର କ୍ଲଷ୍ଟର ଅଧୀନ ଧଉଁରାଭଟା ଉଚ୍ଚ ପ୍ରାଥମିକ ସ୍କୁଲକୁ ପହଞ୍ଚିଥିଲା। କ୍ଲଷ୍ଟର ସିଆରସିସି ନିଳାମ୍ବର ସାହୁ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ରଥକୁ ସ୍ୱାଗତ କରିଥିଲେ। ଅନୁରୂପ ଭାବେ ନିଲଜିପତ୍ରା କ୍ଲଷ୍ଟରରେ ଶିକ୍ଷା ସଭା ସଚେତନତା ରଥକୁ କ୍ଲଷ୍ଟର ସିଆରସିସି ଜଗଦିଶ ସେଠ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜରବିନ୍ଦ ନାୟକ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ। ଏହାପରେ ରଥଟି ଚନ୍ଦ୍ରମଣିପୁର କ୍ଲଷ୍ଟରକୁ ଯାଇଥିଲା ଯେଉଁଠି ସିଆରସିସି ରାଜେନ୍ଦ୍ର ମହାକୁର ରଥକୁ ସ୍ୱାଗତ କରିଥିଲେ। ଜାମପାଲି କ୍ଲଷ୍ଟରରେ ଜାମପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି କରୁଣା ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସ୍ୱାଗତ କରିଥିଲେ। ଡଭା କ୍ଲଷ୍ଟରରେ ସିଆରସିସି କ୍ଷୀରୋଦ୍ର ମହାନନ୍ଦ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରଥକୁ ସ୍ୱାଗତ କରିଥିବା ବେଳେ ଭଣ୍ଡାର ଜୋରି କ୍ଲଷ୍ଟରର ପଗାରପାଣି ବିଦ୍ୟାଳୟରେ ସିଆରସିସି ବିଷ୍ଣୁଚରଣ ସାହୁ ରଥକୁ ସ୍ୱାଗତ କରିଥିଲେ। ଶେଷରେ ବୈତାଳି କ୍ଲଷ୍ଟର ଅଧୀନ ଡୁମୁରିପାଣି ବିଦ୍ୟାଳୟରେ ସିଆରସିସି ଦିବସ ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ରଣା ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଗୌଡମାଲ କ୍ଲଷ୍ଟର ସିଆରସିସି ପୁରନ୍ଦର କୁମ୍ଭାର ରଥକୁ ପରିଚାଳନା କରିଥିଲେ।



# ସ୍ତ୍ରୀକୁ ନିଆଁରେ ପୋଡି ହତ୍ୟା ଅଭିଯୋଗ,ଥାନାରେ ସ୍ୱାମୀ ଅଟକ

## ଅର୍ଦ୍ଧ ଦଗ୍ଧ ଶବ ଉଦ୍ଧାର କଲା ପୁଲିସ

ବେଲପଡା,୧୨।୧୨(ସମିସ): ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ୍ ମଧପୁର ପଞ୍ଚାୟତ କଟାପାଲି ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନିଜ ସ୍ତ୍ରୀକୁ ସ୍ୱାମୀ ନିଆଁରେ ପୋଡି ମାରିଦେଇଥିବା। ମହିଳାଙ୍କ ବାପ ଘର ଲୋକ ବେଲପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସ୍ୱାମୀକୁ ପିଣ୍ଟୁ ପରୁଆକୁ ପୁଲିସ ଥାନାରେ ଅଟକରଖି ପଚରା ଉଚରା କରୁଥିବା ବେଳେ ଗାଁରେ ସାଇଣ୍ଟିକଫିକ ଟିମ୍ ସହ ପୁଲିସ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଏହା ହତ୍ୟା ନା ଅନ୍ୟ କିଛି ପୁଲିସ ତଦନ୍ତ ପରେ ଜଣାପଡିବ। ମିଳିଥିବା ସୂଚନା ଅନୁସାରେ ବେଲପଡା ଥାନା ବୁଡାମୁଣ୍ଡା ଗାଁର ବୁଲାବତୀ ନାଏକକୁ ଗତ ୧୧.୪.୨୪ ତାରିଖରେ ରୀତିନୀତିରେ ବିବାହ କରିଥିଲେ କଟାପାଲିଗାଁର ଶତ୍ରୁଘନ ପରୁଆଙ୍କ ପୁଅ ପିଣ୍ଟୁ ପରୁଆ।ପିଣ୍ଟୁ ମଦ୍ୟପାନ କରୁଥିବା ବେଳେ ବିଭିନ୍ନ ସମୟରେ ସ୍ତ୍ରୀ ସହ ଝଗଡା କରୁଥିଲେ। ତାଙ୍କର ୧୦ ମାସର ଏକ ପୁଅ ମଧ ରହିଛି। ବୁଲାବତୀଙ୍କ ମାଆ ପୁରାଣ ବତୀ ନାଏକ କହିବା ଅନୁସାରେ ଗୁରୁବାର ରାତିରେ ଝିଅ ସହ ଭିଡିଓ କଲରେ କଥାବାର୍ତ୍ତା କରିଥିଲେ। ଝିଅ ହସ ଖୁସିରେ କଥା ହୋଇଥିଲା କିନ୍ତୁ ସକାଳେ ଜାଣିବାକୁ ପାଇଲେ ଯେ ଝିଅ ପୋଡି ମରିଯାଇଛି। ତୁରନ୍ତ ପରିବାର ଲୋକ କଟାପାଲି ଗାଁରେ ପହଁଞ୍ଚି ଥିଲେ। ଝିଅର ଅର୍ଦ୍ଧଦଗ୍ଧ ପୋଡା ଦେହ ଦେଖି ଝିଅକୁ ହତ୍ୟା କରି ମାରି ଦେଇଥିବା ଅଭିଯୋଗ ଆଣି ବେଲପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୁଲିସ ସାଇଣ୍ଟିକଫିକ ଟିମ୍ ଘଟଣା ସ୍ଥଳରେ ପହଁଞ୍ଚି ପଚରାଉଚରା କରିଥିଲେ। ମାଜିଷ୍ଟ୍ରେଟ ଭାବେ ଥିବା ବେଲପଡା ତହସିଲଦାର ଅଭିଷେକ କିସାନଙ୍କ ଉପସ୍ଥିତରେ ଅଭିଯୁକ୍ତ କୁହାଯାଉଥିବା ସ୍ୱାମୀଙ୍କ ବୟାନ ସଂଗ୍ରହ କରିଥିଲେ ବେଲପଡା ଆଇଆଇସି ଅନନ୍ତ ପଧାନ। ତଦନ୍ତ ପରେ ଶବକୁ ପୁଲିସ ଜବତ କରି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।ଅନ୍ୟପଟେ ସ୍ୱାମୀ ପିଣ୍ଟୁକୁ ପଚରାଇବାରୁ ମୁ କିଛି ଜାଣିନାହିଁ ସ୍ତ୍ରୀ ବାରିପଟେ ପୋଡି ଯାଇ ପଡ଼ିଥିବା ଦେଖିବାକୁ ପାଇଲି ବୋଲି କହିଛନ୍ତି।



# ପୌରପରିଷଦର କଡ଼ା ଅଭିମୁଖ୍ୟ: ସିଲ୍ ହେଲା ବ୍ଲୁ ଲାଗୁନ ମ୍ୟାରେଜ ପ୍ୟାଲେସ

ବଲାଙ୍ଗିର,୧୨।୧୨(ସମିସ)

ବଲାଙ୍ଗିର ସହରରେ ନିୟମ ଖିଲାପକାରୀ ବଡ ବ୍ୟବସାୟିକ ପ୍ରତିଷ୍ଠାନ ନିୟମାନୁସାରେ ଅନୁମତି କିମ୍ବା ଆବଶ୍ୟକ କାଗଜପତ୍ର ନଥିଲେ ସିଲ କରିବାକୁ ନିର୍ଦ୍ଦେଶ ଦେଇଛି ପୌର ପ୍ରଶାସନ। ଶୁକ୍ରବାର ବଲାଙ୍ଗିର ସହରର ମୁଖ୍ୟ ଅଞ୍ଚଳ ବ୍ରାହ୍ମଣପଡା ରାସ୍ତାରେ ଥିବା ବ୍ଲୁ ଲାଗୁନ ମ୍ୟାରେଜ ପ୍ୟାଲେସକୁ ସିଲ କରିଛି ପୌର ପ୍ରଶାସନ। ଉକ୍ତ ମ୍ୟାରେଜ ପ୍ୟାଲେସର କାଗଜପତ୍ର ଠିକ ନଥିବା ବେଳେ ଏହାର ପରିସର ଭିତରେ କିଛି ସରକାରୀ ଜାଗା ମଧ ରହିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ଏହି ମ୍ୟାରେଜ ପ୍ୟାଲେସ ମାଲିକଙ୍କ ଥିବା ଆଉ ଦୁଇଟି ହୋଟେଲର ମଧ କାଗଜପତ୍ର ଯାଞ୍ଚ ଚାଲିଥିବା ଜଣାପଡିଛି। ଏହିଭଳି ସହରରେ ଥିବା ସମସ୍ତ ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନର ଅନୁମତି ଓ କାଗଜପତ୍ର ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି।

ବଲାଙ୍ଗିର ସହରରେ ନିୟମ ଖିଲାପକାରୀ ବଡ ବ୍ୟବସାୟୀଙ୍କ ବିରୋଧରେ ପୌର ପ୍ରଶାସନର କଡା ଆଭିମୁଖ୍ୟ। ସହରରେ ଥିବା ହୋଟେଲ, ଘରୋଇ ମ୍ୟାରେଜ ପ୍ୟାଲେସ, ରେଷ୍ଟୁରାଣ୍ଟ, ସପିଂ ମଲ ଭଳି ବଡ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ଆବଶ୍ୟକ ଥିବା କାଗଜପତ୍ର ତଥା ଅନୁମତି ନଥିଲେ ଉକ୍ତ ପ୍ରତିଷ୍ଠାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି ପୌର ପ୍ରଶାସନ। ସହରରେ ଏହିଭଳି ଅନେକ ବଡ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି ଯେଉଁମାନଙ୍କ ର କି ଅନୁମତି ନାହିଁ, ଅନେକ ଡ୍ରେନ ତଥା ସରକାରୀ ଜାଗାକୁ ମାଡି ବସି ନିଜ ଅକ୍ତିଆରରେ ରଖିଛନ୍ତି। ସେହିଭଳି ପ୍ରତିଷ୍ଠାନ ର ଏକ ତାଲିକା ପ୍ରସ୍ତୁତ କରାଯାଇଥିବା ଜଣାପଡିଛି। ଆସନ୍ତା ୩୧ ତାରିଖ ସୁଦ୍ଧା ଏହି ସବୁ ପ୍ରତିଷ୍ଠାନର କାଗଜପତ୍ର ଓ ଅନୁମତି ତଥା ଅନ୍ୟ ଦିଗକୁ ତନ୍ନ ତନ୍ନ କରି ଯାଞ୍ଚ କରାଯିବ। ଯଦି କିଛି ସମସ୍ୟା ରହିଥାଏ ତେବେ ତାକୁ ସିଲ କରାଯିବ ବୋଲି ଜଣାପଡିଛି। ଏହିକ୍ରମରେ ଶୁକ୍ରବାର ଏହି ଅଭିଯାନ ଆରମ୍ଭ କରିଛି ପୌର ପରିଷଦ। ପ୍ରଥମ ପର୍ଯ୍ୟାୟରେ ବ୍ରାହ୍ମଣପଡା ଠାରେଥିବା ବ୍ଲୁ ଲାଗୁନ ମ୍ୟାରେଜ ପ୍ୟାଲେସର କାଗଜପତ୍ର ଯାଞ୍ଚ କରାଯାଇଥିବା ବେଳେ ମାଲିକ ପାଖରେ ତାହା ନଥିବା ଜଣାପଡିଥିଲା। ସେହିପରି ଉକ୍ତ ମ୍ୟାରେଜ ପ୍ୟାଲେସ ଅକ୍ତିଆରରେ କିଛି ପରିମାଣର ସରକାରୀ ଜମି ମଧ ରହିଥିବା ଯାଞ୍ଚ ପରେ ଜଣାପଡିଥିଲା। ଯାହାଫଳରେ ଉକ୍ତ ମ୍ୟାରେଜ ପ୍ୟାଲେସକୁ ସିଲ କରାଯାଇଛି। ସେହିପରି ଉକ୍ତ ମ୍ୟାରେଜ ପ୍ୟାଲେସ ମାଲିକଙ୍କ ମାଲିକାନାରେ ଅଉ ଦୁଇଟି ହୋଟେଲ ମଧ ରହିଛି। ଉକ୍ତ ହୋଟେଲର ମଧ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଥିବା ବେଳେ ଯଦି କିଛି ନିୟମ ଖିଲାପୀ ପ୍ରମାଣ ମିଳେ ତେବେ ତାହା ମଧ ସିଲ ହେବ ବୋଲି ପୌରନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୌର ପରିଷଦ ସହରରେ ଥିବା ଏହିଭଳି ପ୍ରାୟ ୬୫ବଡ ବ୍ୟବସାୟିକ ପ୍ରତିଷ୍ଠାନର ତାଲିକା ପ୍ରସ୍ତୁତ କରିଥିବା ଜଣାପଡିଛି। ଯାହାକି ଆସନ୍ତା ୩୧ ତାରିଖ ସୁଦ୍ଧା ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି। ସୂଚନା ଯୋଗ୍ୟ ଯେ ପ୍ରଶାସନିକ ଅବହେଳା ଯୋଗୁ ବଲାଙ୍ଗିର ସହରରେ ଥିବା ପ୍ରାୟ ୯୦ ପ୍ରତିଶତ ବଡ ବ୍ୟବସାୟିକ ପ୍ରତିଷ୍ଠାନର କାଗଜପତ୍ର ଠିକ ନାହିଁ।କିଏ ସରକାରୀ ଜମି ମାଡିଛି ତ ଆଉ କିଏ ଡ୍ରେନ ଉପରେ ନିର୍ମାଣ କରି ବ୍ୟବସାୟ ଚଳାଇଛି। କାହାର ଅଗ୍ନିଶମ ନିରାପତ୍ତା ପ୍ରମାଣପତ୍ର ନାହିଁ କାହା ପାଖରେ ଟାଉନ ପ୍ଲାନିଂ ଆପ୍ରୁଭାଲ ନାହିଁ। ବିଳମ୍ବରେ ହେଲେ ମଧ ପୌରପରିଷଦ ଚେଇଁଥିବାରୁ ଲୋକେ ସ୍ୱାଗତ କରିଛନ୍ତି। ପୌର ପରିଷଦର ଏହି ଅଭିଯାନ କେବଳ ଧର୍ମକୁ ଆଖି ଠାର ନହୋଇ ନିୟମା ଖିଲାପକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

- ୬୫ ବ୍ୟବସାୟିକ ପ୍ରତିଷ୍ଠାନ ତାଲିକା ପ୍ରସ୍ତୁତ
- ଆବଶ୍ୟକ କାଗଜପତ୍ର ଅନୁମତି ନଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ

## ବିଶ୍ରାମ୍ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍ୟାପିତ

ବଲାଙ୍ଗିର,୧୨।୧୨(ସମିସ): ବିଶ୍ରାମ୍ ବିଦ୍ୟା ମନ୍ଦିର ବିଦ୍ୟାଳୟସ୍ତରୀୟ ଏବଂ ଆନ୍ତଃବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ଗତ ୧୦ରୁ ୧୨ ଡିସେମ୍ବର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମଲେଶ୍ୱରୀ ମନ୍ଦିରରୁ ବିଶ୍ରାମ୍ ବିଦ୍ୟାମନ୍ଦିର,ଖୁଜେନପାଲି ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଏବଂ ମାରାଥନ ଦୌଡ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ତଥା ଆନ୍ତଃବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସିନିଅର ବାଳକ ବିଭାଗରେ ପ୍ରତୀକ ଦଳାଇ ଓ ରୋହନ ଭୋଇ ଗ୍ରୁପ ଚାମ୍ପିଅନ ହୋଇଥିବା ବେଳେ ସିନିଅର ବାଳିକା ବିଭାଗରେ ଜ୍ୟୋତ୍ସ୍ନା ପ୍ରିୟଦର୍ଶିନୀ ଭାଟି ଗ୍ରୁପ୍ ଚାମ୍ପିଅନ ହୋଇଥିଲେ। ଉଦ୍ୟାପନୀ ସମାରୋହରେ ବିଶ୍ରାମ୍ ଚେତନା ପରିଷଦର ସାଧାରଣ ସଂପାଦକ ତଥା ବିଦ୍ୟାମନ୍ଦିରର ଅଧକ୍ଷ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଜୀ, ବିଦ୍ୟା ମନ୍ଦିର ସମ୍ପାଦକ ନବୀନ କୁମାର ବେଦବାକ୍, ବିଦ୍ୟା ମନ୍ଦିର ପ୍ରାଚାର୍ଯ୍ୟ ଡଃ ସୁଶାନ୍ତ ପ୍ରଧାନ, ନିର୍ଦ୍ଦେଶିକା ମାଁ ଶ୍ରଦ୍ଧାମୂର୍ତ୍ତି, ପ୍ରଧାନ ଆଚାର୍ଯ୍ୟ ତରୁଣ ତ୍ରିପାଠୀ, ମୁଖ୍ୟଆଚାର୍ଯ୍ୟ କଳାକାହ୍ନୁ ସାହୁ, ବିଦ୍ୟା ମନ୍ଦିର ଜୟପାଟଣା, କଳାହାଣ୍ଡି ପ୍ରଧାନ ଆଚାର୍ଯ୍ୟ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସଂଯୋଜକ ସମ୍ବିତ୍ କୁମାର ସଂଯୋଜନା କରିଥିଲେ। ଅବସର୍ପ୍ରାପ୍ତ ବରିଷ୍ଠ ଖେଳ ଶିକ୍ଷକ ରାମ ନାରାୟଣ ଯୋଷୀ, ମନୋରଞ୍ଜନ ହୋତା, ବିଦ୍ୟାମନ୍ଦିରର ଖେଳ ଶିକ୍ଷକ ବିମଳ ସ୍ୱାଇଁ ଏବଂ ଅଭିଜିତ ମିଶ୍ର ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ।



## ଆୟୁଷ ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ

- ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘର ସମର୍ଥନ



ବଲାଙ୍ଗିର,୧୨।୧୨(ସମିସ): ବଲାଙ୍ଗିର ସରକାରୀ ଆୟୁର୍ବେଦ କଲେଜ ସମ୍ମୁଖରେ ନିଖିଳ ଓଡିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ୮ ଦଫା ଦାବି ନେଇ ଆମରଣ ଅନଶନ ଚଳାଇଛନ୍ତି। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ସଭାପତି ରତନ କୁମାର ମହାରଣାଙ୍କ ନେତୃତ୍ୱରେ ଉପସଭାପତି ରାଜ କିଶୋର ଦାଶ, ସଂପାଦକ ଡ.ସୁକାନ୍ତ ପୁରୋହିତ, ସହସଂପାଦକ ପ୍ରଦୀପ କୁମାର ମିଶ୍ର, କୋଷାଧକ୍ଷ ବ୍ରଜବନ୍ଧୁ ସାଏ, ପରିଚାଳନା କମିଟି ସଭ୍ୟ ମୋହନ ଗୋପାଳ ପଣ୍ଡା, ସଲିମ ଖାନ, ନରେନ୍ଦ୍ର ଆଚାର୍ଯ୍ୟ, ସତ୍ୟନାରାୟଣ ପଣ୍ଡା, ଡ.ସିଦ୍ଧେଶ୍ୱର ମିଶ୍ର,ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଅମରଦୀପ ପାଣିଗ୍ରାହୀ ଓ ଭଗବାନ ବଗର୍ତ୍ତି ସାକ୍ଷାତ କରି ଆୟୁଷ ଛାତ୍ର ସଂଗଠନର ଏହି ଦାବି ପ୍ରତି ଦୃଢ ସମର୍ଥନ ଜଣାଇଛନ୍ତି। ଓପିଏସ୍ସି ମାଧମରେ ନୂଆ ସ୍ଥାୟୀ ଆୟୁଷ ମେଡିକାଲ ଅଫିସର ପଦବୀ ସୃଷ୍ଟି କରିବା, ଉଚ୍ଚ ଶିକ୍ଷା ସୁବିଧା ପାଇଁ ପିଜି ଓ ପିଏଚ୍ଡି ସିଟ୍ ବଢାଇବା ଓ ହାଉସ ସର୍ଜନ ପାଇଁ ଷ୍ଟାଇପେଣ୍ଡ ବୃଦ୍ଧି ଦାବି ଯଥାର୍ଥ ବୋଲି ସଂଘ ଗୁରୁତ୍ୱାରୋପ କରିଛି। ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ୮ଦଫା ଦାବି ଯଥାଶିଘ୍ର ପୂରଣ କରିବାକୁ ଜିଲ୍ଲାପାଳଙ୍କ ଜରିଆରେ ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ମହିଳାଙ୍କ ମୃତଦେହ ଉଦ୍ଧାର

ସଇଁତଳା,୧୨।୧୨(ସମିସ): ସଇଁତଳା ଥାନା ବଡ଼ମାଳ ଫାଣ୍ଡି ପେଣ୍ଡାମାଲ ଗାଁର ଏକ ଘର ଭିତରେ ମହିଳାଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ସଇଁତଳା ଥାନା ବଡ଼ମାଳ ଫାଣ୍ଡି ପେଣ୍ଡରମାଲ ଗାଁର ଅଗସ୍ତି ବାଗଙ୍କ ସ୍ତ୍ରୀ ଲକ୍ଷ୍ମୀ ବଗର୍ତ୍ତି। ସ୍ୱାମୀ ଅଗସ୍ତି ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଥିବା ବେଳେ ଗାଁରେ ମହିଳା ଓ ତାଙ୍କ ସାନ ଝିଅ ସହ ରହୁଥିଲେ। ତେବେ ଆଜି ସକାଳୁ କିଛି ଲୋକେ ତାଙ୍କ ଘର ପାଖକୁ କୌଣସି କାମ ପାଇଁ ଯାଇଥିବା ବେଳେ ତାଙ୍କୁ ଡାକି ଥିଲେ ହେଲେ ସେ ଶୁଣି ନ ଥିଲେ। ଘରକୁ ପ୍ରବେଶ କରିବା ପରେ ତାଙ୍କ ମୃତ ଦେହ ଝୁଲୁ ଥିବା ଦେଖିବାକୁ ପାଇଥିଲେ। ପରେ ବଡ଼ମାଳ ଫାଣ୍ଡି ଓ ସଇଁତଳା ପୁଲିସକୁ ଖବର ଦେଇଥିଲେ।ଖବର ପାଇ ବଡ଼ମାଳ ପୁଲିସ ଓ ସଇଁତଳା ପୁଲିସ ଘଟଣାସ୍ଥଳକୁ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଶବ ବ୍ୟବଛେଦ ରିପୋର୍ଟ ଆସିଲା ପରେ ସତ୍ୟତା ଜଣା ପଡିବ ବୋଲି ପୁଲିସ କହିଛି।

## ଗଉନ୍ତିଆ କ୍ଷୀରୋଦ୍ର ଗଡ଼ତ୍ୟାଙ୍କ ପରଲୋକ

ଦେଓଗାଁ,୧୨।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସିଂହାଟିମାଲ ଗାଁର ଗଉନ୍ତିଆ କ୍ଷୀରୋଦ୍ର ଗଡତ୍ୟା(୯୧)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଏକାଧାରାରେ ଜଣେ ସଂକିର୍ତ୍ତନ ବାହାକ ମୃଦଙ୍ଗ ଓ ବଂଶୀ ବାଦକ ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ୮୦ ଦଶକରେ ସଂକିର୍ତ୍ତନରେ ବଲାଙ୍ଗିର , ସୋନପୁର ଓ କଳାହାଣ୍ଡି ଜିଲ୍ଲାରୁ ସମ୍ମାନିତ ହୋଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଦୌଳତ ଗଡତ୍ୟା ମୁଖାଗ୍ନି ଦେଇଥିଲେ।



## ଜ୍ୟୋତିର୍ବିଦ ପଣ୍ଡିତ ଉଦୟନାଥ ମିଶ୍ରଙ୍କ ପରଲୋକ

ସଇଁତଳା,୧୨।୧୨(ସମିସ): ସଇଁତଳା ବ୍ଲକ୍ ଅଞ୍ଚଳର ଜଣାଶୁଣା ଜ୍ୟୋତିଷ ବିଶାରଦ ତଥା ପଣ୍ଡିତ ଉଦୟ ନାଥ ମିଶ୍ରଙ୍କ ୯୬ବର୍ଷ ବୟସରେ କଂସରପଡାସ୍ଥିତ ନିଜ ବାସଭାବନରେ ବୁଧବାର ରାତ୍ରିରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ବୟସସାଧିକ୍ୟ ଯୋଗୁଁ ଅସୁସ୍ଥ ଥିବା ବେଳେ ଘରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗ ଖବର ପ୍ରଚାର ହେବା ପରେ ଅଞ୍ଚଳର ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଲାନ୍ଥନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର କୈଳାସ ମିଶ୍ର ମୁଖାଗ୍ନି ଦେଇଥିଲେ। ବ୍ଲକ୍ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଯୁବନେତା ତଥା ସମିତିସଭ୍ୟ ସିମ୍ରନ ସିଂ ଭୋଇ,ସରପଞ୍ଚ ସୁବ୍ରତ ନାଗ,ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁଙ୍କ ସମେତ ସଇଁତଳା ଓକିଲ ସଂଘ ଓ ବଣିକ ସଂଘର ସଦସ୍ୟମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶବାଧାରରେ ସାମିଲ ହୋଇଥିଲେ।ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ୍ ଅଧକ୍ଷା ମୋନିକା ସିଂ ଭୋଇ ଶୋକ ପ୍ରକାଶ କରିଛନ୍ତି। ସଇଁନ୍ତଲା ବରିଷ୍ଠ ନାଗରିକ କମିଟି ତରଫରୁ ଶୋକ ସଭା କମିଟିର ସଭାପତି ବିଜୟ କୁମାର ରଥଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ମଧ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ତୁଷୁରା ତୋଷାଳୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ବଲାଙ୍ଗିର,୧୨।୧୨(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ସ୍ଥିତ ତୋଷାଳୀ ବିଦ୍ୟା ମନ୍ଦିରର ସପ୍ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳୁ ବରିଷ୍ଠ ଛାତ୍ରଛାତ୍ରୀଙ୍କ ଦ୍ୱାରା ମହୀପୁରଛକସ୍ଥିତ ମା' ମେଟାକାନୀ ପୀଠରୁ ପୂଜାର୍ଚ୍ଚନା କରି ବିଦ୍ୟାଳୟ ଅଭିମୁଖେ ମଶାଲ ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ ଜଣାଇ ଖେଳ ପଡିଆ ନିକଟକୁ ନେଇ ସ୍ଥାପନ କରିଥିଲେ। ମା'ସମଲେଇଙ୍କ ପୂଜାର୍ଚ୍ଚନା ପରେ ପରିଚାଳକ ହେମନ୍ତ ସାହୁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର କ୍ରୀଡା ସମ୍ପର୍କିତ ଉଦ୍‌ବୋଧନ ଦେଇଥିଲେ। ପରିଚାଳକ ଶ୍ୟାମ ସୁନ୍ଦର ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ସାଲେପାଲିର କ୍ରୀଡା ଶିକ୍ଷକ ବିରାଟ ପ୍ରଧାନ ଓ ଘୁନା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଶ୍ୱରୂପ ନାଏକ ଉଭୟଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ,ଶିକ୍ଷୟିତ୍ରୀଙ୍କୁ ନେଇ ଦୁଇ ଦିନ ଧରି ବିଭିନ୍ନ କ୍ରୀଡା ତୋଷାଳୀ ବିଦ୍ୟାମନ୍ଦିର ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ଯଥା କାମଦେବ ପଧାନ, ରୋହିତ ପଧାନ, ନିବେଦିତା ମହାପାତ୍ର,ପୀତାମ୍ବର ସା, ଅଞ୍ଜଳି ବିଶ୍ୱାଳ,ସରସ୍ୱତୀ ପଧାନ, ମମତାମୟୀ ସାହୁ, ଆର୍ଯ୍ୟବ୍ରତ ସରାଫ, ରାଜକୁମାର ମଣ୍ଡଳ, ବିକାଶ ପାତ୍ର,ନିକିତା ଭୋଇ, ହେମନ୍ତ ସାହୁ, ସତ୍ୟଜିତ ପରିଡା, ରିଙ୍କି ଗୁରୁ, ହିମାଂଶୁ ସାହୁ, ଝସକେତନ ସାହୁ ସହଯୋଗ କରିଥିଲେ କ୍ଷ ପରିଶେଷରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ।



## କୁଚବେହାର ଟ୍ରଫି କ୍ରିକେଟ ୪ର୍ଥ ଦିବସ: କର୍ଣ୍ଣାଟକ ବିଜୟୀ, ଓଡିଶାର ଇଂନିସ ପରାଜୟ

ବଲାଙ୍ଗିର,୧୨।୧୨(ସମିସ): ଓଡିଶା କ୍ରିକେଟ ଆସୋସିଏସନ ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମ ଠାରେ ଓଡିଶା ବନାମ କର୍ଣ୍ଣାଟକ ୪ ଦିବସୀୟ କୁଚ ବେହାର ଟ୍ରଫି ଚତୁର୍ଥ ତଥା ଅନ୍ତିମ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଦିବସର ଖେଳ ରୁ ସଂଗୃହିତ ୭ ୱିକେଟରେ ୨୧୧ ରନ୍‌ରୁ ଆଜିର ଖେଳ ଆରମ୍ଭ କରି ଓଡିଶା ଆଜି ୨୪୬ ରନ୍‌ରେ ଅଲ ଆଉଟ ହୋଇଯାଇଥିଲେ। ଓଡିଶା ଦଳ ତରଫରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୫୦ ରନ୍ ଓ ସମ୍ବିଦ ବେଜ ୪୪ ରନ୍ ସଂଗ୍ରହ କରିଥିଲେ। କର୍ଣ୍ଣାଟକ ଦଳ ପକ୍ଷରୁ ସଫଳ ବୋଲର ଭାବରେ ରତନ ବିଆର. ସର୍ବାଧିକ ୬ଟି ୱିକେଟ ଏବଂ ଅକସଦ ପ୍ରଭାକର ୨ଟି ୱିକେଟ ଅକ୍ତିଆର କରିଥିଲେ। ଫଳତଃ ୪ ଦିନ ବ୍ୟାପି .ଲିଥିବା ଟ୍ରଫି କ୍ରିକେଟ ମ୍ୟାଚକୁ କର୍ଣ୍ଣାଟକ ଦଳ ଏକ ଇନିଂସ ଏବଂ ୫୩ ରନ୍‌ରେ ବିଜୟ ଲାଭ କରିଛି।

ନିର୍ବାଚନୀୟ ସଚେତନତା କ୍ଲବ୍ ଉଦ୍‌ଘାଟିତ ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆ.ର୍ଯ୍ୟ, ଶତ୍ରୁଘନ ସିଂହ, କୋଷାଧକ୍ଷ ହେମନ୍ତ ବେହେରା, କ୍ରୀଡା ସଂପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌର ଚନ୍ଦ୍ର ପ୍ରଧାନ, ଓଡିଶା ଟିମ୍ ମ୍ୟାନେଜର ପୃଥ୍ୱୀରାଜ ମିଶ୍ର, ଅରୁଣ କୁମାର ନାୟକ, ସ୍ୱାଗତ ଶୁଭଙ୍କର ତ୍ରିପାଠି, ମୁନସି ସୋରେନ, ଅମିତ ମଛଖଣ୍ଡ, ହୃଦୟ ଶବର, ସୁମନ୍ତ ଦାସ, ଜିତୁ କୁମାର ଦଲାଇ, ନରସିଂ ସ୍ୱାମୀ ନାଇଡୁ, ସୁଦୟ ବାରିକ, ସୁଧାଂଶୁ ସେଠ, ଦଶରଥ କୁମ୍ଭାର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



## ଘୁଚିପାଲିରେ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ: ପ୍ରଥମ ସେମିଫାଇନାରେ ଜରାସିଂହା ଦଳ

ଦେଓଗାଁ,୧୨।୧୨(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଗାଇବାହାଲ ପଞ୍ଚାୟତ ଘୁଚିପାଲି ଖେଳପଡିଆରେ ସ୍ଥାନୀୟ ପଲ୍ଲି ଆଲୋକ ଯୁବକ ସଂଘ ଆନୁକୂଲ୍ୟରେ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମଣି ଦୀପଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଏଫଇଏସର ବ୍ଲକ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ବିଏସଏଫ ଜବାନ ଦିଲେଶ୍ୱର ମଲ୍ଲିକ , ସାମାଜିକ କର୍ମୀ ଚିତ୍ତ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବାସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଣି ଧରୁଆ, ଗୌତମ ଧରୁଆ ଓ ଡୋଳାମଣୀ ବଗର୍ତ୍ତି ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ଉତ୍ତମ ଭୋଇ ସ୍କୋରର ଦାୟୀତ୍ୱ ନିର୍ବାହ କରିଥିଲେ। ୫ଦିନ ଧରି ଅନୁଷ୍ଠିତ ହେବାକୁଥିବା ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ଜରାସିଂହା ବିଏନଏଏ ଦଳ ଓ ହାତିସରା ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।ଏଥିରେ ଜରାସିଂହା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲେ। ସମରା ଓ କନ୍ଧେନବାହାଲି ଦଳ ମଧ୍ୟରେ ଦ୍ୱୀତିୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ କନ୍ଧେନବାହାଲି ଦଳ ମଧ ୧-୦ ଗୋଲରେ ବିଜୟୀ ହୋଇଥିଲା। ପରେ ବିଜୟୀ ଜରାସିଂହା ଓ କନ୍ଧେନବାହାଲି ଦଳ ମଧ୍ୟରେ ତୃତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଜରିଆରେ ଜରାସିଂହା(ବିଏନଏଏ )ଦଳ ୩-୦ ଗୋଲରେ ବିଜୟୀ ହୋଇ ପ୍ରଥମଦଳଭାବେ ସେମିଫାଇନାଲକୁ ପ୍ରବେଶ କରିଥିଲା। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଛନ୍ତି। ଟୁର୍ଣ୍ଣାମେଣ୍ଟକୁ କଷ୍ଟ ଭୋଇ ତଥା ଘୁଚିପାଲି ପଲ୍ଲିଆଲୋକ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।



## ଜାମସର ପୋଖରୀକୁ ଟ୍ରକ୍ ପଶିଯିବା ଘଟଣା

# ସାମଗ୍ରୀ ବିକି ଡ୍ରାଇଭରର ଯୋଜନାବଦ୍ଧ ଷଡ଼ଯନ୍ତ୍ର

ବଲାଙ୍ଗିର,୧୨।୧୨(ସମିସ): ବଲାଙ୍ଗିର-ବରଗଡ ୨୬ ନଂ ଜାତୀୟ ରାଜପଥ ଜାମସର ନିକଟରେ ଥିବା ପୋଖରୀ ଭିତରକୁ ଏକ ମାଲ ବୋଝେଇ ଟ୍ରକ୍ ପଶି ଦୁର୍ଘଟଣାଗ୍ରସ୍ତ ହେବା ଘଟଣା ଏକ ନୂଆ ମୋଡ ନେଇଛି। ଗତ ନଭେମ୍ବର ୧୭ ତାରିଖରେ ହୋଇଥିବା ଉକ୍ତ ଦୁର୍ଘଟଣା ମାମଲାରେ ପୁଇଁନ୍ତଲା ପୁଲିସ ଟ୍ରକ୍ ଡ୍ରାଇଭରକୁ ଅଟକ ରଖିଥିବା ବେଳେ ଡ୍ରାଇଭର ଜଣକ ଜାଣିଶୁଣି ଏହି ଦୁର୍ଘଟଣା ଘଟାଇଥିବା ଜଣାପଡିଛି। ଦୁର୍ଘଟଣା ପୂର୍ବରୁ ଡ୍ରାଇଭର ଜଣକ କୁଆଡେ ସାମଗ୍ରୀ ବିକ୍ରୀ କରିଦେଇଥିବା ବେଳେ ଏଥିରୁ ବର୍ତ୍ତିବା ପାଇଁ ଦୁର୍ଘଟଣା ଷଡଯନ୍ତ୍ର କରିଥିବା ଜଣାପଡିଛି।

ସୂଚନା ଅନୁସାରେ ଗତ ନଭେମ୍ବର ୧୭ ତାରିଖରେ ବଲାଙ୍ଗିର-ବରଗଡ ଜାମସର ଛକ ନିକଟରେ ଥିବା ପୋଖରୀରେ ଏକ ଟ୍ରକ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହି ଟ୍ରକରେ ଗ୍ରୋସୋରୀ ସାମଗ୍ରୀ ଭର୍ତ୍ତି ହୋଇ ରହିଥିବା ବେଳେ ଏହା ରାୟପୁରରୁ ବଲାଙ୍ଗିରକୁ ଆସିଥିଲା। ବଲାଙ୍ଗିରକୁ ଆସିବା ପରେ ଟ୍ରକ୍‌ରୁ ଦୋକାନୀମାନେ ନିଜ ନିଜ ସାମଗ୍ରୀ ନେଇଥାନ୍ତି। ନିୟମିତ ଭାବେ ଏହିଭଳି ସାମଗ୍ରୀ ବଲାଙ୍ଗିରକୁ ରାୟପୁରରୁ ଆସୁଥିବା ବେଳେ ଦୁର୍ଘଟଣା ପରେ ବ୍ୟବସାୟୀ ଜଣକ ଚାରି ପାଞ୍ଚ ଦିନ ଧରି ସାମଗ୍ରୀ ପାଣି ଭିତରୁ ବାହାର କରି ନେଇଥିଲେ। ପ୍ରାୟ ୨୪ ଲକ୍ଷ ଟଙ୍କାର ସାମଗ୍ରୀ ଉକ୍ତ ଦିନ ଟ୍ରକ୍‌ରେ ଆସିଥିବା ଜଣାପଡିଛି। ପରେ ଉକ୍ତ ଟ୍ରକ୍‌କୁ ଉଠାଇବା ପରେ ଯେତେ ପରିମାଣର ସାମଗ୍ରୀ ଆସୁଥିଲା ସେହି ଅନୁସାରେ ସାମଗ୍ରୀ ନଥିବା ଜଣାପଡିଥିଲା। ଫଳରେ ଏ ନେଇ ବ୍ୟବସାୟୀ ଅଭିଯୋଗ କରିବା ପରେ ପୁଇଁନ୍ତଲା ପୁଲିସ ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ସଂପୃକ୍ତ ଟ୍ରକ୍ ଡ୍ରାଇଭର ଜଣକ ରାସ୍ତାରେ ଏକାଧିକ ଦୋକାନରେ ଯୋଜନା କରି ସାମଗ୍ରୀ ବିକ୍ରୀ କରିଦେବା ପରେ ଏହି ଦୁର୍ଘଟଣା ଷଡଯନ୍ତ୍ର କରିଥିବା ଜଣାପଡିଥିଲା। ପୁଲିସ ଡ୍ରାଇଭରକୁ ଆଗଲପୁର ଥାନା ବରପଦର ଗାଁରୁ ଉଠାଇ ଆଣି ଅଟକ ରଖି ଖୋଲତାଳ ଚଳାଇଥିବା ବେଳେ କିଛି ସ୍ଥାନରୁ ବିକ୍ରୀ ହୋଇଥିବା ସାମଗ୍ରୀ ମଧ ଉଦ୍ଧାର ହୋଇଥିବା ଜଣାପଡିଛି।



ଡ୍ରାଇଭରକୁ ଅଟକ ରଖିଛି ପୁଇନ୍ତଲା ପୁଲିସ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଦେବେନ୍ଦ୍ର କୁମାର ମହାପାତ୍ର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଫଳପୁର, ଧାମନଗର,ଭଦ୍ରକ
ଆବିର୍ଭାବ- ୨୩/୦୫/୧୯୪୦
ତିରୋଧାନ- ୦୩/୧୨/୨୦୨୫
ବାପା ଆପଣଙ୍କ ପରାମର୍ଶ ଓ ନିର୍ଦ୍ଦେଶରେ ଆମେ ପଥ ଅନୁସରଣ କରୁଥିଲୁ କିନ୍ତୁ ଆପଣ ଆମକୁ ଛାଡି ଅନେକ ଦୂରକୁ ଚାଲି ଗଲେ ଆପଣ ଯେଉଁଠି ଥାଆନ୍ତୁ ଈଶ୍ୱର ଆପଣଙ୍କୁ ଭଲରେ ରଖନ୍ତୁ ରଖନ୍ତୁ ।
ଆପଣଙ୍କ ର ହତଭାଗ୍ୟ (ପୁତ୍ର ଓ ପୁତ୍ରବଧୂ) : ଅଜସ୍ର କୁମାର ମହାପାତ୍ର ଓ ବଧୂପମା ମହାପାତ୍ର, ସଞ୍ଜସ୍ର କୁମାର ମହାପାତ୍ର ଓ ରଶ୍ମି ରଞ୍ଜିତା ମଲିକ, (ଝିଅ ଓ ଜ୍ୱାଇଁ) - ଯୋସ୍ନା ରାଣୀ ମହାପାତ୍ର ଓ ବାବୁଲା ରାଉତ, ସନ୍ଧ୍ୟାରାଣି ମହାପାତ୍ର ଓ ବିଶ୍ୱନାଥ ଜେନା, ମମତା ମହାପାତ୍ର ଓ ନରେନ୍ଦ୍ର ଭୂୟାଁ, ରଞ୍ଜିତା ମହାପାତ୍ର ଓ ସୁଶାନ୍ତ ବେହେରା, ସୁଶ୍ରୀ ସଂଗୀତା ମହାପାତ୍ର ଓ ଅସ୍ୱସ କାନ୍ତ ବେହେରା, ନାତି ନାତୁଣୀ, ବନ୍ଧୁ ବାନ୍ଧବ ।

# ପାଣି ଟାଙ୍କିରୁ ଖସିପଡ଼ି ଶ୍ରମିକ ମୃତ

ରାଜନଗର,୧୨ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗାଁରେ ନିର୍ମାଣାଧୀନ ପାଣି ଟାଙ୍କିରୁ ଖସିପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର କ୍ରିଷ୍ଣା ରାଉତ । ଦେବେନ୍ଦ୍ରନାରାୟଣପୁରରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଉଚ୍ଚ ପାଣିଟାଙ୍କି ନିର୍ମାଣ ଚାଲିଛି । ଶୁକ୍ରବାର ଅପରାହ୍ନରେ କ୍ରିଷ୍ଣା ଟାଙ୍କି ଉପରେ କାମ କରୁଥିବା ସମୟରେ ତଳକୁ ଖସିପଡ଼ିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବିନା କୌଣସି ସୁରକ୍ଷା ଉପକରଣରେ ଶ୍ରମିକମାନେ ଉକ୍ତ ଟାଙ୍କି ଉପରେ ବିପଜ୍ଜନକ ଭାବେ କାମ କରୁଥିବାରୁ ଏପରି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି । ଏନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# ବଳରାମ ଅପହରଣ ଓ ହତ୍ୟା ଘଟଣା; ଆଉ ଦୁଇ ଗିରଫ



ରାଜନଗର,୧୨ ।୧୨(ସମିସ): ରାଜନଗର ବ୍ଲକ ଡିଆପାରି ଗାଁର ପୂର୍ବତନ ୱାର୍ଡସଭ୍ୟ ବଳରାମ ସେଠୀ ହତ୍ୟା ଘଟଣାରେ ଶୁକ୍ରବାର ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଶଶିକଳା ଜେନା ଓ ତାଙ୍କ ପୁଅ ସୁରଞ୍ଜନ ଜେନା ଧରାପଡ଼ିଛନ୍ତି । ଏହି ଘଟଣାରେ ପୂର୍ବରୁ ଗିରଫ ହୋଇ ବାରିମୂଳ ଜେଲରେ ଥିବା ଶଶିକଳାଙ୍କ ଝିଅ ଜାମିନୀ ସ୍ୱାଇଁ ଓ ସ୍ୱାମୀ ଭାଗ୍ୟଧର ଜେନାଙ୍କୁ ଦେଖା କରିବାକୁ ଯାଇ ଧରାପଡ଼ିଛନ୍ତି ମାଆ, ପୁଅ । ଜେଲର ଉଭୟଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ । ରାଜନଗର ପୁଲିସ ଜେଲରେ ପହଞ୍ଚି ସେମାନଙ୍କୁ ଗିରଫ କରିବା ସହ ଶୁକ୍ରବାର କୋର୍ଟ ଚାଲାଣ କରିଛି । ଏହି ଘଟଣାରେ ବୁଧବାର ପୁଲିସ ଶଶିକଳାଙ୍କ ଧର୍ମ ପୁଅ ବିଘ୍ନେଶ୍ୱର ମଲ୍ଲିକଙ୍କୁ ମଧ୍ୟ ଗିରଫ କରିଥିଲା । ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି ।

# ଖଡ଼ିଅଙ୍ଗରେ ମିଲେଟ୍ ଶକ୍ତି ଟିଫିନ ସେଣ୍ଟର ଉଦ୍‌ଘାଟିତ



କେନ୍ଦ୍ରାପଡ଼ା,୧୨ ।୧୨(ସମିସ): କେନ୍ଦ୍ରାପଡ଼ା ପୌରାଞ୍ଚଳ ୧୧ ନମ୍ବର ୱାର୍ଡ ଖଡ଼ିଅଙ୍ଗଠାରେ ଏକ ମାଣ୍ଡିଆ ଟିଫିନ ସେଣ୍ଟର ଉଦଘାଟିତ ହୋଇଛି । ଏହାକୁ ଉଦଘାଟନ କରି ପୌରାଧକ୍ଷା ସରିତା ସାହୁ ମାଣ୍ଡିଆ ଖାଇ ସୁସ୍ଥ ରହିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ମାଣ୍ଡିଆର ଉପକାରିତା ସମ୍ପର୍କରେ କହିଥିଲେ । ମୁସ୍କାନ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ସବନମ ପରବିନ ଉପସ୍ଥିତ ରହି କହିଲେ ବର୍ତ୍ତମାନ ଯୁବପିଢ଼ି ପାଶ୍ଚାତ୍ୟ ଖାଦ୍ୟ ପ୍ରତି ଆକୃଷ୍ଟ ହୋଇ ଦେଶୀ ଖାଦ୍ୟକୁ ଭୁଲିଗଲେଣି । ଏହାଦ୍ୱାରା ସେମାନେ ବିଭିନ୍ନ ରୋଗରେ ପଡୁଛନ୍ତି । ମାଣ୍ଡିଆ ଖାଇବା ଦ୍ୱାରା ଆମେ ସୁସ୍ଥ ରହିପାରିବା ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସ୍ୱପ୍ନା ସିଂ, ମମତା ସେଠୀ, ଗ୍ରୁପର ସଭାନେତ୍ରୀ ସତ୍ୟଭାମା ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଅକ୍ତରୀ ବେଗମ, ନସିମା ଖାତୁନ, ଅଫସରୀ ବିବି ପ୍ରମୁଖ ସହଯୋଗ କରିଥିଲେ ।

# ମଙ୍ଗଳପୁରରେ ମାଗଣା ସ୍ୱାସ୍ଥ୍ୟ ଶିବିର




ପଞ୍ଚୁପାଣ୍ଡବ,୧୨ ।୧୨(ସମିସ): ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । କଟକ ଜିଲ୍ଲା ଟାଙ୍ଗୀସ୍ଥିତ ପଦ୍ମିନୀ କେୟାରର ହସ୍ପିଟାଲ ପକ୍ଷରୁ ସେବା ଯୋଗାଇ ଦିଆଯାଇଛି । ଭେଷଜ ବିଭାଗ ଡାକ୍ତର ଆନନ୍ଦ ଦାସ ଏବଂ ସାହାଜନ୍ ହୋସେନ ପ୍ରାୟ ୧୨୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥଲେ । ସ୍ଥାନୀୟ ସରପଞ୍ଚ ଇତିଶ୍ରୀ ନାୟକ ଉପସ୍ଥିତ ଥିଲେ । କୃତିବାସ ପୃଷ୍ଟି, ମନୋରଞ୍ଜନ ମଲ୍ଲିକ, ଉପେନ୍ଦ୍ର ମଲିକ, ଦିଲୀପ ପତି, ଲଡିତ ରଞ୍ଜନ ପୃଷ୍ଟି ଏବଂ ମେଡିକାଲ କର୍ମଚାରୀ ସହେଯାଗ କରିଥିଲେ ।

## ବଗପାଟିଆରେ ସାତଭାୟାବାସୀଙ୍କ ସମସ୍ୟା ସମାଧାନ ବୈଠକ

# ଜୀବିକା ପାଇଁ ଜମି ଦିଅ, ଗାରମେଣ୍ଟ ୟୁନିଟ୍ ପ୍ରତିଷ୍ଠା କର

ରାଜନଗର,୧୨ ।୧୨(ସମିସ)




ବଙ୍ଗୋପସାଗର ମୁହଁରେ ଥିବା ସାତଭାୟା ପଞ୍ଚାୟତକୁ ସମୁଦ୍ର ଗର୍ଭସ୍ଥ କରିବା ପରେ ବିପନ୍ନ ପରିବାରକୁ ବଗପାଟିଆରେ ଥଇଥାନ କରାଯାଇଛି । ୨୦୧୮ରେ ଆରାଧ୍ୟା ଦେବୀ ମା' ପଞ୍ଚୁବରାହୀଙ୍କୁ ଥଇଥାନସ୍ଥଳୀକୁ ସ୍ଥାନାନ୍ତର କରାଯିବା ପରେ ସାତଭାୟାବାସୀ ସେଠାରେ ବସବାସ କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ୫୭୧ ପରିବାରକୁ ଥଇଥାନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୪୮ ପରିବାରକୁ ଥଇଥାନ କରାଯାଇଛି । ଜଳବାୟୁ ପରିବର୍ତ୍ତନ ଯୋଗୁ ବଗପାଟିଆ ଭାରତର ପ୍ରଥମ ବିସ୍ଥାପିତ କଲୋନୀ । ବଗପାଟିଆକୁ ମଡେଲ ଭିଲେଜ କରିବା ପାଇଁ ସମୀକ୍ଷା ବୈଠକ ପରେ ସମୀକ୍ଷା ବୈଠକ ବସୁଛି ମାତ୍ର ଆଜି ବି ଥଇଥାନ ସ୍ଥଳୀର ଚିତ୍ର ବଦଳିନି । ତେବେ ସାତଭାୟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ରଘୁନାଥ ଆର ଆୟରଙ୍କ ପୌରୋହିତ୍ୟରେ ସାତଭାୟାବାସୀଙ୍କ ସମସ୍ୟା ସମାଧାନ ଓ ସଚେତନତା ବୈଠକ ବସିଥିଲା । ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସରପଞ୍ଚ ପ୍ରସନ୍ନ କୁମାର ପରିଡ଼ା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ, ବିଡିଓ ଲୋପାମୁଦ୍ରା ପୃଷ୍ଟିଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ସାତଭାୟାବାସୀଙ୍କ ପକ୍ଷରୁ ସୁଦର୍ଶନ ରାଉତ ପଞ୍ଚାୟତର ସମସ୍ୟା ଉପସ୍ଥାପନା କରିଥିଲେ । ଥଇଥାନସ୍ଥଳୀର ସଂଯୋଗୀକରଣ ରାସ୍ତା ନହିଁ, ବର୍ଷା ପାଣି ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା ନାହିଁ । ଥଇଥାନସ୍ଥଳୀରେ କେବଳ ୧୦ ଡିସିମିଲ ଜମି ଚିହ୍ନଟ କରି ଦିଆଯାଇଛି । ଆଜି ଯାଏଁ ପଟ୍ଟା ଦିଆଯାଇ ନହିଁ । ଫଳରେ ପିଲା ପାଠ ପଢ଼ିବାକୁ କୌଣସି ସାର୍ଟିଫିକେଟ ପାଇପାରୁନାହାନ୍ତି । ମା' ପଞ୍ଚୁବରାହୀଙ୍କ ମନ୍ଦିର କାମ ମନ୍ଥର ଗତିରେ ଚାଲିଛି । ହାଇସ୍କୁଲରେ ବିଷୟ ଭିତ୍ତିକ ଶିକ୍ଷକ ନାହାନ୍ତି । ଖେଳପଡ଼ିଆ ଉନ୍ନତୀକରଣ ପାଇଁ ସାତଭାୟାବାସୀ ଦାବି କରିଛନ୍ତି । ଜୀବନ ସିନା ବଞ୍ଚିଯାଇଛି, ଜୀବିକା ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି । ଫଳରେ ସାତଭାୟାର ଯୁବକ ଯୁବତୀମାନେ ଦାଦନ ଖଟିବାକୁ କେରଳ ଯାଉଛନ୍ତି । ଜୀବିକା ପ୍ରତ୍ୟେକ ପରିବାରକୁ ୨ ଏକର ଲେଖାଏଁ ଚାଷଜମି ଓ ଦାଦନ ସମସ୍ୟା ସମାଧାନ ପାଇଁ ସାତଭାୟାରେ ଗାରମେଣ୍ଟ ୟୁନିଟ ଓ ସୁଖୁଆ ପ୍ରୋସେସିଂ ୟୁନିଟ ପ୍ରତିଷ୍ଠା କରାଯାଉ ବୋଲି ଦାବି କରିଥିଲେ । ଜିଲ୍ଲାପାଳ ଆୟର ସମସ୍ତ ବିଭାଗର ଅଧିକାରୀଙ୍କୁ ଥଇଥାନ ସ୍ଥଳୀରେ ଚାଲିଥିବା କାମ କିପରି ସମୟସୀମା ମଧ୍ୟରେ ସରିବ ସେନେଇ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଆଳି ମହିଳା ଟିମ୍ ୧-୦ ଗୋଲରେ ବିଜୟୀ

ଡେରାବିଶ,୧୨ ।୧୨(ସମିସ): ଡେରାବିଶ ବ୍ଲକ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଆଳି ଓ ରାଜକନିକା ମହିଳା ଟିମ୍ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ଉଭୟ ଦଳର ଖେଳାଳି ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ । ଖେଳର ଶେଷ ବେଳକୁ ଆଳି ଟିମ୍ ରାଜକନିକାକୁ ଗୋଟିଏ ଗୋଲ ଦେଇ ୧-୦ରେ ବିଜୟୀ ହୋଇଛି । ଆଳି ଟିମ୍‌ର ଆରାଧ୍ୟା କଇଁ ମଲିକ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ । ଉଭୟଙ୍କୁ ସାଇଶଙ୍କର ଇଲେକ୍ଟ୍ରିକାଲ ପକ୍ଷରୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି । ଜିତେନ୍ଦ୍ର ବାରିକ, ସୁଶାନ୍ତ ବିଶ୍ୱାଳ ଓ ରିଆଜ କାଦରି ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ । ଆସୋସିଏସନ୍‌ର ସଭାପତି ନୃସିଂହ ନାୟକ, ସମ୍ପାଦକ ଶ୍ରୀଧର ସ୍ୱାଇଁ, ଉପସଭାପତି ବାବୁଲି ସ୍ୱାଇଁ, କୋଷାଧ୍ୟକ୍ଷ ଗୋଲଖ ସ୍ୱାଇଁ, ସଭ୍ୟ ବିଶ୍ୱରଞ୍ଜନ ସାମଲ, ସୁଶାନ୍ତ ସାହୁ, ରାମଚନ୍ଦ୍ର ସେଠୀ, ଅଭୟ ମଲିକ, ଦିଲୀପ ଦାସ, ଶରତ ବେହେରା, ଅଲେଖ ବେଜ, ଅଭିରାମ ମହାନ୍ତି, ସିଲୁ ସାହୁ, ଶତ୍ରୁଘ୍ନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ୧୦ରୁ ପଲ୍ଲୀଶ୍ରୀ ମେଳା ଓ ଜିଲ୍ଲା ମହୋତ୍ସବ



କେନ୍ଦ୍ରାପଡ଼ା,୧୨ ।୧୨(ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ଆସନ୍ତା ଜାନୁଆରୀ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଉତ୍ସବମୟ ପରିବେଶରେ ପଲ୍ଲୀଶ୍ରୀ ମେଳା ସହିତ ଜିଲ୍ଲା ମହୋତ୍ସବ ଅନୁଷ୍ଠିତ ହେବ । ଏହାକୁ ନେଇ ଆଜି ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ମୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ସିଡିଭିଓ ମନୋଜ ପଟ୍ଟନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହମନସିଂ, ଡେପୁଟି ସିଇଓ ଅରମାସ ନିରୋଦ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଡିପିସି (ମିଶନ ଶକ୍ତି) ଆରତୀ ସାହୁ, ଡିପିଏମ (ଓଏଲଏମ) ପ୍ରଶାନ୍ତ ପାଢ଼ୀ ସହିତ ବିଭିନ୍ନ ଶାଖାର ଶୀର୍ଷ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ପଲ୍ଲୀଶ୍ରୀ ମେଳା ସହ ଜିଲ୍ଲା ମହୋତ୍ସବର ସୁଚାରୁ ଗଠନ, ପ୍ରଦର୍ଶନୀ, ସାଂସ୍କୃତିକ ଆୟୋଜନ, ମହିଳା ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କ ମଲ୍ଲ, କୃଷକ ଓ ଉଦ୍ୟମୀଙ୍କ ଷ୍ଟଲ୍, ମଞ୍ଚ କାର୍ଯ୍ୟକ୍ରମ, ସୁରକ୍ଷା ବ୍ୟବସ୍ଥା, ଯାତାୟାତ ଓ ପରିଷ୍କାର-ପରିବେଶ ନିୟମିତିତା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ସମସ୍ତ ବିଭାଗକୁ ଶୀଘ୍ର ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇ କହିଥିଲେ "କେନ୍ଦ୍ରାପଡ଼ା ଜିଲ୍ଲା ମହୋତ୍ସବ ଏବଂ ପଲ୍ଲୀଶ୍ରୀ ମେଳାକୁ ଅଧିକ ସଫଳ ଓ ଆକର୍ଷଣୀୟ ଭାବେ ଆୟୋଜନ କରାଯିବ । ସମସ୍ତ ଅଧିକାରୀ ଅନୁଶାସିତ ଓ ସମନ୍ୱୟିତ ଭାବରେ କାମ କରିବେ କ୍ଷ" ଜିଲ୍ଲାର ଲୋକ ସଂସ୍କୃତି, ଉତ୍ପାଦନ ଶକ୍ତି ଏବଂ ସ୍ୱୟଂସହାୟକ ଗୋଷ୍ଠୀଙ୍କ ପ୍ରତିଭାକୁ ଏହି ମେଳା ଗୋଟିଏ ବଡ଼ ମଞ୍ଚ ଦେବ ବୋଲି ସମସ୍ତଙ୍କ ମଧ୍ୟରେ ଆଶା ବ୍ୟକ୍ତ ହୋଇଥିଲା ।

## ବକେୟା ଇ-ଚାଲାଣରେ ରିଆତି

# ମୋବାଇଲରୁ ଏବେ ସହଜରେ ଦେଇହେବ

କେନ୍ଦ୍ରାପଡ଼ା,୧୨ ।୧୨(ସମିସ): ଗାଡ଼ି ମାଲିକଙ୍କ ପାଇଁ ରାଜ୍ୟ ସରକାର ନେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବର୍ଷ ବର୍ଷ ଧରି ପଡ଼ି ରହିଥିବା ଇ-ଚାଲାଣ ବକେୟାରୁ ଏବେ ମିଳୁଛି ବିଶେଷ ରିଆତି । ସରକାରଙ୍କ ନୂତନ ନିଷ୍ପତ୍ତିରେ ୨୦୧୯ ପୂର୍ବରୁ ଥିବା ସମସ୍ତ ଇ-ଚାଲାଣରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିଆତି ମିଳିବ ।
ଏହି ପଦକ୍ଷେପ ଦ୍ୱାରା ଗାଡ଼ି ମାଲିକମାନେ ବିନା କୋର୍ଟକୁ ଯାଇ କେବଳ ମୋବାଇଲ ଫୋନ୍ ଜରିଆରେ ଘରେ ବସି ଗୋଟିଏ କ୍ଲିକରେ ବକେୟା ଚାଲାଣ ଦେଇପାରିବେ । ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର କହିଛନ୍ତି ଯେ ଇ-ଚାଲାଣ ବକେୟା ପ୍ରତିବର୍ଷ ଦୁଇଗୁଣ ତିନିଗୁଣ ହେବା ସମ୍ଭାବନା ରହିଥାଏ ଫଳରେ ଲୋକେ ଅଧିକ ଅର୍ଥନୈତିକ ଭାର ଉଠାନ୍ତି । ଗାଡ଼ି ବିକ୍ରି, ବୀମା ନବୀକରଣ, ଆରସି ଅପଡେଟ୍ ସମୟରେ ବକେୟା ଚାଲାଣ ଥିଲେ ପ୍ରକ୍ରିୟାଗତ ସମସ୍ୟା ସୃଷ୍ଟି ହୁଏ । ସରକାରଙ୍କ ଏହି ରିଆତି ପ୍ୟାକେଜ୍ ଲୋକଙ୍କୁ ଅସୁବିଧାମୁକ୍ତ କରିବ ଓ ଚାଲାଣ କ୍ଲିଅର କରିବାକୁ ପ୍ରୋତ୍ସାହନ ଦେବ । ଅନଲାଇନରେ ଚାଲାଣ ପେମେଣ୍ଟ ପାଇଁ echallan.parivahan.gov.in ସାଇଟକୁ ଯାଇ ସହଜରେ ପ୍ରଦାନ କରାଯାଇପାରିବେ ବୋଲି ସେ କହିଛନ୍ତି । ଆସନ୍ତା ୩୧ ତାରିଖ ପୂର୍ବରୁ ବକେୟା ରାଶି ପ୍ରଦାନ କଲେ ରିଆତି ମିଳିବ ବୋଲି କହିଛନ୍ତି ।

# ଜେନିଥ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ କ୍ରୀଡ଼ା




ମାର୍ଶାଘାଇ,୧୨ ।୧୨(ସମିସ): ଜେନିଥ ଇଣ୍ଟରନ୍ୟାସନାଲ ସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ବୁଧବାର ଉଦଯାପିତ ହୋଇଛି । ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ତଥା ଓଡ଼ିଶା ବାସ୍କେଟ ଏବଂ ଭଲିବଲ ସଂଘ ଉପସଭାପତି ସଇଦ ଆକମଲ ଅଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ମହିଳା କ୍ରୀଡ଼ାବିତ ରଶ୍ମିତା ପାତ୍ର ଯୋଗଦେଇଥିଲେ । ସ୍କୁଲ ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ନାୟକ ସଭା ପରିଚାଳନା କରିଥିଲେ । ଶିକ୍ଷକ ରାକେଶ ବିଶ୍ୱାଳ ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ଗାୟତ୍ରୀ ପାତ୍ର, ସାଜେଦା ତବସୁମ, ଶାଶ୍ୱତୀ ସୁଚରିତା ମହାପାତ୍ର, ଲିପ୍ସା ବେହେରା, ସଂଘମିତ୍ରା ମିଶ୍ର, ତୁଳସୀ ସାଣ୍ଡେଲ, ସ୍ୱସ୍ତି ସ୍ମରଣିକା ଦାସ, କାଞ୍ଚନବାଳା ସାହୁ, ଶୁଭଦର୍ଶିନୀ ପଣ୍ଡା, ନିବେଦିତା ବେହୁରା, ଶୁଭଶ୍ରୀ ରାଉତ, ଜୟନ୍ତ ସାହୁ, ପ୍ରେମାନନ୍ଦ ଜେନା, ମୋନାଲିସା ପରିଡ଼ା, ମୋନାଲିସା ଲେଙ୍କା, ଅନୁସୂୟା ରଥ, ବନିତା ପାତ୍ର, ଭବାନୀ ଶଙ୍କର ଜେନା, ଯଯାତି ଷଡ଼ଙ୍ଗୀ, କବିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ବିଦ୍ୟାଳୟର ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଏବଂ ମେଡାଲ ପ୍ରଦାନ କରାଯାଇଛି ।

# ଆନ୍ତର୍ଜାତିକ ସାର୍ବଜନୀନ ସ୍ୱାସ୍ଥ୍ୟ ସଚେତନତା ଦିବସ




ପଟ୍ଟାମୁଣ୍ଡାଇ,୧୨ ।୧୨(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଅନ୍ତର୍ଜାତୀୟ ସାର୍ବଜନୀନ ସ୍ୱାସ୍ଥ୍ୟ ସଚେତନତା ଦିବସ ପାଳିତ ହୋଇଛି । ଆଇନସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ବିଚାରପତି ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଆୟୋଜିତ ସଭାରେ ବିଚାରପତି ବିଦ୍ୟୁତଲତା ପ୍ରଧାନ ଯୋଗଦେଇ ସମାଜରେ ସମସ୍ତ ଲୋକଙ୍କ ପାଇଁ ସରକାରଙ୍କ ତରଫରୁ ସ୍ୱାସ୍ଥ୍ୟ ପାଇଁ କେଉଁ ସବୁ ବ୍ୟବସ୍ଥା ରହିଛି, ସେଗୁଡ଼ିକ କିପରି କାର୍ଯ୍ୟ ହୋଇପାରିବ ଏଂ ସମାଜର ବିକାଶ ହେବା ସହ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଥିବା ଆଇନଗତ ବ୍ୟବସ୍ଥା, ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଉପଖଣ୍ଡ ଚିକିତ୍ସାଳୟର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡ଼ା ଓ ଡା. ଚନ୍ଦ୍ରଶେଖର ଦାଶ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ବକ୍ତବ୍ୟ ରଖିଥିଲେ । ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ । ଆଇନଜୀବୀ ବିଜୟକୁମାର ରାଉତ, ଫ୍ରଣ୍ଟ ଅଫିସ ରିଟେନର ଗୀତାଞ୍ଜଳି ପୃଷ୍ଟି, ଆଇନଜୀବୀ ସତ୍ୟରଞ୍ଜନ ନାୟକ, ଶୈଳବାଳା ମଲିକ, ଗୟାଚାନ୍ଦ୍ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ମୋହନ ଦାଶ, ଅପର୍ଣ୍ଣା ସାମଲ, ଅରବିନ୍ଦ ପଣ୍ଡା, ଅମେରେନ୍ଦ୍ର ରାଉତ, ବବିତା ମଲିକ, କବିତା ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲା ସଡକ ନିରାପତ୍ତା କମିଟି ବୈଠକ

# ଯାତାୟାତ ଶୃଙ୍ଖଳା ପାଳନ ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୨ ।୧୨(ସମିସ): ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ନିରାପତ୍ତା କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜାତୀୟ ରାଜପଥ ୫୩ରେ ଚାଲୁଥିବା କାମ ସମୟରେ ବିଭିନ୍ନ ଅଞ୍ଚଳରେ ସୃଷ୍ଟି ହେଉଥିବା ଧୂଳି ସମସ୍ୟା ଉପରେ ଗୁରୁତ୍ୱର ସହ ଆଲୋଚନା କରାଯାଇଛି । ଜିଲ୍ଲାପାଳ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପ୍ରତିଦିନ ପାଣି ସିଞ୍ଚନ କରିବା, ଧୂଳି ନିୟନ୍ତ୍ରଣ ପାଇଁ ତୁରନ୍ତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜାତୀୟ ରାଜପଥ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ ସ୍ଥାପନ, ସାଇନ ବୋର୍ଡ ପ୍ରତିଷ୍ଠା, ଏବଂ ଯାତାୟାତ ସୁବିଧା ବଢ଼ିବା ପାଇଁ ଆବଶ୍ୟକ ଆଧୁନିକ ବ୍ୟବସ୍ଥା କରିବା ନେଇ ଗୁରୁତ୍ୱ ଦିଆଯାଇଛି ।
ଯାତାୟାତ ନିୟମ ଭଙ୍ଗାକୁ ନେଇ ବୈଠକରେ ଦ୍ରୁତ ଗାଡ଼ି ଚାଳନା, ମଦ୍ୟପ ଡ୍ରାଇଭିଂ, ଏବଂ ଟ୍ରାଫିକ୍ ଅବମାନନା କାର୍ଯ୍ୟ ବନ୍ଦ କରିବା ପାଇଁ କଡା ନିରୀକ୍ଷଣ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଜୋର ଦିଆଯାଇଛି । କସଟି ଠାରୁ ତିନିମୁହାଣୀ ପର୍ଯ୍ୟନ୍ତ ଅଞ୍ଚଳରେ ବଢୁଥିବା ଅବୈଧ ପାର୍କିଂ, କେନ୍ଦ୍ରାପଡ଼ା ତଥା ପଟ୍ଟାମୁଣ୍ଡାଇ ମୁନିସିପାଲିଟିରେ ପାର୍କିଂ ସମସ୍ୟା ଉପରେ ସମଗ୍ରୀକ ଆଲୋଚନା ହେବା ସହିତ ପ୍ରାୟୋଗିକ ସମାଧାନ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୧ ଏପ୍ରିଲ ରୁ ୩୦ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଯାତାୟାତ ନିୟମ ଭଙ୍ଗାକୁ ନେଇ ଜିଲ୍ଲାରେ ମୋଟ ୨୦,୮୩,୮୭୪ ଟଙ୍କା ଜରିମାନା ଆଦାୟ ହୋଇଛି । ଏହାଛଡା ୧୧୩୦ ଜଣ ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି । ଏହି ବୈଠକରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ମୁନିସିପାଲିଟିର ନିର୍ବାହୀ ଅଧିକାରୀମାନେ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ, ଘରୋଇ ବସ ଏବଂ ଟିପର ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ସୁରକ୍ଷିତ ଯାତାୟାତ ନିଶ୍ଚିତ କରିବା ନେଇ ସରକାରୀ ମେକାନିଜମ୍‌ର ସମନ୍ୱୟ ଆବଶ୍ୟକତା ବୈଠକରେ ଆଲୋଚନା ହୋଇଛି ।



**ଧୂଳି ସମସ୍ୟା ନିବାରଣ କରିବାକୁ ନିର୍ଦ୍ଦେଶ**

## ● ସରକାରୀ ଜମି ଜବରଦଖଲ ଅଭିଯୋଗ

# ତଦନ୍ତ ବେଳେ ଆରଆଇଙ୍କୁ ଆକ୍ରମଣ

ଡେରାବିଶ,୧୨ ।୧୨(ସମିସ): ଡେରାବିଶ ତହସିଲ ଅନ୍ତର୍ଗତ ବଳଭଦ୍ରପୁର ରାଜସ୍ୱ ସର୍କଲ ଅଧିକାରୀ ତରଜଙ୍ଗା ଗ୍ରାମକୁ ଗୁରୁବାର ଏକ ସରକାରୀ ଜମି ଜବରଦଖଲ ସମ୍ପର୍କୀୟ ଅଭିଯୋଗର ତଦନ୍ତ କରିବାକୁ ଯାଇଥିବା ବେଳେ ତାଙ୍କୁ ଆକ୍ରମଣ କରାଯାଇଛି । ତହସିଲଦାର ସରୋଜକାନ୍ତ ନାୟକଙ୍କ ମାଧ୍ୟମରେ ଆକ୍ରମଣରେ ଶିକାର ହୋଇଥିବା ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣ ବେହେରା ଏ ନେଇ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଜଣେ ବ୍ୟକ୍ତି ଜୋରଜବରଦସ୍ତ ଏକ ସରକାରୀ ଜମି ଜବରଦଖଲ କରିଥିବା ଏବଂ ଏଥିଯୋଗୁଁ ଚଳାଚଳରେ ଅସୁବିଧା ହେଉଥିବାରୁ ତୁରନ୍ତ ଏହି ଜମିକୁ ଅବରୋଧମୁକ୍ତ କରିବା ପାଇଁ ତରଜଙ୍ଗା ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଦାବି କରି ଆସୁଥିଲେ । ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ନିରୀକ୍ଷକ ବେହେରା ତଦନ୍ତ ପାଇଁ ଉକ୍ତ ଜମି ନିକଟକୁ ଯାଇଥିଲେ । ଏହି ସମୟରେ ଗ୍ରାମବାସୀ ଜବରଦଖଲକାରୀ ଗ୍ରାମ୍ୟ ରାସ୍ତାକୁ ଜବରଦଖଲ କରି ଶୌଚାଳୟ କରିବା ସହ ସରକାରୀ ବାଉଁଶବାରିକୁ ଜବରଦଖଲ କରି ଘେରଉ କରି ଚାଷକାର୍ଯ୍ୟ କରୁଥିବା ଅଭିଯୋଗ କରୁଥିବା ବେଳେ ହଠାତ ଜବରଦଖଲକାରୀ ଗୋଲଖ ଦାସଙ୍କ ଜ୍ୱାଇଁ ଗଜେନ୍ଦ୍ର ବଳ ଦୌଡ଼ି ଆସି ଆରଆଇ ବେହେରାଙ୍କୁ ଜୋରରେ ଠେଲିଦେଇ ଆକ୍ରମଣ କରିବା ସହ ତାଙ୍କ ପରିଚୟ ପଚାରିଥିଲେ । ସେ ପରିଚୟ ଦେବାରୁ ଗଜେନ୍ଦ୍ର ତାଙ୍କୁ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଲୁହାରଡ଼୍‌ରେ ମାରିବାକୁ ଉଦ୍ୟତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ । ଭୟରେ ଆରଆଇ ବେହେରା ତୁରନ୍ତ ଘଟଣାସ୍ଥଳରୁ ଫେରିଆସି ତହସିଲଦାରଙ୍କୁ ସୂଚନା ଦେଇଥିଲେ । ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଆର୍ଆଇ ବେହେରା ଦାବି କରିଛନ୍ତି ।

# ଅଙ୍ଗନବାଡ଼ି ବାଦାମ ଲଡୁରେ ପୋକ

ମହାକାଳପଡ଼ା,୧୨ ।୧୨(ସମିସ): ଶିଶୁ, ପ୍ରସୂତି, କିଶୋରୀ ବାଳିକାଙ୍କ ପୋଷଣ ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ତଳ ସ୍ତରରେ ଏହାର ଉପଯୁକ୍ତ ନିରୀକ୍ଷଣ ଅଭାବ ଯୋଗୁଁ ସରକାରଙ୍କ ଉଦ୍ଦେଶ୍ୟ ବାଟବଣା ହେଉଛି । ଯାହା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଓ ପ୍ରସୂତିଙ୍କୁ ମିଳୁଛି ପୋକ ସାଲୁବାଲୁ ବାଦାମ ଲଡୁ । ଫଳରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପ୍ରତି ବିପଦ ବଢ଼ାଇଛି । ମିଳିଥିବା ପ୍ୟାକେଟରେ ନା ପ୍ରସ୍ତୁତି ତାରିଖ ରହିଛି ନା ବ୍ୟାଚ୍ ନମ୍ବର । ଏହାକୁ ନେଇ ଏବେ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଓ ବିଭାଗ ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକେ ।
କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧୀନ ମଙ୍ଗଳପୁର ପଞ୍ଚାୟତ ବନ୍ଧପଡ଼ା (ଗୁହାଳକଣି) ଅଙ୍ଗନବାଡ଼ି କେନ୍ଦ୍ରରେ ଯେଉଁ ବାଦାମ ଲଡୁ ପ୍ରଦାନ କରାଯାଇଛି ସେହି ଲଡୁରେ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଛି । ବଡ଼ ବଡ଼ ଧଳା ଧଳା ପୋକ ଲଡୁ ଭିତରେ ଦେଖିବାକୁ ମିଳିବା ପରେ ଲୋକେ ଏବେ ଭୟଭୀତ ହୋଇପଡ଼ିଛନ୍ତି । କେବଳ ପୋକ ବାହାରୁଛି ତାହା ନୁହେଁ ପ୍ୟାକେଟ୍ ଉପରେ ନା ପ୍ରସ୍ତୁତି ତାରିଖ ରହିଛି ନା ବ୍ୟାଚ୍ ନମ୍ବର । ପ୍ରସ୍ତୁତି ତାରିଖ ସ୍ଥାନରେ ହାତରେ ପେନ୍ ଯୋଗେ ଯାହା ଲେଖା ଅଛି ତାହା ଦୃଶ୍ୟମାନ ନୁହେଁ । ଏହି ଖାଦ୍ୟ ପ୍ରସ୍ତୁତି ଓ ଯୋଗାଣ ପାଇଁ ବେଲପଡ଼ା ଗ୍ରାମର ଶ୍ରୀ ଶ୍ରୀ ପୁରୁଷୋତ୍ତମ ଏସଏଚଜିକୁ ଦାୟିତ୍ୱ ମିଳିଥିବା ବେଳେ ଏବେର ଘଟଣା ସାମ୍ନାକୁ ଆସିବା ପରେ ଲୋକେ ଆଶଙ୍କାରେ ପଡ଼ିଛନ୍ତି । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।



**କାର୍ଯ୍ୟାନୁଷ୍ଠାନ ଦାବି**

# ଏସ୍‌ୟୁସିଆଇର ଦାବି ସପ୍ତାହ




ଜଗତସିଂହପୁର,୧୨ା୧୨(ସମିସ): ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ରଘୁନାଥପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ୭ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ବ୍ଲକ ଇନଚାର୍ଜ ପ୍ରମୋଦିନୀ ମିଶ୍ରଙ୍କ ନେତୃତ୍ୱରେ ତପନ କୁମାର ବେହୁରା, ରବିନାରାୟଣ ସେଠୀ, ରଞ୍ଜିତ ପାଲ, ମଦନ ବେହେରା ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ନିଜର ହକ୍ ଆଦାୟ ପାଇଁ ସଚେତନ ସଂଗଠିତ ନିରବଚ୍ଛିନ୍ନ ଗଣ ଆନ୍ଦୋଳନ ଗଢିତୋଳିବା ପାଇଁ ଜିଲ୍ଲା କମିଟି ସମ୍ପାଦକ ସୁବାସ ସ୍ୱାଇଁ ଉପସ୍ଥିତ ଆନ୍ଦୋଳନକାରୀଙ୍କୁ ଆହ୍ୱାନ ଦେଇଥିଲେ। ଦାବି ମଧ୍ୟରେ ରହିଛି ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ପ୍ରାଚୀର ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରାଯାଉ, ନିରପେକ୍ଷ ତଦନ୍ତ କରି ଉପଯୁକ୍ତ ହିତାଧିକାରୀଙ୍କୁ ସରକାରୀ ଘର ଓ ଭତ୍ତା ପ୍ରଦାନ କରାଯାଉ, ରଘୁନାଥପୁର ସମେତ ବ୍ଲକର ସମସ୍ତ ଡାକ୍ତରଖାନାଗୁଡ଼ିକରେ ଡାକ୍ତର ନିଯୁକ୍ତି କରିବା, ମଦ ମାଦକ ଦ୍ରବ୍ୟ ନିଷିଦ୍ଧ କରିବା, ନାରୀ ନିର୍ଯାତନା ବନ୍ଦ ପାଇଁ ଅଧିକ ପୁଲିସ ଫାଣ୍ଡି ସ୍ଥାପନ ଆଦି ସମ୍ପର୍କରେ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

**ପାରାଦୀପ ବନ୍ଦର ଓ ଇଫ୍‌କୋର ସହାୟତା**

# ଜାତୀୟ ଦୃଷ୍ଟିହୀନ ଜୁଡ଼ୋରେ ଭାଗନେବେ ୨୫ କ୍ରୀଡ଼ାବିତ



ପାରାଦୀପ,୧୨ା୧୨(ସମିସ): ରାଜସ୍ଥାନର ଗଙ୍ଗାନଗର ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଜାତୀୟ ଦୃଷ୍ଟିହୀନ ଜୁଡ଼ୋ ଚାମ୍ପିଅନସିପରେ ଓଡିଶାର ପଚିଶ ଜଣ ବିଭିନ୍ନ ବର୍ଗର ଦୃଷ୍ଟିହୀନ ଖେଳାଳି ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ପ୍ରଥମ ଥର ହେବାକୁ ଯାଉଥିବା ଏହି ଦୃଷ୍ଟିହୀନ ଜୁଡ଼ୋ ଚାମ୍ପିଅନସିପରେ ଓଡିଶା ତରଫରୁ ମହିଳା ଖେଳାଳି ଭାଗ ନେବାକୁ ଯାଉଛନ୍ତି। ଓଡିଶାର ବିଭିନ୍ନ ଜିଲ୍ଲାରୁ ଚୟନ ହୋଇଥିବା ୨୫ ଜଣ ଖେଳାଳିଙ୍କୁ ନେଇ ଖ୍ୟାତିସମ୍ପନ୍ନ ଜୁଡ଼ୋ ପ୍ରଶିକ୍ଷିକା ଲୋପାମୁଦ୍ରା ପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାଧାନରେ ପାରାଦୀପ ଇଣ୍ଡୋର ଷ୍ଟାଡିଅମରେ ୧୫ ଦିନିଆ ପ୍ରଶିକ୍ଷଣ ଶିବିର ଚାଲିଛି। ବିଗତ ବର୍ଷରେ ଲୋପାମୁଦ୍ରାଙ୍କ ନେତୃତ୍ୱରେ ୧୮ ଜଣିଆ ଖେଳାଳିଙ୍କୁ ନେଇ ୧୦ଟି ପଦକ ହାସଲ କରିଥିବା ବେଳେ ଚଳିତ ବର୍ଷ ଓଡିଶା ପାଇଁ ଭଲ ମେଡାଲ ଆଣିବେ ବୋଲି ପ୍ରଶିକ୍ଷକ ଦୃଢ ବିଶ୍ୱାସ ରଖିଛନ୍ତି। ଓଡିଶା ପାଇଁ ଏହି ଜାତୀୟ ସ୍ତରର ଦୃଷ୍ଟିହୀନ ପାରା ଅଲିମ୍ପିକରେ ଭାଗନେବା ପାଇଁ ୨୫ ଜଣ ଖେଳାଳିଙ୍କ ସହିତ ୫ଜଣ ଅଫିସିଆଲ ଷ୍ଟାଫ ଚଳିତମାସ ୧୬ ତାରିଖରେ ପାରାଦୀପରୁ ରାଜସ୍ଥାନ ଯାତ୍ରା କରିବେ। ୧୯ ତାରିଖରେ ରାଜସ୍ଥାନରେ ପହଞ୍ଚି ପ୍ରତିଯୋଗିତାରେ ଭାଗନେବା ନେଇ କହିଛନ୍ତି କୋଚ ଲୋପାମୁଦ୍ରା ପତି। ରାଜସ୍ଥାନ ଯିବାକୁ ଥିବା ଏହି ଓଡ଼ିଶା ଦୃଷ୍ଟିହୀନ ଜୁଡୋ ଟିମର ପ୍ରଶିକ୍ଷଣ ଠାରୁ ପ୍ରତିଯୋଗିତା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ପାରାଦୀପ ବନ୍ଦର ଓ ଇଫକୋ ୟୁନିଟ୍ ପାରାଦୀପ ତରଫରୁ ବହନ କରାଯାଉଛି।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ତିର୍ତ୍ତୋଲ,୧୨ା୧୨(ସମିସ): ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ଗ୍ରାମର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଉପସଭାପତି, ମଦନମୋହନ ଖଣ୍ଡୁଆଳ (୮୯)ଙ୍କ ଆଜି ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ୧୯୮୯ ମସିହାରେ ବାଲିମେଳା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ପରିଚାଳନା ଗତ ଦକ୍ଷତା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ବେଳେ ୧୯୯୯ ମସିହାରେ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ପୁରସ୍କାର ପାଇଥିଲେ। ତାଙ୍କର ମୃତ୍ୟୁଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ନାୟକ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ହରେକୃଷ୍ଣ ସେଣ, ସମ୍ପାଦକ ଶରତ ତାରଣିଆ, ପ୍ରାକ୍ତନ ପ୍ରଧାନଶିକ୍ଷକ ଲୋକନାଥ ବଡ଼ପଣ୍ଡା, ବାବାଜୀ ନାୟକ, ବାବାଜୀ ମଲ୍ଲିକ, ରବିନାରାୟଣ ପଣ୍ଡା, ବିଷ୍ଣୁଚରଣ ନାୟକ, ନିମାଇଁ ବିଶ୍ୱାଳ, ପୁରାତନ ଛାତ୍ର ସଂସଦ ସଭାପତି ଜଗନ୍ନାଥ ଖଣ୍ଡୁଆଳଙ୍କ ସମେତ ବହୁ ଜନପ୍ରତିନିଧି, ଶିକ୍ଷକ ଓ ଗ୍ରାମବାସୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁତ୍ର ସୁଧାଂଶୁ, ଶୁଭ୍ରାଂଶୁଙ୍କ ସମେତ ପରିବାରବର୍ଗ, ବନ୍ଧୁବାନ୍ଧବ ମାନେ ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ଅନ୍ତେଷ୍ଟିକ୍ରିୟା ସମୟରେ ବଡ଼ପୁଅ ହିମାଂଶୁ ମୁଖାଗ୍ନି ଦେଇଥିଲେ।

**ଜିଲ୍ଲାସ୍ତରୀୟ ଯୁବୋତ୍ସବ**

# 'ଯୁବପିଢ଼ି ଦେଶ ପ୍ରଗତିର ସାରଥି'

ଜଗତସିଂହପୁର,୧୨ା୧୨(ସମିସ)



ଜିଲ୍ଲା ପ୍ରଶାସନ ଏବଂ ମାଇଁ ଭାରତର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇ ଯୁବପିଢ଼ିଙ୍କୁ ଦେଶର ଆଗାମୀ ଭବିଷ୍ୟତ ବୋଲି କହିଥିଲେ। ପାଠ ପଢ଼ା ବ୍ୟତୀତ ଅନ୍ୟାନ୍ୟ ବିଷୟରେ ମଧ୍ୟ ଉପଯୁକ୍ତ ଦକ୍ଷତା ହାସଲ କରିବା ଉଚିତ। ନିଜକୁ ଜଣେ ସୁନାଗରିକ ଭାବେ ଗଢ଼ିବାକୁ ଉଦ୍ୟମ କରିବା ଜରୁରୀ ବୋଲି ସେ କହିଥିଲେ। ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ କହିଲେ ଯେ, ଯୁବଗୋଷ୍ଠୀ ସଠିକ ମାର୍ଗରେ ପରିଚାଳିତ ହେଲେ ଦେଶର ପ୍ରଗତି ସମ୍ଭବ ହୋଇପାରିବ। ସଫଳତା ପାଇବାକୁ ହେଲେ ଉଦ୍ୟମ କରିବା ଜରୁରୀ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଉପସ୍ଥିତ ଯୁବ ପ୍ରତିଭାଙ୍କୁ ଜୀବନରେ ସକାତ୍ମକ ଚିନ୍ତାଧାରା ସହ ଆଗକୁ ବଢିବା ନିମନ୍ତେ ପ୍ରେରଣାଦାୟୀ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିମା ସ୍କୁଲ୍ ଅଫ୍ ନର୍ସିଂର ନିର୍ଦ୍ଦେଶକ ଗଣେଶ୍ୱର ମାଣିଆ, ଶିକ୍ଷାବିତ ଉତ୍କଳ ରଞ୍ଜନ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ସଂସ୍କୃତି ଭବନ ପରିସର, ନିମାଇଁ ଭବନ ଏବଂ ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପ ଠାରେ ବିଜ୍ଞାନ ମେଳା, ଲୋକ ନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଇତ୍ୟାଦି ବିଭାଗ ଗୁଡ଼ିକରେ ପ୍ରତିଯୋଗିତା ସମ୍ପନ୍ନ ହୋଇଥିଲା। ଏହି ଯୁବ ଉତ୍ସବରେ ଜିଲ୍ଲାର ୧୫ରୁ ୨୯ ବର୍ଷୀୟ ଯୁବକ ଯୁବତୀମାନେ ଅଂଶ ଗ୍ରହଣ କରିଥିଲେ। ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଯୋଗଦେଇ ବିଜ୍ଞାନମେଳା ଓ ଯୁବ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଯୁବ ସମାଜକୁ ଦେଶ ପ୍ରଗତିର ସାରଥି ବୋଲି କହିଥିଲେ। ସଠିକ୍ ଦିଗଦର୍ଶନ ପାଇଲେ ଯୁବଶକ୍ତି ପ୍ରଗତିର ଗତିପଥ ବଦଳାଇ ପାରିବ ବୋଲି ସେ କହିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଜିଲ୍ଲା ୟୁଥ୍ ଅଫିସର ନିଖିଲ କୋକୁଲ୍ଲା, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ୟୁଥ ରେଡକ୍ରସ୍‌ର ରାଜ୍ୟ କୋଅର୍ଡିନେଟର ଗୋପାଳ କୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

କୃତୀ ପ୍ରତିଯୋଗୀମାନଙ୍କୁ ଉଦ୍‌ଯାପନୀ ସନ୍ଧ୍ୟାର ଅତିଥିମାନେ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ୪ ଜଣ ଏକକ ପ୍ରତିଯୋଗୀ ଓ ୨ ଗୋଟି ସାଂସ୍କୃତିକ ଦଳ ଓ ୧ଟି ବିଜ୍ଞାନ ମେଳା ଦଳ ଜିଲ୍ଲାରୁ ମନୋନୀତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦଳଗତ ଲୋକନୃତ୍ୟରେ ଜ୍ଞାନଲକ୍ଷ୍ମୀ କଳା ପ୍ରତିଷ୍ଠାନ ଆଲିପିଙ୍ଗଳ, ଲୋକଗୀତରେ ଜବାହର ନବୋଦୟ ବିଦ୍ୟାଳୟ, ବିଜ୍ଞାନ ମେଳାରେ ଅଳକା ମହାବିଦ୍ୟାଳୟ ଅନନ୍ତବଟ, କବିତା ଲିଖନରେ ପ୍ରିୟଦର୍ଶିନୀ ବେହେରା, ଗଳ୍ପ ଲିଖନରେ ଅନନ୍ୟା ମହାନ୍ତି, ବକ୍ତୃତାରେ ସାଇସ୍ୱରୂପ ବିଶ୍ୱାଳ, ଚିତ୍ରାଙ୍କନରେ ଶୁଭଶ୍ରୀ ସାହୁ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି। ବିଜ୍ଞାନ ଶିକ୍ଷୟିତ୍ରୀ ମନିଷା ମିଶ୍ର ଉତ୍ସବ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଇଁ ଭାରତର ଭଲ୍ୟୁଣ୍ଟିଅର, ମହିମା ସ୍କୁଲ୍ ଅଫ୍ ନର୍ସିଂର ଭଲ୍ୟୁଣ୍ଟିଅର, ବିଚାରକ ମଣ୍ଡଳୀ, ଶିକ୍ଷକ ଶିକ୍ଷୟତ୍ରୀ ସହାୟତା କରିଥିଲେ। ଏହି ଉତ୍ସବରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟରୁ ଆସିଥିବା ଯୁବ ପ୍ରତିଭା, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ଆଇନଜୀବୀ ତଥା ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ମହାନଦୀ ମେଳାରୁ ବାଇକ୍ ଚୋରି

ତିର୍ତ୍ତୋଲ,୧୨ା୧୨(ସମିସ): ତିର୍ତ୍ତୋଲ ବ୍ଲକ କୃଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ମହାନଦୀ ବେଳାଭୂମିରେ ଚାଲିଥିବା ମେଳାରେ ଏକ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ କାଜି ମାଗଲାର ସେଖ ଜାୱିଦ ଇକବାଲ ରାତିରେ ମହାନଦୀ ବେଳାଭୂମିରେ ଚାଲିଥିବା ମେଳାକୁ ନିଜ ଭାଇ ନାମରେ ପଞ୍ଜିକୃତ ଥିବା କଳାରଙ୍ଗର ବୁଲେଟ ଗାଡ଼ିକୁ ନେଇ ଯାଇଥିଲେ। କିନ୍ତୁ ମେଳାରୁ ଫେରିଲା ବେଳକୁ ଗାଡ଼ି କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଦେଖିବାକୁ ପାଇଥିଲେ। ପରେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ନିରାଶ ହେବା ପରେ ସେ କୃଷ୍ଣାନନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ସୂତ୍ରରୁ ଜଣାପଡିଛି।

# ୩ ଜଣଙ୍କୁ ଉଠାଇ ନେଲା ପୁଲିସ

ରଘୁନାଥପୁର,୧୨ା୧୨(ସମିସ): ରଘୁନାଥପୁର ଥାନ ଅନ୍ତର୍ଗତ ତାରପୁର ଶାଳିଜଙ୍ଗା ରାସ୍ତାର ହଁସୁଆ ବ୍ରିଜ ନିକଟରେ ବାହାର ଥାନା ଅଞ୍ଚଳର ପୁଲିସ ଭ୍ୟାନ ଏକ କାର୍‌କୁ ଗୋଡାଇ ଅଟକାଇବା ସହ ସେଥିରେ ଥିବା ୩ ଜଣ ବ୍ୟକ୍ତିଙ୍କୁ ଉଠାଇ ନେଇଛନ୍ତି। ଉକ୍ତ କାରରେ ଥିବା ବନ୍ଧୁକ, ଟଙ୍କା ସହ ବମ୍‌କୁ ପୁଲିସ ନେଇଯାଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ପକ୍ଷରୁ ସୂଚନା ମିଳିଛି। ବହୁ ଦୂରରୁ ପୁଲିସ କାର୍‌ଟିକୁ ଫଲୋ କରି ଉକ୍ତ ସ୍ଥାନରେ ଆଡ଼ ପକାଇ ସମ୍ମୁଖରୁ ଚକାକୁ ଫାଇରିଂ କରିଥିଲା। ଏହି ସମୟରେ ଭିତରେ ଥିବା ୩ ଜଣ ବ୍ୟକ୍ତି ନିକଟସ୍ଥ ହଁସୁଆ ସଫେଇ ଡେଇଁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ତାଙ୍କୁ କାବୁ କରିଥିଲା। ଏ ସମ୍ପର୍କରେ ରଘୁନାଥପୁର ଏସଆଇ ଯୋଗେଶ୍ୱର ବେହେରାଙ୍କୁ ପଚାରିବାର ସେ ଏହାକୁ ଅସ୍ୱୀକାର କରିଥିଲେ। ଅନ୍ୟପକ୍ଷେ ଗୋଟିଏ କାର୍ ପୁଲିସ ଭ୍ୟାନକୁ ଧକ୍କା ଦେଇ ଖରାପ୍ ହୋଇଯିବାରୁ ଏହାକୁ ସଜାଡିବାକୁ ନିଆଯାଇଛି ବୋଲି ସେ କହିଛନ୍ତି।

# ଉତ୍ତରଶାସନ ସରପଞ୍ଚଙ୍କ ମାତୃ ବିୟୋଗ



ବିରିଡ଼ି,୧୨ା୧୨(ସମିସ): ବିରିଡ଼ି ବ୍ଲକ ଉତ୍ତରଶାସନ ଗ୍ରାମପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର ନାଥ ଶତପଥୀଙ୍କ ମାଆ ନିର୍ମଳା ଶତପଥୀଙ୍କ ଦେହାନ୍ତ ହୋଇଯାଇଛି। ଉତ୍ତର ଶାସନ ମହାଜନ ସାହିସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ତାଙ୍କ ମୃତଦେହ ଗାଁ ପରିକ୍ରମା କରାଯିବା ସହ ଶ୍ମଶାନରେ ଶେଷକୃତ ସମ୍ପର୍ଣ୍ଣ କରାଯାଇଥିଲା। ବଡ଼ ପୁତ୍ର ରବୀନ୍ଦ୍ର ମୁଖାଗ୍ନି ଦେଇଥିଲେ। ଖବର ପାଇ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ସମିତିସଭ୍ୟ ସବ୍ୟସାଚୀ ଶତପଥି, ସମାଜସେବୀ ନେତ୍ରାନନ୍ଦ ପାତ୍ର, ଦିବାକର ସାହୁ, ପ୍ରତାପ ବେହେରା, ଦେବାଶିଷ ହୋତା, ରାଜକିଶୋର ସାହୁ, ବିଭୂପ୍ରସାଦ ଦାଶ, ସୁଦର୍ଶନ ବେହେରା ଓ ଅନ୍ୟମାନେ ପହଞ୍ଚି ଶେଷଦର୍ଶନ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ରେଢୁଆ ଓ ବାରତିରା ସୀମା ବିବାଦ**

# ରାଜସ୍ୱ ଗ୍ରାମ ପାଇଁ ଦାବି



ରଘୁନାଥପୁର,୧୨ା୧୨(ସମିସ): ରଘୁନାଥପୁର ତହସିଲ ଅନ୍ତର୍ଗତ ରେଢୁଆ ପଞ୍ଚାୟତ ବାରତିରା ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଦାବି ଘଟଣାରେ ସୀମା ସରହଦକୁ ନେଇ ନିକଟସ୍ଥ ମଜୁରାଇ ପଡା ଗ୍ରାମବାସୀଙ୍କ ସହ ବିବାଦ ଘନେଇଛି। ଫଳରେ ସୀମାକୁ ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନ ପ୍ରକ୍ରିୟା ଫସର ଫାଟିଛି। ବାରତିରାକୁ ରାଜସ୍ୱ ଗ୍ରାମ କରିବା ପାଇଁ ଗତ ୨୦୨୨ ମସିହାରୁ ଗ୍ରାମବାସୀ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ରାଜଲକ୍ଷ୍ମୀ ନାୟକ ସଂପୃକ୍ତ ଗ୍ରାମକୁ ଯାଇ ସରଜମିନି ତଦାରଖ କରିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଅସ୍ଥାୟୀ ଭାବେ ଏକ ନକ୍ସା ପ୍ରସ୍ତୁତ କରିଥିଲେ। ଏହାକୁ ମଜୁରାଇ ଗ୍ରାମବାସୀ ବିରୋଧ କରିବା ସହ ଏହାକୁ ପରିବର୍ତ୍ତନ କରିବା ପାଇଁ ଦାବି କରି ଲିଖିତ ଭାବେ ଜଣାଇଥିଲେ। ଗୁରୁବାର ତହସିଲଦାର ଉଭୟ ଗ୍ରାମର କିଛି ଲୋକଙ୍କୁ ଡାକି ସେମାନଙ୍କୁ ପକ୍ଷ ରଖିବା ପାଇଁ କହିଥିଲେ। ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ରବୀନ୍ଦ୍ର ବେହେରା, ଅଲେଖ ବାରିକ, ସରୋଜ ନାୟକ, ବଳରାମ ନାୟକ, କୃତିବାସ ସ୍ୱାଇଁ ଓ ମହିଳାଙ୍କ ପକ୍ଷରୁ ପ୍ରଭାବତୀ ସ୍ୱାଇଁ ସେମାନଙ୍କର ମତ ରଖିଥିଲେ। ସୀମା ସରହଦ ଚିହ୍ନଟକୁ ନେଇ ପରସ୍ପର ମଧ୍ୟରେ ମତାନ୍ତର ସୃଷ୍ଟି ହୋଇ ବଚାସା ଯାଏଁ କଥା ଯାଇଥିଲା। ଯାହାଫଳରେ କୌଣସି ନିର୍ଯ୍ୟାସ ବାହାରି ପାରିନଥିଲା। ମଜୁରାଇ ଗ୍ରାମର ସତ୍ୟଭାମା ମହାନ୍ତି, ସାବିତ୍ରୀ ସ୍ୱାଇଁ, ସରୋଜିନୀ ଲେଙ୍କା, ସନ୍ତୋଷ ପ୍ରଧାନ, ଦିପ୍ତିରଞ୍ଜନ ଦାସ, କୃତିବାସ ଜେନାଙ୍କ ସହ ଅନ୍ୟମାନେ ତହସିଲ ସମ୍ମୁଖରେ ବସିରହି ପ୍ରତିବାଦ କରିଥିଲେ। ଶେଷରେ ତହସିଲଦାର ନାୟକ ଉଭୟଙ୍କୁ ବୁଝାସୁଝା କରି ସେଠାରୁ ବିଦା କରିଥିଲେ। ତେବେ ଉଭୟ ଗ୍ରାମର ମୁରବୀ ବ୍ୟକ୍ତିମାନେ ସେମାନଙ୍କ ପକ୍ଷ ରଖିଥିବା ଓ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ତହସିଲଦାର ନାୟକ ପ୍ରକାଶ କରିଛନ୍ତି।

# ଦଧିବାମନ କ୍ଲଷ୍ଟରରେ ସଚେତନତା ନାଟକ



କୁଜଙ୍ଗ,୧୨ା୧୨(ସମିସ): କୁଜଙ୍ଗ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଦଧିବାମନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋବର୍ଦ୍ଧନପୁର କ୍ଲଷ୍ଟରର କ୍ଲଷ୍ଟର ସ୍ତରୀୟ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଓ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ତାଳପଡ଼ା ପଞ୍ଚାୟତ ବରୁଣ୍ଡି ସ୍ଥିତ ହନୁମାନ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି ସଭା ଓ ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ପବିତ୍ର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଶିକ୍ଷାବିତ ବାବାଜୀ ଚରଣ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଆଖଣ୍ଡଳମଣି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇ, ସମ୍ମାନୀତ ଅତିଥି ରୂପେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ଶିକ୍ଷକ ନେତା ଅନାଦି ଚରଣ ଖଟୁଆ, ସିଆର୍‌ସିସି ଗୋବିନ୍ଦ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ଧନ୍ୟବାଦ୍ ଅର୍ପଣ କରିଥଲେ। ବରିଷ୍ଠ ଶିକ୍ଷୟିତ୍ରୀ କଳ୍ପନା ଦେଇ, ଶ୍ରାବଣୀ ଲେଙ୍କା, ସୁମିତ୍ରା ମୁର୍ମୁ, ସୁମିତା ବେହେରା, ସବିତା ବେହେରା, ଅଙ୍ଗନବାଡ଼ି କର୍ମୀ ରାଜଶ୍ରୀ ସାହୁଙ୍କ ସହ ଏସ୍‌ଏମସି ସଭ୍ୟ ସଭ୍ୟା ସହଯୋଗ କରିଥିଲେ। ପାଠ ପଢ଼ିବା ଓ ଶିକ୍ଷିତ ହେବା ନେଇ ଏକ ସଚେତନତା ଧର୍ମୀ ନାଟକ ଆସ ସ୍କୁଲ ଯିବା, ନୃତ୍ୟରେ ଗ୍ରାମବାସୀ ଆତ୍ମବିଭୋର ହୋଇଥିଲେ।

# ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ

ଜଗତସିଂହପୁର,୧୨ା୧୨(ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ସଭାଗୃହ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିପିଏଚ୍‌ଓ (ଏଫ୍‌ଡବ୍ଲୁ) ଡା. ପ୍ରମୋଦ କୁମାର ବାରିକ, ଏଡିପିଏଚଓ (ଡିସି) ଡା. ବାସନ୍ତୀ ପାଲ, ଡିପିଏମ ସୋନାଲି ପ୍ରିୟଦଶନି, ଡିଏସ୍‌ପି ସବ୍ୟସାଚୀ ରାଉତ, ସଖୀ ୱାନଷ୍ଟପ କେନ୍ଦ୍ରର ଓଏସ୍‌ସି ପୂର୍ଣ୍ଣଚନ୍ଦ୍ର ମଲ୍ଲ, ବିଜୟଲକ୍ଷ୍ମୀ ସାମଲ ( ପରାମର୍ଶଦାତା) ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶପଥ ପାଠ କରିଥିଲେ। ଏହି ଶପଥ ପାଠ ମଧ୍ୟରେ ମୁଖ୍ୟତଃ ସମ୍ମାନର ସହିତ ବଞ୍ଚିବା ସମସ୍ତ ମହିଳା ଓ ଝିଅଙ୍କର ମୌଳିକ ଅଧିକାର ରହିଛି। ଲିଙ୍ଗ, ଜାତି,ଧର୍ମ,ବୟସ,ବର୍ଗ ଯେ କିଛି ହେଉ ପ୍ରତ୍ୟେକ ମଣିଷଙ୍କର ମର୍ଯ୍ୟାଦା, ଅଧିକାର ଓ ସମାନତାକୁ ସମ୍ମାନ କରିବା, ଲିଙ୍ଗ ସମାନତା, ସୁରକ୍ଷା ଓ ମହିଳା ଶିଶୁ ସଶକ୍ତିକରଣ ପାଇଁ ସଦା ସଚେତନ ରହିବି ଓ ଅନ୍ୟମାନଙ୍କୁ ସଚେତନ କରିବି। ହିଂସାରେ ପୀଡ଼ିତାଙ୍କୁ ସହାୟତା, ସମର୍ଥନ ଓ ନ୍ୟାୟ ମିଳିବାକୁ ସଚେତନତା ଓ ଆବଶ୍ୟକ ସୂଚନା ପ୍ରଦାନ କରିବି। ମୋ ଘର, କାର୍ଯ୍ୟସ୍ଥଳ, ସମାଜ ଓ ସଙ୍ଗୀମାନଙ୍କ ମଧ୍ୟରେ ସୁରକ୍ଷିତ ସମ୍ମାନ ଜନକ ଓ ହିଂସା ମୁକ୍ତ ପରିବେଶ ସୃଷ୍ଟି କରିବାକୁ ଉତ୍ସାହିତ କରିବି। ମୁଁ ଏହି ମୂଲ୍ୟବୋଧକୁ ଦୈନନ୍ଦିନ ଜୀବନରେ ଅନୁସରଣ କରି ଏକ ହିଂସା ମୁକ୍ତ ଏବଂ ସମାନତାଭିତ୍ତିକ ସମାଜ ଗଢି ତୋଳିବାରେ ନିଷ୍ଠାବାନ ରହିବି ବୋଲି ଶପଥ ପାଠ କରିଥିଲେ। ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା ସଭା ପରିଚାଳନା କରିଥିବା ବେଳେ ନିରୋଦ ପ୍ରଧାନ ଏବଂ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ମହାପାତ୍ର ସହଯୋଗ କରିଥିଲେ।

**ନିଶା ବେପାରୀ ସମୀର ସାହାଣୀ ଗିରଫ**

# ୫୩ ଗ୍ରାମ ହେରୋଇନ୍ ସହ ମୋବାଇଲ୍ ଫୋନ୍ ଜବତ

ଜଗତସିଂହପୁର,୧୨ା୧୨(ସମିସ)



ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରଡ଼ାପଡ଼ା ନିକଟସ୍ଥ ବସନ୍ତପୁର ଅଞ୍ଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଯାଞ୍ଚ ପରେ ତାଙ୍କ ପାଖରୁ ୫୩ ଗ୍ରାମର ହେରୋଇନ୍, ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ବସନ୍ତପୁର ଗ୍ରାମର ସମୀର ସାହାଣୀ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇଥିଲା। ସବୁଥର ଭଳି ଅବକାରୀ ବିଭାଗକୁ ଚକମା ଦେଇ ଖସି ଯାଉଥିବା ବେଳେ ଅନେକ କସରତ୍ ପରେ ତାଙ୍କୁ ଅବକାରୀ ବିଭାଗ କାବୁ କରି ନେଇଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍‌ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସ୍‌ଆଇ ସନ୍ତୋଷ ନାୟକ, ଏଏସ୍‌ଆଇ ପିନାକୀ ରାଉତରାୟ, କନଷ୍ଟେବଲ ସବିତା ନାୟକ, ସୁକାନ୍ତ ମାଝୀ, ମହେନ୍ଦ୍ର ରାଉତଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ। ଅଭିଯୁକ୍ତ ଜଣଙ୍କ ଚର୍ଚ୍ଚିକା ବଜାରସ୍ଥିତ ଖେରସ ପ୍ରାଥମିକ ବିଦ୍ୟାଳୟ ନିକଟରେ ଗ୍ରାହକଙ୍କ ଅପେକ୍ଷାରେ ଥିବାବେଳେ ପୂର୍ବରୁ ଛଦ୍ମବେଶରେ ଥିବା ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ ମାଡି ବସିଥିଲେ। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିଲା। ତେବେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଲୁ ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଯାଇଛି।

# ଶ୍ରୀଅରବିନ୍ଦ ସ୍କୁଲର କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ପାରାଦୀପ,୧୨ା୧୨(ସମିସ): ପାରାଦୀପ ନୂଆବଜାର ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେସନ୍ ସେଣ୍ଟରର ୨୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ଆୟୋଜିତ ଏହି ବାର୍ଷିକ କ୍ରୀଡା ଉତ୍ସବର ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଇଫ୍‌କୋ ପାରାଦୀପ ୟୁନିଟର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଦୀପ୍ତ କୁମାର ପଣ୍ଡା, ସଦସ୍ୟ ତପନ କୁମାର ପାତ୍ର, ସମାଜସେବୀ ଶିବ ଚରଣ ବିଶ୍ୱାଳ, ସାମ୍ବାଦିକ ସଂଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ସ୍କୁଲର ଅଧ୍ୟକ୍ଷ ତୃପ୍ତିରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହି କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନେ ଉକ୍ତ କ୍ରୀଡା ଉତ୍ସବ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାଆଁଳ ଗ୍ରାମରେ ଶ୍ରୀମଦ୍ ଭାଗବତ ସପ୍ତାହ



ତିର୍ତ୍ତୋଲ,୧୨ା୧୨(ସମିସ): ତେଣ୍ଡାକୁଡ଼ା ରାଆଁଳ ଗ୍ରାମରେ ଆଧାତ୍ମିକ ପରିବେଶରେ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ପାରାୟଣ କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ସଦସ୍ୟ ତଥା ସମାଜସେବୀ ଡ. ସୁନାକର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପାରାୟଣର ଧାରାବାହିକ ବ୍ୟାସ ରାମାୟଣୀ ପଣ୍ଡିତ ଅଭୟ ଦାଶ ମଞ୍ଚ ସଂଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମା' ସାରଳାଙ୍କ ସେବକ ପ୍ରମୋଦ ପଣ୍ଡା, ମା' ସନ୍ତୋଷୀ ସେବକ ଅରୁଣ ବାବା, ପରମ ଶିଷ୍ୟ ଯଶୋବନ୍ତ ରାଉତ, ପ୍ରଶାନ୍ତ ବାବା, ବିପିନ ବରାଳ, ଗୁରୁକୃପା କୁଟୀର ଆଚାର୍ଯ୍ୟ ବିଷ୍ଣୁଚରଣ ପାଢ଼ୀ, ପଣ୍ଡିତ ରବି ନାରାୟଣ କଣ୍ଠ, ପୁରୋହିତ ବିଭୁତି ଭୂଷଣ ଦାଶ, ପଣ୍ଡିତ ପ୍ରଭାତ ରଞ୍ଜନ କର ଓ କଟକ ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖାର ପରିଚାଳକ ଅଟଳ ବିହାରୀ ଦାଶ ପ୍ରମୁଖ। ରାଆଁଳ ଗ୍ରାମର ଭାଗବତ ପରିବାର ତରଫରୁ ସେବକ ଅଭୟ ରାଉତ ସମସ୍ତ ଅତିଥିଙ୍କୁ ସ୍ୱାଗତ ସହିତ ଉତ୍ତରୀୟ ଓ ପୁଷ୍ପହାର ପ୍ରଦାନ କରିଥିଲେ।

# ବିଧାୟକଙ୍କ ଦରମା ବୃଦ୍ଧି ପରେ ମିଷ୍ଟାନ୍ନ ବାଣ୍ଟିଲେ ଚାଷୀ

ପଦ୍ମପୁର,୧୨।୧୨(ସମିସ)

ଚାଷୀଙ୍କ ଆୟ ୫୧୧୨ଟଙ୍କା ଥିବାବେଳେ ଲୋକଙ୍କ ସେବା କରିବା ପାଇଁ ବିଧାନସଭାକୁ ଯାଉଥିବା ଜନପ୍ରତିନିଧିମାନଙ୍କ ମାସିକ ଦରମା ଓ ଭତ୍ତା ୩ ଲକ୍ଷ ୫୦ହଜାର ଟଙ୍କା ହୋଇଛି। ଭାରତରେ ଚାଷୀଙ୍କ ଆୟ କ୍ଷେତ୍ରରେ ଓଡ଼ିଶା ତଳଆଡୁ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ବିଧାୟକ ମାନଙ୍କ ଦରମା ଓ ଭତ୍ତା କ୍ଷେତ୍ରରେ ସବୁ ରାଜ୍ୟ ଠାରୁ ପ୍ରଥମ ସ୍ଥାନରେ ପହଞ୍ଚିଛି।

ଚାଷୀଙ୍କ ଧାନ ବିକ୍ରି ଓ ଟୋକନ ସମସ୍ୟା ଭୟଙ୍କର ପରିସ୍ଥିତିରେ ରହିଥିବା ବେଳେ ତା ଉପରେ କୌଣସି ଆଲୋଚନା ନ ହୋଇ ସରକାରୀ କାର୍ଯ୍ୟ ଦିବସ ଥିବା ସତ୍ତ୍ୱେ ଆଗୁଆ ବିଧାନସଭାକୁ ବନ୍ଦ କରି ଦିଆଗଲା। ଦରମା ବୃଦ୍ଧି ପାଇଁ ଯେପରି ସରକାର ଓ ବିରୋଧୀ ଏକ ସ୍ୱରରେ ବିଲ ପାରିତ କଲେ, ଚାଷୀଙ୍କ ସମସ୍ୟା ଉପରେ ସେପରି ଭାବେ କେହି ସ୍ୱର ଉତ୍ତୋଳନ କଲେ ନାହିଁ। ଏହି ଘଟଣାରେ



କ୍ଷୋଭ ପ୍ରକାଶ କରି ଆଜି ରାଜବୋଡ଼ାସମ୍ବର କୃଷକ ସଂଗଠନ ତରଫରୁ ଆଇନ ପରାମର୍ଶ ଦାତା ଅଜିତ ଶତପଥୀ ଓ ଆବାହକ ଅଶୋକ ସାହୁଙ୍କ ନେତୃତ୍ୱରେ ଚାଷୀ ପଦ୍ମପୁର ଭେଉଁରିଆ ଛକ ଠାରେ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ

**ନିଆରା ପ୍ରତିବାଦ**

ସାହୁ, ସୁବାସ ସାମନ୍ତରାୟ, ରମେଶ ମେହେର, ଧର୍ମେନ୍ଦ୍ର ସାହା, ବିଜୟ ସାହୁ, କାହ୍ନୁଚରଣ ମେହେର ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୋମବାର ଠାରୁ ଧାନ ବିକ୍ରି ଓ ଟୋକନ ସମସ୍ୟାକୁ ନେଇ ଉପାଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଅଜିତ ଶତପଥୀ ଜଣାଇଛନ୍ତି।

## ଚକ୍ଷୁଦାନ କଲେ ଗାଇସୀମା ଗାଁର ଭଗବାନ ମହାପାତ୍ର

ବରଗଡ଼,୧୨।୧୨(ସମିସ): ବରଗଡ଼ ବ୍ଲକ୍ ଅଧୀନ ଗାଇସୀମା ଗାଁର ବାହାଦୁର ମହାପାତ୍ରଙ୍କ ପୁତ୍ର ଭଗବାନ ମହାପାତ୍ରଙ୍କ ଚିକିତ୍ସାଧିନ ଅବସ୍ଥାରେ ବୁର୍ଲା ବଡ ମେଡିକାଲରେ ମୃତ୍ୟୁ ଘଟିଥିଲା। ପରେ ନିଷ୍ଠା ପରିବାର ସଭାପତି ଅଶ୍ୱିନୀ ତ୍ରିପାଠୀ, ଗାଇସୀମା ପଞ୍ଚାୟତର ସରପଞ୍ଚ ଧିରନ ମହାପାତ୍ରଙ୍କ ସହଯୋଗରେ ତାଙ୍କ ପରିବାରର ସହମତିରେ ବୁର୍ଲା ଡାକ୍ତରଖାନାର ଚକ୍ଷୁ ବିଭାଗ ଟେକନିସିଆନଙ୍କ ଦ୍ୱାରା ଚକ୍ଷୁଦାନ କରାଯାଇଥିଲା। ଏହାଦ୍ୱାରା ଅନ୍ୟ



ଦୁଇଜଣ ଉପକୃତ ହେବେ। ଏହି ସମୟରେ ମୃତ ଭଗବାନଙ୍କ ବାପାଙ୍କ ସମେତ ପରିବାର ଲୋକ ଉପସ୍ଥିତ ଥିଲେ। ମୃତ ପରିବାରର ଚକ୍ଷୁ ଦାନ କରି ତାଙ୍କ ପରିବାର ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି।

## ଏସ୍‌ପି ଅଫିସ ଗଳିରେ ନୂତନ ରାସ୍ତା ନିର୍ମାଣ



ବରଗଡ଼,୧୨।୧୨(ସମିସ): ବରଗଡ଼ ସହର ଏବେ ଏକ ନୂତନ ଭାବେ ନିର୍ମାଣ ହେବାରେ ଲାଗିଛି। ସରକାରୀ ଜାଗାକୁ ଜବରଦଖଲ କରିଥିବା ଅଞ୍ଚଳରୁ ଉଚ୍ଛେଦ ଅଭିଯାନ ଆରମ୍ଭ କରିବାକୁ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସହରରେ ଗାନ୍ଧୀ ଛକ ଠୁ ଲେଙ୍ଗୁ ମିଶ୍ର ଛକ, ଭଟଲି ଛକ ଠୁ ଗାନ୍ଧୀ ଛକ, ଏସପି ଅଫିସ ଛକ ଠୁ କାଳୀ ମନ୍ଦିର ରାସ୍ତା, ଗୁରୁଦ୍ୱାରା ଛକରୁ ରେଲୱେ ଷ୍ଟେସନ ରୋଡ ଏମିତି ଅନେକ ଜାଗାରେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ ସହ ଡ୍ରେନ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ଏସ୍‌ପି ଅଫିସ ପାଶ୍ୱର୍ ଦେଇ ଯାଇଥିବା ରାସ୍ତାରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରି ଏବେ ନୂତନ ରାସ୍ତା ନିର୍ମାଣ ହେଉଛି। ପୂର୍ବରୁ ଏହି ରାସ୍ତାରେ ଲୋକ ମାନେ ଅଳିଆ ଆବର୍ଜନା ପକାଇବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା।

ଅମରଦୀପ କଲୋନୀକୁ ଯାଉଥିବା ଏହି ରାସ୍ତା ଜର୍ଜ ହାଇସ୍କୁଲ ପଡିଆକୁ ବି ସଂଯୋଗ କରୁଥିଲା। ଆଗାମୀ ଧନୁଯାତ୍ରା ମହୋତ୍ସବରେ ଲୋକମାନେ ଏହି ରାସ୍ତା ଦେଇ ଯିବା ଆସିବା କରି ପାରିବେ ତା ସହ ଏବେ ଏହି ରାସ୍ତାରେ ଚାରି ଚକିଆ ଯାନ ବାହନ ମଧ୍ୟ ଯାଆସ କରିପାରିବ। ଏହି ରାସ୍ତା ପାଇଁ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ରହିଥିଲା। ଆଜି ଦାବି ପୂର୍ଣ୍ଣ ହୋଇଥିବାରୁ ବିଧାୟକଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଚାଷୀଙ୍କ ଝିଅ ହେଲେ ଜାତୀୟସ୍ତରୀୟ କବାଡ଼ି ଖେଳାଳି

ପାଇକମାଳ,୧୨।୧୨(ସମିସ): ଦୃଢ଼ ଇଚ୍ଛା ଦୃଢ଼ ମନୋବଳ ତଥା ଆକ୍ଲାନ୍ତ ଉଦ୍ୟମ କେବେ ବୃଥା ଯାଏଁ ନାହିଁ। ଏମିତି ଉଦାହରଣ ପାଲଟିଛନ୍ତି ଜଣେ ଗରିବ ଚାଷୀ ମୂଳିଆଙ୍କ ଝିଅ ଇନ୍ଦୁରେଖା ଧରୁଆ। ସେ ନିଜ ଗାଁ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ ମହାରାଷ୍ଟ୍ର କୋକମଥନରେ ଡିସେମ୍ବର ୨୪ରୁ ୨୮ ପର୍ଯ୍ୟନ୍ତ ହେବାକୁ ଥିବା ୧୭ ବର୍ଷରୁ କମ୍ ବାଳିକା ରାଷ୍ଟ୍ରୀୟ ବିଦ୍ୟାଳୟ ସ୍ତରୀୟ କବାଡି ପ୍ରତିଯୋଗିତାରେ ଓଡ଼ିଶା ଦଳ ପକ୍ଷରୁ ଖେଳିବେ। ଭୂତମୁଣ୍ଡା ଗାଁର ଲକ୍ଷପତି ଧରୁଆଙ୍କ ଝିଅ ଇନ୍ଦୁରେଖା ପାଇକମାଳ ବ୍ଲକ୍ ମାଣ୍ଡୋସିଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ। ତାଙ୍କ ବାପା ଜଣେ କ୍ଷୁଦ୍ର ଚାଷୀ। ସୁନ୍ଦରଗଡରେ ହୋଇଥିବା ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତାରେ ସେ ଚୟନ ହୋଇଥିଲେ। ତାଙ୍କ ସଫଳତା ପଛରେ ତାଙ୍କ କୋଚ ଅଜିତ ପ୍ରଧାନ ତଥା ତାଙ୍କ ବାପାମାଙ୍କୁ ଶ୍ରେୟ ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ ମିଶ୍ର ଓ ୱାଡେନ ଜୟସ୍ମିତା ମହାନ୍ତି ସହଯୋଗ କରିଥାନ୍ତି



ଓଡ଼ିଶା ପାଇଁ ଖେଳିବେ ଇନ୍ଦୁରେଖା

ବୋଲି ସେ କହିଛନ୍ତି। ଅଧିକ ପ୍ରଶିକ୍ଷଣ ମିଳିଲେ ଝିଅ ଦିନେ ନା ଦିନେ ଦେଶ ପାଇଁ ନିଶ୍ଚୟ ଖେଳିବ ବୋଲି ତାଙ୍କ ବାପାମା ଆଶା ରଖିଛନ୍ତି। ପିଏମଶ୍ରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପୋର୍ଟୋ ମିନତୀ ଟେଟେ, ବସୁଦେବ କୁମ୍ଭାର, ଜଗନ୍ନାଥ ପୁଟା, ଗୋକୁଳାନନ୍ଦ ଡନସନା, ରାଧେଶ୍ୟାମ ପଟେଲ, ଉଗ୍ରସେନ ପ୍ରଧାନ, ସୁଦର୍ଶନ ମହାକୁଡ, ବୈବସ୍ୱତ ପ୍ରଧାନ, ହେମସାଗର ସାହୁ, ପଦ୍ମଲୋଚନ ମାଝୀ, ମହେନ୍ଦ୍ର ଖୁଣ୍ଟିଆ, କ୍ରିଷ୍ଣା ବାଗ, ବିକ୍ରମ ସିଂ, ଋଷଦେବ ରଣା, ଝରଣା ସାହୁ, ସସ୍ମିତା ରଣା, ସୁବାଷ ମହାନ୍ତି, ଜଗଦୀଶ ନାୟକ, ଶରତ ହଂସ ସମେତ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ବିକାଶ ନର୍ସିଂ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ କଭରେଜ୍ ଦିବସ




ବରଗଡ଼,୧୨।୧୨(ସମିସ): ବିକାଶ ହାୟର ଏଜୁକେସନାଲ ଇନଷ୍ଟିଟ୍ୟୁସନ୍ସ ଅଧୀନ ବିକାଶ ନର୍ସିଂ କଲେଜ ଦ୍ୱାରା ସର୍ବଭାରତୀୟ ସ୍ୱାସ୍ଥ୍ୟ କଭରେଜ୍ ଦିବସ ଅବସରରେ ଏକ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମ ବରଗଡ଼ ସ୍ଥିତ ପଥର୍ଲା ଗାଁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୧୨ ତାରିଖରେ ପାଳିତ ହେଉଥିବା ସର୍ବଭାରତୀୟ ସ୍ୱାସ୍ଥ୍ୟ କଭରେଜ୍ ଦିବସର ମୁଖ୍ୟ ବିଷୟବସ୍ତୁ 'ଅସୁଲଭ ସ୍ୱାସ୍ଥ୍ୟ ଖର୍ଚ୍ଚର ବିନାଶକାରୀ ମାନବୀୟ ପ୍ରଭାବ' ରହିଥିଲା। ବିକାଶ ନର୍ସିଂ କଲେଜର ଅଧ୍ୟାପକ, ଅଧ୍ୟାପିକା, ବିଏସ୍‌ସି ନର୍ସିଂ ଷଷ୍ଠ ଓ ଦ୍ୱିତୀୟ ସେମିଷ୍ଟାରର ଛାତ୍ରଛାତ୍ରୀ ତଥା ପଥର୍ଲା ଗାଁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା, ଟିକାକରଣ, ଅଙ୍ଗନବାଡି ସେବା, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଗୁରୁତ୍ୱ ସମେତ ପ୍ରମୁଖ ବିଷୟ ଗୁଡିକ ଉପରେ ସଚେତନତା ସୃଷ୍ଟି କରିଥିଲେ। ଅଧ୍ୟକ୍ଷା ଦିପାଞ୍ଜଳି ପଟେଲଙ୍କ ମାର୍ଗଦର୍ଶନରେ ତଥା ଅଧ୍ୟାପିକା ସୁଚରିତା ସେଠ୍, ଅଧ୍ୟାପକ ଦବେଶ ମହାପାତ୍ର ଏବଂ ପ୍ରତ୍ୟୁଷ ପଣ୍ଡାଙ୍କ ସହାୟତାରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

## ଆଦିବାସୀ ସଶକ୍ତିକରଣ ଓ ଦୃଢ଼ ସାମାଜିକ ନ୍ୟାୟ ପାଇଁ ସାଂସଦଙ୍କ ଆହ୍ୱାନ

ପଦ୍ମପୁର,୧୨।୧୨(ସମିସ): ସଂସଦର ଶୀତକାଳୀନ ଅଧିବେଶନରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଆଦିବାସୀ ଲୋକଙ୍କ ପୈତୃକ ଭୂମି, ଜଙ୍ଗଲ ଅଧିକାର ଏବଂ ସ୍ୱଶାସନକୁ ସୁରକ୍ଷା ଦେବା ପାଇଁ ବିର୍ସା ମୁଣ୍ଡା ଐତିହାସିକ ଉଲଗୁଲାନ (ମହାନ ବିଦ୍ରୋହ)ର ନେତୃତ୍ୱ ନେଇ ଆଦିବାସୀ ଅଧିକାର ଏବଂ ସ୍ୱଶାସନ ପାଇଁ କରିଥିବା ଲଢ଼େଇକୁ ଉପସ୍ଥାପନ କରିଛନ୍ତି। ଜାତୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ଏବଂ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀର ବିଶେଷ ଅବସରରେ ସାଂସଦ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ଅନ୍ୟ ଆଦିବାସୀ ସଂଗ୍ରାମୀ ତିଲକା ମାଝୀ କାନୁ ମୁର୍ମୁ, ଫୁଲୋ ଏବଂ ଜାନୋ, ଆଲୁରି ସୀତାରାମ ରାଜୁ, କୋମାରାମ ଭୀମ, ଲକ୍ଷ୍ମଣ ନାୟକ, ଗୋବିନ୍ଦ ଗୁରୁ, ଟାଣ୍ଟିଆ ଭିଲ, ନାରାୟଣ ସିଂ, ହେଲେନ ଲେପଚା, ରାନୀ ଗାଇଡିନଲିଉଙ୍କ ସମେତ ଅନେକ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ବ୍ରିଟିଶ ଅତ୍ୟାଚାର ବିରୁଦ୍ଧରେ ନିଜ ଜୀବନକୁ ବଳି ଦେଇଥିବା ପଶ୍ଚିମ ଓଡ଼ିଶାର ଘେଁସର ଆଦିବାସୀ ଜମିଦାର ପରିବାର, କୁଞ୍ଜଲ ସିଂ, ମାଧୋ ସିଂ, ଘୁଣା ସିଂ, ଐରି ସିଂ, ବୈରି ସିଂ ଏବଂ ନାରାୟଣ ସିଂ, କାଳାହାଣ୍ଡିର ରେଣ୍ଡୋ ମାଜି, ବୌଦ୍ଧର ଚକରା ବିସୋଇ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ସୁନ୍ଦରଗଡର ମାଦ୍ରୀ କାଲୋଙ୍କୁ ଓଡ଼ିଶାର ଆଦିବାସୀ ହିରୋ ଭାବେ ଶ୍ରୀ ବିଶି ସଂସଦରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଆଦିବାସୀ ସଶକ୍ତିକରଣ, ଭୂମି ଏବଂ ଜଙ୍ଗଲ ଅଧିକାରର ସୁରକ୍ଷା, ଆଦିବାସୀ ଭାଷା ଏବଂ ଐତିହ୍ୟର ସଂରକ୍ଷଣ ଏବଂ ସାମାଜିକ ନ୍ୟାୟକୁ ସୁଦୃଢ଼ କରିବା ପାଇଁ ସେ ଆହ୍ୱାନ କରିଥିଲେ।

## ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଫାଉଣ୍ଡର୍ସ ଡେ'

ବରଗଡ଼,୧୨।୧୨(ସମିସ): ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଶୁକ୍ରବାର ଫାଉଣ୍ଡର୍ସ ଡେ ଧୁମଧାମରେ ପାଳିତ ହୋଇଯାଇଛି। ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡିଆଙ୍କ ଜନ୍ମଦିନ ଅବସରରେ ଏହି ଉତ୍ସବ ପାଳିତ ହୋଇଥାଏ। ପ୍ରମୁଖ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡିଆ, ଚେୟାରମ୍ୟାନ୍ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ୍ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ, ଏକାଡେମିକ୍ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ମମତା ସିହ୍ନା, କୋର୍ଡିନେଟର ରୀତା ନାୟକ,



ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ, ପରିଚାଳନା ସମିତି ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶ୍ଳୋକ ଉଚ୍ଚାରଣରେ ପ୍ରାରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ପ୍ରତିଷ୍ଠାତ୍ରୀ ମହୋଦୟାଙ୍କର ସଂକ୍ଷିପ୍ତ ପରିଚୟ ଛାତ୍ରଛାତ୍ରୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ହେଡ୍ ବୟ ଆଶୁତୋଷ ସିଂଘାନିଆ ଏବଂ ହେଡ୍ ଗଲ୍‌ର୍ ଜସମୀତ କୌର୍ ବଗ୍ଗା ନିଜ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସାମୂହିକ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ମଞ୍ଚ ସଞ୍ଚାଳନ କରିଥିଲେ ନବମ ଶ୍ରେଣୀର ଛାତ୍ରୀଦ୍ୱୟ ଧ୍ୱନି ଅଗ୍ରୱାଲ ଓ ଅନ୍ୱେଷା ମୁଣ୍ଡ। ଚେୟାରମ୍ୟାନ୍ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ ଓ ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନର କାମନା କରିଥିଲେ। ବିଦ୍ୟାଳୟର କାର୍ଯ୍ୟକର୍ତ୍ତା ପ୍ରତିଷ୍ଠାତ୍ରୀଙ୍କୁ କାର୍ଡ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଶିକ୍ଷକ ହର୍ଶଲ୍ ଡାନ୍ ଏବଂ ଶିକ୍ଷୟିତ୍ରୀ ଶୁଭ୍ରସ୍ମିତା ମହାନ୍ତିଙ୍କ ସହିତ ବରଗଡ଼ର 'ମାତୃଛାୟା' ଯାଇ ସେଠାରେ ରହୁଥିବା ବୃଦ୍ଧମାନଙ୍କ ସେବା କରିଥିଲେ। ବୃଦ୍ଧମାନଙ୍କ ସହ କଥାବାର୍ତ୍ତା କରି ତାଙ୍କର ଦିନଚର୍ଯ୍ୟା ଏବଂ ସେମାନଙ୍କ ବିଭିନ୍ନ କୌଶଳ, ଯେପରିକି ଝାଡୁ ତିଆରି, ବଡି ପାମ୍ପଡ ବନାଇବା ଇତ୍ୟାଦି ବିଷୟରେ ଶିଖିଥିଲେ। ସେମାନେ ବୃଦ୍ଧମାନଙ୍କୁ ଖାଦ୍ୟ ବଣ୍ଟନ କରି ଭୋଜନ କରାଇଲେ। ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ଉନ୍ନତ ହୋଇ ସେମାନେ ସମାଜ ପ୍ରତି ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ି ଉଠନ୍ତି ବୋଲି ପ୍ରିନ୍ସିପାଲ କରନ ସାହୁ କହିଥିଲେ।

## ୧୩ରେ ଜାତୀୟ ଲୋକ ଅଦାଲତ

**● ବିଦ୍ୟୁତ୍ ଚୋରି ମାମଲାର ସମାଧାନ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍‌ର ଆହ୍ୱାନ**

ପାଇକମାଳ,୧୨।୧୨(ସମିସ): ଜାତୀୟ ଆଇନସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ଡିସେମ୍ବର ୧୩ରେ ସକାଳ ୧୦ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଚତୁର୍ଥ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ମଧ୍ୟ ଏଥିରେ ଅଂଶଗ୍ରହଣ କରିବ। ଏଣୁ କମ୍ପାନୀ ପକ୍ଷରୁ ଏହାର ସମସ୍ତ ଗ୍ରାହକମାନଙ୍କୁ ଲୋକ ଅଦାଲତରେ ସାମିଲ ହୋଇ ବିଚାରାଧୀନ ଥିବା ସେମାନଙ୍କ ସମସ୍ତ ପ୍ରକାର ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲା ଗୁଡିକର ସମାଧାନ କରାଇ ନେବାକୁ ସୂଚିତ କରାଯାଇଛି। ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଶୀଘ୍ର, ସ୍ୱଚ୍ଛ ଏବଂ ଗ୍ରାହକ ଅନୁକୂଳ ଉପାୟରେ ବିଚାରାଧୀନ ଥିବା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲା ଗୁଡିକର ସମାଧାନ ପାଇଁ ଏକ ସୁଯୋଗ ପ୍ରଦାନ କରାଯାଉଛି। ସୁଗମ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ କମ୍ପାନୀ ପକ୍ଷରୁ ଏହାର ସମସ୍ତ ସବଡିଭିଜନାଲ୍ (ଏସଡିଓ) ଏବଂ ସେକ୍ସନ ଅଫିସମାନଙ୍କରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଲୋକ ଅଦାଲତ ଡକ୍ୟୁମେଣ୍ଟେସନ୍, ଭେରିଫିକେସନ୍ ଏବଂ ପେମେଣ୍ଟ ସମ୍ବନ୍ଧୀୟ ସମସ୍ତ ସହଯୋଗ କରାଯିବା ପାଇଁ ଗ୍ରାହକମାନେ ପାଇକମାଳ ଇଲେକ୍ଟ୍ରିକାଲ ଏସଡିଓ ଅଫିସରେ ଯୋଗାଯୋଗ କରିବାକୁ ଏସଡିଓ ମନୋରଞ୍ଜନ ନାଏକ ସୂଚନା ଦେଇଛନ୍ତି।

## କାର୍ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ଅତାବିରା,୧୨।୧୨(ସମିସ): ଗୋଡଭଗା-ବିନକା ରାଜ୍ୟ ରାଜପଥ ନଂ ୫୪ କାଦୋବାହାଲ ପାଖ ବରହାମୁଣ୍ଡା ଛକରେ କାର ଓ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ବାଇକରେ ବସିଥିବା ଜଣେ ଆରୋହୀ ଗୁରୁତର ଭାବେ ଆହତ ହୋଇ ବୁର୍ଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗୋଡ଼ଭଗା ଫାଣ୍ଡି ଅଧୀନସ୍ଥ ବ୍ରାହ୍ମଣ ଟୁକୁରା ଗାଁର ରୂପେଶ୍ୱର ମାଝୀ(୨୫) ଓ ସମ୍ବଲପୁର ଜିଲ୍ଲା ଦାଦର ନୂଆଁପାଲି ଗାଁର ଦେବଶକ୍ତି ଭୋଇ ଓରଫ ଆଲୋକ(୩୧) ଏକ ବାଇକ ଯୋଗେ ଟୁକୁରାରୁ ଗୋଡଭଗା ପଟ୍ଟକୁ ଯାଉଥିଲେ। ସକାଳ ସାଢ଼େ ୧୦ଟାରେ ବରହାମୁଣ୍ଡା ଛକରେ ଗୋଡଭଗାରୁ ତୁରମ ପଟକୁ ଯାଉଥିବା ଏକ କାର୍ ସହ ବାଇକର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ ଚାଳକ ରୂପେଶ୍ୱରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ବାଇକ ଆରୋହୀ ଦେବଶକ୍ତି ଗୁରୁତର ହୋଇଥିଲେ। ଖବର ପାଇ ଗୋଡଭଗା ଫାଣ୍ଡି ଅଧିକାରୀ ଗଣେଶ ବାରିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ହୋଇଥିବା ଦେବଶକ୍ତିଙ୍କୁ ବୁର୍ଲାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ମୃତ ରୂପେଶ୍ୱରଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲକୁ ପଠାଯାଇଛି।

## ୧୯୯୮ରୁ ବାଦ ପଡ଼ିଥିବା ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ

ବିଜେପୁର,୧୨।୧୨(ସମିସ): ବରଗଡ଼ ଜିଲ୍ଲା ବିଜେପୁର ତହସିଲ ଅଧୀନ ବିଜେପୁର ସଦର ଅଞ୍ଚଳର ୨୭ଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ୧୯୯୮ ରୁ ଉକ୍ତ ୨୭ଜଣ ହିତାଧିକାରୀ ପଟ୍ଟା ପାଇଥିଲେ। ମାତ୍ର ବିଭିନ୍ନ ଆନୁଷଙ୍ଗିକ ସମସ୍ୟା କାରଣରୁ ହିତାଧିକାରୀମାନେ ସ୍ଥାନ ଦଖଲ କରି ପାରୁ ନ ଥିଲେ। ଇତି ମଧ୍ୟରେ ୨୭ ବର୍ଷ ଅତିବାହିତ ହୋଇଥିବା ବେଳେ ସମସ୍ୟାର ସମାଧାନ ହୋଇପାରୁ ନ ଥିଲା। ମାତ୍ର ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସ୍ନେହା ଅର୍ଗୁଲା, ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବର, ଥାନା ଅଧିକାରୀ ସୁଶାନ୍ତ ମଣି ମହାନ୍ତି, ବିଜେପୁର ଅତିରିକ୍ତ ତହସିଲଦାର ଜ୍ୟୋତି ପ୍ରକାଶ ଭୋଇ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ରହି ପଟ୍ଟା ପ୍ରଦାନ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀଙ୍କ ଶ୍ରାଦ୍ଧ ବାର୍ଷିକୀ

ଭେଡେନ,୧୨।୧୨(ସମିସ): ଭେଡେନ ବ୍ଲକ୍ ଅଧୀନ ମାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ୭୦ତମ ଶ୍ରଦ୍ଧା ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କିରଟି ପ୍ରଧାନିଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲରମ୍ଭା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋରାଚାନ୍ଦ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କାଦୋବାଲ ମହାବିଦ୍ୟାଳୟର ଅଧ୍ୟାପକ ଅରବିନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ଲରମ୍ଭା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶ୍ୱନି ପଧାନ, ଲରମ୍ଭା ମହାବିଦ୍ୟାଳୟର ଅଧ୍ୟାପକ ସିଦ୍ଧେଶ୍ୱର ପଧାନ, ବିନୟ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଆଲୋକ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ କିରଟି ପ୍ରଧାନି ଧନ୍ୟବାଦ ପ୍ରଦାନ କରିଥିଲେ।

## 'ଶିଶୁ ଉତ୍ସବ' ଅନ୍ତର୍ନିହିତ ପ୍ରତିଭା ବିକାଶର ସୁନ୍ଦର ପ୍ରୟାସ



ପଦ୍ମପୁର,୧୨।୧୨(ସମିସ): ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ରାଜବୋଡାସମ୍ବର ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ବ୍ଲକ୍ ସଭାପତି ପ୍ରମୋଦ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ଲୋକନାଥ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଉତ୍ସବ ଅନ୍ତର୍ନିହିତ ପ୍ରତିଭା ବିକଶିତ କରିବାର ଏକ ସୁନ୍ଦର ପ୍ରୟାସ ବୋଲି କହିଥିଲେ। ସଭାରେ ରାଜ୍ୟ ଓଷ୍ଟା ଉପଦେଷ୍ଟା ସତ୍ୟନାରାୟଣ ତ୍ରିପାଠୀ, ଜିଲ୍ଲା ଉପଦେଷ୍ଟା ପ୍ରୀତିରଞ୍ଜନ ପ୍ରଧାନ, ଚୂଳ ସୁନ୍ଦର ମେହେର, ପୂର୍ବତନ ଜିଲ୍ଲା ସଭପତି ଶେଷଦେବ ମେହେର, ଜିଲ୍ଲା କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରସନ୍ନ ମେହେର, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତରଣୀସେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲରୁ ୨୦୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ତର୍କ, କଣ୍ଠସଙ୍ଗୀତ, ରଚନା, କବିତା ଆବୃତ୍ତି, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଏକକ ନୃତ୍ୟ, ଏକକ ଅଭିନୟ, କୁଇଜ୍ ଓ ଗଳ୍ପରଚନା ଇତ୍ୟାଦି ୧୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନାଟ୍ୟଶ୍ରୀ ଅଶୋକ ବହିଦାର, ଓଡ଼ିଶା ନାଟ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ରମେଶ ଗୁର୍ଲା, ସଙ୍ଗୀତ ନିର୍ଦ୍ଦେଶକ ସୁରେନ୍ଦ୍ର ସାହୁ, ନାଟ୍ୟକାର ରାଜେନ୍ଦ୍ର ମହାନ୍ତି, ପୂଜା ବହିଦାର, ମୀନାକ୍ଷୀ ଭୋଇ, ଅଞ୍ଜଳୀ ପରିଡା ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ୨୧ ତାରିଖରେ ବରପାଲିଠାରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ମାର୍ତ୍ତଣ୍ଡ ଦେବ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ପାଇକମାଳ:** ପାଇକମାଳ ବ୍ଲକ୍ ମାଣ୍ଡୋସିଲ ନିକଟସ୍ଥ ମୁଣ୍ଡାପଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ମହତାବ ଗିରି ଓଷ୍ଟା ପତାକା ଉତ୍ତୋଳନ କରି ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅପରାହ୍ଣରେ ସ୍କୁଲ ସଭାପତି ସୁକାନ୍ତ ମାଝୀ, ଶିକ୍ଷାବିତ ହୁତାଶନ ତାଣ୍ଡି, ବିଦ୍ୟାଳୟର ପ୍ରଧାନଶିକ୍ଷକ ପତିତପାବନ ସାହୁ, ସମ୍ପାଦକ ତପନ ବହିଦାର, ନାରାୟଣ ନାୟକ, ପ୍ରହଲ୍ଲାଦ ଭୋଇ, ମନୋଜ ନାୟକ, କ୍ଷୀରସିନ୍ଧୁ ପ୍ରଧାନ, ସୁବାସ ମେହେର, ସୁଶାନ୍ତ ରଣା, ନବୀନ ମେହେର ମଞ୍ଚାସୀନ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅନିରୁଦ୍ଧ ପଣ୍ଡା ପରିଚାଳନା କରିଥିଲେ।



## ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ପାଇକମାଳ,୧୨।୧୨(ସମିସ): ପାଇକମାଳ ସ୍ଥିତ ନୃସିଂହନାଥ ଏସଏସଡି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟଶଙ୍କର ଦେହେରୀଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅଶ୍ୱିନୀ ସାହୁ ଓ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ବଡ ଶତପଥୀ ଯୋଗ ଦେଇ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟର ଝିଅ ମାନେ ଏକ କ୍ଷୁଦ୍ର ନାଟିକା ଖେଳ ପଡିଆରେ ଅଭିନୟ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରିତମ ପଣ୍ଡା ଓ ଅନ୍ୟ ବିଦ୍ୟାଳୟରୁ ଆସିଥିବା ଖେଳ ଶିକ୍ଷକ ରଜତ ମିଶ୍ର, ଅକ୍ଷୟ ସାହୁ, ଅମିତ ସାହୁ, ଭୁବନେଶ୍ୱର ସାହୁ କ୍ରୀଡା ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆଶୁତୋଶ ସାହୁ ଧନ୍ୟବାଦ ଦେଇଥିଲେ।



## ଦକ୍ଷତା ଓ ଉତ୍ତମ ଗୁଣବତ୍ତାଯୁକ୍ତ ମେଟାଲ ଉତ୍ପାଦନ କ୍ଷେତ୍ରରେ ନାଲ୍‌କୋକୁ ପ୍ରଥମ ପୁରସ୍କାର



ନାଲକୋ ନଗର,୧୨।୧୨(ସମିସ): ପରିଚାଳନା କ୍ଷେତ୍ରରେ ଦକ୍ଷତା ଓ ଉତ୍ତମ ଗୁଣବତ୍ତାଯୁକ୍ତ ମେଟାଲ ଉତ୍ପାଦନ କ୍ଷେତ୍ରରେ ନାଲ୍‌କୋ ପ୍ରଥମ ପୁରସ୍କାର ହାସଲ କରିଛି। ଆଇଆଇଏମ୍ ପକ୍ଷରୁ ହାଇଦରାବାଦରେ ଅନୁଷ୍ଠିତ ତିନିଦିନିଆ ସମ୍ମିଳନୀରେ ନାଲକୋକୁ ଏହାର ନିରନ୍ତର ଅଭିବୃଦ୍ଧି ଏବଂ ଦାୟିତ୍ୱପୂର୍ଣ୍ଣ ଖଣି ଏବଂ ଧାତୁ ଉତ୍ପାଦନ ପ୍ରତି ଏହାର ଉତ୍ସର୍ଗତା ପାଇଁ ଆଇଆଇଏମ ସଷ୍ଟେନେବିଲିଟି ପୁରସ୍କାର ପ୍ରଦାନ କରାଯାଇଛି। ନାଲକୋ ବୃହତ୍ ଉତ୍ପାଦନ ସଂଗଠନ-ନନ୍-ଫେରସ୍ ବର୍ଗରେ ନାଲକୋକୁ ଏହି ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ହାଇଦରାବାଦରେ ଅନୁଷ୍ଠିତ ଆଇଆଇଏମ ଫ୍ଲାଗସିପ୍ ଇଭେଣ୍ଟ ସମୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ୍ ଆଣ୍ଡ ପି) ସଚିଦାନନ୍ଦନ ଜେନାଙ୍କୁ ୨୦୨୫ ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି।

## ରାତିରେ ଶୋଇଥିବା ବେଳେ ନିଆଁ ଲାଗି ବୃଦ୍ଧା ଗୁରୁତର

ପାଲଲହଡ଼ା,୧୨।୧୨(ସମିସ): ରାତିରେ ଶୋଇଥିବା ବେଳେ ନିଆଁ ଲାଗି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧା ହେଲେ ପାଲଲହଡ଼ା ଥାନା ରାଇପାଳ ଗ୍ରାମର ପାକିଲି ନାୟକ (୬୫)। ବୁଧବାର ରାତିରେ ପ୍ରବଳ ଥଣ୍ଡା ଯୋଗୁଁ ପାକିଲି ପାଖରେ ନିଆଁ ଜାଳି ଶୋଇଥିଲେ। ତେବେ ଅସାବଧାନତା ଯୋଗୁଁ ତାଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ଫଳରେ ତାଙ୍କ ଶରୀରର ପ୍ରାୟ ୫୦ ଭାଗ ପୋଡ଼ିଯାଇଛି। ପରିବାର ଲୋକେ ପ୍ରଥମେ ତାଙ୍କୁ ପାଲଲହଡ଼ା ଡାକ୍ତରଖାନା ନେଇଥିଲେ। ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

# ୧୩ରୁ ତ୍ରୟୋଦଶ ସାତକୋଶିଆ ମହୋତ୍ସବ

ଅନୁଗୋଳ,୧୨।୧୨(ସମିସ)




ତ୍ରୟୋଦଶ ସାତକୋଶିଆ ମହୋତ୍ସବ ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଜାତୀୟସ୍ତରୀୟ ଏହି ମହୋତ୍ସବରେ ରାଜ୍ୟ, ଜାତୀୟ ତଥା ଅର୍ନ୍ତଜାତୀୟସ୍ତରୀୟ ବହୁ କଳାକାର ଅଂଶଗ୍ରହଣ କରିବେ। ଓଡ଼ିଶୀ ନୃତ୍ୟ ପାଇଁ ଗୁରୁ ଅଶିଷ କୁମାର ଦାସ ଓ ଓଡ଼ିଶୀ ସଙ୍ଗୀତରେ ଗୁରୁ ସଚ୍ଚିଦାନନ୍ଦ ଦାଶଙ୍କୁ ସାତକୋଶିଆ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ନବାଗତ ପ୍ରତିଭା ବିଭାଗରେ ଓଡ଼ିଶୀ ନୃତ୍ୟଗୁରୁ ଦୀପ୍ତି ରାଉତରାୟ (ବିଶ୍ୱନାଥ ସଙ୍ଗୀତାଳୟ, କଟକ) ଗୁରୁ ହିମାଂଶୁ ଶେଖର ଦାସ (ଓଡ଼ିଶୀ ସଙ୍ଗୀତ), ଗୁରୁ ରାମହରି ଦାସ (ଗୁରୁକୁଳ ଟ୍ରଷ୍ଟ, ପୁରୀ)ଙ୍କୁ ବିଶିଷ୍ଟ କ୍ରୀଡ଼ାବିତ୍ ତଥା ସମାଜସେବୀ ପଦ୍ମଚରଣ ସିହ୍ନା ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ। ବିଶିଷ୍ଟ ଚିତ୍ରଶିଳ୍ପୀ, କବି, ଅଭିନେତା, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ରବୀନ୍ଦ୍ର ନାଥ ସାହୁଙ୍କୁ ପଦ୍ମଚରଣ ସିହ୍ନା "କଳା ଓ ସଂସ୍କୃତି" ସମ୍ମାନରେ ସମ୍ମାନିତ କରାଯିବ। ଏଥିସହ ଦୁଇଦିନ ବ୍ୟାପୀ ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଙ୍ଗୀତ, ଶାସ୍ତ୍ରୀୟ ତାଳବାଦ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ଭାରତନାଟ୍ୟମ୍ ଓ କୁଚିପୁଡ଼ି ନୃତ୍ୟ ପରିବେଷଣ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ନୃତ୍ୟନୀଳୟ ନିର୍ଦ୍ଦେଶକ ଯଜ୍ଞନାରାୟଣ ରାୟ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ହେମନ୍ତ କୁମାର ଦାସ, ଗୁରୁ ସ୍ୱପ୍ନାରାଣୀ ସିହ୍ନା ଏବଂ ଗୁରୁ ଅନିତା ସିଂହଦେଓ ଉପସ୍ଥିତ ଥିଲେ।

## ସିଭିଲ କୋର୍ଟରେ ମାନବାଧିକାର ଦିବସ ପାଳିତ



ଆଠମଲ୍ଲିକ,୧୨।୧୨(ସମିସ): ଆଠମଲ୍ଲିକ ସିଭିଲ ଅଦାଲତରେ ତାଲୁକ ଆଇନସେବା କମିଟି ପକ୍ଷରୁ ବୁଧବାର ଅପରାହ୍ନରେ ମାନବାଧିକାର ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର ଯୋଗଦେଇ ମନୁଷ୍ୟ ସମାଜରେ ବଞ୍ଚିବା ପାଇଁ କ'ଣ କ'ଣ ଅଧିକାର ରହିଛି ଓ କିଭଳି ତା'ର ଅଧିକାର କ୍ଷୁଣ୍ଣ ନ ହୋଇ ସମ୍ମାନର ବଞ୍ଚିପାରିବ ସେ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସବଜଜ ଲିଙ୍କିପ୍ରିୟା ସାହୁ ଓ ଏସଡିଜେଏମ ସିଙ୍କୁନ ରାୟ ଯୋଗଦେଇ ମାନବାଧିକାର ଦିବସ ପାଳନର ଉଦେଶ୍ୟ ଓ ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ସିଭିଲ କୋର୍ଟରେ କାର୍ଯ୍ୟରତ ଆଇନଜୀବୀ ଓ ୩ ଅଦାଲତର କର୍ମଚାରୀ ଉପସ୍ଥିତ ଥିଲେ। ତାଲୁକ ଆଇନସେବା କମିଟି ସମ୍ପାଦକ ଅମିତ କୁମାର ନାୟକ, ସହଯୋଗୀ ସିଦ୍ଧାର୍ଥ ମହାନ୍ତି ଓ ଗୋବିନ୍ଦ ମାର୍ଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାୟାକଳ୍ପ ଟିମର ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ



ପାଲଲହଡ଼ା,୧୨।୧୨(ସମିସ): କାୟାକଳ୍ପ ଟିମ୍ ଗୁରୁବାର ପାଲଲହଡ଼ା ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଡାକ୍ତରଖାନାର ସ୍ୱଚ୍ଛତା, ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ପାନୀୟ ଜଳ ବ୍ୟବସ୍ଥା, ସଂକ୍ରମଣରୁ ରକ୍ଷା ଓ ତା'ର ପରିଚାଳନା, ପରୀକ୍ଷାଗାର, ବହିଃବିଭାଗ, ନିରାମୟ ଔଷଧ ବଣ୍ଟନ, ଅନ୍ତର୍ବିଭାଗ, ଶିଶୁ ଓ ପ୍ରସୂତି ବିଭାଗ ପରିଦର୍ଶନ କରି ସଠିକ ଭାବେ କାର୍ଯ୍ୟକାରୀ ହେଉଛି ନା ନାହିଁ ତାହା ଅନୁଧ୍ୟାନ କରିଥିଲେ। ପରେ ଡାକ୍ତର, ସମସ୍ତ କର୍ମଚାରୀ ଓ ରୋଗୀଙ୍କ ସହିତ ଆଲୋଚନା କରିଥିଲେ। କାୟାକଳ୍ପ ଟିମରେ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟର ଡାକ୍ତର ଜିତେନ୍ କୁମାର ଦେହୁରୀ, ବିପିଏମ ଆରତୀ ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ୬ ଜଣ ଅଧିକାରୀ ସାମିଲ ଥିଲେ। ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ଚିକିତ୍ସା ଅଧିକାରୀ ଡା. ବିଶ୍ୱନାଥ ମୁର୍ମୁ, ଭେଷଜ ବିଭାଗ ଡାକ୍ତର ଦିଲୀପ କୁମାର ଭୋଇ, ହସ୍ପିଟାଲ ପରିଚାଳକ ସଞ୍ଜୟ କୁମାର ମାଲୁଆ, ସନ୍ତୋଷ କୁମାର ଧଳ ବିଶୋଇ ଓ କ୍ୱାଲିଟି ସୁପରଭାଇଜର ଆଶୁତୋଷ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଚାଲିଗଲା ନିଷ୍ପାପ ଶିଶୁର ଜୀବନ

ତାଳଚେର,୧୨।୧୨(ସମିସ): ଶୁକ୍ରବାର ସକାଳେ ତାଳଚେର କୋଲିୟରୀ ଥାନା ଅନ୍ତର୍ଗତ ହାଣ୍ଡିଧୂଆଁ ଗଣେଶବିହାରଠାରେ ପୌରପରିଷଦର ଅଳିଆବୁହା ଟାଟା ଏସିଇ ଗାଡ଼ି ଧକ୍କାରେ ଏକ ନିଷ୍ପାପ ଶିଶୁର ଜୀବନ ଯାଇଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଗାଡ଼ି ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି।

## ୧୪ରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ 'କୃତୀ ଦ୍ୟୋତନୀ' ମହୋତ୍ସବ

ଅନୁଗୋଳ,୧୨।୧୨(ସମିସ): ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜିଲ୍ଲାସ୍ତରୀୟପ୍ରଥମପୁଣ୍ୟ "କୃତୀଦ୍ୟୋତନୀ' ମହୋତ୍ସବ ତଥା ୧୩୮ତମ ଆବିର୍ଭାବ ମହୋତ୍ସବ ସ୍ଥାନୀୟ ବିଜୁ ମଇଦାନରେ ଆସନ୍ତା ୧୪ ତାରିଖ ଅନୁଷ୍ଠିତ ହେବ। ସ୍ଥାନୀୟ ସତସଙ୍ଗ ବିହାର ପରିସରରେ ଅନୁଗୋଳ ଜିଲ୍ଲା ଉତ୍ସବ କମିଟି ଆବାହକ ଭୋଳେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ମହାନ ଆଧ୍ୟାତ୍ମିକ ଯଜ୍ଞରେ ଆହୁତି ଦେଇ ଏକ ସ୍ୱର୍ଗୀୟ ଭାବ ଲହରୀରେ ସପରିବାର ଯୋଗଦାନ କରିବାକୁ ଜିଲ୍ଲା ଉତ୍ସବ କମିଟି ଆବାହକ ପ୍ରଧାନ ଅନୁରୋଧ କରିଛନ୍ତି। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକୀ ଓ ନହବତ୍, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ସମବେତ ଉଷାବିନତୀ ଓ ସଦ୍‌ଗ୍ରନ୍ଥ ପାଠ, ଭଜନ, କୀର୍ତ୍ତନ, ଅନୁଭୂତିର କଥା, ଦୀକ୍ଷାପତ୍ର, ମାତୃ ସମ୍ମିଳନୀ, ପ୍ରସାଦ ସେବନ, ନାମ ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷତ୍ରିୟ ଆଖଡ଼ା ପ୍ରଦର୍ଶନ ଏବଂ ସମବେତ ସନ୍ଧ୍ୟା ବିନତୀ ଓ ସଦ୍‌ଗ୍ରନ୍ଥ ପାଠ ସହ ଆଦି କାର୍ଯ୍ୟକ୍ରମ ରହିଛି। ସାମ୍ବାଦିକ ସମ୍ମିଳନୀରେ ସହ ଆବାହକ ଅଶୋକ କୁମାର ଗଡ଼ନାୟକ, ସହ ପ୍ରତି ଋତ୍ୱିକ ତାରାକାନ୍ତ ବେହେରା, ଦାମୋଦର ବଳ, ପୀତାମ୍ବର ସାମଲ, ଅଧ୍ୱର୍ଯ୍ୟ ଅଚ୍ୟୁତାନନ୍ଦ ବରିହା, ଅମ୍ବୁଜ କୁମାର ସାହୁ, ଯାଜକ ଗୋଲକ ବିହାରୀ ସାହୁ, ଗଣେଶ ପାତ୍ର, ମାନସ ସାହୁ, ସୌମେନ୍ଦ୍ର ସ୍ୱାଇଁଙ୍କ ସମେତ ବିନୋଦ କୁମାର ସାହୁ, ଅଭୟ ସାହୁ, ଦେବାନନ୍ଦ ନାୟକ, ଦ୍ୱାରିକା ନନ୍ଦ, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆଗେଇବା'ର ପାଠକ ସମ୍ମିଳନୀ



ତାଳଚେର,୧୨।୧୨(ସମିସ): ତାଳଚେରର ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ ଓ ଆଗେଇବା ଖବରକାଗଜ ମିଳିତ ଉଦ୍ୟମରେ ସ୍ଥାନୀୟ ଦେଉଳବେଡ଼ାସ୍ଥିତ ପୂର୍ବତନ ସାଂସଦ ତଥା ଆଗେଇବା ଖବରକାଗଜର ସମ୍ପାଦକ ମହେଶ ସାହୁଙ୍କ କାର୍ଯ୍ୟାଳୟରେ ପାଠକ ସମ୍ମିଳନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ଓକିଲ ସଙ୍ଘ ସଭାପତି ସନ୍ତୋଷ ସାହୁ, ପ୍ରେସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅନୁଷ୍ଠାନର ସଭାପତି ପ୍ରାକ୍ତନ ଅଧ୍ୟାପକ ଉପେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା ଆଗେଇବା ଖବରକାଗଜ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷା ଶୋଭାଗିନୀ ଦାସ, ପୂର୍ବତନ ଖମାର କଲେଜ ଅଧ୍ୟକ୍ଷ ସରୋଜ ପ୍ରଧାନ, ଅଧ୍ୟାପକ ନବକିଶୋର ମହାପାତ୍ର, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ, ପରିବେଶବିତ୍ ତଥା ଆଇନଜୀବୀ ବାଉରିବନ୍ଧୁ ବେଜ, ସିଟିଜେନ୍ ଫୋରମ ସଭାପତି ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଗେଇବା ଓ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଆଗେଇବାର ବାର୍ତ୍ତା ସମ୍ପାଦକ ତପନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କୁଶବିହାରୀ ସାମଲ, ଲିପୁ ରଥ, କାଳିଆ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା



ଅନୁଗୋଳ,୧୨।୧୨(ସମିସ): ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୮ତମ ବାର୍ଷିକ କ୍ରୀଡ଼ା ଗୁରୁବାର ଉଦଘାଟିତ ହୋଇଛି। ବାୟୁସେନା ଅଧିକାରୀ ପ୍ରକାଶ କୁମାର ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ କ୍ରୀଡ଼ା ଦ୍ୱାରା ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ବିକାଶ କରିଥାଏ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଆଲୋକ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତି ସଭାପତି ଡା. ସୁଧାକର ପାଳ, ଉପସଭାପତି କ୍ଷୀରୋଦ କୁମାର ପ୍ରଧାନ, ସମ୍ପାଦକ ଅଶୋକ କୁମାର ମୋଦି ଓ ସଦସ୍ୟ ବୁଲୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରରୁ କ୍ରୀଡ଼ାଜ୍ୟୋତି ଅଣାଯାଇ ସ୍ଥାପନ ପରେ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଦଶମ ଶ୍ରେଣୀ ଛାତ୍ର ଅଂଶୁମାନ ଧଳ କ୍ରୀଡ଼ା ଶପଥପାଠ କରାଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତିନିଦିନ ବ୍ୟାପୀ କ୍ରୀଡ଼ାରେ ତୃତୀୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗନେଇଛନ୍ତି। ବିଦ୍ୟାଳୟର ଶାରୀରିକ ପ୍ରମୁଖ ଫୁଲେନ୍ଦୁ କୁମାର ପ୍ରଧାନ ତଥା ସମସ୍ତ ଗୁରୁଜୀ ଗୁରୁମା କ୍ରୀଡ଼ା ପରିଚାଳନା କରୁଛନ୍ତି।

## ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ ତାଲିମ ଶିବିର

କିଶୋରନଗର,୧୨।୧୨(ସମିସ): ବିଶ୍ୱ ଯୁବକେନ୍ଦ୍ର ଓ ବେସିକ ନୀଡ୍ ଇଣ୍ଡିଆ ସହଯୋଗରେ ଠାକୁରଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଆମ୍ବସରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ବନ୍ଦିତା ପ୍ରଧାନ, ମନସ୍ୱିନୀ ପାତ୍ର, ସଂଯୋଜିକା ଜ୍ୟୋସ୍ନିତା ପ୍ରଧାନ, କ୍ଷେତ୍ର ଅଧିକାରୀ, ଯୋଗ ଶିକ୍ଷକ, ବବିରାଣୀ ସାହୁ, ୧୦ ଜଣ ଗୋଷ୍ଠୀ ସହାୟକ ଓ ୪୦ ଜଣ




ଆଶାକର୍ମୀ ଓ ଏଏନଏମ ଯୋଗଦେଇଥିଲେ। ଶିବିରରେ ସାଇକୋ ଏଜୁକେସନ, ଗୋଷ୍ଠୀ ସହାୟକଙ୍କ ଭୂମିକା, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଏଏନଏମ, ସିଆରପିଙ୍କ ଭୂମିକା, ମାନସିକ ରୋଗ, ତା'ର ପ୍ରକାର, କାରଣ, ଲକ୍ଷଣ, ଇ-ସଞ୍ଜୀବନୀ, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସରପଞ୍ଚ ଚାରୁଲତା ମିଶ୍ର, ଚିକିତ୍ସା, ଭିନ୍ନକ୍ଷମ ଭତ୍ତା, ପ୍ରମାଣପତ୍ର ଆଦି ବିଷୟରେ ତାଲିମ୍ ଦିଆଯାଇଥିଲା।

## କୃଷି ଜାଗରଣ ପୁରସ୍କାର ପାଇଲେ ପ୍ରବୀଣ



କିଶୋରନଗର,୧୨।୧୨(ସମିସ): ଅନୁଗୋଳ ଜିଲ୍ଲା କୁରୁମଟାପ ପଞ୍ଚାୟତ ବରପାଲି ଗ୍ରାମର ଇଞ୍ଜିନିୟର ପ୍ରବୀଣ ସାହୁ କୃଷି ଜାଗରଣ ବିଭାଗ ପକ୍ଷରୁ ୨୦୨୫ କୃଷି ଜାଗରଣ ପୁରସ୍କାର ପାଇଛନ୍ତି। ସେ ଆମ୍ବସରମୁଣ୍ଡା ପଞ୍ଚାୟତ ନବଦୀପପୁର ଗ୍ରାମରେ ଥିବା ଜୟରାମ ବାଟିକା ଫାର୍ମ ହାଉସରେ ଉନ୍ନତ ମାନର ଦେଶୀ, ବିଦେଶୀ ଆମ୍ବ, ପଣସ, ସପୁରି ଲଗାଇ ବଜାରରେ ବିକ୍ରି କରୁଛନ୍ତି। ଆଗକୁ ସେ ପାମରୋଜ, ମେନ୍ଥା, ହଳଦୀ, ସୋରିଷ, ଲେମନ ଗ୍ରାସ ତେଲ ବିକ୍ରି କରିବାକୁ ସ୍ଥିର କରିଛନ୍ତି।

ସଫଳ ଚାଷୀ ଭାବେ ଦିଲ୍ଲୀସ୍ଥିତ କୃଷି ଜାଗରଣ ମଞ୍ଚର ଏମସି ଡୋମିନି, ଏମଡି ସାଇନି ଡୋମାନିକ, ସିଓ ମମତା ଜୈନ ତାଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ଦେହାନ୍ତ

ବଣ୍ଟାଁରପାଳ,୧୨।୧୨(ସମିସ): ବଣ୍ଟାଁରପାଳ ବ୍ଲକ ଗୋତମରା ଓ ବୁଢ଼ାପଙ୍କର ପୂର୍ବତନ ସରପଞ୍ଚ ନଗେନ୍ଦ୍ର କୁମାର ସିଂ (୮୦)ଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଗୁରୁବାର ଚିକିତ୍ସାଧୀନ



ଅବସ୍ଥାରେ ଦେହାନ୍ତ ହୋଇଛି। ସ୍ୱର୍ଗତ ସିଂ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଅଦ୍ୱୈତ୍ୟପ୍ରସାଦ ସିଂଙ୍କ ଭାଇ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ଦାଦା ଅଟନ୍ତି। ସେ ଜଣେ ମିଷ୍ଟଭାଷୀ, ମେଳାପି ନେତା ଥିଲେ। ରାତି ୧୦ଟାରେ ମରଶରୀର ବଣ୍ଟାଁରପାଳସ୍ଥିତ ବାସଭବନରେ ପହଞ୍ଚିବା ପରେ ଶେଷଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଭିଡ଼ ଜମିଥିଲା। ତାଙ୍କ ଦେହାନ୍ତରେ ରଜନୀକାନ୍ତ ସିଂ ଓ ଯୁବନେତା ଅରୁଣାଭ ସିଂ ଶୋକବ୍ୟକ୍ତ କରିଛନ୍ତି।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ପାଲଲହଡ଼ା,୧୨।୧୨(ସମିସ): ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ପଞ୍ଚାୟତ ପେଚାମୁଣ୍ଡି ଗ୍ରାମ ପୋଖରୀରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସେହି ଗ୍ରାମର ବଟକୃଷ୍ଣ ନାୟକ। ଗୁରୁବାର ମଧ୍ୟାହ୍ନରେ ବଟକୃଷ୍ଣ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। କିନ୍ତୁ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇନ ନ ଥିଲେ। ସନ୍ଧ୍ୟାରେ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲା। କିନ୍ତୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ପଟକୃଷ୍ଣଙ୍କ ପତ୍ତା ନ ମିଳିବାରୁ ସର୍ଚ୍ଚ ଅପରେସନ ସ୍ଥଗିତ ରଖାଯାଇଥିଲା। ଶୁକ୍ରବାର ସକାଳେ ପୁନର୍ବାର ଖୋଜାଖୋଜି କରିବା ବେଳେ ଅଗ୍ନିଶମ ବାହିନୀ ବଟକୃଷ୍ଣଙ୍କ ମୃତଦେହ ଉଦ୍ଧାର କରିବାରେ ସଫଳ ହୋଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନଙ୍କ ସମେତ ପୁଲିସ ଉପସ୍ଥିତ ଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟ ପଠାଯାଇଛି।

## ରଞ୍ଜିତ ସ୍ମାରକୀ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ

କିଶୋରନଗର/ ଆଠମଲ୍ଲିକ,୧୨।୧୨(ସମିସ)



ଆଠମଲ୍ଲିକ ବ୍ଲକ ଅଏଡ଼ା ପଞ୍ଚାୟତ ପଇଞ୍ଚକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡ଼ିଆରେ ତିନିଦିନ ଧରି ଅନୁଷ୍ଠିତ ରଞ୍ଜିତ କୁମାର ସ୍ମାରକୀ ୧୦ମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଛି। କଲେଜ ଅଧ୍ୟକ୍ଷା କଳ୍ପନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ମୁଖ୍ୟବକ୍ତା ଭାବେ ମାଧବଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି କୋଷାଧ୍ୟକ୍ଷ ଦଶରଥ ପ୍ରଧାନ, ସଭ୍ୟ ଅନିଲ କୁମାର ପ୍ରଧାନ, ସମିତି ସଭ୍ୟା ପ୍ରତିମା ଦେହୁରୀ, ସୁବାସିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଭୁରଞ୍ଜନ ପ୍ରଧାନ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଦୌଡ଼, ଲମ୍ଫଡିଆଁ, ଡିସକସ ଥ୍ରୋ, ସଟପୁଟ ଥ୍ରୋ ଆଦି ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଭାଗନେଇଥିଲେ। ବାଳକ ବର୍ଗରେ ସୁବେଦାର ବଘାର ଓ ବାଳିକା ବର୍ଗରେ ସୁମିତ୍ରା ଅମାନ୍ତ ଚାମ୍ପିଅନ ହୋଇଥିଲେ। ଉଭୟଙ୍କୁ ଅତିଥି ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ରାଜୀବ ଲୋଚନ ନାୟକ, ସତ୍ୟାନନ୍ଦ ଦେହୁରୀ, ସରୋଜ ଖମାରି, ସୁଧାଂଶୁ ଶେଖର ପ୍ରଧାନ, ଅନିଲ ପ୍ରଧାନ, ଅପରୂପା ଦନ୍ତା, ନୀହାରିକା କର୍ଣ୍ଣ, ଅନନ୍ତ ସାହୁ, ସୁଦେଷ୍ଣା ସାହୁ, ଗୌରହରି ନାଏକ, ବିନୟ ତ୍ରିପାଠୀ, ବିଭୁରଞ୍ଜନ ସାହୁ, ଜ୍ୟୋତ୍ସ୍ନାମୟୀ ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ଜ୍ୟୋତିର୍ମୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକସାହି ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦଯାପିତ

ବଇଣ୍ଡା,୧୨।୧୨(ସମିସ): ବିଭିନ୍ନ କ୍ରୀଡ଼ାରେ ଯୁବକ ଯୁବତୀମାନେ ଦେଶ ବିଦେଶରେ ପରିଚିତ ହେଉଛନ୍ତି। ଭାରତରେ ଅନେକ କ୍ରୀଡ଼ାବିତ ସେମାନଙ୍କ ନାମ ବିଦେଶରେ ପରିଚିତ କରି ପାରିଛନ୍ତି। ପ୍ରାଥମିକ ସ୍ତରରୁ କ୍ରୀଡ଼ାକୁ ମଜବୁତ କଲେ ଆଗକୁ ଭଲ କ୍ରୀଡ଼ାବିତ ହୋଇପାରିବ ବୋଲି ବୁଧବାର ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ରାଧାମାଧବ ହାଇସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଜିତ ଖଡ଼ିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୁକଦେବ ସାହୁ, ସମ୍ମାନିତ ଅତିଥି ଭାବେ ସିଦ୍ଧେଶ୍ୱର ନାୟକ, ଲଳିତ କୁମାର ପ୍ରଧାନ, ମନୋଜ କୁମାର ବାରିକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନନ କରିଥିଲେ। ଏଥିରେ ୧୦୦, ୨୦୦, ୪୦୦, ମିଟର ଦୌଡ଼, ଗୋଲାଫିଙ୍ଗା, ସ୍ଲୋ ସାଇକଲ ରେସ, ଲମ୍ବାଡିଆଁ, ଉଚ୍ଚଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ୪୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ସରପଞ୍ଚ ସାହୁ ଏହାକୁ ଉଦଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ସାପଘରା ହାଇସ୍କୁଲର ପ୍ରଧାନଶିକ୍ଷକ ଜୟକୃଷ୍ଣ ପ୍ରଧାନ, ପାଇକସାହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାଜେଶ କୁମାର ଜେନା ଯୋଗଦେଇଥିଲେ। ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ମୋନାଲିସା ସାହୁ, ରେଣୁକା ମାଝୀ, ପେଡ଼ିପଥର ହାଇସ୍କୁଲର ଖେଳଶିକ୍ଷକ ଗୋଲେଖ ବିହାରୀ ସାହୁ କ୍ରୀଡ଼ା ପରିଚାଳନା କରିଥିଲେ। ଶଶିଭୂଷଣ ସାହୁ, ରୁଦ୍ରପ୍ରସାଦ ମହାରଣା, ସାଲିମ ମେହେର, ସୌରଭ ସରକାର, ଗଦାଧର ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଦେବେନ୍ଦ୍ର କୁମାର ମହାପାତ୍ର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ- ୨୩/୦୫/୧୯୪୦
ତିରୋଧାନ- ୦୩/୧୨/୨୦୨୫
ବାପା ଆପଣଙ୍କ ପରାମର୍ଶ ଓ ନିର୍ଦ୍ଦେଶରେ ଆମେ ପଥ ଅନୁସରଣ କରୁଥିଲୁ କିନ୍ତୁ ଆପଣ ଆମକୁ ଛାଡି ଅନେକ ଦୂରକୁ ଚାଲି ଗଲେ ଆପଣ ଯେଉଁଠି ଥାଆନ୍ତୁ ଈଶ୍ୱର ଆପଣଙ୍କୁ ଭଲରେ ରଖନ୍ତୁ ରଖନ୍ତୁ।
ଆପଣଙ୍କ ର ହତଭାଗ୍ୟ (ପୁତ୍ର ଓ ପୁତ୍ରବଧୂ) : ଅଜୟ କୁମାର ମହାପାତ୍ର ଓ ବଧୂପମା ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର ଓ ରଶ୍ମି ରଞ୍ଜିତା ମଲିକ, (ଝିଅ ଓ ଜ୍ୱାଇଁ) - ଯୋତ୍ସ୍ନା ରାଣୀ ମହାପାତ୍ର ଓ ବାବୁଲା ରାଉତ, ସନ୍ଧ୍ୟାରାଣି ମହାପାତ୍ର ଓ ବିଶ୍ୱନାଥ ଜେନା, ମମତା ମହାପାତ୍ର ଓ ନରେନ୍ଦ୍ର ଭୂୟାଁ, ରଞ୍ଜିତା ମହାପାତ୍ର ଓ ସୁଶାନ୍ତ ବେହେରା, ସୁଶ୍ରୀ ସଂଗୀତା ମହାପାତ୍ର ଓ ଅସ୍ୱସ କାନ୍ତ ବେହେରା, ନାତି ନାତୁଣୀ, ବଂଧୁ ବାନ୍ଧବ।